# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୦/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, March 30/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 124 | ମୂଲ୍ୟ ₹୭/-





**ଯଶୋଦାଙ୍କ ୪ ଗୋଲ**

ଜାତୀୟ ମହିଳା ଫୁଟବଲର ବୁଧବାର ଅନୁଷ୍ଠିତ ରାଜସ୍ଥାନ ବିପକ୍ଷ ମ୍ୟାଚରେ ୪ଟି ଗୋଲ ଦେଇଛନ୍ତି ଓଡ଼ିଶାର ଯଶୋଦା ମୁଣ୍ଡା। **୧୪**

**୧୩** **ଅନନ୍ୟାଙ୍କ ଡେଟିଂକୁ ନେଇ ଚର୍ଚ୍ଚା**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ବର୍ତ୍ତମାନ ଅଭିନେତା ଆଦିତ୍ୟ ରୟ କପୁରଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି।






ପବିତ୍ର ଅଶୋକାଷ୍ଟମୀରେ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ରୁକୁଣା ରଥରେ ଶ୍ରଦ୍ଧାଳୁମାନେ ଟାଣି ମାଉସୀମା ମନ୍ଦିରକୁ ନେଉଛନ୍ତି। (ଫଟୋ– ମୌସମ)

# ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ହେଲାନି, ସୁପ୍ରିମକୋର୍ଟ କ୍ଷୁବ୍ଧ

## କମିଟି ଷ୍ଟାଫ୍ ଓ ସେବାୟତଙ୍କ ପରିଚୟପତ୍ର ଜାରି କରିବାକୁ ନିର୍ଦ୍ଦେଶ

**ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ଓ ଉତ୍ତମ ବ୍ୟବସ୍ଥା ନିମନ୍ତେ ସୁପ୍ରିମକୋର୍ଟ ୪ ନଭେମ୍ବର ୨୦୧୯ରେ ୨୨ଟି ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଏହାକୁ କେତେ ଅନୁପାଳନ କରିଛନ୍ତି ସେନେଇ ସର୍ବୋଚ୍ଚ ଅଦାଲତଙ୍କୁ ଏବେ ଯାଏ ଅବଗତ କରାଯାଇନାହିଁ। ବିଶେଷକରି ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ପାଇଁ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବାରୁ ସୁପ୍ରିମକୋର୍ଟ ବୁଧବାର ରାଜ୍ୟ ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେଉଁ ସବୁ ନିର୍ଦ୍ଦେଶ ପାଳନ ହୋଇଛି ଏବଂ କ'ଣ ହୋଇନାହିଁ ତାହାର ଷ୍ଟାଟସ୍ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**



**ନୂଆଦିଲ୍ଲୀ,୨୯।୩**

ଶ୍ରୀମନ୍ଦିର ସଂସ୍କାର ମାମଲାରେ ଦିଆଯାଇଥିବା ୨୨ଟି ନିର୍ଦ୍ଦେଶକୁ କିଭଳି ପାଳନ କରାଯାଇଛି ତାହାର ପ୍ରୋଗ୍ରେସ୍ ରିପୋର୍ଟ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇ ନ ଥିବା ନେଇ ସୁପ୍ରିମକୋର୍ଟଙ୍କୁ ଆମିକସ୍ କ୍ୟୁରି ଭାବେ ସହଯୋଗ କରୁଥିବା ବରିଷ୍ଠ ଆଇନଜୀବୀ ରଞ୍ଜିତ କୁମାର ଅବଗତ କରାଇଥିଲେ। ଏହାକୁ ଗମ୍ଭୀରତାର ସହ ନେଇ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଏକ ବିସ୍ତୃତ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ରିପୋର୍ଟର ଏକ ନକଲ ଆମିକସ୍ କ୍ୟୁରିଙ୍କୁ ଆଗୁଆ ପ୍ରଦାନ କରିବେ। ଏହି ପ୍ରସଙ୍ଗରେ ମେ' ୧ରେ ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

୨୦୧୯ରେ ସୁପ୍ରିମକୋର୍ଟ ଶ୍ରୀମନ୍ଦିର ବ୍ୟାପାର ପରିଚାଳନା ଲାଗି ଜଣେ ମୁଖ୍ୟ ପ୍ରଶାସକଙ୍କୁ ନିଯୁକ୍ତ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭକ୍ତମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ଶ୍ରୀଜୀଉଙ୍କୁ ଦର୍ଶନ କରିପାରିବେ ତା'ର ବ୍ୟବସ୍ଥା ସହ ସେମାନଙ୍କୁ ସୁବିଧା ଯୋଗାଇଦେବାକୁ ମଧ୍ୟ ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ସେବାୟତମାନଙ୍କ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲ ପ୍ରତିଷ୍ଠା କରିବା ନିମନ୍ତେ ଏକ ଉପଯୁକ୍ତ ସ୍ଥାନ ଯୋଗାଇଦେବାକୁ ମଧ୍ୟ ମନ୍ଦିର ପରିଚାଳନା କମିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଦର୍ଶନ ସୁବିଧା ଲାଗି ବିଶେଷଜ୍ଞଙ୍କ ସହଯୋଗ ନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ଭକ୍ତମାନେ ଜଗନ୍ନାଥ ମନ୍ଦିରରେ କିପରି ଅସୁବିଧା ଭୋଗୁଛନ୍ତି ଏବଂ ସେବାୟତମାନେ ସେମାନଙ୍କୁ କିଭଳି ଶୋଷଣ କରୁଛନ୍ତି ସେନେଇ ଆବେଦନକାରୀ ମୃଣାଳିନୀ ପାଢ଼ୀ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ। ତାଙ୍କ ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ☞ପୃଷ୍ଠା–୪

# ବଣିକ୍ କୋଚିଂ ସେଣ୍ଟରରେ ୧୮ ଘଣ୍ଟାର ଜିଏସ୍‌ଟି ଯାଞ୍ଚ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ବଣିକ୍ କୋଚିଂ ସେଣ୍ଟରରେ ମଙ୍ଗଳବାର ଦ୍ରବ୍ୟ ଏବଂ ସେବା କର ଆସୂଚନା ନିର୍ଦ୍ଦେଶାଳୟ ବା 'ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନ୍ସ' ପକ୍ଷରୁ ହୋଇଥିବା ଜିଏସ୍‌ଟି ଚଢ଼ାଉକୁ ନେଇ ଚର୍ଚ୍ଚା ଲାଗି ରହିଛି। ୧୮ ଘଣ୍ଟାର ଏହି ଯାଞ୍ଚ ପ୍ରକ୍ରିୟାରେ ଏଜେନ୍ସିପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇ ଅଧିକ ଅନୁସନ୍ଧାନ କରାଯାଉଛି। ତେବେ ପ୍ରାରମ୍ଭିକ ଅନୁସନ୍ଧାନରେ କୋଚିଂ ସଂସ୍ଥା ପକ୍ଷରୁ ପ୍ରାୟ ୨କୋଟି ଟଙ୍କାର ଟିକସ ହେର୍‌ଫେର୍ କରାଯାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି କୋଚିଂ ସେଣ୍ଟର ପକ୍ଷରୁ ଛାତ୍ରୀଛାତ୍ରଙ୍କଠାରୁ କୋଚିଂ ଫି' ଓ ଷ୍ଟଡି ମ୍ୟାଟେରିଆଲ୍ ଫି' ବାବଦକୁ ଟଙ୍କା ଆଦାୟ କରାଯାଉଛି। ତେବେ ମିଳିଥିବା କୋଚିଂ ଫି'ରୁ ୧୮ ପ୍ରତିଶତ ଜିଏସ୍‌ଟି ଦିଆଯାଉଥିବାବେଳେ ଷ୍ଟଡି ମ୍ୟାଟେରିଆଲ୍ ସଂକ୍ରାନ୍ତରେ ଜିଏସ୍‌ଟି ହେରଫେର ହୋଇଥିବା ଏଜେନ୍ସି ପ୍ରମାଣ ପାଇଛି। ଏପରିକି ସଂସ୍ଥାର ବ୍ୟବସାୟ ତୁଳନାରେ କମ୍ ଦେଖାଯାଇ ଟିକସ ଦେବାରେ ହେରଫେର କରାଯାଇଥିବା ଅଭିଯୋଗ ହୋଇଛି। ☞ପୃଷ୍ଠା–୪

## ବଣିକ୍ କୋଚିଂର ମାଲିକ ବିଜେଡି ନେତା: ସାଲୁଜା

- **ବିଧାନସଭାରେ ଉଠିବ ପ୍ରସଙ୍ଗ**
- **ଯିଏ ଦୋଷ କରିବ, ସିଏ ଦଣ୍ଡ ପାଇବ: ବିଜେଡି**

**ଭୁବନେଶ୍ୱର, ୨୯।୩(ବ୍ୟୁରୋ)**

ସୁବ୍ରତ ଛାଟୋଇଙ୍କ ମାଲିକାନାରେ ଥିବା କୋଚିଂ ସେଣ୍ଟର ବଣିକ୍ ଏଜୁକେଶନ ପ୍ରାଇଭେଟ୍ ଲିମିଟେଡ୍ ଏବଂ ବଣିକ୍ ପବ୍ଲିକେଶନ ପ୍ରାଇଭେଟ୍ ଲିମିଟେଡ୍‌ରେ ଜିଏସ୍‌ଟି ଚଢ଼ାଉ ହୋଇଛି। ବଣିକ୍ କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କୁ ଆଇଏଏସ୍, ଓଏଏସ୍, ରେଲୱେ ଏବଂ ଅନ୍ୟ ସରକାରୀ ଚାକିରି ଯଥା ବ୍ୟାଙ୍କିଙ୍ଗ୍, ଏସ୍‌ଏସ୍‌ସି ପରୀକ୍ଷା ଲାଗି ଶିକ୍ଷା ଦିଆଯାଉଛି। ତେବେ ଛାଟୋଇଙ୍କ ଉକ୍ତ ୨ ସଂସ୍ଥା ଉପରେ ବହୁ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କିବା ସନ୍ଦେହରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ଚଢ଼ାଉକୁ ନେଇ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ସଙ୍ଗିନ ଅଭିଯୋଗ ଆଣିଛନ୍ତି। ସାଲୁଜା କହିଛନ୍ତି ଯେ, ବିଧାନସଭାରେ ତାଙ୍କ ଦଳ ଏହି କୋଚିଂ ସେଣ୍ଟରକୁ ତଦନ୍ତ ପରିସରଭୁକ୍ତ କରିବା କଥା ଉଠାଇବ। ☞ପୃଷ୍ଠା–୪



ମୟୂରଭଞ୍ଜର ବିଜାତଳା ବ୍ଲକ୍‌ର ବିଜେଡି କର୍ମୀ ସମ୍ମିଳନୀରେ ସୁବ୍ରତ ଛାଟୋଇ।

## ମେ' ୧୦ରେ ଭୋଟ, ୧୩ରେ ଗଣତି

### ଝାରସୁଗୁଡ଼ା ଉପନିର୍ବାଚନ

**ଭୁବନେଶ୍ୱର, ୨୯।୩(ବ୍ୟୁରୋ)**

ଝାରସୁଗୁଡ଼ା ବିଧାନସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା କରାଯାଇଛି। ଆସନ୍ତା ମେ' ୧୦ତାରିଖରେ ମତଦାନ ହେବାକୁ ଥିବାବେଳେ ୧୩ତାରିଖରେ ଫଳାଫଳ ଘୋଷଣା କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ବୁଧବାର ସୂଚନା ଦେଇଛନ୍ତି। ଉପନିର୍ବାଚନ ପାଇଁ ଏପ୍ରିଲ ୧୩ରେ ☞ପୃଷ୍ଠା–୪

### କର୍ଣ୍ଣାଟକ ବିଧାନସଭା

**ନୂଆଦିଲ୍ଲୀ,୨୯।୩**

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାର ବହୁପ୍ରତୀକ୍ଷିତ ନିର୍ବାଚନ ଆସନ୍ତା ମେ' ୧୦ରେ ଅନୁଷ୍ଠିତ ହେବ। ୧୩ ତାରିଖରେ ଭୋଟ ଗଣତି କରାଯିବ ବୋଲି ବୁଧବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଘୋଷଣା କରିଛନ୍ତି। ଏହି ଦକ୍ଷିଣ ଭାରତୀୟ ☞ପୃଷ୍ଠା–୪

# ୫୦ଲକ୍ଷର ମୁଣ୍ଡଜାମିନ: ନାବାଳକଙ୍କୁ ହତ୍ୟା

**ବ୍ରଜରାଜନଗର,୨୯।୩(ଡି.ଏନ୍.ଏ.)**

ଗତ ମାର୍ଚ୍ଚ ୨୭ରୁ ଅପହରଣ ହୋଇଥିବା ଝାରସୁଗୁଡ଼ାର ବ୍ୟବସାୟୀ ସୁନିତ ଅଗ୍ରୱାଲଙ୍କ ୧୫ ବର୍ଷୀୟ ପୁଅ ସମର୍ଥ ଅଗ୍ରୱାଲଙ୍କୁ ହତ୍ୟା କରାଯାଇଛି। ଦାବି ମୁତାବକ ୫୦ ଲକ୍ଷ ଟଙ୍କା ନ ମିଳିବା ଏବଂ ପୋଲିସ ସୂଚନା ପାଇଯିବା ଯୋଗୁ ଅପହରଣକାରୀମାନେ ନାବାଳକଙ୍କୁ ହତ୍ୟା କରିଛନ୍ତି। ପଡ଼ୋଶୀ ବରଗଡ଼ ଜିଲାରେ ନାବାଳକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଥିବାବେଳେ ଝାରସୁଗୁଡ଼ା ପୋଲିସ କେତେକ ସୂଚନାକୁ ଆଧାର କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାରସୁଗୁଡ଼ା ସଦର ଥାନା ଅଧୀନ ବିଜୁ ନଗରର ଅମିତ କୁମାର ଶର୍ମା ଓ ବ୍ରଜରାଜନଗର ଥାନା ଅଧୀନ ଗାନ୍ଧୀ ଛକ ଅଞ୍ଚଳର ଦିନେଶ ଅଗ୍ରୱାଲ। ଏ ସମ୍ପର୍କରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରି ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ ସୂଚନା ଦେଇଛନ୍ତି।

ଏସ୍‌ପି ଦାସଙ୍କ ସୂଚନା ଅନୁଯାୟୀ ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ସରବାହଲରେ ରହୁଥିବା ବ୍ୟବସାୟୀ ସୁନିତ ଅଗ୍ରୱାଲଙ୍କ ପୁଅ ସମର୍ଥ ସବୁଦିନ ଭଳି ଗତ ସୋମବାର ଅପରାହ୍ନ ୪ଟା ସମୟରେ ସ୍କୁଟି ଧରି ଖେଳିବାକୁ ଯାଇଥିଲେ। ବାଟରେ ତାଙ୍କ ପରିବାରର ସମ୍ପର୍କୀୟ ଅମିତ୍ ତାଙ୍କ ସ୍କୁଟିରେ ବସି ଯାଇଥିଲେ। କିଛି ବାଟ ଯିବା ପରେ ଅମିତ୍ ସହଯୋଗୀ ଦିନେଶଙ୍କ ସହ ମିଶି ସମର୍ଥଙ୍କୁ ଅପହରଣ କରିଥିଲେ। ଏଣେ ସନ୍ଧ୍ୟା ପରେ ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତା ପ୍ରକଟ କରିଥିଲେ। ଫୋନ୍ କରିଥିଲେ ମଧ୍ୟ ସମର୍ଥଙ୍କ ମୋବାଇଲ ସୁଇଚ୍ ଅଫ୍ ରହିଥିବାରୁ ପରିବାରର ଚିନ୍ତା ବଢ଼ିଯାଇଥିଲା। ରାତି ୯ଟା ସମୟରେ ସମର୍ଥଙ୍କ ମୋବାଇଲରୁ ଫୋନ୍ ଆସିଥିଲା। ୫୦ଲକ୍ଷ ଟଙ୍କା ଦେଇ ପୁଅକୁ ନେଇଯାଅ ବୋଲି ଅଭିଯୁକ୍ତମାନେ ଫୋନ୍‌ରେ କହିଥିଲେ। ☞ପୃଷ୍ଠା–୪

## ୨ ଟଙ୍କା ବଢ଼ିଲା ଓମ୍‌ଫେଡ ଦୁଗ୍ଧ ଦର

| (୫୦୦ ମି.ଲି.) | ଥିଲା (ଟଙ୍କା) | ହେଲା |
|---|---|---|
| ଟୋନ୍‌ଡ ମିଲ୍କ | ୨୧ | ୨୩ |
| ପ୍ରିମିୟମ | ୨୪ | ୨୬ |
| ଗୋଲ୍‌ଡ ମିଲ୍କ | ୨୪ | ୨୬ |
| ଟାଏ ସ୍ପେଶାଲ | ୨୩ | ୨୫ |

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ରାଜ୍ୟ ସରକାର ଓମ୍‌ଫେଡ ଦୁଗ୍ଧ ମୂଲ୍ୟ ବୃଦ୍ଧି କରିଛନ୍ତି। ୫୦୦ ମିଲିଲିଟର ପ୍ୟାକେଟ ପିଛା ୨ ଟଙ୍କା ବୃଦ୍ଧି କରାଯାଇଛି। ଏ ନେଇ ଓମ୍‌ଫେଡ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଟୋନ୍‌ଡ ପ୍ୟାକେଟ ପିଛା ୨୧ଟଙ୍କା ଥିବା ବେଳେ ତାହା ୨୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ପ୍ରିମିୟମ ୨୪ରୁ ୨୬ ଟଙ୍କା, ଗୋଲ୍‌ଡ ମିଲ୍କ ପ୍ୟାକେଟ ୨୪ରୁ ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

**ଶ୍ରୀରାମଙ୍କ ଅପେକ୍ଷାରେ**


# ବିଡିଓ ଝିଅଙ୍କ ଏତଲାରେ ବାପା ଗିରଫ

**ଟେନ୍‌ସା, ୨୯।୩(ଡି.ଏନ୍.ଏ.)**

*ଜଣେ ମହିଳା ପ୍ରଶାସନିକ ଅଧିକାରୀଙ୍କୁ ତାଙ୍କ ବାପା ଓ ଭାଇ ଟଙ୍କା ମାଗିଲେ। ଟଙ୍କା ନ ଦେବାରୁ ତାଙ୍କୁ ଆକ୍ରମଣ କଲେ। ଆକ୍ରମଣରେ ଆହତ ହୋଇ ସୁନ୍ଦରଗଡ଼ ଜିଲା କୋଇଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ପଲ୍ଲବୀରାଣୀ ରାଜ ବାପା, ଭାଇଙ୍କ ବିରୋଧରେ ହତ୍ୟା ଉଦ୍ୟମ ଅଭିଯୋଗ ଆଣିଛନ୍ତି। ତଦନୁଯାୟୀ କୋଇଡ଼ା ଥାନା ପୋଲିସ ବିଡିଓ ରାଜଙ୍କ ବାପା ରମେଶ ଚନ୍ଦ୍ର ରାଜଙ୍କୁ ବୁଧବାର ଗିରଫ କରିଥିବାବେଳେ ଭାଇ ସଂଗ୍ରାମ ରାଜ ଫେରାର୍ ହୋଇଯାଇଛନ୍ତି।*

## ଆକ୍ରମଣରେ ବିଡିଓ, ସହକାରୀ ଯନ୍ତ୍ରୀ ଆହତ

**ଟେନ୍‌ସା, ୨୯।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବିଡିଓ ପଲ୍ଲବୀରାଣୀ ରାଜ ଓ ସହକାରୀ ଯନ୍ତ୍ରୀ ଅଭିଷେକ ପାଣିଗ୍ରାହୀଙ୍କୁ ମଙ୍ଗଳବାର ରାତିରେ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବିଡିଓ ରାଜ ଏନେଇ କୋଇଡ଼ା ଥାନାରେ ବାପା ଓ ଭାଇଙ୍କ ନାଁରେ ଏତଲା ଦେବା ପରେ ପୋଲିସ ଅଭିଯୋଗକୁ ଆଧାର କରି ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବା ସହ ବିଡିଓଙ୍କ ବାପା ରମେଶ ଚନ୍ଦ୍ର ରାଜଙ୍କୁ ବୁଧବାର ଗିରଫ କରିଛି। ଭାଇ ସଂଗ୍ରାମ ରାଜ ଫେରାର ହୋଇଯାଇଥିବାରୁ ପୋଲିସ ତାଙ୍କୁ ଖୋଜୁଛି।

ଅଭିଯୋଗରୁ ଜଣାଯାଇଛି ଯେ, ମଙ୍ଗଳବାର ରାତି ୧୦ଟାରେ ବିଡିଓ ନିଜ ସରକାରୀ ବାସଗୃହରେ ଥିଲେ। ହଠାତ୍ ତାଙ୍କ ବାପା ଓ ଭାଇ ଘର ଭିତରକୁ ପଶିଆସି ଟଙ୍କା ମାଗିଥିଲେ। ବିଡିଓ ରାଜ ମନା କରିବାରୁ ତାଙ୍କୁ ଉଭୟେ ମାଡ଼ ମାରିଥିଲେ। ପାଟିତୁଣ୍ଡ ଶୁଣି ବ୍ଲକ ସହକାରୀ ଯନ୍ତ୍ରୀ ଅଭିଷେକ ଆସି ଏହାକୁ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ବିଡିଓ ଗୁରୁତର ଥିବାରୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ତାଙ୍କ ସରକାରୀ ବାସଭବନକୁ ଯାଇ ଚିକିତ୍ସା କରିଥିଲେ। ପରେ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସହକାରୀ ଯନ୍ତ୍ରୀଙ୍କୁ କୋଇଡ଼ା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଏ ନେଇ କୋଇଡା ଥାନାରେ ଦଫା ୩୪୧, ୩୦୭, ୫୦୬, ୩୮୪, ୩୪ରେ ଏକ ମାମଲା (ନଂ.୩୪/୨୦୨୩) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି କୋଇଡ଼ା ଥାନା ଅଧିକାରୀ ଲୋକେଶ୍ୱର ସାହୁ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବିଡିଓ ପଲ୍ଲବୀରାଣୀ ପୂର୍ବରୁ ମଧ୍ୟ ଚର୍ଚ୍ଚାରେ ରହି ଆସିଛନ୍ତି। ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଏବଂ ଦୁର୍ନୀତିରେ ସମ୍ପୃକ୍ତ ଅଭିଯୋଗ ଆଣି ତାଙ୍କ ବଦଳି ଦାବି କରାଯାଇ ଆସୁଛି। ଏପରି କି ଗତ ସପ୍ତାହରେ ସିପିଆଇଏମ୍ ପକ୍ଷରୁ ବିଡିଓଙ୍କ ବଦଳି ଦାବିରେ ୬ଘଣ୍ଟିଆ ଚକାଜାମ୍ ମଧ୍ୟ କରାଯାଇଥିଲା। ଏଥିସହ ଉକ୍ତ ପ୍ରସଙ୍ଗକୁ ନେଇ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିଧାନସଭାରେ ମଧ୍ୟ ପ୍ରସଙ୍ଗ ଉଠାଇଥିଲେ।



କୋଇଡ଼ା ବିଡିଓ ପଲ୍ଲବୀରାଣୀ ରାଜ

# ରମାଦେବୀ ଛାତ୍ରୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ହଷ୍ଟେଲରେ ଛାତ୍ରୀ ମୃତ୍ୟୁ ଘଟଣା ପୁଣି ଘଟିଛି। ମଙ୍ଗଳବାର ଯାଜପୁର ସରକାରୀ ପଲିଟେକ୍‌ନିକ କଲେଜ ହଷ୍ଟେଲରେ ଛାତ୍ରୀ ରୋଜାଲିନ ପାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ବୁଧବାର ଭୁବନେଶ୍ୱର ରମାଦେବୀ ଉଚ୍ଚ ମାଧ୍ୟମିକ ସ୍କୁଲର ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ପ୍ରଜ୍ଞା ମହାନ୍ତିଙ୍କ ମୃତଦେହ ହଷ୍ଟେଲ ରୁମ୍‌ର ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ଜବତ କରାଯାଇଛି। ଯୁକ୍ତ୨ ଶେଷ ବର୍ଷ ପରୀକ୍ଷା ଆସନ୍ତା ୫ ତାରିଖରେ ଶେଷ ହେବାକୁ ଥିବାବେଳେ ପ୍ରଜ୍ଞା ପାଠପଢ଼ା ଚାପ ଯୋଗୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ଶହୀଦନଗର ଆଇଆଇସି ମନୋଜ ଶତପଥୀ ସୁଇସାଇଡ୍ ନୋଟ୍‌କୁ ଆଧାର କରି କହିଛନ୍ତି। ତେବେ କେବଳ ଛାତ୍ରୀ ନୁହନ୍ତି, ରାଜ୍ୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିଚାଲିଛି। ପାଠ ଚାପ, ପ୍ରେମରେ ବିଫଳତା, ପାରିବାରିକ ଅଶାନ୍ତି ଆଦି ବିଭିନ୍ନ କାରଣ ଯୋଗୁ ଜଣକ ପରେ ଜଣେ ଜୀବନ ହାରୁଛନ୍ତି। କିଛିଦିନ ଭିତରେ ଲୋକପ୍ରିୟ କଳାକାର ଡିଜେ ଆଜେକ୍ସ ଓ ଯୁବ ଇଞ୍ଜିନିୟର ଦୁର୍ଗାପ୍ରସାଦ ମିଶ୍ରଙ୍କ ଆତ୍ମହତ୍ୟା ଘଟଣା ମନରୁ ନ ଲିଭୁଣୁ ଆଉ ଏକ ଘଟଣା ବୁଧବାର ଘଟିଛି।

ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ପ୍ରଜ୍ଞା ମହାନ୍ତି (୧୭)ଙ୍କ ଘର ରାୟଗଡ଼ା ଜିଲା ଟିକିରି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଏଠାରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଶହୀଦନଗର ☞ପୃଷ୍ଠା–୪

**ପାଠ ଚାପରୁ ଚରମ ନିଷ୍ପତ୍ତି**



ପ୍ରଜ୍ଞା ମହାନ୍ତି

### ହୋଟେଲରେ ନିଆଁ: ୮ ଉଦ୍ଧାର

ମଧ୍ୟପ୍ରଦେଶ ଭୋପାଳର ୬ ମହଲା ବିଶିଷ୍ଟ ପପେୟା ଟ୍ରି ହୋଟେଲରେ ବୁଧବାର ଭୋରୁ ନିଆଁ ଲାଗିଥିଲା। ସୂଚନା ପାଇ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହୋଟେଲରୁ ମୋଟ ୩ ମହିଳାଙ୍କ ସମେତ ୮ ଜଣଙ୍କୁ ଉଦ୍ଧାର କରାଯାଇଛି। ଘଟଣାରେ କାହାରି ମୃତ୍ୟୁ ଘଟି ନ ଥିବା ପୋଲିସ କହିଛି। ତେବେ ହୋଟେଲରେ ନିଆଁ କିପରି ଲାଗିଲା ସେ ନେଇ ତଦନ୍ତ ଚାଲିଛି।

## ଦୈନିକ ୨,୧୫୧ ସଂକ୍ରମିତ ଚିହ୍ନଟ

**ନୂଆଦିଲ୍ଲୀ, ୨୯।୩:** ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୨,୧୫୧ ମହାମାରୀ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୫ ମାସରେ ଏହା ସର୍ବାଧିକ ଦୈନିକ ସଂକ୍ରମଣ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ଦେଶରେ କୋଭିଡ୍ ସକ୍ରିୟ ମାମଲା ୧୧,୯୦୩ରେ ପହଞ୍ଚିଛି। ବୁଧବାର ମହାରାଷ୍ଟ୍ରରେ ୩ ଜଣ ଏବଂ କର୍ଣ୍ଣାଟକରେ ଜଣେ ଆକ୍ରାନ୍ତ ପ୍ରାଣ ହରାଇଥିବାବେଳେ କେରଳରେ ୩ ଜଣ ସୁସ୍ଥ ହୋଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି। ସେହିପରି ଦୈନିକ ପଜିଟିଭିଟି ହାର ୧.୫୧% ରହିଛି। ଅଦ୍ୟାବଧି ଦେଶରେ ମୋଟ ୪,୪୭,୦୯,୬୭୬ ଜଣ କରୋନାରେ ଆକ୍ରାନ୍ତ ହୋଇସାରିଥିବାବେଳେ ୫,୩୦,୮୪୮ ଜଣଙ୍କ ମୃତ୍ୟୁ ଘଟିଛି।

## ଜୟପୁର ଆତ୍ମଘାତୀ ବିସ୍ଫୋରଣ: ସମସ୍ତ ଦୋଷୀ ଖଲାସ୍

ଜୟପୁର, ୨୯।୩:
ରାଜସ୍ଥାନ ଜୟପୁରରେ ୨୦୦୮ରେ ଘଟିଥିବା ସିରିଏଲ୍ ବିସ୍ଫୋରଣ ମାମଲାରେ ବୁଧବାର ରାଜସ୍ଥାନ ହାଇକୋର୍ଟ ସମସ୍ତ ଦୋଷୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପୂର୍ବରୁ ଟ୍ରାଏଲ୍ କୋର୍ଟ ସମସ୍ତ ଦୋଷୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଟ୍ରାଏଲ୍ କୋର୍ଟଙ୍କ ରାୟକୁ ଦୋଷୀମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ବୁଧବାର ଜଷ୍ଟିସ୍ ପଙ୍କଜ ଭଣ୍ଡାରି ଏବଂ ସମୀର ଜୈନଙ୍କ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ୨୦୦୮ ମେ' ୧୩ ସନ୍ଧ୍ୟାରେ ଜୟପୁରର ମାନକ ଛକ ଖାଣ୍ଡା, ଚାନ୍ଦପୋଲେ ଗେଟ୍, ବଡି ଚୌପଦ, ଛୋଟି ଚୌପଦ, ତ୍ରିପୋଲିଆ ଗେଟ୍ ଜେହରି ବଜାର ଏବଂ ସାଙ୍ଗନେରି ଗେଟ୍‌ରେ ସିରିଏଲ୍ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୭୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୮୫ ଆହତ ହୋଇଥିଲେ। ରାମଚନ୍ଦ୍ର ମନ୍ଦିର ନିକଟରୁ ଏକ ଅଫୁଟା ବୋମା ମିଳିଥିବାବେଳେ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ତାହାକୁ ନିଷ୍କ୍ରିୟ କରିଥିଲେ।

# ନିର୍ଣ୍ଣାୟକ ହେବ କର୍ଣ୍ଣାଟକ ଲଢ଼େଇ

## ବିଧାନସଭା ନିର୍ବାଚନକୁ ୪୩ ଦିନ ବାକି



| ୨୦୧୯ ଲୋକସଭା ମୋଟ ଆସନ ୨୮ | |
|---|---|
| ଭଜପା | ୨୫ |
| କଂଗ୍ରେସ | ୧ |
| ଜେଡିଏସ୍ | ୧ |
| ଅନ୍ୟ | ୧ |

| ୨୦୧୮ ବିଧାନସଭା ଭୋଟ ହାର | |
|---|---|
| ଭାଜପା | ୩୬% |
| କଂଗ୍ରେସ | ୩୮% |
| ଜେଡିଏସ୍ | ୧୮% |
| ଅନ୍ୟ | ୮% |

| ବିଧାନସଭାରେ ବର୍ତ୍ତମାନ ସ୍ଥିତି | |
|---|---|
| ଭାଜପା | ୧୧୯ |
| କଂଗ୍ରେସ | ୭୫ |
| ଜେଡିଏସ୍ | ୨୮ |
| ଖାଲି | ୨ |

ବେଙ୍ଗାଲୁରୁ/ନୂଆଦିଲ୍ଲୀ,୨୯।୩

କର୍ଣ୍ଣାଟକ ବିଧାନସଭାର ୨୨୪ ଆସନ ପାଇଁ ମେ' ୧୦ରେ ଭୋଟ ଗ୍ରହଣ କରାଯିବ ବୋଲି ବୁଧବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଘୋଷଣା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସିଇସି କୁମାର କହିଛନ୍ତି, ଭୋଟରମାନେ ସପ୍ତାହାନ୍ତ ଛୁଟିରେ ସହର ଛାଡ଼ି ଗଲେ ମତଦାନ ହାର କମିଥାଏ। ଏହାକୁ ଦୃଷ୍ଟିରେ ରଖି ସୋମବାର କିମ୍ବା ଶୁକ୍ରବାର ପରିବର୍ତ୍ତେ ବୁଧବାର ଭୋଟ ଗ୍ରହଣ କରାଯିବ। ନିର୍ବାଚନ ପାଇଁ ଏପ୍ରିଲ ୧୩ରେ ବିଜ୍ଞପ୍ତି ଜାରି କରାଯିବ। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଏପ୍ରିଲ ୨୦। ୨୧ରେ ସେଗୁଡ଼ିକୁ ଯାଞ୍ଚ କରାଯିବ। ଏପ୍ରିଲ ୨୪ ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ। ସିଇସିଙ୍କ ଏହି ଘୋଷଣା ସହ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନିର୍ବାଚନ କମିଶନଙ୍କ ସତର୍କ ଦୃଷ୍ଟି ଓ ତତ୍ପରତା ଯୋଗୁ କିଛି ନ ହେଉଣୁ ରାଜନୈତିକ ବ୍ୟକ୍ତିମାନଙ୍କଠାରୁ ୮୦ କୋଟି ଟଙ୍କା ଜବତ କରାଗଲାଣି। ଶତ ପ୍ରତିଶତ ମତଦାନ ସୁନିଶ୍ଚିତ କରିବା ପାଇଁ ଏଥର ଅନେକ ପଦକ୍ଷେପ ନିଆଯାଇଛି। ୫.୨୪ କୋଟି ଭୋଟର ମତଦାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୁରୁଖୁରୁରେ ମତଦାନ ପାଇଁ ରାଜ୍ୟରେ ମୋଟ ୫୮,୨୮୨ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯିବ। ୧,୩୨୦ ପୋଲିଂ ଷ୍ଟେଶନର ପରିଚାଳନା ଦାୟିତ୍ୱ ମହିଳା ଅଧିକାରୀମାନଙ୍କୁ ନ୍ୟସ୍ତ କରାଯିବ। ୫୦% ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ସୁବିଧା ରହିବ।

୨୦୧୮ ମେ'ରେ କର୍ଣ୍ଣାଟକ ବିଧାନସଭାର ଶେଷ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କର୍ଣ୍ଣାଟକ ଭୋଟର ଖଣ୍ଡିତ ଜନାଦେଶ ଦେବାରୁ ଝୁଲା ସ୍ଥିତି ଉପୁଜିଥିଲା। ଭାଜପା ୧୦୪ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ମ୍ୟାଜିକ୍ ନମ୍ବର (୧୧୩) ହାସଲ କରିପାରି ନ ଥିଲା। ଫଳରେ କଂଗ୍ରେସ (୮୦) ଏବଂ ୩୭ ଆସନରେ ବିଜୟୀ ହୋଇଥିବା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମେଣ୍ଟ ସରକାର ଗଢ଼ିଥିଲେ। ଜେଡିଏସ୍ ମୁଖ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ପୁଅ ଏଚ୍.ଡି. କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ଶାସକ ମେଣ୍ଟର ଅନେକ ବିଧାୟକ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିବାରୁ ଏହି ମେଣ୍ଟ ଭାଙ୍ଗିଯାଇଥିଲା। କୁମାରସ୍ୱାମୀ ସରକାରଙ୍କ ପତନ ଘଟିଥିଲା। ଭାଜପା ଲିଙ୍ଗାୟତ ଷ୍ଟ୍ରଙ୍ଗମ୍ୟାନ୍ ବି.ଏସ୍. ୟେଦୁରପ୍ପାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲା। ୨୦୨୧ରେ ସେ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍. ଆର. ବୋମାଇଙ୍କ ପୁଅ ତଥା ଗୃହମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଦଳ ମୁଖ୍ୟମନ୍ତ୍ରୀ କରିଥିଲା। ଇତିମଧ୍ୟରେ ୟେଦୁରପ୍ପା ସକ୍ରିୟ ରାଜନୀତିରୁ ଅବସର ଘୋଷଣା କରିସାରିଛନ୍ତି। କର୍ଣ୍ଣାଟକ ବିଧାନସଭାରେ ଏବେ ଶାସକ ଭାଜପାର ୧୧୯ ବିଧାୟକ ଅଛନ୍ତି। କଂଗ୍ରେସ ଏମ୍ଏଲ୍ଏ ସଂଖ୍ୟା ୭୫ ଥିବାବେଳେ ଜେଡିଏସ୍ ୨୮ରେ ସୀମିତ ରହିଛି। ଅନ୍ୟ ୨ଟି ଆସନ ଖାଲି ପଡ଼ିଛି। ରାଜ୍ୟର ୪୦% ଜନସଂଖ୍ୟା (ସର୍ବାଧିକ ଭୋଟର) ଥିବା ଲିଙ୍ଗାୟତ ଓ ଭୋକାଲିଙ୍ଗା ସମ୍ପ୍ରଦାୟର ଭୋଟରଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ଗୈରିକ ଦଳ ପ୍ରାଣପଣେ ଉଦ୍ୟମ ଜାରି ରଖିଛି। ଏହିକ୍ରମରେ ନିକଟରେ ଭାଜପା ଦୁଇ ସମ୍ପ୍ରଦାୟ ପାଇଁ ଶିକ୍ଷା ଓ ସରକାରୀ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବୃଦ୍ଧି କରିଛି। ଏଥିସହ ପୂର୍ବର କଂଗ୍ରେସ ସରକାର ମୁସଲମାନ ସମ୍ପ୍ରଦାୟ ପାଇଁ କରିଥିବା ୪% ସଂରକ୍ଷଣକୁ ଭାଜପା ଉଚ୍ଛେଦ କରିଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅନେକ ଥର କର୍ଣ୍ଣାଟକ ଗସ୍ତ କରି ବହୁ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ତେଣୁ ମୋଦି-ଶାହା ଯୋଡ଼ି ପାଇଁ କର୍ଣ୍ଣାଟକ ନିର୍ବାଚନ ଅଗ୍ନିପରୀକ୍ଷା ସଦୃଶ ହେବ। ଅନ୍ୟପକ୍ଷେ ଭାଜପା ସାମ୍ପ୍ରଦାୟିକ ରାଜନୀତି ଓ ଦୁର୍ନୀତିରେ ମଜ୍ଜି ରହିଥିବା କଂଗ୍ରେସ ଅଭିଯୋଗ ଆଣିଛି। ଦଳ କ୍ଷମତାକୁ ଆସିଲେ ବେକାର ଗ୍ରାଜୁଏଟ୍‌ମାନଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ମାସିକ ୩,୦୦୦ ଟଙ୍କା ଲେଖାଏ ଭତ୍ତା ଦିଆଯିବ ବୋଲି ଘୋଷଣା କରିଛି। ସେହିପରି ପଛୁଆ ବର୍ଗ, ସଂଖ୍ୟାଲଘୁ ଓ ଦଳିତ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ମଧ୍ୟ କଂଗ୍ରେସର ଉଦ୍ୟମ ଜାରି ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଇମୋଶନାଲ କାର୍ଡ ଖେଳି ଭୋଟରଙ୍କୁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମାୟା କହିଛନ୍ତି, ଏହା ହେଉଛି ତାଙ୍କର ଶେଷ ନିର୍ବାଚନ। ଏଥର ହାରିଲେ ସେ ଆଉ ରାଜନୀତି କରିବେ ନାହିଁ। 'ସବୁ ମୋଦି ଚୋର' ମନ୍ତବ୍ୟ ଦେଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇବା ସହ ଲୋକ ସଭା ସଦସ୍ୟତା ହରାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏଥର ମାରାଥନ ପ୍ରଚାର କରିବେ। ଦଳକୁ କ୍ଷମତାକୁ ଫେରାଇ ଆଣିବା ପାଇଁ ସେ ଧୂଆଁଧାର ପ୍ରଚାର କରିବେ ବୋଲି କଂଗ୍ରେସ ସୂତ୍ରରୁ ପ୍ରକାଶ। ଜେଡିଏସ୍ କର୍ଣ୍ଣାଟକ ରାଜନୀତିରେ କିଙ୍ଗମେକର ଭୂମିକା ନେଇଥାଏ। ଦେବେଗୌଡ଼ାଙ୍କ ଦଳ ଉଭୟ ଭାଜପା ଏବଂ କଂଗ୍ରେସଠାରୁ ସମଦୂରତ୍ୱ ବଜାୟ ରଖିବା ସହ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ପାଇଁ ବିକଳ୍ପ ଖୋଲା ରଖିଥାଏ। କୃଷକ କଲ୍ୟାଣ ଓ ଆଞ୍ଚଳିକ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଜେଡିଏସ୍‌ର ଫୋକସ ରହିଥାଏ। ତେଣୁ ଏଥର ନିର୍ବାଚନ ବେଳେ କୁମାରସ୍ୱାମୀ କେଉଁ ରଣନୀତି ଆପଣାଉଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିବ।

### ମୋଦି, ବୋମାଇଙ୍କ ପାଇଁ ଅଗ୍ନିପରୀକ୍ଷା



ବାସବରାଜ ବୋମାଇ

### ରାହୁଲଙ୍କ ଅପମାନର ପ୍ରତିଶୋଧ ନେବ କଂଗ୍ରେସ



ସିଦ୍ଧାରାମାୟା

### କ'ଣ ରହିବ କୁମାରସ୍ୱାମୀଙ୍କ ରଣନୀତି



ଏଚ୍.ଡି. କୁମାରସ୍ୱାମୀ

## ଲୋକ ସଭା ସଦସ୍ୟତା ଫେରିପାଇଲେ ମହମ୍ମଦ ଫୈଜଲ

ନୂଆଦିଲ୍ଲୀ,୨୯।୩



- ହତ୍ୟା ଉଦ୍ୟମ ମାମଲାରେ ୧୦ ବର୍ଷ ଜେଲଦଣ୍ଡ ପାଇଛନ୍ତି
- ତଳ କୋର୍ଟ ରାୟ ଉପରେ କେରଳ ହାଇକୋର୍ଟଙ୍କ ସ୍ଥଗିତାଦେଶ

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ମହମ୍ମଦ ଫୈଜଲ ବୁଧବାର ନିଜ ଲୋକ ସଭା ସଦସ୍ୟତା ଫେରିପାଇଛନ୍ତି। ସୁପ୍ରିମକୋର୍ଟରେ ଫୈଜଲଙ୍କ ଆବେଦନ ଶୁଣାଣିର କିଛି ଘଣ୍ଟା ପୂର୍ବରୁ ଲୋକ ସଭା ସେକ୍ରେଟାରି ଜେନେରାଲ ଉତ୍ପଳ କୁମାର ସିଂ ଏକ ବିଜ୍ଞପ୍ତି ଜାରି କରିଥିଲେ। ୧୦ ସପ୍ତାହ ପୂର୍ବେ ରଦ୍ଦ କରାଯାଇଥିବା ଫୈଜଲଙ୍କ ସଦସ୍ୟତାକୁ ପୁନଃ ଅବସ୍ଥାପିତ କରାଯାଇଥିବା ସେ ଏଥିରେ ଉଲ୍ଲେଖ କରିଛନ୍ତି। ଫୈଜଲ ପାର୍ଲାମେଣ୍ଟର ନିମ୍ନ ସଦନକୁ ଯାଇ ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଛନ୍ତି। ସେକ୍ରେଟାରିଏଟ୍ ତାଙ୍କ ସଦସ୍ୟତା ରଦ୍ଦ କରିବା ଉଚିତ ନ ଥିଲା ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

ଲାକ୍ଷାଦ୍ୱୀପରୁ ପ୍ରତିନିଧିତ୍ୱ କରୁଥିବା ମହମ୍ମଦ ଫୈଜଲ ୨୦୧୯ ଲୋକ ସଭା ନିର୍ବାଚନ ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି.ଏମ୍. ସୟିଦଙ୍କ ଜ୍ୱାଇଁ ମହମ୍ମଦ ସାଲିହଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ କେରଳର କଭରତ୍ତି ସେସନ୍ସ କୋର୍ଟରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋର୍ଟ ଫୈଜଲଙ୍କ ସହ ଅନ୍ୟ ୩ ଜଣଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଏବଂ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଥିଲେ। ଗତ ଜାନୁୟାରୀ ୧୩ରେ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଫୈଜଲଙ୍କ ଦଣ୍ଡାଦେଶ ଉପରେ କେରଳ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିବା ପରେ ତାଙ୍କ ସଦସ୍ୟତା ନିଲମ୍ବନକୁ ପ୍ରତ୍ୟାହାର ପାଇଁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ କେ.ଏମ୍. ଖାନ୍‌ୱିଲକର ଏବଂ ବି.ଭି. ନାଗରତ୍ନା ତାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ଫଳରେ ସେକ୍ରେଟାରିଏଟ୍ ତାଙ୍କୁ ଲୋକ ସଭାରେ ପୁନଃ ଅବସ୍ଥାପିତ କରିଛି। ଏହାକୁ ଏନ୍‌ସିପି ପକ୍ଷରୁ ସ୍ୱାଗତ କରାଯାଇଛି। 'ସବୁ ମୋଦି ଚୋର' ମନ୍ତବ୍ୟ ମାମଲାରେ ଗୁଜରାଟର ସୁରଟ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବା କଂଗ୍ରେସ ନେତା ରାହୁଲଙ୍କ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଥିବାବେଳେ ଏହି ନିଷ୍ପତ୍ତି ନିଆଯାଇଛି। କିନ୍ତୁ ରାହୁଲ ଅଦ୍ୟାବଧି କୌଣସି ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇନାହାନ୍ତି।

## ପୋଲିସକୁ ପୁଣି ଚକ୍‌ମା ଦେଖାଇଲେ ଅମ୍ରିତପାଲ୍

ହୋସିଆରପୁର, ୨୯।୩

ଫେରାର ଖଲିସ୍ତାନୀ ଅମ୍ରିତପାଲ୍ ସିଂଙ୍କ ଏକ ଭିଡିଓ ବୁଧବାର ଜାରି ହୋଇଛି। ଏଥିରେ ସେ ଫେରାର ଥିବା କହିଛନ୍ତି। ୨ ଦିନ ପୁରୁଣା ଏହି ଭିଡିଓକୁ ବ୍ରିଟେନ୍‌ର ହ୍ୟାଣ୍ଡେଲର ପ୍ରସାର କରିଥିବା ଜଣାପଡ଼ିଛି। ଅମ୍ରିତପାଲ୍ ଏବଂ ସହଯୋଗୀ ପପଲପ୍ରୀତ ସିଂ ପୁଣିଥରେ ପଞ୍ଜାବ ପୋଲିସ ହାତରୁ ଖସି ପଳାଇବାରେ ସଫଳ ହୋଇଛନ୍ତି। ଦୁହିଁଙ୍କୁ ଗିରଫ କରିବା ପାଇଁ ମଙ୍ଗଳବାର ବିଳମ୍ବିତ



ସହଯୋଗୀ ପପଲପ୍ରୀତ ସିଂଙ୍କ ସହ ଅମ୍ରିତପାଲ୍ ସିଂ।

ରାତିରେ ପୋଲିସ ହୋସିଆରପୁରରେ ତଲାସି ଅଭିଯାନ ଚଳାଇଥିଲା। ଏକ ଧଳାରଙ୍ଗର ଇନୋଭା ଗାଡ଼ିରେ ଅମ୍ରିତପାଲ ଏବଂ ପପଲପ୍ରୀତ ଥିବା ସନ୍ଦେହ କରି ପୋଲିସ ଫଗୱାରାରୁ ପିଛା କରିଥିଲା। ମାରେୟାନ ଗ୍ରାମର ଗୁରୁଦ୍ୱାରାରୁ କାର୍ ପୋଲିସକୁ ଚକ୍‌ମା ଦେଖାଇ ଚାଲିଯାଇଥିଲା। ତେବେ ତାଙ୍କ ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ କାବୁ କରିଛି। ହୋସିଆରପୁର ଆଖପାଖ ଚେକ୍‌ପୋଷ୍ଟଗୁଡ଼ିକରେ ପୋଲିସ ମୁତୟନ କରାଯାଇଛି। ୱାରିସ୍ ପଞ୍ଜାବ ଡେ' ମୁଖ୍ୟ ଅମ୍ରିତପାଲ୍ ପଞ୍ଜାବ ପୋଲିସ ନିକଟରେ ଆତ୍ମସମର୍ପଣ କରିବେ ବୋଲି ବିଶେଷ ସୂତ୍ରରୁ ପୋଲିସ ଜାଣିବାକୁ ପାଇଛି।

## ଏମ୍‌ପି ଗିରୀଶ ବାପଟଙ୍କ ପରଲୋକ

**ପୁଣେ,୨୯।୩:** ପୁଣେର ଭାଜପା ଏମ୍‌ପି ଗିରୀଶ ବାପଟ (୭୨)ଙ୍କ ବୁଧବାର ପରଲୋକ ହୋଇଛି। ସେ ଦେଢ଼ ବର୍ଷ ଧରି ଅସୁସ୍ଥ ଥିବାରୁ ଦିନାନାଥ ମଙ୍ଗେଶକର ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପୁଣେର କଶବା ପେଥ ଆସନରୁ ସେ ୫ ଥର ବିଧାୟକ ଥିଲେ। ୨୦୧୯ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।



## କୁନୋରେ ୪ ଶାବକ ଜନ୍ମଦେଲା ସିୟାୟା

### କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲା ସାଶା

ଭୋପାଳ, ୨୯।୩

ଗତବର୍ଷ ନାମିବ୍ୟାରୁ ଭାରତ ଅଣାଯାଇଥିବା ଚିତା ସିୟାୟା ୪ ଶାବକଙ୍କୁ ଜନ୍ମ ଦେଇଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ବୁଧବାର ସୂଚନା ଦେଇଛନ୍ତି। ଦେଶରେ ବିଲୁପ୍ତ ଚିତା ସଂଖ୍ୟା ବୃଦ୍ଧି



ସକାଶେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ପ୍ରୋଜେକ୍ଟ ଚିତା' ସଫଳ ହୋଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ପ୍ରୋଜେକ୍ଟରେ ସାମିଲ ହୋଇଥିବ ସମସ୍ତଙ୍କୁ ଭୂପେନ୍ଦର ଶୁଭେଚ୍ଛା ଜଣାଇଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ୫ ମାଈ ଏବଂ ୩ ଅଣ୍ଡିରା ଚିତା ନାମିବ୍ୟାରୁ ଭାରତ ଅଣାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ୭୨ତମ ଜନ୍ମଦିବସ ଅବସରରେ ୮ ଚିତାଙ୍କୁ ମଧ୍ୟ ପ୍ରଦେଶ କୁନୋ ନ୍ୟାଶନାଲ ପାର୍କରେ ଛାଡ଼ିଥିଲେ। କିଡନୀ ରୋଗରେ ଆକ୍ରାନ୍ତ ହେବା ଯୋଗୁ ସୋମବାର ନାମିବ୍ୟାରୁ ଅଣାଯାଇଥିବା ବାଘୁଣୀ ସାଶାର ମୃତ୍ୟୁ ଘଟିଥିଲା।






# ପାରିବାରିକ ବିବାଦରୁ ୨ ମହିଳାଙ୍କୁ ହତ୍ୟା

**ବାଲେଶ୍ୱର ଅଫିସ/ଜଳେଶ୍ୱର/ସିମୁଳିଆ, ୨୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ପାରିବାରିକ ବିବାଦରୁ ୨ ମହିଳାଙ୍କ ଜୀବନ ଯାଇଛି। ଉଭୟ ସ୍ଥାନରେ ନିଶାସକ୍ତ ଅବସ୍ଥାରେ ସ୍ୱାମୀ ପିଟି ପିଟି ସେମାନଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ପୋଲିସ ଉଭୟ ମହିଳାଙ୍କ ସ୍ୱାମୀମାନଙ୍କୁ ଗିରଫ କରିଛି। ଗୋଟିଏ ଘଟଣା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଗହୀରାବନ୍ଧ ଗ୍ରାମରେ ଘଟିଥିବା ବେଳେ ଅନ୍ୟଟି ସିମୁଳିଆ ଥାନା ଅଡ଼ା ପଞ୍ଚାୟତ ଅଧୀନ ଛତ୍ରପୁର ଅଞ୍ଚଳରେ ଘଟିଛି। ମଙ୍ଗଳବାର ରାତିରେ ଗହୀରାବନ୍ଧ ଗ୍ରାମର ଦୁର୍ଗା ମୁର୍ମୁ କୌଣସି କଥାକୁ ନେଇ ସ୍ତ୍ରୀ ମଞ୍ଜୁଲତାଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ସ୍ୱାମୀ ଦୁର୍ଗା ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ମଞ୍ଜୁଲତାଙ୍କୁ ଠେଙ୍ଗାରେ ନିସ୍ତୁକ ପିଟିଥିଲେ। ଘଟଣାସ୍ଥଳରେ ହିଁ ମଞ୍ଜୁଲତାଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ପହଞ୍ଚି ସ୍ୱାମୀ ଦୁର୍ଗା ମୁର୍ମୁଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ମାତ୍ର ରାଇବଣିଆ ପୋଲିସ ରାତିରେ ନ ପହଞ୍ଚି ବୁଧବାର ସକାଳେ ପହଞ୍ଚିଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ସେହିପରି ସିମୁଳିଆ ଥାନା ଅଡ଼ା ପଞ୍ଚାୟତ ଅଧୀନ ଛତ୍ରପୁର ଅଞ୍ଚଳର ବୀର ସିଂ ଓ ତାଙ୍କ ସ୍ତ୍ରୀ କୁନି ଉଭୟେ ସ୍ଥାନୀୟ କଳାଶୁଣୀ ଛକରେ ଥିବା ମଦ ଦୋକାନରୁ ମଦ ପିଇଥିଲେ। ପରେ ରାସ୍ତାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବୀର ଏକ ବାଡିରେ କୁନିଙ୍କୁ ପିଟିବା ସହିତ ତାଙ୍କ ପିନ୍ଧା ଲୁଗାରେ କୁନିଙ୍କ ଗୋଡ଼ ବାନ୍ଧି ବିଲରେ ପକାଇ ଘରକୁ ପଳାଇ ଆସିଥିଲେ। ସକାଳେ ସ୍ଥାନୀୟ ଲୋକେ କୁନିଙ୍କୁ ବିଲରେ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବୀର ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପରେ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ବାସୁଦେବପୁରରେ ବଜ୍ରପାତ: ୫ ମୃତ

## ୩୦ ମିନିଟ୍‌ରେ ସର୍ବାଧିକ ୫୪୦୦ ଥର ବିଜୁଳି ମାରିଛି

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଆସୁଛି ଆଉ ଏକ ପଶ୍ଚିମା ଝଡ଼। ଏପ୍ରିଲ ୨ତାରିଖ ବେଳକୁ ଭାରତର ଉତ୍ତର-ପଶ୍ଚିମ ଭାଗକୁ ଏକ ନୂଆ ପଶ୍ଚିମା ଝଡ଼ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ଅନ୍ୟପକ୍ଷରେ ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଛି। ଭଦ୍ରକ ଜିଲାର ବାସୁଦେବପୁରରେ ମାତ୍ର ୩୦ ମିନିଟରେ ସର୍ବାଧିକ ୫୪୦୦ ଥର ବିଜୁଳି ମାରିଥିବାବେଳେ ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଶେଷଜ୍ଞ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି।



ଭଦ୍ରକ ବ୍ୟତୀତ ଖୋର୍ଦ୍ଧା, ନୟାଗଡ଼, ବାଲେଶ୍ୱର, କଟକ, ଜଗତ୍‌ସିଂହପୁର, ପୁରୀ ସମେତ ଅନ୍ୟ ଉପକୂଳବର୍ତ୍ତୀ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବା ସୂଚନା ମିଳିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ମୁଖ୍ୟ ଏଚ୍.ଆର୍. ବିଶ୍ୱାସଙ୍କ ସୂଚନା ଅନୁଯାୟୀ, ଆସନ୍ତା ୫ ଦିନ ଯାଏ ରାଜ୍ୟରେ ବର୍ଷା ସମ୍ଭାବନା ରହିଛି। ଗୁରୁବାର ପଶ୍ଚିମ ଓଡ଼ିଶା ଓ ସମସ୍ତ ଜିଲା ସମେତ କିଛି ଉପକୂଳବର୍ତ୍ତୀ ଜିଲାରେ ବର୍ଷା ସମ୍ଭାବନା ରହିଛି। ମୁଖ୍ୟତଃ ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା,

- ୫ଦିନ ପର୍ଯ୍ୟନ୍ତ ଲାଗିରହିବ ବର୍ଷା
- ୨ରେ ଆଉ ଏକ ପଶ୍ଚିମା ଝଡ଼
- ୧୫ ଜିଲାକୁ ୟେଲୋ ୱାର୍ନିଂ

ସୋନପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଆଦି ୧୫ଟି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏହି ଜିଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ୩୦ରୁ ୫୦କିମି ବେଗରେ ପବନ ବହିବ। ୩୧ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସହ ପଶ୍ଚିମା ଝଡ଼ର ସର୍ବାଧିକ ପ୍ରଭାବ ଅନୁଭୂତ ହେବ। ସେହିପରି ଶୁକ୍ରବାର ରାଜ୍ୟର ସମସ୍ତ ଜିଲାରେ ବର୍ଷା ସମ୍ଭାବନା ରହିଛି। ଏନେଇ ୧୧ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେଗୁଡ଼ିକ ହେଲା ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦ୍ରାପଡ଼ା। ଏହି ସବୁ ଜିଲାରେ ବର୍ଷା ପରିମାଣ ୭ରୁ ୧୧ସେଣ୍ଟିମିଟର ଯାଏ ରହିବ ବୋଲି ବିଶ୍ୱାସ କହିଛନ୍ତି। ସେହିପରି ଶୁକ୍ରବାର ବାକି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଏଠାରେ ବର୍ଷା ସହ ପବନର ବେଗ ଘଣ୍ଟା ପ୍ରତି ୫୦ କିମି ଯାଏ ରହିବ। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ। ସକାଳୁ ଅପରାହ୍ନ ଯାଏ ପାଗ ଶୁଖିଲା ରହିବା ସହ ପାରଦ ସ୍ୱାଭାବିକରୁ ୩ଡିଗ୍ରୀ ଯାଏ ବଢ଼ିପାରେ। ଅପରାହ୍ନରୁ ପାଗ ବଦଳିବା ସହ ଏକାଧିକ ଜିଲାରେ କାଳବୈଶାଖୀ ବର୍ଷା ହେବ। ବର୍ତ୍ତମାନ ଉତ୍ତର ମଧ୍ୟପ୍ରଦେଶର ମଧ୍ୟଭାଗରୁ ଏକ ନିମ୍ନଚାପରେଖା ବାହାରି ଦକ୍ଷିଣ ତାମିଲନାଡୁ ଦେଇ ବିଦର୍ଭ, ତେଲଙ୍ଗାନା ଓ ରୟାଲସୀମା ଯାଏ ସମୁଦ୍ରପତ୍ତନରୁ ୦.୯ କିମି ଉଚ୍ଚରେ ଲମ୍ବିଛି। ସେହିପରି ଅନ୍ୟ ଏକ ନିମ୍ନଚାପରେଖା ସବ୍‌ହିମାଳୟନ୍‌ଠାରୁ ବାହାରି ପଶ୍ଚିମବଙ୍ଗ ହୋଇ ଉତ୍ତର ଦିଗ ଦେଇ ସମୁଦ୍ର ପତ୍ତନଠାରୁ ୦.୯ କିମି ଉଚ୍ଚରେ ଲମ୍ବିଛି। ଫଳରେ ରାଜ୍ୟରେ ବର୍ଷା ଅନୁଭୂତ ହେଉଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ବୁଧବାର ରାଜ୍ୟର ୨୦ ସହରରେ ପାରଦ ୩୫ ଡିଗ୍ରୀରୁ ଉପରେ ଥିବାବେଳେ ବୌଦ୍ଧରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି।




# ବନ ବିଭାଗ ପାଟ୍ରୋଲିଂ ଗାଡ଼ିକୁ ଗୁଳିମାଡ଼

## ଦୁଇ କର୍ମଚାରୀ ଆହତ, ବର୍ତ୍ତିଲେ ଏସିଏଫ୍

**ବୌଦ୍ଧ/ବଘିଆପଡ଼ା, ୨୯।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଖଲିଆପାଲି ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ବନ ବିଭାଗର ଏକ ପାଟ୍ରୋଲିଂ ଗାଡ଼ି ଉପରକୁ ଗୁଳିମାଡ଼ ହୋଇଛି। ଏଥିରେ ଦୁଇ ବନ କର୍ମଚାରୀ ଆହତ ହୋଇଥିବାବେଳେ ଏସିଏଫ୍ ବର୍ତ୍ତିଯାଇଛନ୍ତି। ବଘିଆପଡ଼ା ଫରେଷ୍ଟ ସେକ୍ସନ ପକ୍ଷରୁ ଏସିଏଫ୍ ଆଶିଷ କହଁର ଜଣେ ଫରେଷ୍ଟ ଗାର୍ଡ ଓ ଚାରି ଜଗୁଆଳିଙ୍କୁ ଧରି ସମ୍ପୃକ୍ତ ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ କରୁଥିଲେ। ଖଲିଆପାଲି ଛକ ନିକଟରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଧରି ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ଗାଡ଼ି ନ ରଖି ସେଠାରୁ ଖସି ପଳାଉଥିବା ଦେଖି ଦୁର୍ବୃତ୍ତମାନେ ଗାଡ଼ି ପଛରୁ ଗୁଳିଚାଳନା କରିଥିଲେ। ଫଳରେ ଗାଡ଼ି ପଛରେ ବସିଥିବା ଜଗୁଆଳି ସରଣ୍ଡା ଗ୍ରାମର ନୀଳାଞ୍ଚଳ ପ୍ରଧାନଙ୍କ ହାତ, ବଡ଼ବାଗବର ଗ୍ରାମର ନବକିଶୋର ସାହୁଙ୍କ ପିଠିରେ ଗୁଳି ବାଜିଥିଲା। ଗୁଳିମାଡ଼ କରିବା ପରେ ମଧ୍ୟ ଦୁର୍ବୃତ୍ତମାନେ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ସେମାନଙ୍କ ପିଛା କରିଥିଲେ। କୌଶଳକ୍ରମେ ବନ କର୍ମଚାରୀ ବାଉଁଶୁଣୀ ଦେଇ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଉଭୟ ଆହତଙ୍କୁ ସେଠାରେ ଭର୍ତ୍ତି କରାଯାଇଥିଲା। ନବକିଶୋରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ଖବରପାଇ ଡିଏଫ୍‌ଓ ଦେବପ୍ରିୟ କମ୍ପ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଥିଲେ। ଘଟଣାସ୍ଥଳକୁ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଘଟଣା ସ୍ଥଳରୁ ପୋଲିସ ଦୁଇଟି ଖୋକା ଜବତ କରିଛି। ଏନେଇ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୁଳିମାଡ଼ର କାରଣ ଏବେବି ଅସ୍ପଷ୍ଟ ରହିଛି।




ଆହତ ଦୁଇ ବନ କର୍ମଚାରୀ।

# ହାଇକୋର୍ଟଙ୍କ ରାୟ ଉପରେ ନିର୍ଭର କରିବ ନିଯୁକ୍ତି

## କନଷ୍ଟେବଲ ନିଯୁକ୍ତି ମାମଲା

**କଟକ ଅଫିସ,୨୯।୩**

ରାଜ୍ୟରେ କନ୍‌ଷ୍ଟେବଲ ନିଯୁକ୍ତି ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଦାଏର ୫ଟି ମାମଲାର ଏକତ୍ର ଶୁଣାଣି ବୁଧବାର ହୋଇଛି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ମାମଲାଗୁଡ଼ିକର ଶୁଣାଣି କରି ହାଇକୋର୍ଟଙ୍କ ରାୟ ଉପରେ କନ୍‌ଷ୍ଟେବଲ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟରେ ୪୭୯୦ କନ୍‌ଷ୍ଟେବଲ ପଦବୀରେ ନିଯୁକ୍ତି ପାଇଁ ଗୃହ ବିଭାଗ ପକ୍ଷରୁ ୨୦୨୨ ଡିସେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀଙ୍କ ମଧ୍ୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପୁରୀ ସମେତ ୪ଟି ଜିଲାରେ ହୋମଗାର୍ଡ ଭାବେ କାର୍ଯ୍ୟରତ କେତେଜଣ ଆବେଦନକାରୀ ଏହି ଲିଖିତ ପରୀକ୍ଷା ଦେଇଥିଲେ। ସେମାନେ ୩ରୁ ୬ ବର୍ଷ ପର୍ଯ୍ୟନ୍ତ ହୋମଗାର୍ଡ ଭାବେ ଚାକିରି କରିଥିଲେ ବି ତାଙ୍କୁ କନ୍‌ଷ୍ଟେବଲ ପଦବୀରେ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିଲା। କନ୍‌ଷ୍ଟେବଲ ନିଯୁକ୍ତିରେ ହୋମଗାର୍ଡ ଓ ଗ୍ରୁପ୍-ଡି କର୍ମଚାରୀଙ୍କ ନିମନ୍ତେ ୧୦% ଲେଖାଏ ସଂରକ୍ଷଣ ରହିବା କଥା, ଯାହା ଏଠାରେ ହୋଇନାହିଁ। ୨୦୨୨ ଜାନୁୟାରୀ ୧ ତାରିଖ ସୁଦ୍ଧା ହୋମଗାର୍ଡମାନଙ୍କ ବୟସ ୨୮ ବର୍ଷରୁ ଅଧିକ ହୋଇ ନ ଥିବା ଏବଂ ଗ୍ରୁପ୍-ଡି କର୍ମଚାରୀଙ୍କ ବୟସ ୪୩ରୁ ଅଧିକ ହୋଇ ନ ଥିବା ନିୟମ ରହିଛି। ତେବେ ସାରା ରାଜ୍ୟରୁ ପୋଲିସ ବିଭାଗରେ କାର୍ଯ୍ୟରତ ଗ୍ରୁପ୍-ଡି କର୍ମଚାରୀମାନେ ଏଥି ନିମନ୍ତେ ଆବେଦନ କରିଥିଲେ। ହେଲେ ଲିଖିତ ପରୀକ୍ଷା ପରେ କଟ୍ ଅଫ୍ ମାର୍କ ରହିବା କଥା, ମାତ୍ର ଏଠାରେ କଟ୍ ଅଫ୍ ମାର୍କ ପରୀକ୍ଷା ପୂର୍ବରୁ ରଖାଯାଇଛି। ତେଣୁ ଏହି ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ହୋଇଥିବା ଗାଇଡ୍ ଲାଇନ୍ ଓ ପଦ୍ଧତି ତ୍ରୁଟିପୂର୍ଣ୍ଣ ଥିବା ଦର୍ଶାଇ ସେମାନଙ୍କୁ କନ୍‌ଷ୍ଟେବଲ ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ନିବେଦନ କରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ, ଡିଜିପି, ଆଇଜି ପୋଲିସ ଏବଂ ଓଡ଼ିଶା ଷ୍ଟେଟ୍ ସିଲେକସନ୍ ବୋର୍ଡର ଚେୟାରମ୍ୟାନ୍‌ଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ଦେଶୀ ବନ୍ଧୁକରୁ ଗୁଳି ଫୁଟି ମହିଳା ମୃତ

**ପଟାଙ୍ଗି, ୨୯।୩(ଡି.ଏନ୍.ଏ.)**

ଘରେ ରଖିଥିବା ଦେଶୀ ବନ୍ଧୁକ କାଢ଼ିବାବେଳେ ଅସାବଧାନତା ହେତୁ ଗୁଳି ଫୁଟି ପାଖରେ ଥିବା ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ଜିଲା ପଟାଙ୍ଗି ଥାନା ଅଧୀନ ନୂଆଁଗା ପଞ୍ଚାୟତ ସଦର ଗ୍ରାମର ଜାନି ମାଗୁଡୁଙ୍କ ସ୍ତ୍ରୀ ମଞ୍ଜୁଳା। ପୋଲିସ ବନ୍ଧୁକ ସଫା କରୁଥିବା ବଇ କମଲୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଚୈତ୍ର ପର୍ବରେ ଶିକାର କରି ପୂଜା କରିବା ଉଦ୍ଦେଶ୍ୟରେ ଘରେ ଥିବା ଦେଶୀ ବନ୍ଧୁକକୁ ଜାନିଙ୍କ ସମ୍ପର୍କୀୟ ବଇ ମଙ୍ଗଳବାର ରାତିରେ ସଫା କରିବା ପାଇଁ ଘର ଆଟୁ ଉପରୁ କାଢ଼ିବାବେଳେ ତାହା ଖସି ପଡ଼ିଥିଲା। ବନ୍ଧୁକରେ ଗୁଳି ଭରି ରହିଥିବାରୁ ତାହା ଫୁଟିଯାଇ ତଳେ ଶୋଇଥିବା ମଞ୍ଜୁଳାଙ୍କ ଦେହରେ ବାଜିଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ଗ୍ରାମବାସୀ ମାଗୁଡୁଙ୍କ ଘରେ ପହଞ୍ଚିଥିଲେ। ଏହିସମୟରେ ମଞ୍ଜୁଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲେ। ବିଳମ୍ବିତ ରାତି ହୋଇଯାଇଥିବାରୁ ସ୍ଥାନୀୟ ଡାକ୍ତରଖାନାକୁ ଆଣି ପାରି ନ ଥିଲେ। ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାବେଳେ ମଞ୍ଜୁଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ପୋଲିସକୁ ଖବର ଦେଇଥିଲେ। ସୁନାବେଡ଼ା ଏସ୍‌ଡିପିଓ ମନୋଜ କୁମାର ବେହେରା ଏବଂ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି କେସ୍ ନଂ. ୪୧/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ବଇଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩୦ ମାର୍ଚ୍ଚ, ୨୦୨୩





## ଊଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଟ ଯାଏ ନାଳେ ନାଳେ**
**ଥାଳେ ପିଏ ପାଣି**
**ଥାଳକୁ ରସି ମୁଁ ଥାଳିକି ଛାଡ଼ିଲି**
**ବୁଲିଲି ପତର କିଣି ।**

ସାଧାରଣତଃ ଖାଦ୍ୟ ଗ୍ରହଣ କରିସାରିଲା ପରେ ପାଣି ପିଆଯାଇଥାଏ। ତେବେ ପ୍ରଚୁର ପାଣି ପିଇସାରିବା ପରେ ଖାଦ୍ୟ ଅଛି ବୋଲି ଜାଣିବାକୁ ମିଳିଲେ ମନରେ ହତାଶାଭାବ ସୃଷ୍ଟି ହେବା ସ୍ୱାଭାବିକ। ପରୋକ୍ଷରେ ଭଲକୁ ଆଶା କରି ଭେଲ ପାଇ ମନ ଊଣା କରିବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଢଣା ପଡିଚି ନାକ ସରିକି**
**ତୁଣ୍ଡ ଶୁଭୁଅଛି ଚଉପାଢ଼ିକି ।**

ଲଜ୍ଜା ନାରୀର ଭୂଷଣ। ଶାଶୁଘରେ ନୂଆକରି ପାଦ ଥାପିଥିବା ବୋହୂ ମୁଣ୍ଡରେ ଓଢ଼ଣା ପକେଇ ରହିଥାଏ, ଯାହାକି ତା'ର ଲଜ୍ଜାଶିଳା ଗୁଣକୁ ସୂଚାଇଥାଏ। ତେବେ କିଛି ବୋହୂ ଅତି ଉଚ୍ଚ ସ୍ୱରରେ କଥା ହୋଇ ନିଜର ଔଦ୍ଧତ୍ୟ ଦେଖାଇଥାନ୍ତି। ଏପରିସ୍ଥଳେ ଉକ୍ତ ମୁଖୁରା ବୋହୂ ପ୍ରତି ଅନାଦର ଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜି ଗଡ଼ିବ ଭଦ୍ରକ-ନୟାଗଡ଼ ମେମୁ

ଭଦ୍ରକ ଅଫିସ,୨୯।୩: ଭଦ୍ରକ-ନୟାଗଡ଼ ସ୍ୱତନ୍ତ୍ର ମେମୁ ଟ୍ରେନ୍ ଗୁରୁବାର ଗଡ଼ିବ। ଅପରାହ୍ନରେ କଟକ ରେଳ ଷ୍ଟେଶନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି।

ପ୍ରକାଶଥାଉ କି, ଭଦ୍ରକରୁ ଭୁବନେଶ୍ୱର ଗଡୁଥିବା ମେମୁକୁ ୨୦୨୨ ଜାନୁୟାରୀ ୬ରେ ବାଲେଶ୍ୱରକୁ ସମ୍ପ୍ରସାରଣ କରାଯାଇଥିଲା। ଫଳରେ ବାଲେଶ୍ୱରରୁ ଟ୍ରେନ୍‌ରେ ବାହାରି ଭଦ୍ରକରେ ପହଞ୍ଚିବା ବେଳକୁ ସିଟ୍ ଖାଲି ରହୁ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଥିଲେ। ଏନେଇ ପୂର୍ବତନ ବିଧାୟକ ନରେନ ପଲେଇ ପ୍ରତି ମାସ ୬ ତାରିଖରେ ଭଦ୍ରକ ଷ୍ଟେଶନରେ ଘଣ୍ଟିକିଆ ରେଳରୋକୋ ଜାରି ରଖିଥିଲେ। ଭଦ୍ରକ-ପୁରୀ ଟ୍ରେନ୍ ଚଳାଚଳ ହେବାକୁ ଥିବାବେଳେ ୨୦୨୨ ଡିସେମ୍ବର ୨୭ରେ ରେଲୱେ ପକ୍ଷରୁ ଅନୁମୋଦିତ ଟ୍ରେନ୍‌କୁ ଜଳେଶ୍ୱର ସମ୍ପ୍ରସାରିତ କରାଗଲା। ଏହାକୁ ନେଇ ଭଦ୍ରକବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଟ୍ରେନ୍ ଚାଲିବା ନେଇ ରେଳମନ୍ତ୍ରୀଙ୍କୁ ଦାବି ଜଣାଇଥିଲେ।

# ମା' ତାରିଣୀଙ୍କ ହୁଣ୍ଡିରୁ ୧୭ ଲକ୍ଷ ୪୫ ହଜାର ମିଳିଲା

ଘଟଗାଁ,୨୯।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା' ତାରିଣୀ ମନ୍ଦିର ହୁଣ୍ଡି ବୁଧବାର ଖୋଲାଯାଇଛି। ସମ୍ବଲପୁର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ବେଢ଼ା ଭିତର ଓ ବାହାରେ ଥିବା ୧୩ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମୋଟ ୧୭ ଲକ୍ଷ ୪୫ ହଜାର ୮୪୫ଟଙ୍କା, ୪୯ ଗ୍ରାମ ୮୧୦ ମିଲିଗ୍ରାମ ସୁନା ଓ ୧ କେଜି ୫୮୭ ଗ୍ରାମ ୪୭୦ ମିଲିଗ୍ରାମ ରୁପା ମିଳିଥିବା ସୂଚନା ମିଳିଛି। ଗଣତି କାର୍ଯ୍ୟରେ ମନ୍ଦିରର ବରିଷ୍ଠ ଆକାଉଣ୍ଟାଣ୍ଟ ଅକ୍ଷୟ ବେହେରା, ଅବନୀ ଜେନା, ତରଣୀସେନ ରାଉତ, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ଶ୍ରୀକାନ୍ତ ଦେହୁରୀ, ଅରୁଣ ନାଏକ, ନବୀନ ମହାନ୍ତ, ପ୍ରଦୀପ ନାଏକ, ନାରାୟଣ ମୁଖୀ, ଚନ୍ଦ୍ରା ମୁଖୀ, ହରିହର ମହାନ୍ତ, ନକୁଳ ବେଜ, ବାବୁଲି ଶା, ପୋଲିସ କର୍ମଚାରୀ ମଦନ ମୋହନ ପୂର୍ତ୍ତି, ଷ୍ଟେଟ ବ୍ୟାଙ୍କ ଅଧିକାରୀ ପାୟଲ ମଲ୍ଲିକ ଓ ସିପୁନ ସାହୁ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

# ବିଧାନସଭାରେ ନକଲି ସାର୍ଟିଫିକେଟ୍ ପ୍ରସଙ୍ଗ

- **ବଲାଙ୍ଗୀର ନୁହେଁ, ଚେର ରାଜ୍ୟ ବାହାରକୁ ଲମ୍ବିଛି: ନରସିଂହ**
- **ବିଧାୟକ ସୁଶାନ୍ତ ସିଂଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲେ ସାଲୁଜା**
- **ବିଜେଡି ନେତାଙ୍କୁ ଯୋଡ଼ିବା ବିରୋଧୀଙ୍କ ଅଭ୍ୟାସ: ଭାଗୀରଥି**

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ବଲାଙ୍ଗୀର ନକଲି ସାର୍ଟିଫିକେଟ୍ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହାର ଚେର କେବଳ ବଲାଙ୍ଗୀରରେ ସୀମିତ ହୋଇ ରହିନାହିଁ, ବରଂ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ରାଜ୍ୟ ବାହାରକୁ ମଧ୍ୟ ଲମ୍ବିଛି। ବୁଧବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ସେ କହିଲେ, ଜାଲ ସାର୍ଟିଫିକେଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏଥିରେ ଶାସକ ଦଳର ବହୁ ନେତା ସମ୍ପୃକ୍ତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୧୯ ଜଣ ଗିରଫ ହେଲେଣି। ଆଉ କେତେଜଣ ଗିରଫ ହେବେ ତାହା ଆକଳନ ବାହାରେ। ଏହିଘଟଣାରେ ପୋଲିସ ଏବଂ ଗୋଇନ୍ଦା ବିଫଳ ହୋଇଛି। ବାହାର ଜିଲା ଓ ରାଜ୍ୟରେ ତଦନ୍ତ କରିବାକୁ ବଲାଙ୍ଗୀର ପୋଲିସର କ୍ଷମତା ଅଛି କି ନାହିଁ ଏ ସବୁ ବିଷୟରେ ଆଲୋଚନା କରାଯାଇ ନିର୍ଯାସ ବାହାର କରାଯାଉ। ନ ହେଲେ ଆଗକୁ ସ୍ଥିତି ଅଧିକ ସଙ୍ଗିନ ହେବ। ସେହିପରି କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ବିଜେଡି ନେତା ସୁଶାନ୍ତ ସିଂଙ୍କୁ ଟାର୍ଗେଟ କରିଛନ୍ତି। ଜାଲ୍ ସାର୍ଟିଫିକେଟ୍ କାରବାର ପଛରେ ଅଭିଯୁକ୍ତଙ୍କ ସହ ସୁଶାନ୍ତ ସିଂଙ୍କ ଲିଙ୍କ୍ ଥିବା ସେ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ଏହି ର୍ୟାକେଟ୍ ଚାଲିଛି ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ଗୃହରେ କଂଗ୍ରେସ ପ୍ରତିବାଦ କରିଥିଲା। ଅନୁରୂପ ଭାବେ ଭାଜପା ପକ୍ଷରୁ ମଧ୍ୟ ବିଧାନସଭା ବାହାରେ ପ୍ରତିବାଦ କରାଯାଇଛି। ଶାସକ ଦଳ ନେତା ସୁଶାନ୍ତ ସିଂଙ୍କ ସହ ଗିରଫ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ଲିଙ୍କ୍ ଥିବା ଦର୍ଶାଇ ଭାଜପା ବିଧାୟକମାନେ ପ୍ରତିବାଦ କରିଥିଲେ। ସେମାନେ ସୁଶାନ୍ତ ସିଂଙ୍କ କେତେକ ଫଟୋ ମଧ୍ୟ ଦେଖାଇଥିଲେ। ଅପରପକ୍ଷେ ବିରୋଧୀଙ୍କ ଏଭଳି ଅଭିଯୋଗର ଜବାବ ଦେଇଛି ବିଜେଡି। ଦଳୀୟ ବିଧାୟକ ଭାଗୀରଥି ସେଠୀ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଦୋଷୀଙ୍କୁ ଦଣ୍ଡବିଧାନ ହେବ। କେତେଜଣ ଗିରଫ ହେଲେଣି। ଦଳର ଏଥିରେ କୌଣସି ଲିଙ୍କ୍ ନାହିଁ। ବିରୋଧୀଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ଯାହା ହେଲା ସେଥିରେ ବିଜେଡି ନେତାଙ୍କୁ ଯୋଡ଼ାଯାଉଛି। ବିଜେଡି ନେତାଙ୍କ ବିରୋଧରେ କହିବା ସେମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି ବିଧାୟକ ସେଠୀ ପ୍ରତିକ୍ରିୟାରେ କହିଛନ୍ତି।

# ୧୨୦୫ ମେଡିକାଲ ଅଫିସର ନିଯୁକ୍ତି ସୁପାରିସ

କଟକ ଅଫିସ/ଭୁବନେଶ୍ୱର,୨୯।୩(ବ୍ୟୁରୋ)

ଓଡ଼ିଶା ଲୋକସେବା ଆୟୋଗ ୧୨୦୫ଜଣ ମେଡିକାଲ ଅଫିସର (ଆସିଷ୍ଟାଣ୍ଟ ସର୍ଜନ)ଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସୁପାରିସ କରିଛନ୍ତି। ଏଥିରେ ୪୨୯ଜଣ ମହିଳା ସାମିଲ ଅଛନ୍ତି। ଲୋକସେବା ଆୟୋଗଙ୍କ ଦ୍ୱାରା ମୋଟ ୩୪୮୧ଟି ମେଡିକାଲ ଅଫିସର (ଆସିଷ୍ଟାଣ୍ଟ ସର୍ଜନ)ପଦବୀ ଗ୍ରୁପ-ଏ ଜୁନିୟର ବର୍ଗରେ ପୂରଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ସେଥିମଧ୍ୟରୁ ୧୧୬୦ଟି ପଦବୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ଆୟୋଗଙ୍କ ଦ୍ୱାରା ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା ଓ ୨୫୮୨ଜଣ ପ୍ରାର୍ଥୀ ଏହି ପଦବୀ ନିମନ୍ତେ ଅନ୍‌ଲାଇନରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ମଧ୍ୟରେ ୯୪୫ ମହିଳା ଥିଲେ। ଗତ ଫେବୃୟାରୀ ୨୦ରେ ଏନେଇ ଲିଖିତ ପରୀକ୍ଷା ଆୟୋଗଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ୮୪୩ ମହିଳାଙ୍କ ସମେତ ମୋଟ ୨୨୮୧ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ୧୪୮୯ ଜଣଙ୍କୁ ଡକ୍ୟୁମେଣ୍ଟ ଯାଞ୍ଚ ପାଇଁ ମାର୍ଚ୍ଚ ୧୬ରୁ ୨୩ତାରିଖ ମଧ୍ୟରେ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଇଥିଲା। ୫୩୨ ମହିଳାଙ୍କ ସମେତ ଡକ୍ୟୁମେଣ୍ଟ ଯାଞ୍ଚରେ ମୋଟ ୧୪୩୬ ଜଣ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪୨୯ ମହିଳାଙ୍କ ସମେତ ୧୨୦୫ ଜଣଙ୍କୁ ଏହି ମେଡିକାଲ ଅଫିସର ପଦବୀ ନିମନ୍ତେ ଯୋଗ୍ୟ ବିବେଚିତ କରି ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଛି। ଏହି ୧୨୦୫ ଜଣଙ୍କ ମଧ୍ୟରେ ୪୨୯ ମହିଳା, ୩ ଦିବ୍ୟାଙ୍ଗ, ୭୪ ସାମାଜିକ ଓ ଅର୍ଥନୈତିକ ଶ୍ରେଣୀର ପଛୁଆ ବର୍ଗ, ୬୭ ଅନୁସୂଚିତ ଜାତି ଏବଂ ୭୪ ଜଣ ଅନୁସୂଚିତ ଜନଜାତିବର୍ଗର ପ୍ରାର୍ଥୀ ରହିଛନ୍ତି।

# କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟାମଣ୍ଡଳୀ ପୁନର୍ଗଠିତ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

କେନ୍ଦ୍ର ସାହିତ୍ୟ ଏକାଡେମୀର ଉଚ୍ଚକ୍ଷମତା ସମ୍ପନ୍ନ ଅର୍ଥ କମିଟିକୁ ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ଗୌରହରି ଦାସ ମନୋନୀତ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନରେ ବୁଧବାର ଅନୁଷ୍ଠିତ ନବଗଠିତ କାର୍ଯ୍ୟନିର୍ବାହୀ ସମିତିର ପ୍ରଥମ ବୈଠକରେ ଦାସ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବା ଏକାଡେମୀର ସଚିବ କେ. ଶ୍ରୀନିବାସ ରାଓ ସୂଚନା ଦେଇଛନ୍ତି। ଏହି ଅବସରରେ ୨୦୨୩-୨୭ ପର୍ଯ୍ୟନ୍ତ ପାଞ୍ଚବର୍ଷ ପାଇଁ ବିଭିନ୍ନ ଭାଷାର ଉପଦେଷ୍ଟାମଣ୍ଡଳୀ ପୁନର୍ଗଠିତ ହୋଇଛି। ଉପଦେଷ୍ଟାମଣ୍ଡଳୀକୁ ସାଧାରଣ ପରିଷଦର ସଦସ୍ୟ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ପ୍ରଫେସର ବିଜୟ କୁମାର ଶତପଥୀ ଏବଂ କାର୍ଯ୍ୟନିର୍ବାହୀ ସମିତି ସଭ୍ୟ ଗୌରହରି ଦାସଙ୍କ ବ୍ୟତୀତ ଆଉ ୭ଜଣ ଲେଖିକା ଲେଖକ ମନୋନୀତ ହୋଇଛନ୍ତି। ପ୍ରୀତିଧାରା ସାମଲ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ମନୋଜ କୁମାର ପଣ୍ଡା, ମହେନ୍ଦ୍ର ପ୍ରସାଦ, ଅରୁଣ କୁମାର ସାହୁ, ପବିତ୍ର ମୋହନ କର ଏବଂ ଯୁବ କଥାକାର ଚିତ୍ତରଞ୍ଜନ ଚିରଞ୍ଜିତ ପ୍ରମୁଖ ଉପଦେଷ୍ଟା କମିଟିର ସଦସ୍ୟ ଭାବେ କାର୍ଯ୍ୟ କରିବେ। ବୈଠକରେ ଏକାଡେମୀର ସଭାପତି ମାଧବ କୌଶିକ ଅଧ୍ୟକ୍ଷତା କରିଥିବାବେଳେ ଉପାଧ୍ୟକ୍ଷା ପ୍ରଫେସର କୁମୁଦ ଶର୍ମା ଏବଂ ସମସ୍ତ ଭାଷାର ଆବାହକମାନେ ଯୋଗଦେଇଥିଲେ। ସଚିବ ଡ. ଶ୍ରୀନିବାସ ରାଓ ବିବରଣୀ ପାଠ କରିବା ସହ ନୂତନ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରିଥିଲେ।

# କୋଟିଆବାସୀଙ୍କ ସହ ଓଡ଼ିଶା ଦିବସ ପାଳିବେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାରଠାରୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତକାଳରେ ସେ ଭୁବନେଶ୍ୱର, କଟକ ଏବଂ କୋରାପୁଟ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। କୋଟିଆରେ ଆୟୋଜିତ 'ଓଡ଼ିଶା ଦିବସ' ସମାରୋହରେ ସାମିଲ ହେବେ।

ଧର୍ମେନ୍ଦ୍ର ଗୁରୁବାର କଟକ ଷ୍ଟେଶନରେ ଭଦ୍ରକ-ନୟାଗଡ଼ ମେମୁ ଟ୍ରେନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାର କିମ୍ବଦନ୍ତୀଙ୍କ ଡାକ ଟିକଟ୍' ଉନ୍ମୋଚନ ସମାରୋହରେ ସାମିଲ ହେବେ। ୩୧ ତାରିଖରେ ସାମାଜିକ ସଙ୍ଗଠନ 'ଆମେ ଓଡ଼ିଆ' ପକ୍ଷରୁ ଆୟୋଜିତ 'ଓଡ଼ିଶା @୧୦୦ ବଡ଼ ଭାବିବା, ବଡ଼ ସ୍ୱପ୍ନ ଦେଖିବା'କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ କୋରାପୁଟ ଜିଲା ଦାମନଯୋଡ଼ି ଗସ୍ତ କରିବେ। ସେଠାରୁ କୋଟିଆରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କୁ ଭେଟିବେ। କୋଟିଆ ଗ୍ରାମ ସମିତିଦ୍ୱାରା ଆୟୋଜିତ 'ଓଡ଼ିଶା ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ। ପରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି।

ପ୍ରଥମ ପୃଷ୍ଠାରୁ...

## ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ...

ଏହି ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି ପାଇଁ ଅଧିକ ସମୟ ଦେବାକୁ ଅଦାଲତଙ୍କୁ ନିବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ, ବର୍ତ୍ତମାନ ପୂର୍ତ୍ତ ବିଭାଗ ସଚିବ ପରିଚାଳନା ବ୍ୟାପାର ବୁଝୁଛନ୍ତି। ଖଣ୍ଡପୀଠ କହିଥିଲେ, ସରକାର ପୂର୍ତ୍ତ ସଚିବଙ୍କୁ ଜଣେ ପରାମର୍ଶଦାତା ଭାବେ ରଖିପାରିବେ କିମ୍ବା ତାଙ୍କୁ ପୂର୍ଣ୍ଣକାଳୀନ ପ୍ରଶାସକ ଭାବେ ନିଯୁକ୍ତ କରିବେ। ଶ୍ରୀମନ୍ଦିର କମିଟି ଷ୍ଟାଫ୍ ଓ ସେବାୟତମାନଙ୍କ ପାଇଁ ଆଇ-କାର୍ଡ (ପରିଚୟପତ୍ର) ଜାରି କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଭକ୍ତଙ୍କ ପାଇଁ ଏକ ଆଶ୍ରୟ ଗୃହ ନିର୍ମାଣ କରିବାକୁ ମଧ୍ୟ ଦୁଇଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି।

## ୫୦ଲକ୍ଷର ମୁଣ୍ଡଜାମିନ...

ଫୋନ୍ କଲ୍ ପାଇବା ପରେ ପରିବାର ସଦସ୍ୟ ତୁରନ୍ତ ଝାରସୁଗୁଡ଼ା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ ଗୋଟି ଟିମ୍ କରି ପ୍ରଥମେ ପଡ଼ୋଶୀ ଜିଲାରେ ତଦନ୍ତ କରିଥିଲା। ଅଭିଯୁକ୍ତମାନେ ପୋଲିସର ଗତିବିଧି ଉପରେ ନଜର ରଖି ସମର୍ଥଙ୍କୁ ହତ୍ୟାକରି ବରଗଡ଼ ଜିଲାର ଭେଡେନ ଥାନା ଅଞ୍ଚଳରେ ପୋଡ଼ିଦେଇଥିଲେ। ତେବେ ପୋଲିସ କୌଣସି ସୂତ୍ରରୁ ଜାଣିପାରି ଅଭିଯୁକ୍ତ ଦ୍ୱୟଙ୍କୁ ଧରିବାରେ ସଫଳ ହୋଇଥିଲା। ତେବେ ହତ୍ୟାର କାରଣ ଟଙ୍କା ନା ପାରିବାରିକ ଶତ୍ରୁତା ତାହା ପୋଲିସ ପକ୍ଷରୁ ସ୍ପଷ୍ଟ ହୋଇନାହିଁ। ଏମାନଙ୍କ ସହିତ ଆଉ କେହି ସମ୍ପୃକ୍ତ ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ତେବେ ତଦନ୍ତ ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ଏସ୍‌ପି ଦାସ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ଦୋଷ ସ୍ୱୀକାର କରିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ରମାଦେବୀ ଛାତ୍ରୀଙ୍କ ...

ଥାନା ପୋଲିସ ତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ତେବେ ପ୍ରଜ୍ଞାଙ୍କ ମୃତଦେହ ପାଖରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ଏ ସଂକ୍ରାନ୍ତରେ ଥାନାଧିକାରୀ ମନୋଜ ଶତପଥୀ କହିଛନ୍ତି, ପାଠପଢ଼ା ଚାପ ସହ ପାଠ ମନେ ରହୁ ନ ଥିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ଉକ୍ତ ସୁଇସାଇଡ୍ ନୋଟରେ ଉଲ୍ଲେଖ ରହିଛି। ଛାତ୍ରୀଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବାବେଳେ ଗୁରୁବାର ବ୍ୟବଚ୍ଛେଦ କରାଯିବ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୨୦୨୩) ରୁଜୁ କରାଯାଇ ତଦନ୍ତ ଚାଲିଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ପ୍ରଜ୍ଞା ୨ ନଂ. ହଷ୍ଟେଲରେ ରହୁଥିଲେ। ମାର୍ଚ୍ଚ ୧ରୁ ଯୁକ୍ତ-୨ ଶେଷ ବର୍ଷର ପରୀକ୍ଷା ଚାଲୁଥିବାରୁ ସେ ନିୟମିତ ପାଠ ପଢ଼ିବା ସହ ପରୀକ୍ଷା ଦେଉଥିଲେ। ବୁଧବାର ତାଙ୍କର କୌଣସି ବିଷୟରେ ପରୀକ୍ଷା ନ ଥିବାରୁ ସେ ହଷ୍ଟେଲରେ ଥିଲେ। ତେବେ ପ୍ରଜ୍ଞା ଆତ୍ମହତ୍ୟା କରିଥିବା ଅପରାହ୍ନ ପ୍ରାୟ ୨ଟା ୨୦ ମିନିଟ୍ ବେଳେ ସହପାଠିନୀମାନେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ହଷ୍ଟେଲ କର୍ତ୍ତୃପକ୍ଷ ଓ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଏଥିସହ ଭୁବନେଶ୍ୱରରେ ରହୁଥିବା ପ୍ରଜ୍ଞାଙ୍କ ଦାଦାଙ୍କୁ ଅବଗତ କରାଯାଇଥିଲା। ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ହେଲେ ସେଠାରେ ପ୍ରଜ୍ଞାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରଜ୍ଞା ବିଭିନ୍ନ ବିଷୟରେ ପୂର୍ବରୁ ପରୀକ୍ଷା ଦେଇଥିବାବେଳେ ୨ଟି ବିଷୟରେ ତାଙ୍କର ଖରାପ ହୋଇଥିଲା। ସେଥିପାଇଁ ସେ ଚିନ୍ତାରେ ରହୁଥିଲେ ବୋଲି ଶୁଣିବାକୁ ମିଳୁଛି।

## ଝାରସୁଗୁଡ଼ା ଉପନିର୍ବାଚନ...

ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିପାରିବେ। ୨୧ରେ ପ୍ରାର୍ଥପତ୍ର ଯାଞ୍ଚ ହେବ। ୨୪ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର କରିବାର ଶେଷ ସମୟ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୂଚନା ଦେଇଛନ୍ତି। ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ନିର୍ବାଚନ ତାରିଖ ଘୋଷଣା ହେବା ସହ ସମଗ୍ର ଜିଲାରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଗତ ଜାନୁୟାରୀ ୨୯ତାରିଖରେ ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ବ୍ରଜରାଜନଗର ଗାନ୍ଧୀଛକଠାରେ ଗୁଳିକରି ହତ୍ୟା କରିବା ପରେ ଉକ୍ତ ନିର୍ବାଚନମଣ୍ଡଳୀ ଆସନ ଖାଲି ରହିଛି। ଉପନିର୍ବାଚନ ତାରିଖ ଘୋଷଣା ପରେ ଝାରସୁଗୁଡ଼ାରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବେଶ୍ ତତ୍ପରତା ଦେଖିବାକୁ ମିଳିଲାଣି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଉପନିର୍ବାଚନ ପାଇଁ ତାରିଖ ଘୋଷଣା ସହ ସମଗ୍ର ଜିଲାରେ ଆଦର୍ଶ ଆଚରଣ ବିଧି ସମସ୍ତ ପ୍ରାର୍ଥୀ, ରାଜନୈତିକ ଦଳ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍ଥା ଓ ଉଦ୍ୟୋଗ ପାଇଁ ବଳବତ୍ତର ରହିବ। ନିର୍ବାଚନମଣ୍ଡଳୀରେ ମୋଟ ୨୫୩ ମତଦାନ କେନ୍ଦ୍ର ଚିହ୍ନଟ ହୋଇଥିବାବେଳେ ୧,୧୦,୩୨୦ଜଣ ପୁରୁଷ ଓ ୧,୧୦, ୬୮୭ଜଣ ମହିଳା ଭୋଟର ଏବଂ ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଏହି ଭୋଟରଙ୍କ ମଧ୍ୟରେ ୨,୫୨୬ ଜଣ ଭିନ୍ନକ୍ଷମ ଓ ୪,୦୭୪ ଜଣଙ୍କ ବୟସ ୮୦ରୁ ଅଧିକ। ଉପନିର୍ବାଚନ ପାଇଁ ଆବଶ୍ୟକ ପରିମାଣର ଇଭିଏମ୍ ମେଶିନ ଓ ଭିଭିପାଟ୍ ଅଣାଯାଇଛି। ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଚେକିଂ କାର୍ଯ୍ୟ ଶେଷ ହୋଇସାରିଛି। ସମସ୍ତ ମତଦାନ କେନ୍ଦ୍ରରେ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ସଂଯୋଗ, ଭିନ୍ନକ୍ଷମଙ୍କ ଯିବା ପାଇଁ ର୍ୟାମ୍ପ ଆଦିର ବ୍ୟବସ୍ଥା ହେବ। ଉପନିର୍ବାଚନ ପ୍ରକ୍ରିୟାରେ କୋଭିଡ୍ କଟକଣା ରହିବ ନାହିଁ କିନ୍ତୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପରାମର୍ଶକୁ ପାଳନ କରାଯିବ। କୋଭିଡ୍ ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲା ପ୍ରଶାସନକୁ କୁହାଯାଇଥିବା ନିକୁଞ୍ଜ କହିଛନ୍ତି।

## ୨ ଟଙ୍କା ବଢ଼ିଲା...

୨୬ ଟଙ୍କା ଏବଂ ଚାଏ ସ୍ପେଶାଲ ୫୦୦ ଏମ୍‌ଏଲ ୨୩ରୁ ୨୫ ଟଙ୍କାକୁ ବୃଦ୍ଧି କରାଯାଇଛି। ଗୋଖାଦ୍ୟ, ଔଷଧ, ଜାଳେଣି ଇତ୍ୟାଦି ଦର ବୃଦ୍ଧି ହୋଇଥିବାରୁ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କ୍ଷୀର ଦର ବୃଦ୍ଧି କରାଯାଇଥିବା ଓମ୍‌ଫେଡ ପକ୍ଷରୁ କୁହାଯାଇଛି। ଓମ୍‌ଫେଡ କ୍ଷୀର ବିକ୍ରିରୁ ୯୦ ପ୍ରତିଶତ କ୍ଷୀର ସଂଗ୍ରହରେ ବ୍ୟୟ କରାଯାଉଛି। ଚାଷୀଙ୍କୁ ସର୍ବାଧିକ ମୂଲ୍ୟ ଦେବାକୁ ଓମ୍‌ଫେଡ ସର୍ବଦା ଚେଷ୍ଟା କରି ଆସିଥିବା ବିଜ୍ଞପ୍ତିରେ କୁହାଯାଇଛି।

## କର୍ଣ୍ଣାଟକ ବିଧାନସଭା...

ରାଜ୍ୟରେ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ଓ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଧ୍ୟରେ କଡ଼ା ମୁକାବିଲା ଚାଲିଥିବାବେଳେ ସିଇସିଙ୍କ ଘୋଷଣା ପରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଛି। କାରଣ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହାର ପରିଣାମ ବିଶେଷ ଗୁରୁତ୍ୱ ବହନ କରିବ ବୋଲି ମନେକରାଯାଉଛି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ଭାଜପା କ୍ଷମତା ବଜାୟ ରଖିବା ନେଇ ଆଶାବାଦୀ ଥିବାବେଳେ ବିରୋଧୀ ତାଙ୍କ ବିରୋଧରେ ଦୁର୍ନୀତି ଓ ସାମ୍ପ୍ରଦାୟିକ ଧ୍ରୁବୀକରଣ ଅଭିଯୋଗ ଆଣି ଶାସନଗାଦିରୁ ହଟାଇବାକୁ ଅଣ୍ଟା ଭିଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ତଥା ଜାତୀୟ ସ୍ତରରେ ତାଙ୍କ ଦଳର ନୀତିଗୁଡ଼ିକ ପାଇଁ ମଧ୍ୟ ଏହି ନିର୍ବାଚନ ଅଗ୍ନିପରୀକ୍ଷା ସଦୃଶ ହେବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ତେବେ ୫.୨୪ କୋଟି ଭୋଟର କେଉଁ ଦଳ ମୁଣ୍ଡରେ ସୁନାକଳସ ଢାଳୁଛନ୍ତି ତାହା ମେ' ୧୩ରେ ସ୍ପଷ୍ଟ ହେବ।

## ବଣିକ୍ କୋଚିଂ ସେଣ୍ଟରରେ ...

ଏନେଇ ଭୁବନେଶ୍ୱର ଜୋନାଲ୍ ୟୁନିଟ୍ ଅତିରିକ୍ତ ଡାଇରେକ୍ଟର ଜେନେରାଲ୍ (ଏଡିଜି) ଦେବାଶିଷ ସାହୁ ଗଣମାଧ୍ୟମକୁ କହିଛନ୍ତି, ପ୍ରାରମ୍ଭିକ ଅନୁସନ୍ଧାନରୁ ଟିକସ ହେରଫେର ହୋଇଥିବା ପ୍ରମାଣ ମିଳିବା ପରେ ଏନେଇ ମାମଲା ହୋଇଛି। ସଂସ୍ଥାରୁ ଜବତ ହୋଇଥିବା ୫ବର୍ଷର କାଗଜପତ୍ରକୁ ଯାଞ୍ଚ କରାଯିବା ପରେ ଜିଏସ୍‌ଟି ଫାଙ୍କି ଘଟଣାରେ ପ୍ରକୃତ ହିସାବ ଜଣାପଡ଼ିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବଣିକ୍ ପକ୍ଷରୁ ବ୍ୟାଙ୍କିଙ୍ଗ୍, ରେଲ୍‌ୱେ, ବିଇଡି ଓ ଏସ୍‌ଏସ୍‌ସି ଆଦି କୋଚିଂ ଦିଆଯାଇଥାଏ। ରାଜ୍ୟର ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ରାଉରକେଲା ଓ ପଶ୍ଚିମବଙ୍ଗର କୋଲ୍‌କାତାରେ ଏହି କୋଚିଂ ସେଣ୍ଟରର ଶାଖା ରହିଛି। ଜିଏସ୍‌ଟି ଫାଙ୍କିବା ଅଭିଯୋଗରେ ମଙ୍ଗଳବାର ଏଜେନ୍ସି ପକ୍ଷରୁ ସଂସ୍ଥାର ୨ଟି ଶାଖାରେ ଚଢ଼ାଉ ହୋଇଥିଲା।

## ବଣିକ୍ କୋଚିଂର ମାଲିକ ବିଜେଡି...

ରାଜ୍ୟରେ ସମସ୍ତ ନିଯୁକ୍ତି ଜାଲିଆତିରେ ବିଜେଡି ନେତାମାନଙ୍କ ସମ୍ପୃକ୍ତି ରହିଛି। ଛାଟୋଇ ହେଉଛନ୍ତି ବିଜେଡି ଆଇଟି ସେଲ୍ ସଦସ୍ୟ। ତାଙ୍କ ପଛରେ ବିଜେଡିର ବଡ଼ ବଡ଼ ଲୋକ ରହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ନିଯୁକ୍ତି ଯାହା ଓପିଏସ୍‌ସି ଏବଂ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ ଦ୍ୱାରା ହେଉଛି ଅବା ଅନ୍ୟାନ୍ୟ ସରକାରୀ ଚାକିରି ଯାହା ବାହାରୁଛି ସେଥିରେ ଶତପ୍ରତିଶତ ନିଯୁକ୍ତି ମିଳିବ ବୋଲି ପିଲାମାନଙ୍କୁ ପ୍ରତିଶ୍ରୁତି ଦିଆଯାଇ ବଣିକ୍ କୋଚିଂ ସେଣ୍ଟରରେ ଆଡ୍‌ମିଶନ କରାଯାଉଛି। ଏସବୁ ପ୍ରସଙ୍ଗକୁ ତାଙ୍କ ଦଳ ପକ୍ଷରୁ ବିଧାନସଭାରେ ଉତ୍ଥାପନ କରାଯିବ ବୋଲି ସାଲୁଜା କହିଛନ୍ତି।

କଂଗ୍ରେସ ନେତା ସୌମ୍ୟକାନ୍ତ ଖୁଣ୍ଟିଆ କହିଛନ୍ତି, ସୁବ୍ରତ ଛାଟୋଇ ବହୁ କୋଟିର କଳା ଟଙ୍କା ଉପାର୍ଜନ କରୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ କାକଟପୁର ବ୍ଲକରେ ନିଜ ଭାଉଜଙ୍କୁ ପ୍ରାର୍ଥୀ କରିବାବେଳେ ସେ ଯେଉଁ ହାରରେ ଟଙ୍କା ଖର୍ଚ୍ଚ କରିଥିଲେ ସେଥିରୁ ଏସବୁ ଜଳଜଳ ହୋଇ ଜଣାପଡୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ଆଡ଼େ ଯାଉଛନ୍ତି, ସେ ତାଙ୍କ ପଛେ ପଛେ ଯାଉଛନ୍ତି। ଯେଉଁମାନେ ସରକାର ଚଳାଉଛନ୍ତି, ସେମାନଙ୍କ ସହ ସମ୍ପର୍କ ରଖି ସେ ଏଭଳି ବିପୁଳ କଳାଟଙ୍କା ଉପାର୍ଜନ କରିଛନ୍ତି। ଠୋସ୍ ପ୍ରମାଣ ଅଛି ବୋଲି ସୌମ୍ୟକାନ୍ତ କହିଛନ୍ତି।

ଭାଜପା ନେତା ତଥା ବିଧାୟକ ନାଉରି ନାଏକ କହିଛନ୍ତି, ଏହି ସଂସ୍ଥାର ଯିଏ ମାଲିକ, ସିଏ ମଧ୍ୟ ବିଜେଡି ଲିଙ୍କ୍‌ରେ ରହିଛନ୍ତି। ଯଦି ସରକାରୀ ଶକ୍ତି ତାଙ୍କ ସହ ନ ରହିବ ସେମାନେ ଏଭଳି କାମ କରିପାରିବେ ନାହିଁ। ସେମାନେ ଏଭଳି ଠକାମି କରିବା ପାଇଁ ସାହସ କେଉଁଠାରୁ ଜୁଟାଉଛନ୍ତି ତାହା ମଧ୍ୟ ଦେଖିବା ଦରକାର। ତେବେ ବିଜେଡି ବିଧାୟକ ଭାଗୀରଥି ସେଠୀ କହିଛନ୍ତି, ନିର୍ବାଚନ ପାଖେଇଲେ ଏଭଳି ତଦନ୍ତ ଚାଲିଥାଏ। ଏହି ଘଟଣା ସମ୍ପର୍କରେ ଜାଣି ନାହିଁ, ଯିଏ ଦୋଷ କରିବ ସିଏ ଦଣ୍ଡ ପାଇବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ବିଜେଡି ନେତାମାନଙ୍କ ସହ ସୁବ୍ରତ ଛାଟୋଇଙ୍କ ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସାଧାରଣ କଥାରେ ମତାନ୍ତରଜନିତ ପାରିବାରିକ କ୍ଷେତ୍ରରେ ଟେନ୍ସନ ସୃଷ୍ଟି ହୋଇପାରେ। ଜମିଜମା କାରବାର କିମ୍ବା ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ନିର୍ମାଣ କାମ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ**
ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ କମି କମି ଆସିବାରୁ ଆଶ୍ୱସ୍ତିଲାଭ କରିବେ। ଆନୁଷ୍ଠାନିକ, ସଂଗଠନ, ରାଜନୀତି କ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିପାରନ୍ତି। ଶିକ୍ଷା, ସନ୍ତାନ, ପରୀକ୍ଷା, ସଭାସମିତି ପାଇଁ ମଧ୍ୟ ଦିନଟି ମନ୍ଦ ହେବନି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**
ଅନୁକୂଳ ଗ୍ରହସ୍ଥିତିରୁ ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, କଦାପି ନିଷ୍ଫଳ ହେବନାହିଁ। ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ଘରୋଇ ଆଲୋଚନା ଫଳପ୍ରଦ ହେବ। କଳା,ସାହିତ୍ୟ ଓ କ୍ରୀଡ଼ା ମନୋରଞ୍ଜନ ପ୍ରୀତିପ୍ରଦ ହେବାର ଆଶା କରାଯାଇପାରେ। ନିର୍ମାଣାଧୀନ କାମ ଓ ଆନୁଷ୍ଠାନିକ କ୍ଷେତ୍ରରେ ଅଗ୍ରଗତି ଘଟିବ।

**କର୍କଟ**
ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ କାର୍ଯ୍ୟସିଦ୍ଧି କାରଣରୁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସନ୍ତାନଙ୍କ ବୈବାହିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଯୋଗାଯୋଗ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କୌଣସି ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତଭେଦର ସମ୍ଭାବନା ରହିଛି। ସହକର୍ମୀଙ୍କ ସୌଜନ୍ୟତାରୁ କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି।

**କନ୍ୟା**
ସ୍ଥଗିତ ରହିଥିବା କାମଟିକୁ ପୁନଃ ଆରମ୍ଭ କଲେ ସଫଳତା ପାଇବେ। ପାରିବାରିକ ସ୍ଥିତି ଗମ୍ଭୀର ରହିବ ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରେ ଆଲୋଚନା କାଳରେ ଭାବପ୍ରବଣବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ବନ୍ଧୁଙ୍କୁ ପ୍ରିୟକଥା କହି ଘରୋଇ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ତୁଳା**
ଆଜି ଯେକୌଣସି ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ ଓ ପ୍ରଶଂସାଲାଭ କରିବେ। ବୁଦ୍ଧିବଳ ଖଟାଇ କାମ ହାସଲ କରିବା ଦିଗରେ ଚେଷ୍ଟିତ ହୋଇପାରନ୍ତି। ବନ୍ଧୁମାନଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବାର ସୂଚନା ରହିଛି।

**ବିଛା**
ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ ଲାଭ ବଦଳରେ କ୍ଷତିରେ ପଡିବେ। ସବୁ ସମୟରେ ଅଯଥା ଗୁଡ଼ିଏ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ବନ୍ଧୁମାନଙ୍କ ନିମନ୍ତ୍ରଣ ରକ୍ଷାକରି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତାକୁ ନେଇ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ଧନୁ**
ବନ୍ଧୁଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବା ସାଙ୍ଗକୁ ମନର ବଳ ଖୁବ୍ ଟାଣ ରହିବ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃ ସମ୍ପର୍କରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଆର୍ଥିକ ସମସ୍ୟା ପ୍ରଗତିର ପଥରୋଧ କରିବ।

**ମକର**
ବୁଝାମଣାର ଅଭାବ କାରଣରୁ ପାରିବାରିକ କ୍ଷେତ୍ରରେ କଳହର ସୂଚନା ରହିଛି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ଅଦଳବଦଳ ହୋଇଯାଇପାରେ। ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ମଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ପାରିବାରିକ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଅତି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପେଟ ଗୋଳମାଳଜନିତ ପୀଡ଼ାରେ କଷ୍ଟ ଅନୁଭବ କରିବେ।

**ମୀନ**
ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକମାନଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଆକସ୍ମିକ ଭାବରେ ପରିଜନମାନଙ୍କ ସହ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

ଆଜି ଶ୍ରୀରାମନବମୀ, ମାର୍ଚ୍ଚ ୩୦ ତାରିଖ, ଗୁରୁବାର, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୬ ଗତେ ଘ.୦୭।୨୩ ମଧ୍ୟେ, ଘ.୧୦।୩୮ ଗତେ ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୨ ଗତେ ଘ୦୨।୫୪ ମଧ୍ୟେ ରାହୁକାଳ ।

# ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ପ୍ରତିଶ୍ରୁତି ଦେଲେ ୫-ଟି ସଚିବ

■ ଦୁଇଦିନିଆ ମାଲକାନଗିରି ଜିଲା ଗସ୍ତ କାର୍ଯ୍ୟକ୍ରମ ସରିଲା
■ ୭୦ଟି ବିଭିନ୍ନ ସଙ୍ଗଠନ ସହ ଆଲୋଚନା କଲେ

**ମାଲକାନଗିରି/ଚିତ୍ରକୋଣ୍ଡା/କାଲିମେଳା/ଏମ୍.ଭି.୭୯ (ଡି.ଏନ୍.ଏ.)୨୯।୩**

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଦୁଇଦିନିଆ ମାଲକାନଗିରି ଗସ୍ତ କାର୍ଯ୍ୟକ୍ରମ ବୁଧବାର ସରିଛି। ଦୁଇ ଦିନରେ ୫ଟି ବ୍ଲକ ଯଥା ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା, ମାଲକାନଗିରି, କାଲିମେଳାକୁ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ୫-ଟି ସଚିବ ଜିଲା ପାଠାଗାରରେ ୭୦ଟି ବିଭିନ୍ନ ସଙ୍ଗଠନ ସହ ଆଲୋଚନା କରି ସେମାନଙ୍କ ଦାବିପତ୍ର ଗ୍ରହଣ କରିଛନ୍ତି।

ମଙ୍ଗଳବାର ୫-ଟି ସଚିବ ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା ବ୍ଲକରେ ସମୀକ୍ଷା ସାରିବା ପରେ ଗୁରୁପ୍ରିୟା ସେତୁ ପରିଦର୍ଶନରେ ଯାଇଥିଲେ। ସେଠାରୁ ଆସି ଚିତ୍ରକୋଣ୍ଡା ବ୍ଲକ ବଡ଼ପଡା ଛାତ୍ରୀ ନିବାସରେ ଛାତ୍ରୀମାନଙ୍କ ସହ ରାତ୍ରଭୋଜନ କରିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ତାଙ୍କ ସମେତ କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଆର୍. ଭିନିଲ କ୍ରିଷ୍ଣା, ଉନ୍ନୟନ କମିଶନର ଅନୁ ଗର୍ଗ ରାତିରେ ଚିତ୍ରକୋଣ୍ଡା ବଡପଡା ବିଏସ୍ଏଫ୍ କ୍ୟାମ୍ପରେ ରହିଥିଲେ। ବୁଧବାର ପୂର୍ବାହ୍ନରେ ଚିତ୍ରକୋଣ୍ଡା ମିଶନ ଶକ୍ତି କାଫେଠାରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇ ଖୁସିବ୍ୟକ୍ତ କରିଥିଲେ। ପରେ ୫-ଟି ଅଧୀନରେ ରୂପାନ୍ତରିତ ହୋଇଥିବା ବାଳକ ଉଚ୍ଚ ବିଦ୍ୟାଳୟର ସମସ୍ତ ଶ୍ରେଣୀକକ୍ଷ ବୁଲି ଛାତ୍ରମାନଙ୍କୁ ପାଠ୍ୟକ୍ରମ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଥିଲେ। ସେଠାରୁ ଚିତ୍ରକୋଣ୍ଡା ମାଟିବନ୍ଧ ଡ୍ୟାମକୁ ଯାଇ ଅନୁଧ୍ୟାନ କରିଥିଲେ। ନିର୍ମାଣାଧୀନ ମାଲକାନଗିରି ଏୟାରଷ୍ଟ୍ରିପ ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ପାହାଡ଼ ଉପରେ ଥିବା ମଲ୍ଲିକେଶ୍ୱର ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ଏହାକୁ ପ୍ରାକୃତିକ ପର୍ଯ୍ୟଟନସ୍ଥଳରେ ପରିଣତ କରାଯିବ ବୋଲି ପରିଚାଳନା କମିଟିକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସତୀଗୁଡା ଜଳଭଣ୍ଡାର ନିକଟ ପ୍ରାକୃତିକ ପର୍ଯ୍ୟଟନସ୍ଥଳ ବୁଲିବା ସହ ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ତୁରନ୍ତ ଅର୍ଥ ଯୋଗାଇ ଦେବେ ବୋଲି କହିଥିଲେ। ସିନ୍ଧ୍ରିମାଳ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ସଚିବଙ୍କୁ ସ୍ୱାଗତ କରିବା ସହ ପର୍ଯ୍ୟଟନସ୍ଥଳକୁ ପକ୍କାରାସ୍ତା, ଡ୍ୟାମକୁ ଯିବା ରାସ୍ତା ଆଲୋକୀକରଣ, ଡ୍ୟାମ ପୁନରୁଦ୍ଧାର ପାଇଁ ଦାବିପତ୍ର ଦେଇଥିଲେ। ପରେ ମାନ୍ୟମକୋଣ୍ଡାକୁ ଯାଇ ଏକ କି.ମି. ପାହାଡ଼ ଚଢ଼ି ଗୁମ୍ଫାରେ ଥିବା ଠାକୁରମାନଙ୍କୁ ଦର୍ଶନ କରିଥିଲେ। ଏଠାରେ ୩ ଠାକୁରଙ୍କ ମନ୍ଦିର ନିର୍ମାଣ ସହ ଅଞ୍ଚଳର ଉନ୍ନତୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ସୀମାନ୍ତରେ ଥିବା ମୋଟୁ ମୁର୍ଗୀ ପଏଣ୍ଟଠାରେ ସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ୫-ଟି ସଚିବ ମାଲ୍ୟାର୍ପଣ କରିଥିଲେ। ମୁର୍ଗି ପଏଣ୍ଟର ଉନ୍ନତି ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ମଧ୍ୟ କହିଥିଲେ।

ମଧ୍ୟାହ୍ନରେ କାଲିମେଳା ତହସିଲ ନିକଟ ସାଥୀ କାର୍ଯ୍ୟାଳୟଠାରେ ଲୋକଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। କାଲିମେଳାରେ ବୃହତ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଏବଂ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ ନିଶ୍ଚିତ କରାଯିବ ବୋଲି କହିଥିଲେ ପରେ ରୂପାନ୍ତରିତ କାଲିମେଳା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହିତ କଥା ହୋଇଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ମିଶନ ଶକ୍ତି କାଫେରେ ଦିଆଯାଉଥିବା ଖାଦ୍ୟ ସମ୍ପର୍କରେ ମହିଳାମାନଙ୍କୁ ପଚାରି ବୁଝିଥିଲେ। ସେଠାରୁ ଯାଇ ହାଟପଦା ନିକଟ ତମାଦୋରା ଉଦ୍ୟାନ ବୁଲି ପେଟେରୁସ୍ଥିତ ହରି ନାରାୟଣ ମନ୍ଦିରକୁ ଯାଇ ଭିତ୍ତିଭୂମି ସମ୍ପର୍କରେ ସମୀକ୍ଷା କରିଥିଲେ। ସେଠାରୁ ସଡକ ପଥରେ ମାଲକାନଗିରି ଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଥିବା ସମସ୍ୟାଗୁଡିକ ସମ୍ବନ୍ଧରେ ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ଓ ଡାକ୍ତରମାନଙ୍କୁ ପଚାରିବା ସହ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପରେ ଜିଲା ପାଠାଗାରରେ ୭୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ସଂଗଠନଗୁଡିକ ଦେଇଥିବା ଦାବିପତ୍ରକୁ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଅପରାହ୍ନରେ ସଚିବମାନେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଳ ସିଂ, ଆରକ୍ଷୀ ଅଧୀକ୍ଷକ ନିତେଶ ବାଧ୍ୱାନୀ ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।


୫-ଟି ସଚିବ ଭି.କେ. ପାଣ୍ଡିଆନ ମଙ୍ଗଳବାର ଚିତ୍ରକୋଣ୍ଡା ବ୍ଲକ ବଡ଼ପଡା ଛାତ୍ରୀ ନିବାସରେ ଛାତ୍ରୀମାନଙ୍କ ସହ ରାତ୍ରଭୋଜନ କରୁଛନ୍ତି।

# ବାଲିମେଦରେ ସନ୍ଦିଗ୍ଧ ପାରା


ଉଦ୍ଧାର ହୋଇଥିବା ପାରା।

■ ଗୋଡ଼ରେ ଲାଗିଥିବା ପିତ୍ତଳ ରିଙ୍ଗ୍‌ରେ ଫୋନ୍ ନମ୍ବର
■ ବିଜୟୱାଡ଼ାରୁ ଆସି ଓଡ଼ିଶାରେ

**ପଦ୍ମପୁର,୨୯।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ଗ୍ରାମରୁ ଏକ ସନ୍ଦିଗ୍ଧ ପାରା ଉଦ୍ଧାର ହୋଇଛି। ପାରା ଗୋଡ଼ରେ ଦୁଇଟି ପିତ୍ତଳ ରିଙ୍ଗ୍ ଲାଗିଥିବା ବେଳେ ସେଥିରେ ଏକ ଫୋନ୍ ନମ୍ବର ଲେଖାଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଝଡ଼ବର୍ଷା ବେଳେ ବାଲିମେଦ ଗ୍ରାମର ସୁଶୀଲ ମହାନ୍ତି ଘର ପାଖରେ ଉକ୍ତ ପାରାଟିକୁ ଦେଖିଥିଲେ। ପାରା ଗୋଡ଼ରେ ୨ଟି ପିତ୍ତଳ ରିଙ୍ଗ୍ ସଦୃଶ ବନ୍ଧାଯାଇଥିବାବେଳେ ସେଥିରେ 'ୱାଇ ଯାଦବ' ନାମ ସହ ମୋବାଇଲ ନମ୍ବର ଲେଖା ରହିଛି। ସନ୍ଦିଗ୍ଧ ପାରାକୁ ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ସୁଶୀଲ ପାରାକୁ ଉଦ୍ଧାର କରି ବାସୁଦେବପୁର ବନ ବିଭାଗକୁ ଖବର ଦେଇଥିଲେ। ରାତି ପ୍ରାୟ ୧୧ଟା ବେଳେ ଫରେଷ୍ଟର ପ୍ରଶାନ୍ତ କୁମାର ଦାସ କର୍ମଚାରୀଙ୍କ ସହ ଉକ୍ତ ଗ୍ରାମରେ ପହଞ୍ଚି ସୁଶୀଲଙ୍କଠାରୁ ପାରାକୁ ନେଇ ବାସୁଦେବପୁର ବନ ବିଭାଗ କାର୍ଯ୍ୟାଳୟରେ ରଖିଥିଲେ। ବୁଧବାର ପୂର୍ବାହ୍ନରେ ବନ ବିଭାଗ କର୍ମଚାରୀମାନେ ପାରାକୁ ନାୟକାଣିଡିହୀ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ପାରା ଗୋଡ଼ରେ ଲାଗିଥିବା ରିଙ୍ଗ୍‌ରେ ଲେଖାଥିବା ନମ୍ବରରୁ ତା'ର ଠିକଣା ସମ୍ପର୍କରେ ଜଣାପଡ଼ିଛି। ଏନେଇ ନାୟକାଣିଡିହୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପତି କହିଛନ୍ତି, ଉଦ୍ଧାର ହୋଇଥିବା ପାରା ବିଜୟୱାଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କର। ସେ ପାରାଗୁଡ଼ିକୁ ରଖି ଟ୍ରେନିଂ ଦେଉଥିବା ବେଳେ ଏହି ପାରା ପଶ୍ଚିମବଙ୍ଗରୁ ଝଡ଼ ସମୟରେ ବାଟ ଭୁଲି ଓଡ଼ିଶା ଭିତରକୁ ପଶିଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଅଧିକ ତଦନ୍ତ ଜାରି ରହିଛି। ପ୍ରକାଶଥାଉ କି, କିଛିଦିନ ତଳେ ପାରାଦୀପରେ ଏକ ସନ୍ଦିଗ୍ଧ ପାରା ଠାବ ହୋଇଥିଲା। ମତ୍ସ୍ୟଜୀବୀମାନେ ସମୁଦ୍ରରୁ ଉକ୍ତ ପାରାକୁ ଉଦ୍ଧାର କରିଥିଲେ।






# ପିକଅପ୍ ଭ୍ୟାନ ଧକ୍କାରେ ୨ ଯୁବକ ମୃତ

## ଦୁର୍ଘଟଣା ପରେ ଜଳିଗଲା ବାଇକ୍

**ବାଲେଶ୍ୱର ଅଫିସ, ୨୯।୩**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଫୁଲାଡ଼ି ରାସ୍ତାର କଣ୍ଟାବଣିଆ ଛକରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପିକଅପ୍ ଭ୍ୟାନ୍ ଧକ୍କାରେ ବାଇକ୍‌ରେ ଥିବା ୨ ଯୁବକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରାଯାଇ ପିକଅପ୍ ଭ୍ୟାନକୁ ଥାନାରେ ଅଟକ ରଖାଯାଇଛି। ମୃତ ଦୁଇ ଯୁବକ ହେଲେ ସିଂଲା ଥାନା ସିତାଡ଼ିହା ଗ୍ରାମର ଉମାକାନ୍ତ ଜେନା (୩୦) ଓ ମିଥୁନ ପ୍ରଧାନ (୨୫)।

ଉଭୟେ ଏକ ବାଇକ୍‌ରେ ବାଲେଶ୍ୱର ସହରରୁ କାମ ସାରି ଘରକୁ ଫେରୁଥିଲେ। କଣ୍ଟାବଣିଆ ଛକ ନିକଟରେ ଫୁଲାଡ଼ିରୁ ବାଲେଶ୍ୱର ଆସୁଥିବା ଏକ ପିକଅପ୍ ଭ୍ୟାନ୍ (ନଂ. ଓଡ଼ି୦୧ୱାଇ-୨୨୪୨) ସେମାନଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା। ବାଇକ୍‌ରେ ଥିବା ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ସହଦେବଖୁଣ୍ଟା ପୋଲିସ ପହଞ୍ଚି ଦୁଇଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ନାବରା ସରପଞ୍ଚ ରୁନୁ ସିଂ ଏବଂ କେତେଜଣ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ଶବ ବ୍ୟବଚ୍ଛେଦ କିପରି ହେବ ଏବଂ ଦୁର୍ଘଟଣାଜନିତ କ୍ଷତିପୂରଣ କିପରି ପାଇବେ ସେନେଇ ଉଦ୍ୟମ କରିଛନ୍ତି।


ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ୍ ଓ ଜଳୁଥିବା ବାଇକ୍।






# ବିଦାହେଲେ ଅଭିଯୁକ୍ତ ଡାକ୍ତର

## ଶବ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଲାଞ୍ଚ ଘଟଣା

**କେନ୍ଦୁଝର,୨୯।୩ (ସ୍ୱ.ପ୍ର.)**

ଶବ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ଜଣେ ଡାକ୍ତର ଲାଞ୍ଚ ନେଉଥିବାର ଭିଡିଓ ଭାଇରାଲ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା.କିଶୋର ଚନ୍ଦ୍ର ପୃଷ୍ଟି ସମ୍ପୃକ୍ତ ଅଭିଯୁକ୍ତ ସର୍ଜରି ବିଶେଷଜ୍ଞ ଡା. ଗଣପତି ପ୍ରଧାନଙ୍କୁ ମଙ୍ଗଳବାର କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି। ଡାକ୍ତର ପ୍ରଧାନ କେନ୍ଦୁଝର ଜିଲା ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଏମ୍ଏଫ୍ ଅର୍ଥରେ ନିଯୁକ୍ତି ପାଇଥିଲେ।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ୫ରେ ତେଲକୋଇ ଥାନା କରଦାଙ୍ଗୀ ଗ୍ରାମ ଖଜୁରିଆ ସାହିର କଳାବତୀ ବେହେରା ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ତାଙ୍କର ଶବ ବ୍ୟବଚ୍ଛେଦ ତେଲକୋଇ ମେଡିକାଲରେ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ପାଇଁ ପରିବାର ଲୋକେ ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୌଡ଼ିଥିଲେ। ରିପୋର୍ଟ ଦେବା ପାଇଁ ଡାକ୍ତର ତାଙ୍କୁ ୫ ହଜାର ଟଙ୍କା ମାଗିଥିବା ଅଭିଯୋଗ ହୋଇଥିଲା। ପରେ ଟଙ୍କା ନେବା ସମୟର ଭିଡିଓ ଭାଇରାଲ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଘଟଣାକୁ ନେଇ ଜିଲାପାଳ ଆଶିଷ ଠାକ୍‌ରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସିଡିଏମ୍ଓ ଡା. ପୃଷ୍ଟି ତାଙ୍କୁ କାରଣ ଦର୍ଶାଅ ନୋଟିସ କରି ୩ ଦିନ ମଧ୍ୟରେ ଉତ୍ତର ରଖିବା ପାଇଁ କହିଥିଲେ। ତେବେ ସେ ସନ୍ତୋଷଜନକ ଉତ୍ତର ନ ଦେବାରୁ ଚିଠି ନଂ. ୧୫୦୭/୨୮ମାର୍ଚ୍ଚ୨୦୨୩ରେ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି। ଡାକ୍ତର ପ୍ରଧାନଙ୍କୁ କାର୍ଯ୍ୟରୁ ବିଦା କରିଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ବହିଷ୍କୃତ ଡାକ୍ତର ଡିଏମ୍ଏଫ୍‌ରେ ୩୦ଜୁଲାଇ ୨୦୧୯ରେ ସର୍ଜରି ବିଶେଷଜ୍ଞ ଭାବେ ନିଯୁକ୍ତି ପାଇ ମାସକୁ ୧ ଲକ୍ଷ ୬୫ ହଜାର ଟଙ୍କା ଦରମା ନେଉଥିଲେ। ଅନ୍ୟପକ୍ଷରେ ଉକ୍ତ ଡାକ୍ତରଙ୍କ ବିରୋଧରେ କାହିଁକି ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ଏବଂ ନେଇଥିବା ଅର୍ଥ ଫେରସ୍ତ ହେଉନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

# ସ୍କୁଲରେ ମହୁମାଛି ଆକ୍ରମଣ, ୬ ଆହତ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୯।୩**

ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ମହୁମାଛି ଆକ୍ରମଣରେ ୬ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ଛାତ୍ରୀଛାତ୍ର, ଜଣେ ଶିକ୍ଷୟିତ୍ରୀ ଓ ଚତୁର୍ଥଶ୍ରେଣୀ କର୍ମଚାରୀ ଅଛନ୍ତି। ଶିକ୍ଷୟିତ୍ରୀ ଏବଂ ଜଣେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ବିଦ୍ୟାଳୟ ନିକଟରେ ଏକ ସିମିଳି ଗଛରେ ବହୁ ସଂଖ୍ୟାରେ ମହୁମାଛି ବସା ରହିଛି। ପୂର୍ବାହ୍ନରେ ସ୍କୁଲ ଖୋଲିବା ସମୟରେ ହଠାତ୍ ମହୁମାଛି ବସାରୁ ବାହାରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୪ ଜଣ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ନନ୍ଦିନୀ ପ୍ରଭା ମହାପାତ୍ର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ରାମସିଂ ପାତ୍ର ଆହତ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୂର୍ଣ୍ଣିମା ସୂଚନା ଦେଇଛନ୍ତି।










# ଶ୍ରୀରାମଙ୍କ ଅପେକ୍ଷାରେ



ଦେବଦତ୍ତ ପଟ୍ଟନାୟକ

ଜମ୍ମୁରେ ଅଛି ମା' ବୈଷ୍ଣୋଦେବୀଙ୍କ ପୀଠ। ମା'ଙ୍କ ନିକଟରେ ଥିବା ତିନୋଟି ଶିଳା ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀ ଭାବେ ଦେବୀଙ୍କ ତିନି ସ୍ୱରୂପକୁ ପ୍ରତିପାଦିତ କରେ। ପୀଠରେ ଭକ୍ତମାନଙ୍କ 'ଜୟ ମାତା ଦି' ଧ୍ୱନିରେ ଗଗନ ପବନ ମୁଖରିତ ହୋଇପଡେ। ପଞ୍ଜାବୀମାନେ 'ଜୟ ମାତା କି' ବୋଲି କହିଥାନ୍ତି। ବୈଷ୍ଣୋଦେବୀ ଏବେ ଏକ ଜଣାଶୁଣା ତୀର୍ଥସ୍ଥଳ। ମା' ବାସ୍ତବରେ ପଞ୍ଜାବ ଓ ଜମ୍ମୁ ଅଞ୍ଚଳର ଅନେକ ପର୍ବତ ଦେବୀଙ୍କ ମଧ୍ୟରୁ ଜଣେ। କେତେକେ ତାଙ୍କୁ ଭାରତୀୟ ଲୋକକଥାରେ ଥିବା ସାତଭଉଣୀ କିମ୍ବା ସାତ କୁମାରୀଙ୍କର ଏକ ଅଂଶ ଭାବେ ସୂଚିତ କରିଥାନ୍ତି। କୁହାଯାଏ, ଏହି ରହସ୍ୟମୟ ମହିଳାମାନେ ପୁରୁଷଙ୍କଠାରୁ ଦୂରେଇ ରହି ଜଙ୍ଗଲରେ ବିଚରଣ କରିଥାନ୍ତି। ସେମାନଙ୍କୁ ଭୟ ଦେଖାଇଲେ ବିପଜ୍ଜନକ ହୋଇଥାନ୍ତି ଏବଂ ସନ୍ତୁଷ୍ଟ କଲେ କୃପାବୃଷ୍ଟି କରନ୍ତି। ଏହି ୭ କୁମାରୀଙ୍କ ଛବି ସିନ୍ଧୁ ସଭ୍ୟତାର ସହରଗୁଡ଼ିକରେ ବି ଦେଖିବାକୁ ମିଳିଛି। ତେବେ ଉକ୍ତ ୭ ଭଉଣୀ କିଏ? ଏମାନେ କ'ଣ ଦେବତାଙ୍କ ନାରୀ ସ୍ୱରୂପ ବହନ କରୁଥିବା ମାତୃକାଗଣ, ଯଥା ଶିବରୁ ଶିବାନୀ, ବିଷ୍ଣୁରୁ ବୈଷ୍ଣବୀ, ବିନାୟକରୁ ବିନାୟକୀ, କୁମାରରୁ କୁମାରୀ, ଇନ୍ଦ୍ରରୁ ଇନ୍ଦ୍ରାଣୀ, ବରାହରୁ ବରାହୀ ଏବଂ ନରସୀମାରୁ ନରସୀମୀ। ଏମାନେ କ'ଣ ସାତ ଭଉଣୀ କୃତ୍ତିକାଙ୍କ ନକ୍ଷତ୍ରମଣ୍ଡଳୀ ଯାହାଙ୍କୁ ଶିବଙ୍କ ଯୋଦ୍ଧାପୁତ୍ର କାର୍ତ୍ତିକେୟଙ୍କ ମା'ଭାବେ ବିବେଚନା କରାଯାଏ? ସେମାନେ କ'ଣ ସପ୍ତର୍ଷିଙ୍କ ସ୍ତ୍ରୀ ? ସେମାନେ କ'ଣ ଜଙ୍ଗଲ ଓ ନଦୀଗୁଡ଼ିକର ପୁରାତନ ଦେବୀ ଥିଲେ କି? ସେମାନେ କ'ଣ ମହାରାଷ୍ଟ୍ରରେ ସେହି 'ସତୀ ଅସାର' ବା ଶପ୍ତ ଶିଳା, ଯାହାଙ୍କୁ ଗର୍ଭଧାରଣରେ ସମସ୍ୟା ଥିବା , ଗର୍ଭପାତ ଭୟ ଥିବା ମହିଳାମାନେ ଓ ଭୂତାଣୁ ଜ୍ୱର ସହ ଚର୍ମ ସମସ୍ୟା ଭୋଗୁଥିବା ପିଲାଙ୍କ ମା'ମାନେ ପୂଜା କରିଥାନ୍ତି? ବାସ୍ତବରେ ଏହା ଉପରେ ଆମେ ନିଶ୍ଚିତ ହୋଇପାରିବା ନାହିଁ। କାରଣ ଏ ସମ୍ପର୍କିତ ଲୋକକଥା ରୂଢ଼ୀବାଦୀ ପରମ୍ପରାରୁ ଦୂରେଇଯିବାକୁ ଚାହିଁଛି କିମ୍ବା ତାହାକୁ ଦୂରେଇ ଦିଆଯାଇଛି।

ବୈଷ୍ଣୋଦେବୀଙ୍କର ଏକ ନିଆର ବିଶେଷତ୍ୱ ରହିଛି। ପଞ୍ଜାବ ଓ ଜମ୍ମୁ ଅଞ୍ଚଳର ବହୁ ଦେବୀଙ୍କ ଭଳି ସେ ଜଣେ ଶାକାହାରୀ ଦେବୀ। ବିଶେଷକରି ପୁରାଣ ଓ ତାନ୍ତ୍ରିକ ପରମ୍ପରାରେ ଦେବୀଙ୍କୁ ରକ୍ତ ଅର୍ପଣ କରି ଆରାଧନା କରାଯାଇଥାଏ। କିନ୍ତୁ ବୈଷ୍ଣୋଦେବୀଙ୍କ ନିକଟରେ ତାହା କରାଯାଇ ନ ଥାଏ। ଯେତେବେଳେ ବୈଦିକ ପରମ୍ପରା ପୌରାଣିକ ପରମ୍ପରାଗୁଡ଼ିକୁ ବାଟ ଛାଡ଼ିଦେଇଥିଲା ସେତେବେଳେ ଦୁଇ ଦେବତା ଶିବ ଓ ବିଷ୍ଣୁ ସେମାନଙ୍କ ପ୍ରଭୁତ୍ୱ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାହାରି ପଡ଼ିଥିଲେ। ଶିବ ହିନ୍ଦୁଧର୍ମର ସନ୍ନ୍ୟାସ ପକ୍ଷର ପ୍ରତିନିଧିତ୍ୱ କରୁଥିବାବେଳେ ବିଷ୍ଣୁ ଗୃହସ୍ଥଙ୍କ ପ୍ରତିନିଧିତ୍ୱ କରୁଥିଲେ। ଶିବ ବୈଦିକ ରୂଢ଼ୀବାଦକୁ ପ୍ରତ୍ୟକ୍ଷରେ ଚ୍ୟାଲେଞ୍ଜ କରିଥିଲେ ଓ ସେ ବ୍ରହ୍ମାଙ୍କ ଶିର ଛେଦନ କରିଥିବା ଉଲ୍ଲେଖ ଅଛି। ବିଷ୍ଣୁ ରାଜା ରାମ ଓ ଗୋପାଳକ କୃଷ୍ଣଙ୍କ ଭଳି ମଧ୍ୟ ବୈଦିକ ରୁଢ଼ିବାଦକୁ ପରୋକ୍ଷରେ ଚ୍ୟାଲେଞ୍ଜ କରିଥିଲେ। ଶିବ ତାନ୍ତ୍ରିକ ପରମ୍ପରା ସହ ଅତ୍ୟଧିକ ଜଡ଼ିତ। ଏଥିରେ ମଦ, ମାଂସ ଓ ସମ୍ଭୋଗର ସମ୍ପର୍କ ଅଛି। କିନ୍ତୁ ବିଷ୍ଣୁ ଏଭଳି ପରମ୍ପରା ବା ପୂଜା ସହ ଜଡ଼ିତ ଯେଉଁଥିରେ କ୍ଷୀର, ଗାଈ, ଶାକାହାର ଓ ସଂଯମତା ଦେଖବାକୁ ମିଳେ। ହେଲେ ବୈଷ୍ଣୋଦେବୀଙ୍କର ଏହି ଦୁଇ ଦେବତାଙ୍କ ସହ ସମ୍ପର୍କ ଅଛି। ଶକ୍ତି ରୂପରେ ଶିବଙ୍କ ସ୍ତ୍ରୀ ଭାବେ ସେ ଉଗ୍ର ସନ୍ନ୍ୟାସୀଙ୍କୁ ଉଦାରବାଦୀ ଗୃହସ୍ଥ କରନ୍ତି। ଲକ୍ଷ୍ମୀ ରୂପରେ ସେ ବିଷ୍ଣୁଙ୍କ ସ୍ତ୍ରୀ ଭାବେ ତାଙ୍କୁ ବୈକୁଣ୍ଠରୁ ମର୍ତ୍ତ୍ୟକୁ ଓହ୍ଲାଇ ରାମ ଓ କୃଷ୍ଣଙ୍କ ଅବତାର ଭାବେ ମାନବୀୟ ବ୍ୟାପାରରେ ଭାଗୀଦାରି ହେବାକୁ ବାଧ୍ୟ କରିଥାନ୍ତି। ଏହିସବୁ କାହାଣୀ ପ୍ରାୟ ଅନେକ ହଜାର ବର୍ଷ ପୂର୍ବେ ପ୍ରକାଶ ପାଇଥିଲା ଓ ଏହି ସାଂସ୍କୃତିକ ପରିବର୍ତ୍ତନଗୁଡ଼ିକ ବୈଷ୍ଣୋଦେବୀଙ୍କ ତୀର୍ଥସ୍ଥଳ ସମ୍ପର୍କରେ ଜାଣିବାକୁ ଆମକୁ ସାହାଯ୍ୟ କରେ।



ବୈଷ୍ଣୋଦେବୀଙ୍କୁ ଦକ୍ଷିଣ ଭାରତର ଜଣେ ରାଜକୁମାରୀ ଭାବେ ଗ୍ରହଣ କରାଯାଏ। ସେ ରାମଙ୍କ ସାମ୍ନାସାମ୍ନି ହୋଇ ତାଙ୍କୁ ବିବାହ କରିବାକୁ ଚାହିଁଥିଲେ ବୋଲି କୁହାଯାଏ। କିନ୍ତୁ ରାମ ଏକ ପତ୍ନୀବ୍ରତ ଧାରଣ କରିଥିବାରୁ ତାଙ୍କର ଏକମାତ୍ର ସ୍ତ୍ରୀ ସୀତାଙ୍କ ନିକଟରେ ସେ ବିଶ୍ୱସ୍ତ। ଏଣୁ ରାମ ରୂପରେ ସେ ତାଙ୍କୁ ବିବାହ ନ କରି ପରଜନ୍ମରେ ତାଙ୍କର ସ୍ୱାମୀ ହେବେ ବୋଲି କହିଥିଲେ। ସେଥିପାଇଁ ସେହି ରାଜକୁମାରୀ ପର୍ବତକୁ ଯାଇ ଜଣେ ସନ୍ନ୍ୟାସୀ ହୋଇଛନ୍ତି। ଅନେକ ସମୟରେ ତାଙ୍କୁ ତ୍ରିକୂଟ କୁହାଯାଇଥିବାବେଳେ ଅନେକ ସମୟରେ ବେଦବତି ବି କୁହାଯାଏ। ଶିବଙ୍କ ଭକ୍ତ ରାବଣ ସେହି ରାଜକୁମାରୀଙ୍କୁ ସ୍ତ୍ରୀ ଭାବେ ପାଇବାକୁ ଚେଷ୍ଟା କରିଛନ୍ତି। ହେଲେ ସେ ଅଗ୍ନିରେ ପ୍ରବେଶ କରି ବୈଷ୍ଣୋ ଦେବୀ ରୂପରେ ପୁନର୍ଜନ୍ମ ଲାଭ କରିଛନ୍ତି ଏବଂ ଭବିଷ୍ୟତରେ ବିଷ୍ଣୁଙ୍କ ଅବତାର ଭାବେ ରାମଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। କିନ୍ତୁ ପର୍ବତରେ ସେ ଧ୍ୟାନସ୍ଥ ଥିବା ସମୟରେ ଭୈରବଙ୍କ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା। ଭୈରବ ଥିଲେ ତାନ୍ତ୍ରିକ ଉପାସକ ଓ ତାଙ୍କୁ ଖାଦ୍ୟ ଦେବା ଲାଗି କହିଲେ। ସେ ମଧ୍ୟ ଭୈରବଙ୍କୁ ଖାଇବାକୁ ଦେଲେ। କିନ୍ତୁ ଭୈରବ ଯେଉଁ ଖାଦ୍ୟ ଚାହୁଁଥିଲେ ତାହା ତାଙ୍କ ମତରେ ଥିଲା ସମ୍ଭୋଗ। ଏଣୁ ଦେବୀ ଏହାକୁ ମନା କରିଦେବା ସହ ରାମଙ୍କୁ ଅପେକ୍ଷା କରିଥିବା କଥା ଭୈରବଙ୍କୁ ଜଣାଇଲେ ଓ ଏଭଳି ଇଚ୍ଛାକୁ ସମ୍ମାନ ଦେବା ଲାଗି କହିଥିଲେ। କିନ୍ତୁ ଭୈରବ ଏହାକୁ ଗ୍ରହଣ କଲା ନାହିଁ। ତା'ଇଚ୍ଛା ପୂରଣ କରିବାକୁ ବଳ ପ୍ରୟୋଗ କଲା। ଦେବୀ ଦୌଡ଼ିବାକୁ ଲାଗିଲେ । ଦେବୀଙ୍କ ପଛରେ ଭୈରବ ଦୌଡ଼ିଲା ଓ ଏହି ସମୟରେ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିବା ବାନର ବୀରଙ୍କ ସହ ସେ ଯୁଦ୍ଧ କରିଥିଲା। ଅନେକେ ଏହି ବାନର ବୀରଙ୍କୁ ହନୁମାନ ଭାବେ ଗ୍ରହଣ କରିଥାନ୍ତି। ଭୈରବ ପିଛା କରି ହତାଶ ହେଲା । ଦେବୀ ବୁଲିପଡ଼ି ଉଗ୍ର ଚଣ୍ଡୀ ରୂପ ଧାରଣ କରି ଭୈରବର ଶିର ଛେଦନ କଲେ। ପର୍ବତରେ ତା'ଶରୀର ଏବେ ମଧ୍ୟ ଶିଳା ରୂପରେ ପଡ଼ି ଥିବା ଦେଖିବାକୁ ମିଳେ ଓ ମୁଣ୍ଡ ପର୍ବତର ପାଦଦେଶରେ ପଡ଼ିରହିଛି। ଭୈରବ ତା' ପାପ ପାଇଁ ପଶ୍ଚାତ୍ତାପ କରି କ୍ଷମା ମାଗିବା ସହ କହିଥିଲା- ଜଣେ ପୁତ୍ର ଖରାପ ପୁତ୍ର ହୋଇପାରେ, କିନ୍ତୁ ଜଣେ ମା' କେବେ ବି ଖରାପ ମା' ହୋଇପାରେ ନାହିଁ। ଏହାଶୁଣି ବୈଷ୍ଣୋଦେବୀ ଶାନ୍ତ ହୋଇଥିଲେ ତାଙ୍କୁ କ୍ଷମା କରିଦେଇଥିଲେ। ଏହାସହ ଦେବୀ କହିଥିଲେ ଯେ, ତାଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ପାହାଡ଼ ପାଦଦେଶରେ ପଡ଼ିଥିବା ଭୈରବର ମୁଣ୍ଡକୁ ପୂଜା କରିବେ। ଦେବୀଙ୍କ କଥା ଅନୁଯାୟୀ ଭକ୍ତମାନେ ଏହି ପରମ୍ପରା ପାଳନ କରିଆସୁଛନ୍ତି।

ଏହିଭଳି ଭାବେ ଶାକ୍ତ, ଶୈବ ଓ ବୈଷ୍ଣବ ପୌରାଣିକ ବିଚାରର ତିନୋଟି ଧାରା ଜଡ଼ିତ ଥିବା ଏକ କାହାଣୀ ଆମେ ଦେଖିବାକୁ ପାଉ। ଏଠାରେ ଶାକ୍ତ ପରମ୍ପରାର ରାମଙ୍କ ବୈଷ୍ଣବ ପରମ୍ପରା ସହ ସମ୍ବନ୍ଧ ଥିବାବେଳେ ଭୈରବଙ୍କ ଶିବ ପରମ୍ପରାଠାରୁ ଦୂରେଇ ରହିଛି। କିନ୍ତୁ ଶେଷରେ ସବୁଗୁଡ଼ିକ ଏକାଠି ହୋଇଛନ୍ତି। ଭୈରବ ଦଣ୍ଡ ପାଇଛନ୍ତି , କିନ୍ତୁ ପରେ କ୍ଷମା ପାଇବା ସହ ଆଦରଣୀୟ ହୋଇଛନ୍ତି। ଭୈରବଙ୍କ ଏଭଳି ପରିବର୍ତ୍ତନ ହିନ୍ଦୁ ସଂସ୍କୃତିରେ ଏକ ନିଆରା ଘଟଣା , ଯେଉଁଠି ଦେବତାଙ୍କ ଦୃଷ୍ଟିରେ କେହି ଜେଣ ବି ଭିଲିଆନ ବା ଖଳ ବ୍ୟକ୍ତି ହୋଇ ନ ଥାନ୍ତି। ପ୍ରତ୍ୟେକଟିରେ ପରିବର୍ତ୍ତନ ଘଟିଥାଏ। ଏପରିକି ଯେଉଁମାନେ ଦେବୀଙ୍କୁ ଅସ୍ୱୀକାର କରନ୍ତି ସେମାନେ ପଶ୍ଚାତ୍ତାପ କରିବା ପରେ ସେମାନଙ୍କୁ ଦେବୀ କ୍ଷମା କରିବା ସହ ଚେତାବନୀ ବି ଦେଇଥାନ୍ତି।

-devduttofficial@gmail.com

## କିଏ କାହାଠାରୁ ବଡ଼



ଆଦିତ୍ୟ ନାରାୟଣ ପତି

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ବଞ୍ଚିବା ପାଇଁ ହେଲେ ମଣିଷକୁ ସମସ୍ତଙ୍କ ସହ ମିଳିମିଶି ଚଳିବାକୁ ପଡ଼ିବ। କିନ୍ତୁ ମନୁଷ୍ୟ ସବୁବେଳେ ନିଜ ଭିତରେ ଥିବା ଅହଂ ଭାବକୁ ଜାହିର କରିବା ପାଇଁ ପଛାଏ ନାହିଁ। କିଛିଦିନ ତଳେ ଓଡ଼ିଶାର ଡ୍ରାଇଭରମାନେ ଆନ୍ଦୋଳନ ଡାକରା ଦେଇ ଯେମିତି ରାଜରାସ୍ତାକୁ ଅଚଳ କଲେ ତାହା ଦ୍ୱାରା ରାଜ୍ୟର ଗାଁରୁ ସହର ଯାଏ ଲୋକେ ଅସୁବିଧାରେ ପଡ଼ିଲେ। ଅବଶ୍ୟ ସମସ୍ତ ଡ୍ରାଇଭର ସେଥିରେ ସାମିଲ ହୋଇ ନ ଥିଲେ। କିନ୍ତୁ ଡ୍ରାଇଭରମାନଙ୍କର ଏକତା ରହିବା ନିହାତି ଜରୁରୀ। ଏକତା ରହିଲେ ସମସ୍ତଙ୍କ ଭିତରେ ବୁଝାମଣା ଠିକ୍ ରହିଲେ କାମଟି ସୁରୁଖୁରୁରେ ହୋଇପାରିବ। କିନ୍ତୁ ଯେଉଁ ଡ୍ରାଇଭରମାନେ ତାଙ୍କ ସହ ଆନ୍ଦୋଳନରେ ସାମିଲ ହେଲେ ନାହିଁ ସେମାନଙ୍କ ପ୍ରତି ଅଭଦ୍ରୋଚିତ ବ୍ୟବହାର କରାଗଲା। ଯାହା ସେମାନଙ୍କର ବ୍ୟକ୍ତିଗତ ମାନହାନି ହେଲାବୋଲି କେତେକ ସ୍ଥାନରେ କୁହାଗଲା।

ପାଖାପାଖି ୬୦ ଘଣ୍ଟାର ଆନ୍ଦୋଳନ ଓ ସରକାରଙ୍କ ସହ ଆଲୋଚନା ପରେ ମହାସଂଘ ଆନ୍ଦୋଳନକୁ ତିନି ମାସ ସ୍ଥଗିତ ରଖିଲା। କିନ୍ତୁ ଚେତାବନୀ ଦେଲା ଯେ ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ। କିନ୍ତୁ ଏଠି ପ୍ରଶ୍ନ ଆସୁଛି ଗୋଟେ ଗାଡ଼ିର ଡ୍ରାଇଭରର କ'ଣ ସବୁ ଭୂମିକା ରହିଛି? ଯଦି ଡ୍ରାଇଭର ଗାଡ଼ି ଚଲାଇଲେ ସବୁ ହୋଇଯାଆନ୍ତା ତେବେ ଗାଡ଼ିର ଅନ୍ୟାନ୍ୟ କର୍ମଚାରୀ ଦରକାର ପଡ଼ନ୍ତେ ନାହିଁ। ଅବଶ୍ୟ ଛୋଟ ଗାଡ଼ିଗୁଡ଼ିକରେ ଡ୍ରାଇଭର ହିଁ ସବୁ କିଛି କରୁଥିବାର ନଜିର ଆମର ଅଛି। କିନ୍ତୁ ଅନେକ କ୍ଷେତ୍ରରେ ଡ୍ରାଇଭର ହେଲ୍‌ପର ଖୋଜନ୍ତି। ତାହାର ମଧ୍ୟ କିଛି ଭୂମିକା ଅଛି। କଣ୍ଡକ୍ଟରର ମଧ୍ୟ କିଛି ଭୂମିକା ଅଛି। ସବୁପରେ ଯଦି ଆମେ ଦେଖିବା ସେମାନଙ୍କର ଦାବି ପୂରଣ କରିବା ସରକାରଙ୍କ ନିଷ୍ପତ୍ତି। କିନ୍ତୁ ଆମେ ଯଦି ଲକ୍ଷ୍ୟ କରିବା ଯେମିତି ଆମେ ପିଲାବେଳୁ ଏକ ଗପ ବହିରେ ପଢ଼ିଥିଲେ ଯେ ସମ୍ପୂର୍ଣ୍ଣ ଶରୀରର ଅଂଶକୁ ନେଇ। ହାତ କହିଲା ମୁଁ ଯଦି ନ ଦେବି ପାଟିକୁ ଯିବ କେମିତି, ଦାନ୍ତ କହିଲା ମୁଁ ଯଦି ନ ଚୋବେଇବି ତା'ହେଲେ ଖାଦ୍ୟ ପେଟକୁ ଯିବ କେମିତି। ଏମିତି ସମସ୍ତେ ସମସ୍ତଙ୍କ ଭାଗ କରିଲା ପରେ ସମସ୍ତଙ୍କ ଭିତରେ କଥା ପଡ଼ିଲା ଯେ ପେଟ କିଛି କରୁନି ଖାଲି ଖାଉଛି। ତେଣୁ ତାକୁ ଖାଇବାକୁ ଦେବା ନାହିଁ। ଏମିତି ଗୋଟେ ଦିନ ହେଲା ପରେ ସେମାନେ ନ ଖାଇ ନିଜ ନିଜ ଭିତରେ ହା ହାକାର ପଡ଼ିଲା। ସମସ୍ତେ ସମସ୍ତଙ୍କ ଭୁଲ୍ ବୁଝି ପାରି ଯୋଖା କାମ କଲେ।

ଆମେ କହିପାରିବା ଡ୍ରାଇଭରଙ୍କର ଏକ ବଡ଼ ଭୂମିକା ଅଛି ସମାଜରେ, ଯାହାକୁ ଆମେ ଅସ୍ୱୀକାର କରିପାରିବା ନାହିଁ। କିନ୍ତୁ ସମାଜରେ ଚାଷୀମାନଙ୍କର ମଧ୍ୟ ଭୂମିକା ଅଛି। ବାରିକର ମଧ୍ୟ କିଛି ଭୂମିକା ଅଛି, ରଜକର କିଛି ଭୂମିକା ଅଛି। ଏମାନେ ଯଦି ଏମାନଙ୍କ କାର୍ଯ୍ୟ ନ କରିବେ ତା'ହେଲେ ସମାଜରେ ବୃତ୍ତିକୁ ନେଇ ଏକ ତ୍ରୁଟି ବିଚ୍ୟୁତି ଦେଖାଦେବ। ସମାଜରେ ପ୍ରତ୍ୟେକ ବୃତ୍ତି ଅଛି। ଆମେ କହି ପାରିବା ଏସବୁ କୌଳିକ ବୃତ୍ତି। କିନ୍ତୁ ଡ୍ରାଇଭିଂ କୌଳିକ ବୃତ୍ତି ନୁହେଁ। ସେମିତି ଯଦି ଦେଖିବା କିଛି କୌଳିକ ବୃତ୍ତି ଏବଂ କିଛି ଅନ୍ୟମାନେ ସେ କାର୍ଯ୍ୟକୁ ଅଧିକ ଦିନ ଧରି କରିବା ଦ୍ୱାରା ସେମାନଙ୍କ ପାଇଁ ଏହା ଏକ ପ୍ରକାର ବୃତ୍ତିରେ ପରିଣତ ହେବାକୁ ଗଲାଣି। ଚାଷୀ ଯଦି ଚାଷ ନ କରିବ ତା'ହେଲେ ଡ୍ରାଇଭର ନେଇଯାଉଥିବା ଶହ ଶହ ପନିପରିବା ଗାଡ଼ି ପ୍ରତିଦିନ ସେମିତି ଠିଆହେବ। ତା'ହେଲେ ସେ ସ୍ଥାନରେ କାହାର ଭୂମିକା ବଡ଼। ଯଦି ଦୁଗ୍ଧ ଚାଷୀଟି ଗାଈ ନ ପାଳି ଦୁଗ୍ଧ ଉତ୍ପାଦନ ନ କରେ ତେବେ ଗାଡ଼ିରେ ଯାଉଥିବା ହଜାର ହଜାର ଲିଟର କ୍ଷୀର କେମିତି ପାଇବେ ଗାଡ଼ି ମାଲିକମାନେ। ଆଉ ସେ ସ୍ଥାନରେ ଡ୍ରାଇଭରର କ'ଣ ଭୂମିକା ଦରକାର। ଏହା ଭାତହାଣ୍ଡିରୁ ଗୋଟିଏ ଚିପିଲା ପରି ଗୋଟିଏ ଗୋଟିଏ ଉଦାହରଣ। ତେଣୁ ଏକ ସମାଜ ଗଢ଼ିତୋଳିବାରେ ମେହେନ୍ତର ଠାରୁ ଅଫିସରଙ୍କ ଯାଏ ସମସ୍ତଙ୍କର ଭୂମିକା ଅଛି। ସମସ୍ତେ ସମସ୍ତଙ୍କ ପାଇଁ ଜରୁରୀ। ଜଣେ ଡାକ୍ତର ଯଦି ୧୬ ଘଣ୍ଟା ରୋଗୀ ଦେଖୁଛି, ତାହାର ସେଥିରେ ପଇସାର ଲୋଭ ଥାଇପାରେ କିନ୍ତୁ ଅପର ପକ୍ଷରେ ଗୋଟେ ଜୀବନ ବଞ୍ଚାଇବାରେ ମଧ୍ୟ ସେ ସହାୟକ ହୋଇପାରେ। ତେଣୁ ଆମେ ଏକ ସୁସ୍ଥ ବାତାବରଣ ତିଆରି କରିବା ଦରକାର। ସମାଜରେ ଆମେ ଜନ୍ମ ନେଇଛନ୍ତି ଆମର ମଧ୍ୟ କିଛି କର୍ତ୍ତବ୍ୟ ରହିବା ଦରକାର। ସମସ୍ତଙ୍କୁ ସମସ୍ତେ ସାହାଯ୍ୟର ହାତ ବଢ଼ାଇବା ଦରକାର। ତେବେ ନିଜର ଏକ ସୁସ୍ଥ ସମାଜ ଗଢ଼ି ତୋଳିବାରେ ସହାୟକ ହୋଇପାରିବା।

ତାଳପଦା, ତିହିଡ଼ି, ଭଦ୍ରକ
ମୋ: ୮୮୪୭୮୫୬୦୨୬

## ଏଇ ଭାରତରେ

ସହରରେ ଖେଳପଡ଼ିଆ ଅଭାବ ସମସ୍ୟା ଦୂର କରିବା ଲାଗି ନଭି ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ(ଏନ୍‌ଏମ୍‌ଏମ୍‌ସି)ର ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଏକ ମଡେଲ ପାଲଟିଛି। ନଭି ମୁମ୍ବାଇର ସେକ୍ଟର ୧୫ ସ୍ଥିତ ସନ୍‌ପଦ ଫ୍ଲାଏଓଭର ତଳେ ଥିବା ଅବ୍ୟବହୃତ ଜାଗାକୁ ଖେଳପଡ଼ିଆ କରାଯାଇଛି। ପାଖାପାଖି ୨୭୫୦ ବର୍ଗମିଟର ଜାଗାରେ କରାଯାଇଥିବା ଉକ୍ତ ଖେଳପଡ଼ିଆରେ ପିଲାଏ କ୍ରିକେଟ, ବାସ୍କେଟବଲ ଓ ବ୍ୟାଡମିଣ୍ଟନ ଖେଳିପାରୁଛନ୍ତି। ବଲ୍ କିମ୍ବା ରାକେଟ୍ ବାହାରକୁ ନ ଯିବା ଲାଗି ପଡ଼ିଆ ଚାରିପାଖକୁ ନେଟ୍ ଯୋଗେ ଘେରାଯାଇଛି। ଏହା ବାଦ୍ ଫ୍ଲାଏଓଭର ତଳେ ଓପନ ଜିମ୍ କରାଯିବାର ଯୋଜନା ସହ ଯୋଗାଭ୍ୟାସର ସୁବିଧା ରହିଛି। ବରିଷ୍ଠ ନାଗରିକଙ୍କ ପାଇଁ ଜଗିଂ ଟ୍ରାକ୍ ମଧ୍ୟ କରାଯାଇଛି। ଏନ୍‌ଏମ୍‌ଏମ୍‌ସି ସନପଦ୍ ବ୍ୟତୀତ ନେରୁଲ ଫ୍ଲାଏଓଭର ତଳେ ବି ସମାନ ପ୍ରକାର ଖେଳପଡ଼ିଆ କରିବା ଲାଗି ଯୋଜନା ରଖିଛି। ଗୋଟିଏ ପଟରେ ଜବରଦଖଲ ହଟୁଛି ଓ ଅନ୍ୟପକ୍ଷେ ପିଲାଙ୍କ ଖେଳ ଲାଗି ବ୍ୟବସ୍ଥା କରାଯିବାରେ ଏନ୍‌ଏମ୍‌ଏମ୍‌ସିର ଉଦ୍ୟମକୁ ସବୁସ୍ତରରେ ପ୍ରଶଂସା କରାଯାଉଛି। ଏଭଳି ଏକ ନିଆରା ପ୍ରୟାସର ଭିଡିଓ ମଧ୍ୟ ଭାଇରାଲ ହେବା ସହ ଏହାର ପ୍ରଭାବ ବି ଦେଖିବାକୁ ମିଳିଛି। କମେଣ୍ଟରେ ଦେଶର କେତେକ ମ୍ୟୁନିସିପାଲିଟିର ଅଧିକାରୀମାନେ ଏଭଳି ଯୋଜନା ଆପଣାଇବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୯୮

- ବନ୍ୟା ବିପନ୍ନଙ୍କୁ ଉଦ୍ଧାର କାର୍ଯ୍ୟରେ ନିଯୁକ୍ତ ପେରୁର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୪୦ ଯାତ୍ରୀଙ୍କ ମୃତ୍ୟୁ।
- ଦକ୍ଷିଣ ଆଲଜେରିଆରେ ମୌଳିକତାବାଦୀ ଇସ୍‌ଲାମୀୟ ଉଗ୍ରପନ୍ଥୀଙ୍କ ଫାର୍ସା ମାଡ଼ରେ ୩୨ ଜଣ ଦୁଇ ବର୍ଷରୁ କମ୍ ବୟସର ପିଲା ସମେତ ୫୨ ମୃତ।
- କେନ୍ଦ୍ରରେ ଭାଜପା ମେଣ୍ଟ ସରକାରର ଆସ୍ଥା ପ୍ରସ୍ତାବ ସପକ୍ଷରେ ତେଲୁଗୁ ଦେଶମ ପାର୍ଟି (ଟିଡିପି) ସଦସ୍ୟମାନେ ଭୋଟ ଦେଇଥିବା ପ୍ରତିବାଦରେ ଆନ୍ଧ୍ରପ୍ରଦେଶର ପ୍ରମୁଖ ଶିଳ୍ପମନ୍ତ୍ରୀ ବଶୀରୁଦ୍ଦିନ ବାବୁଖାଁଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 4 | | | |
| | 1 | 3 | 5 | | | | | |
| | 8 | 4 | | | | | 2 | |
| | | 1 | | 8 | | 9 | | |
| | | | | | | 4 | | |
| 7 | | 2 | 1 | | | 8 | | |
| | 7 | | 2 | | | 1 | | |
| | | | | 4 | | | 8 | |
| | | | 9 | 5 | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 5 | 2 | 6 | 7 | 9 | 3 | 1 |
| 9 | 3 | 6 | 8 | 4 | 1 | 2 | 5 | 7 |
| 2 | 7 | 1 | 5 | 9 | 3 | 6 | 4 | 8 |
| 6 | 9 | 7 | 1 | 2 | 5 | 4 | 8 | 3 |
| 5 | 4 | 8 | 3 | 7 | 9 | 1 | 2 | 6 |
| 1 | 2 | 3 | 4 | 8 | 6 | 7 | 9 | 5 |
| 7 | 6 | 2 | 9 | 3 | 8 | 5 | 1 | 4 |
| 3 | 1 | 9 | 6 | 5 | 4 | 8 | 7 | 2 |
| 8 | 5 | 4 | 7 | 1 | 2 | 3 | 6 | 9 |

ଗତକାଲିର ଉତ୍ତର

# ନୂଆ ଗର୍ଭପାତ ଆଇନ



ଡା.ଶୁଭଶ୍ରୀ ମିଶ୍ର

ଗର୍ଭ ନଷ୍ଟ କରିବାର ସମୟ ସୀମାକୁ ଚାରି ସପ୍ତାହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗର୍ଭପାତ ସଂଶୋଧନ ବିଲ୍-୨୦୨୩ ଉପରେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ସଂସଦର ଚଳିତ ଅଧିବେଶନରେ ଏହି ବିଲ ଉପସ୍ଥାପନ କରାଯିବ। ଏହାଫଳରେ ଆଗାମୀ ଦିନରେ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କ ଗର୍ଭକୁ ୨୪ ସପ୍ତାହ ମଧ୍ୟରେ ନଷ୍ଟ କରିପାରିବେ। ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ। ତେବେ ଏହି ୨୪ ସପ୍ତାହର ସମୟସୀମା କେବଳ ବିଶେଷ କ୍ଷେତ୍ରରେ ଲାଗୁ ହେବ। ଦୁଷ୍କର୍ମ ପୀଡ଼ିତା, ରୋଗଗ୍ରସ୍ତ ମହିଳା ଓ ଅବାଞ୍ଛିତ ଗର୍ଭଧାରଣକୁ ନଷ୍ଟ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି। ପୂର୍ବରୁ ଗର୍ଭ ନଷ୍ଟ କରିବାର ଆଇନଗତ ସମୟସୀମା ୨୦ ସପ୍ତାହ ରହିଥିଲା। ନିକଟରେ ମେଡିକାଲ ଟର୍ମିନେସନ ଅଫ ପ୍ରେଗ୍‌ନାନ୍ସି ସଂଶୋଧନ ବିଲ ୨୦୨୩କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଫଳରେ ୧୯୭୧ ମସିହା ମେଡିକାଲ ଟର୍ମିନେସନ ଅଫ ପ୍ରେଗ୍‌ନାନ୍ସି ଆଇନରେ ସଂଶୋଧନ କରିବାର ରାସ୍ତା ସଫା ହୋଇଛି। ଏହି ବିଲ୍‌କୁ ସଂସଦର ଚଳିତ ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ବିଲ୍ ଗୃହୀତ ହେଲେ ମହିଳାମାନେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିବାକୁ ଆଇନଗତ ଭାବେ ଅଧିକାର ପାଇବେ। ତେବେ ଏହା ପୂର୍ବରୁ ୨ଜଣ ଡାକ୍ତରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ସରକାରୀ ଡାକ୍ତର ହୋଇଥିବା ଦରକାର। ସୂଚନାଯୋଗ୍ୟ, ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଯିବାବେଳେ ପ୍ରସୂତିଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେବେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କଲେ ଏହା ସୁରକ୍ଷିତ ହୋଇପାରିବ ବୋଲି କୁହାଯାଉଛି। ଏହି ସଂଶୋଧିତ ବିଲ୍ ଫଳରେ ଦୁଷ୍କର୍ମ ପୀଡ଼ିତା ଓ ନାବାଳିକା ଗର୍ଭବତୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ। ଅନେକ ସମୟରେ ବେଆଇନ ଭାବେ ଲୁଚାଛପାରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଯାଉଥିବାରୁ ଜଣେ ଯୁବତୀ ପରବର୍ତ୍ତୀ ସମୟରେ ମା' ହୋଇ ପାରୁନାହାନ୍ତି। ତେଣୁ ଏହି ନୂଆ ଆଇନ ଫଳରେ ଏବେ ଏହି ବିପଦ ମଧ୍ୟ ଆଉ ରହିବନାହିଁ। ସୂଚନାଯୋଗ୍ୟ, ଗତବର୍ଷ ଗର୍ଭପାତ ସମୟସୀମା ବୃଦ୍ଧି କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କୁ କୁହାଯାଇଥିଲା ଯେ, ଗର୍ଭପାତ ସମୟ ସୀମାକୁ ୨୦ ସପ୍ତାହରୁ ୨୪ କିମ୍ବା ୨୬ ସପ୍ତାହ କରିବା ପାଇଁ ବିଚାରବିମର୍ଶ ଆରମ୍ଭ କରାଯାଉଛି। ଅମିତ ଶାହିନ ନାମକ ଯୁବକ ତାଙ୍କ ଜନସ୍ୱାର୍ଥ ମାମଲାରେ କହିଥିଲେ ଯେ, ମହିଳାମାନେ ଗର୍ଭଧାରଣ ପରେ ସମାଜରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଭଳି ଭାବେ ଗର୍ଭଧାରଣର କ୍ଷମତା ମହିଳାଙ୍କ ପାଖରେ ରହିଛି, ଠିକ୍ ସେହିପରି ଗର୍ଭ ନଷ୍ଟ କରିବାର କ୍ଷମତା ମଧ୍ୟ ମହିଳାଙ୍କ ପାଖରେ ରହିବା ଦରକାର ବୋଲି ସେ ଯୁକ୍ତି ବାଢ଼ିଥିଲେ। ଉଲ୍ଲେଖଯୋଗ୍ୟ ନେପାଳ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରିଆ, ଇଥିଓପିଆ, ଇଟାଲୀ, ସ୍ପେନ, ଆଇସ୍‌ଲ୍ୟାଣ୍ଡ, ନରୱେ, ଫିନ୍‌ଲ୍ୟାଣ୍ଡ, ସ୍ୱିଡେନ ଓ ସ୍ୱିଜରଲ୍ୟାଣ୍ଡ ଭଳି ଦେଶର ଗର୍ଭପାତ କରିବାର ସମୟସୀମା ୨୦ ସପ୍ତାହରୁ ଅଧିକ ରହିଛି। ସେହିପରି ଡେନ୍‌ମାର୍କ, ଘାନା, କାନାଡ଼ା, ଜର୍ମାନୀ, ଭିଏତ୍‌ନାମ ଓ ଜିମ୍ବାୱେ ଭଳି ଦେଶରେ ଯେକୌଣସି ସମୟରେ ଗର୍ଭପାତ କରିବାକୁ ଅନୁମତି ଦିଆଯାଇଛି।

ଗର୍ଭାବସ୍ଥାର କିଛି ସପ୍ତାହ ମଧ୍ୟରେ ଭ୍ରୂଣକୁ ନଷ୍ଟ କରାଯିବା ପ୍ରକ୍ରିୟାକୁ କୁହାଯାଏ ଗର୍ଭପାତ। ଭାରତରେ ପ୍ରଚଳିତ ଏମ୍‌ଟିପି ଆକ୍ଟ ଅନୁଯାୟୀ କେଉଁ ପରିସ୍ଥିତିରେ ଗର୍ଭପାତ ହୋଇପାରିବ, କିଏ ଗର୍ଭପାତ କରିବେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ ବ୍ୟବସ୍ଥା ରହିଛି। ତଥାପି ଅଜ୍ଞତାବଶତଃ ବହୁ ମହିଳା ବିନା ଡାକ୍ତରୀ ପରାମର୍ଶରେ ଅସୁରକ୍ଷିତ ଉପାୟରେ ଗର୍ଭପାତ କରୁଛନ୍ତି, ଯଦ୍ଦ୍ୱାରା କେତେକ କ୍ଷେତ୍ରରେ ଗର୍ଭସ୍ଥ ଶିଶୁ ସହ ମାଆର ବି ମୃତ୍ୟୁ ହୋଇଥାଏ। କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାର ଶାରୀରିକ ସ୍ଥିତି ଓ ଅବସ୍ଥାକୁ ଲକ୍ଷ୍ୟ କରି ଡାକ୍ତରଙ୍କ ପରାମର୍ଶରେ ହିଁ ଗର୍ଭସ୍ଥ ଭ୍ରୂଣଟିକୁ ନଷ୍ଟ କରାଯାଇଥାଏ। ଏହା ବ୍ୟତୀତ ଆଉ କେତେକ କାରଣ ଯଥା ଗର୍ଭଧାରଣ ଯୋଗୁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ଥିଲେ ଶିଶୁଟି ଜନ୍ମ ପରେ ବିକଳାଙ୍ଗ ହେବାର ଆଶଙ୍କା ଥିଲେ ବା କେତେକ କ୍ଷେତ୍ରରେ ଗର୍ଭରେ ଥିବା ଏକରୁ ଅଧିକ ପିଲାର କାରଣରୁ ଡାକ୍ତରଙ୍କ ପରାମର୍ଶରେ ଗର୍ଭପାତ କରାଯାଇଥାଏ।




୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମେଡିକାଲ ଟର୍ମିନେସନ୍ ଅଫ୍ ପ୍ରେଗ୍‌ନାନ୍ସି ବା ଏମ୍‌ଟିପି ଆକ୍ଟ କାର୍ଯ୍ୟକାରୀ ହେଲା। ଗର୍ଭବତୀ ମହିଳା କିମ୍ବା ଗର୍ଭସ୍ଥ ଶିଶୁର ଜୀବନ ହାନି ପରି ପରିସ୍ଥିତି ଉପୁଜିଲେ ଗର୍ଭପାତ କରାଯାଇଥାଏ। ସେହିପରି ଅଲଟ୍ରା ସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁଟି ଯଦି ବିକଳାଙ୍ଗ ବୋଲି ଜଣାପଡ଼େ କିମ୍ବା ବଳାତ୍କାର ଶିକାର ଦ୍ୱାରା ଗର୍ଭବତୀ କାରଣ, ଅପରିପକ୍ୱ ବାଳିକାଙ୍କ କ୍ଷେତ୍ରରେ ଏହିପରି କିଛି କାରଣକୁ ନେଇ ସାମାଜିକ ଦୃଷ୍ଟିକୋଣରୁ ଗର୍ଭପାତ ଆଇନ ସମ୍ମତ। ତେବେ ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ହିଁ ସବୁ ଦିଗରୁ ବିଚାର କରି ନିଷ୍ପତ୍ତି ନେଇଥା'ନ୍ତି। ଗର୍ଭନିରୋଧ ବ୍ୟବସ୍ଥା ବିଫଳ ହେଲେ ବାର ସପ୍ତାହ ମଧ୍ୟରେ ଗର୍ଭପାତ କରାଯାଇଥାଏ। କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ବାରରୁ କୋଡ଼ିଏ ସପ୍ତାହ ମଧ୍ୟରେ ଗର୍ଭପାତ ଆଇନ ସମ୍ମତ ହୋଇଥାଏ। ଜୀବନ ପ୍ରତି ବିପଦ ଥିବା କାରଣରୁ ଏହି ସମୟରେ ଗର୍ଭପାତ ନିହାତି ଆବଶ୍ୟକ ହୋଇଥାଏ। ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଅତ୍ୟଧିକ ରକ୍ତସ୍ରାବ ଯୋଗୁ ୨୫% ଗର୍ଭବତୀଙ୍କ ଗର୍ଭାବସ୍ଥାରେ ହିଁ ମୃତ୍ୟୁ ହୋଇଥିବାବେଳେ ସଂକ୍ରମଣ କାରଣରୁ ୧୫%, ଅସୁରକ୍ଷିତ ଗର୍ଭପାତ କାରଣରୁ ୧୩%, ଅସହ୍ୟ ପ୍ରସବ ବେଦନା ପାଇଁ ୮%, ଏକ୍ଲାମ୍ପସିଆ କାରଣରୁ ୧୨%, ଅନ୍ୟାନ୍ୟ ପାରିପାର୍ଶ୍ୱିକ କାରଣ ପାଇଁ ୮% ଓ ପରୋକ୍ଷ କାରଣ ପାଇଁ ୧୯% ଗର୍ଭବତୀ ଆଖି ବୁଜିଥା'ନ୍ତି। ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ସାରା ବିଶ୍ୱରେ ପାଖାପାଖି କୋଡ଼ିଏ ନିୟୁତ ଅସୁରକ୍ଷିତ ଗର୍ଭପାତ ହୋଇଥାଏ। ଏହା ମଧ୍ୟରୁ ୯୭% ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ହୋଇଥାଏ। ଫଳରେ ପ୍ରତିବର୍ଷ ଅନୂନ୍ୟ ୬୮ ହଜାର ମହିଳାଙ୍କ ମୃତ୍ୟୁ ହୋଇଥାଏ। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ସାରା ବିଶ୍ୱରେ ଯେତେ ମାତୃ ମୃତ୍ୟୁହାର ହେଉଛି, ସେଥିମଧ୍ୟରୁ ୧୩% ଅସୁରକ୍ଷିତ ଗର୍ଭପାତ କାରଣରୁ ହୋଇଥାଏ। ସେହିପରି ୫ ନିୟୁତ ମହିଳା ଶାରୀରିକ ତଥା ମାନସିକ ଭାବେ ଭିନ୍ନକ୍ଷମ ପାଲଟି ଯାଉଛନ୍ତି।

ଯେଉଁ ଦେଶରେ ଗର୍ଭପାତକୁ ଆଇନତଃ ସ୍ୱୀକୃତି ମିଳିନାହିଁ, ସେଠାରେ ଅଧିକ ପରିମାଣରେ ଅସୁରକ୍ଷିତ ଗର୍ଭପାତ କରାଯାଉଥିବା ଜଣାଯାଏ। ସେହିପରି ଅନେକ ସମୟରେ ଗର୍ଭନିରୋଧ ବଟିକାର ବ୍ୟବହାର ସମ୍ପର୍କରେ ନ ଜାଣିବା ଅସୁରକ୍ଷିତ ଗର୍ଭପାତର କାରଣ ପାଲଟିଥାଏ। ଏକ ରିପୋର୍ଟର ତଥ୍ୟ ଅନୁଯାୟୀ, ଆଧୁନିକ ପରିବାର ନିୟନ୍ତ୍ରଣ ଓ ଗର୍ଭବତୀମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଗଲେ ଗର୍ଭପାତଜନିତ ମୃତ୍ୟୁହାରକୁ ବାର୍ଷିକ ପାଖାପାଖି ୭୫% କମାଇ ଦିଆଯାଇପାରନ୍ତା। ଗର୍ଭପାତ ଶାରୀରିକ ସମସ୍ୟା ଓ ଗର୍ଭସ୍ଥ ଶିଶୁପାଇଁ ବିପଦର କାରଣ ଥିଲେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞମାନେ ସବୁ ଦିଗକୁ ବିଚାର କରି ଗର୍ଭପାତ କରିଥା'ନ୍ତି। ତେବେ ଗର୍ଭପାତ ପାଇଁ ମନ ନ ବଳାଇ ବରଂ ସୁରକ୍ଷିତ ଶିଶୁଟିକୁ ନୂତନ ଆଲୋକ ଦେଖାଇବା ପାଇଁ ଗର୍ଭବତୀମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ,
ମୋ:୯୮୬୧୪୬୩୪୦୬

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ କିଟ୍ ମିଳୁ

ମହାଶୟ,

ରାଜ୍ୟ ଓ କେନ୍ଦ୍ର ସରକାର ବରିଷ୍ଠ ନାଗରିକଙ୍କ ପାଇଁ ବହୁ ଯୋଜନା ଘୋଷଣା କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା ପ୍ରତିଫଳିତ ହେଉନାହିଁ, ବିଶେଷକରି ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦିନକୁ ଦିନ ଉତ୍କଟ ହେଉଛି। ପ୍ରତି ୨ ମାସରେ ଥରେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନାରେ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରାଯିବାର ବ୍ୟବସ୍ଥା ହେବା ଉଚିତ। ସେମାନଙ୍କୁ ରକ୍ତଚାପ ଓ ମଧୁମେୟ ପରୀକ୍ଷା ମେଶିନ ମାଗଣାରେ ପ୍ରଦାନ କରାଗଲେ ବହୁ ବରିଷ୍ଠ ନାଗରିକ ଉପକୃତ ହୋଇପାରନ୍ତେ। ଅନେକ ବରିଷ୍ଠ ନାଗରିକ ପଞ୍ଜୀକରଣ ସୁବିଧାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ସ୍ୱତନ୍ତ୍ର ଭାବରେ ପ୍ରତି ମାସରେ ଗୋଟିଏ ଦିନ ପଞ୍ଜୀକରଣ ଥାନାରେ କରାଯିବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉ। ବରିଷ୍ଠ ନାଗରିକମାନେ ସମାଜର ଦିଗ୍‌ଦର୍ଶନ ଓ ସମ୍ବଳ। ସେମାନଙ୍କର ଅଭିଜ୍ଞତା ଓ ବିଦ୍‌ବାର୍ତ୍ତାକୁ ସରକାର ସଦ୍‌ବ୍ୟବହାର କରିବା ଉଚିତ।

-ନିର୍ମଳ ଚନ୍ଦ୍ର ସାମଲ, ମଧୁସୂଦନ ପାର୍କ, ପୋଖରୀପୁଟ, ଭୁବନେଶ୍ୱର

## ଚିରନ୍ତନୀ

ଦେହର ଅଭିଳାଷ ଗୀତରେ ପରକାଶ
କହିଲି ତାକୁ ପ୍ରେମ ପୀରତି
ଭାଷାର ଆବରଣ ଫିଟାଇ ଦେଲେ ସେ ଯେ
ହୋଇବ ଖାଲି ପାପ ଅନୀତି!

-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭିଜିଲାନ୍ସ ତଦନ୍ତ ପରେ ଜଳଛାୟା ପ୍ରକଳ୍ପ ଅଫିସରେ ତାଲା

କନ୍ଧମାଳ, ୨୯।୩ (ଡି.ଏନ.ଏ.)

## ଜଳଛାୟା ପ୍ରକଳ୍ପରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ବାଟମାରଣା

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ଜଳଛାୟା ପ୍ରକଳ୍ପରେ ଭିଜିଲାନ୍ସ ତଦନ୍ତ ପରେ ତାଲା ଝୁଲୁଛି। ୫୦ଲକ୍ଷରୁ ଊର୍ଦ୍ଧ୍ୱ ବାଟମାରଣା ନେଇ ଗୃହ କମିଟିର ରିପୋର୍ଟ କ୍ରମେ ମଙ୍ଗଳବାର ଜଳଛାୟା ପ୍ରକଳ୍ପର ମନମୁଣ୍ଡା କାର୍ଯ୍ୟାଳୟରେ ଚଢାଉ କରି ଭିଜିଲାନ୍ସ କେତେକ ଆପତ୍ତିଜନକ ଫାଇଲ ଜବତ କରିଛି। ସୂଚନାଯୋଗ୍ୟ, ବୌଦ୍ଧ ଜିଲା ପରିଷଦର ୮।୧୧।୨୦୨୨ ବୈଠକରେ ସଂଖ୍ୟାଧିକ ସଦସ୍ୟ ଜଳଛାୟା ପ୍ରକଳ୍ପରେ ଅନିୟମିତତା ନେଇ ଅଭିଯୋଗ କରିଥିଲେ। ପରେ ଏହାର ତଦନ୍ତ ପାଇଁ ଏକ ଗୃହ କମିଟି ଗଠିତ ହୋଇଥିଲା। ଏହି କମିଟିର ଅଧ୍ୟକ୍ଷ ଭାବରେ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନଙ୍କ ସହ ସଦସ୍ୟ ଇଂ. ରାକେଶ କୁମାର ତ୍ରିପାଠୀ ଓ ବିଶ୍ୱଜିତ ମିଶ୍ରଙ୍କୁ ଅନିୟମିତତାର ତଦନ୍ତ ଭାର ଦିଆଯାଇଥିଲା। ଏହି କମିଟି ୨୨।୩।୨୦୨୩ରେ ଦୁଇଦିନ ଧରି କ୍ଷେତ୍ର ପରିଦର୍ଶନ କରି ତଦନ୍ତ କରି ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ସିଲେଟପଡା, ପଣ୍ଡରାପିଟା ଓ ଖେମେଡଗଡରେ ଜଳଛାୟା ପ୍ରକଳ୍ପ ଅନ୍ତର୍ଗତ ଚେକମେଡ ପରିଦର୍ଶନ କାଳରେ ବ୍ୟୟ ଅଟକଳ ଅନୁଯାୟୀ କାମ ହୋଇ ନ ଥିବା ଦର୍ଶାଯାଇଥିଲା। ଏହା ସହିତ ଖେମେଡଗଡରେ ଏକ କୃଷି ପୋଖରୀ ୩୦ ପ୍ରତିଶତ କାମ ହୋଇ ୯୦ ପ୍ରତିଶତ ଅର୍ଥ ପଇଠ ହୋଇଥିବା ନେଇ କମିଟି ସୂଚନା ଦେଇଛି। ସିଲେଟପଡା ଗାଁରେ ୯ଜଣ କୃଷକଙ୍କ କାମ ନ ହୋଇ କୃଷି ପୋଖରୀ ନାମରେ ଅର୍ଥ ପଇଠ ହୋଇଥିବା କମିଟି ତଦନ୍ତ ପରବର୍ତ୍ତୀ ରିପୋର୍ଟରେ ଉଲ୍ଲେଖ କରିଛି। ଅନୁରୂପ ଭାବରେ ସିନ୍ଦୂରପୁର ଗାଁରେ ଜଣେ ଚାଷୀଙ୍କ ନାଁରେ ପୋଖରୀ ନ ଖୋଳି ୧ଲକ୍ଷ ୫୦ ହଜାର ଟଙ୍କାର ଅର୍ଥ ପଇଠ ହୋଇଛି। ଏହିସବୁ ଅନିୟମିତତାର ତଦନ୍ତ ରିପୋର୍ଟ ପ୍ରଦାନ ପରେ ଏହାର ଭିଜିଲାନ୍ସ ତଦନ୍ତ କରାଯାଇଛି। ଏ ନେଇ ବୌଦ୍ଧ ଜଳଛାୟା ପ୍ରକଳ୍ପ ପିଆଇଓ ଜିତେନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ତଦନ୍ତ ସମୟରେ ମୁ ଉପସ୍ଥିତ ନ ଥିଲି। ଏହାଛଡା ତଦନ୍ତ ପରିସରଭୁକ୍ତ କାମ ମୋ ସମୟର ନୁହଁ। ତେଣୁ ଏ ବିଷୟରେ ମୁ କୌଣସି ମନ୍ତବ୍ୟ ଦେଇପାରିବି ନାହିଁ।

# ମୃତଦେହ ଚିହ୍ନଟ, ପରିବାର ଲୋକଙ୍କୁ ହସ୍ତାନ୍ତର

ଭେଡେ଼ନ,୨୯।୩(ଡି.ଏନ.ଏ)


ଜିଲା ମୁଖ୍ୟ ଡାକ୍ତରଖାନାରେ ପରିବାର ଲୋକେ ମୃତଦେହ ଚିହ୍ନଟ କରୁଛନ୍ତି।

## ହତ୍ୟା ପରେ ଶବ ପୋଡ଼ିବା ଘଟଣା

ବରଗଡ଼ ଜିଲା ଭେଡେ଼ନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଦେଶଭଟଲି ମେଗା ଗ୍ରୀଡ୍ ନିକଟ ରାସ୍ତାକଡ଼ୁ ମଙ୍ଗଳବାର ଉଦ୍ଧାର ହୋଇଥିବା ଅର୍ଦ୍ଧଦଗ୍ଧ ମୃତଦେହ ବୁଧବାର ଚିହ୍ନଟ ହୋଇଛି। ମୃତକ ଝାରସୁଗୁଡ଼ା ଥାନା ସରବାହାଲ ଗ୍ରାମର ସୁନିତ ଅଗ୍ରୱାଲଙ୍କ ପୁଅ ସମର୍ଥ(୧୫) । ତାଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ଶବକୁ ପୋଡ଼ି ଦିଆଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ଏ ନେଇ ଭେଡେ଼ନ ଥାନା ପୋଲିସ ଦଫା ୩୦୨, ୨୦୧ରେ ଏକ ମାମଲା(୯୭/୨୩) ରୁଜୁ କରିଛି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସେହିପରି ମୃତକଙ୍କ ଡିଏନଏ ପରୀକ୍ଷା ପାଇଁ ପୋଲିସ ନଖ, ହାଡ଼,କେଶ ଆଦି ସଂଗ୍ରହ କରିଛି।

ମଙ୍ଗଳବାର ଦିନ ପ୍ରାୟ ୯ଟାରେ ଏକ ନୀଳରଙ୍ଗର କାର୍ ଯୋଗେ ୨ଅଭିଯୁକ୍ତ ଦେଶଭଟଲି ମେଗା ଗ୍ରୀଡ଼ ନିକଟ ରାସ୍ତାକୁ ଆସିଥିଲେ। ରାସ୍ତାକଡ଼କୁ ମୃତଦେହ ଫିଙ୍ଗି ପେଟ୍ରୋଲ ଢ଼ାଳିବା ସହିତ ନିଆଁ ଲଗାଇ ସୋନପୁର ପଟକୁ ଖସି ଯାଇଥିଲେ। ମେଗା ଗ୍ରୀଡ୍‌କୁ କାମ କରିବାକୁ ଆସୁଥିବାବେଳେ କେତେକ କର୍ମଚାରୀ ତାହା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ବୁଧବାର ସକାଳେ ବରଗଡ଼ ଏସପି ପି.ଏସ୍ ମିନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଅପରାହ୍ନରେ ମୃତକଙ୍କ ବାପା ସୁନିତ, ମା ସଙ୍ଗୀତା ଏବଂ ଅନ୍ୟ ଆତ୍ମୀୟମାନେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲେ। ମୃତ ସମର୍ଥ ପିନ୍ଧିଥିବା ଶାର୍ଟର କିଛି ଅଂଶ ପୋଡ଼ି ନଥିଲା। ଘରୁ ବାହାରିବାବେଳେ ସେହି ଶାର୍ଟ ସମର୍ଥ ପିନ୍ଧିଥିବା ପରିବାର ଲୋକେ କହିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହ ଧରି ନିଜ ଘରକୁ ଫେରିଥିଲେ। ଅନ୍ୟପକ୍ଷେ ଏହି ଘଟଣାର ୨ଅଭିଯୁକ୍ତ ଝାରସୁଗୁଡ଼ା ବିଜୁ ନଗର ନିବାସୀ ଅମିତ କୁମାର ଶର୍ମା ଏବଂ ବ୍ରଜରାଜନଗର ଗାନ୍ଧିଛକ ନିବାସୀ ଦିନେଶ ଅଗ୍ରୱାଲଙ୍କୁ ଝାରସୁଗୁଡ଼ା ପୋଲିସ ଗିରଫ କରିଛି।

## ସଂକ୍ଷେପରେ

### ସିଲାଟିରେ ନାମଯଜ୍ଞ

**ବରପାଲି, ୨୯।୩(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକ ବାରଗୁଡା ପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଓ ରେମତା ପଞ୍ଚାୟତର ସଦର ଗାଁ ରେମତାରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବରପାଲି ଜମିଦାର ଲାଲ ବିକ୍ରମ ସିଂଦେଓ, ବିଶ୍ୱମୋହନ ମହାପାତ୍ର, ଜିଲା ପରିଷଦ ସଭ୍ୟ ଅନନ୍ତ ସେଠ ପ୍ରମୁଖ ଯୋଗଦେଇଥିଲେ।

### ବିନିକା ଥାନାରେ ଆମ ପୋଲିସ ସମିତି ବୈଠକ

**ବିନିକା,୨୯।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଥାନାରେ ବୁଧବାର ପୋଲିସ ସମିତି ବୈଠକ ଥାନା ଅଧିକାରୀ ପବିତ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷ କରି ଟ୍ରାଫିକ ସମସ୍ୟା, ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି, ହେଲମେଟ ଚେକିଂ ଉପରେ ଗୁରୁତ୍ୱ, ରାସ୍ତାରେ ଦ୍ରୁତ ଗତିରେ ଗାଡି ଚଳାଉଥିବା ଚାଳକଙ୍କ ଉପରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଆଦି ଅନେକ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଓକିଲ ସଂଘର ସଭାପତି ସୁଧାଂଶୁ ଶେଖର ଦାଶ, ବିଜେଡ଼ି ବ୍ଲକ ସଭାପତି ଦ୍ୱାରିକାନାଥ ସାହୁ, ବରିଷ୍ଠ ନାଗରିକ ଶୀତଳ ପ୍ରସାଦ ମହାକୁର, ବିନୋଦ ମିଶ୍ର, ଅମର ଅଗ୍ରୱାଲ, ଗୋବିନ୍ଦା ଅଗ୍ରୱାଲ, ଟିଟୁ ପାଣିଗ୍ରାହୀ, ଯୁବ ନେତା ଆଲୋକ ହୋତା, ଗୋପାଲ ବାଘ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ମହୁଲି ମଦ ଜବତ, ଜଣେ ଗିରଫ

**କୁଚିଣ୍ଡା,୨୯।୩(ଡି.ଏନ.ଏ.):** କୁଚିଣ୍ଡା ଅବକାରୀ ବିଭାଗ ପକ୍ଷରୁ ବୁଧବାର କୁଚିଣ୍ଡା ଥାନା ଅନ୍ତର୍ଗତ ଶିରିଡ ଗ୍ରାମରେ ଚଢାଉ କରାଯାଇ ୧୫ ଲିଟର ଦେଶୀ ମହୁଲି ମଦ ଜବତ କରି ଜଣଙ୍କୁ ଗିରଫ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁଚିଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ସମୟରେ ଶିରିଡ ଗ୍ରାମର ଖେଡୁ କିଷାନଙ୍କ ଘରୁ ୧୫ ଲିଟର ମହୁଲି ମଦ ଜବତ କରି ତାଙ୍କୁ ଗିରଫ କରଯାଇଥିଲା। ଏ ନେଇ କୁଚିଣ୍ଡା ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗିରଫ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ମୁକାବିଲାରେ ଜାମିନ ପ୍ରଦାନ କରାଯାଇଥିଲା।

# ବାଳିକା ଶିକ୍ଷା, କୈଶୋର ମାତୃତ୍ୱ ସମ୍ପର୍କରେ ଆଲୋଚନା



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ସୁବର୍ଣ୍ଣପୁର,୨୯।୩(ନି. ପ୍ର. )

## ମିଶନ ବାତ୍ସଲ୍ୟ ଓ ବାଲ୍ୟବିବାହ ପ୍ରତିରୋଧ ବୈଠକ

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଶନ ବାତ୍ସଲ୍ୟ ସଚେତନତା ସଭା ତଥା ବାଲ୍ୟ ବିବାହ ନିଷେଧ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନୀଲ ନରୱାଣେ ବୈଠକରେ ଅଧକ୍ଷତା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ସ୍ୱାଗତ ଭାଷଣ ଦେବା ସହିତ ମିଶନ ବାତ୍ସଲ୍ୟ ଯୋଜନା ବିଷୟରେ ଆଲୋଚନା କରିଥିଲେ। ବାଲ୍ୟ ବିବାହ ପରାମର୍ଶଦାତା ରାକେଶ ପ୍ରଧାନ ବାଲ୍ୟ ବିବାହ ନିଷେଧ କାର୍ଯ୍ୟକ୍ରମର ବିବରଣୀ ଦେବା ସହିତ ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ବୁଝାଇଥିଲେ। ଏକ୍ସନଏଡ଼ର ପ୍ରୋଗ୍ରାମ ମ୍ୟାନେଜର ଘାସିରାମ ପଣ୍ଡା ଯୋଗଦେଇ ଶିଶୁ ବନ୍ଧୁତ୍ୱ ପଞ୍ଚାୟତର ରୂପରେଖ ଓ ବିଭିନ୍ନ ବିଭାଗର ପରସ୍ପର ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ନରୱାଣେ ବାଳିକା ଶିକ୍ଷା, କୈଶୋର ମାତୃତ୍ୱ ଓ ବାଳିକା ଭ୍ରୁଣ ହତ୍ୟା ଆଦି ସମ୍ବେଦନଶୀଳ ବିଷୟରେ ଆଲୋଚନା କରି ବିଭାଗୀୟ ଅଧିକାରୀମାନଙ୍କୁ ପରସ୍ପର ସହଯୋଗରେ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାସ, ଡ଼ିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ଡିଲେଶର ଖାଖା, ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାର୍ଯ୍ୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଚାଇଲଡ ଲାଇନ ନିର୍ଦ୍ଦେଶକ ଅନଙ୍ଗ ନେଗୀ, ସମସ୍ତ ସିଡିପିଓ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାନ ଷ୍ଟପ ସେଣ୍ଟର, ଚାଇଲଡ ଲାଇନ ଓ ସଧାର ଗୃହର କର୍ମକର୍ତ୍ତା ଯୋଗଦାନ କରିଥିଲେ। ବିଶ୍ୱେଶ୍ୱର ହୋତା, ସୱାଗତରାଜ ମିଶ୍ର, ସରିତା ସୁନା, ବିଜୟ ବିଶ୍ୱାଳ, ପ୍ରଶାନ୍ତ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କୋସଲ ରାଜ୍ୟ ସମନ୍ୱୟ ସମିତି ବୈଠକ

ସୋନପୁର,୨୯।୩(ନି. ପ୍ର )

ଆସନ୍ତା ଅପ୍ରେଲ ୧ ତାରିଖକୁ କୋସଲ ରାଜ୍ୟ ସମନ୍ୱୟ ସମିତି କଳା ଦିବସ ଭାବେ ପାଳନ କରିବ। କୋସଲ ରାଜ୍ୟ ସମନୱୟ ସମିତିର ଯୁଗ୍ମ ଆବାହକ କିଶୋର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏହି ନିଷ୍ପତ୍ତି ନିଆଯାଇଛି । ସୋନପୁର ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା । ଏହି ଅବସରରେ ରୟାଲ ପଡିଆତ୍‌ଠାରୁ ଏକ ବାଇକ ରାଲି ବାହାରି ସହର ପରିକ୍ରମା କରିବ। ସେହିଭଳି ଅପରାହ୍ନ ସାଢେ ୫ଟାରେ ଏକ ପଥପ୍ରାନ୍ତ ସଭା ବିଜୁ ପଟ୍ଟନାୟକ ଛକରେ ଅନୁଷ୍ଠିତ ହେବ। ବୈଠକ ରେ ସମ୍ବିତ ନନ୍ଦ, ବିଭୁଦତ୍ତ ମିଶ୍ର, ରବିଶଙ୍କର ମିଶ୍ର, ଆଶ୍ରୟ ମହାନନ୍ଦ, ପ୍ରିୟବ୍ରତ ସାହୁ, ଲଳିତ ମୋହନ ସାହୁ, ରାଜେଶ ମିଶ୍ର, ଡୋଳାମଣି ପଧାନ, ଝୁମକି ମିଶ୍ର, ଚନ୍ଦନ ପଧାନ, ଗୌରଚନ୍ଦ୍ର ନାୟକ ଚନ୍ଦନ ଭୋଇ ଓ ସଂଜୀବ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷଣ ଶିକ୍ଷାଦାନ କର୍ମଶାଳା ଉଦ୍‌ଯାପିତ

ବରଗଡ଼ ଅଫିସ୍,୨୯।୩


ଅତିଥିଙ୍କ ଗହଣରେ ପୁରସ୍କୃତ ଶିକ୍ଷୟିତ୍ରୀ, ଶିକ୍ଷକ।

ବରଗଡ଼ ଜିଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନିଆ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ(ଟିଏଲଏମ) କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେଶ କୁମାର ରାଉତରାୟ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। କର୍ମଶାଳାରେ ୧୨ଟି କ୍ଲଷ୍ଟରରୁ ୪୫ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। ବାଲାଜୀ ରାଓମୋରେ, ରାମପ୍ରସାଦ ବାଗ, ସୌମ୍ୟରଞ୍ଜନ ପ୍ରଧାନ, ଆର୍ତ୍ତତ୍ରାଣ ଚୌହାନ ପ୍ରଶିକ୍ଷକଭାବେ ଯୋଗ ଦେଇଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥିଙ୍କୁ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ କିଭଳି ଉତ୍ତମଭାବେ ଗଣିତ, ଭାଷା ଶିକ୍ଷାଦାନ କରାଯାଇ ପାରିବ ସେ ନେଇ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ,ଶିକ୍ଷକମାନେ ସ୍ୱଳ୍ପ ମୂଲ୍ୟ ତଥା ବିନାମୂଲ୍ୟରେ ଉପଲବ୍ଧ ଜିନିଷରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଗଗନ ବେହେରା, ଜନକ ସେଠ ପ୍ରମୁଖ କର୍ମଶାଳା ପରିଦର୍ଶନ କରି ଏହାର ଉପାଦେୟତା ଉପରେ ଆଲୋଚନା କରିଥିଲେ। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଦିବାକର ବରିହାଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସମାରୋହ ହୋଇଥିଲା। ଏଥିରେ ଗୋଷ୍ଠି ଶିକ୍ଷା ଅଧିକାରୀ ରାଉତରାୟ ମୁଖ୍ୟଅତିଥି, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ବେହେରା, ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ନମିତା ବେହେରା, ସୁବାସିନୀ ସାହୁ, ବିକାଶ ଗଡ଼ତିଆ, ଡିଙ୍ଗର ମେହେର ପ୍ରମୁଖ ଶ୍ରେଷ୍ଠ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତ କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ସିଆରସିସି ଦୁର୍ବାଦଳ ବଡ଼ଗୋଛିଆଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବସୁଦେବ ପ୍ରଧାନ, ଶରତ ପ୍ରଧାନ, ସୀତାରାମ ଦୀପ, ରାଜେଶ୍ୱର ବେହେରା, ନବୀନ ସାହୁ, ତ୍ରିନାଥ ସେଠ, ପ୍ରଭାତ ରଞ୍ଜନ ସାହୁ, ସୁଧାଂଶୁ ଶେଖର ଜାଲ, ଡୋଲାମଣି କୁମ୍ଭାର, ପ୍ରକାଶ ମହାନନ୍ଦ, ହେମନ୍ତ ଆରୁଖ ପ୍ରମୁଖ ସିଆରସିସିବୃନ୍ଦ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

# ନୀଳାଚଳ ସାଇଧାମର ବାର୍ଷିକୋତ୍ସବ

ପଦ୍ମପୁର ୨୯।୩ ( ଡିଏନଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଟାଲ ଗ୍ରାମରେ ଥିବା ନୀଳାଚଳ ସାଇଧାମର ପ୍ରଥମ ବାର୍ଷିକ ମହୋତ୍ସବର ଶୁଭାରମ୍ଭ ହୋଇଛି। ପ୍ରଥମ ଦିବସରେ ସହସ୍ରାଧିକ ମହିଳା ଏକ ଶୋଭାଯାତ୍ରାରେ ଜଳ ପୂର୍ଣ୍ଣ କୁମ୍ଭ ନେଇ ମହୋତ୍ସବ ସ୍ଥଳୀରେ ସ୍ଥାପିତ କରିଥିଲେ। ମହେନ୍ଦ୍ର ବଢେଇ ଓ ତାଙ୍କ ଧର୍ମପତ୍ନୀ ମଞ୍ଜୁଶ୍ରୀ ବଢେଇ ମୁଖ୍ୟ କର୍ତ୍ତା ଦାୟିତ୍ୱ ନେଇଛନ୍ତି। ପଣ୍ଡିତ ଅଚ୍ୟୁତାନନ୍ଦ ହୋତା, ବିଜୟ ହୋତା, ଶଚିପତି ହୋତା ସାଇରାମ ପୂଜାର୍ଚ୍ଚନା, ହୋମ କରିବେ। ପ୍ରତ୍ୟହ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୁଶ୍ରୀ ବନ୍ଦିତା ନାୟକ ଓ ପ୍ରାପ୍ତି ଆଚାର୍ଯ୍ୟ ପାରାୟଣ କରିବେ। ପାଞ୍ଚଦିନ ବ୍ୟାପୀ ଏହି ମହୋତ୍ସବର ସୁପରିଚାଳନା ପାଇଁ ସଭାପତି ଚନ୍ଦ୍ରମଣି ସାହୁ, ସମ୍ପାଦକ ଶତ୍ରୁଘ୍ନ ପ୍ରଧାନଙ୍କ ନେତୃତ୍ୱରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଶିରିଡି ସାଇବାବାଙ୍କ ମନ୍ଦିର ଗତବର୍ଷ ପ୍ରତିଷ୍ଠା ହୋଇଥିଲା। ଚଳିତ ବର୍ଷ ପ୍ରଥମ ବାର୍ଷିକ ମହୋତ୍ସବ ମଧ ଧୁମଧାମରେ ପାଳନ କରାଯିବ ବୋଲି କମିଟୀ ସୂତ୍ରରୁ ଜଣାପଡିଛି।


ବାର୍ଷିକ ଉତ୍ସବ ପାଇଁ କଳସ ଶୋଭାଯାତ୍ରାରେ ବାହାରି ଥିବା ଶ୍ରଦ୍ଧାଳୁମାନେ।


## ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା

ବିଜ୍ଞାପନ ସଂଖ୍ୟା: ୯୫୦ ତାରିଖ: ୨୯।୦୩।୨୦୨୩

ଏତଦ୍ୱାରା ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା ଅଧୀନସ୍ଥ ସମସ୍ତ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୦୧ ଅକ୍ଟୋବରଠାରୁ ୩୧ମାର୍ଚ୍ଚ ୨୦୨୩ ଓ ୧୫ଦଶ ଅର୍ଥ କମିଶନ ଅଧୀନରେ ଆର୍ଥିକ ବର୍ଷ (୨୦୨୨-୨୩) କାର୍ଯ୍ୟକାରୀ କରାଯାଇଥିବା ପଞ୍ଚାୟତ ସମିତି କିମ୍ବା ଗ୍ରାମପଞ୍ଚାୟତସ୍ତରୀୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ସମସ୍ତ ଆବଶ୍ୟକୀୟ ନଥିପତ୍ରର ଏବଂ କାର୍ଯ୍ୟକୁ ସାମାଜିକ ସମୀକ୍ଷା କରାଯିବ। ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୧୨୧୯ ତାରିଖ ୧୩।୦୩।୨୦୨୩ ପ୍ରକାରେ ଆସନ୍ତା ତା୧୦।୦୪।୨୦୨୩ରିଖଠାରୁ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟଠାରେ ସାମାଜିକ ସମୀକ୍ଷା କରାଯିବ। ଏଣୁ ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମପଞ୍ଚାୟତ ରୋଜଗାର ସହାୟକ, ମେଟ୍ ଓ ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିଜ ନିଜ ଗ୍ରା.ପ. ଅଫିସରେ କାର୍ଯ୍ୟସୂଚୀ ଅନୁସାରେ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା। ପଞ୍ଚାୟତ ସମିତି ସ୍ତରୀୟ ଜନଶୁଣାଣି ତା୨୮।୦୬।୨୦୨୩ରିଖ ଦିନ ଅନୁଷ୍ଠିତ ହେବ। ଚିତ୍ରକୋଣ୍ଡା ଅଧୀନସ୍ଥ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ଓ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ ଏଥିରେ ସହଯୋଗ କରିବା ହେବେ।

OFFICE OF THE PANCHAYAT SAMITI, CHITRAKONDA

| Name of the GP | Name of the Scheme: 15 Finance Commision SA Start Date | 15 Finance Commision SA End Date | MGNREGA SA Start Date | MGNREGA SA End Date | Date of Gramasabha | Public Hearing Date |
|---|---|---|---|---|---|---|
| Doraguda | 10.04.2023 | 12.04.2023 | 13.04.2023 | 19.04.2023 | 19.04.2023 | 28.06.2023 |
| Nuaguda | | | 11.04.2023 | 17.04.2023 | 17.04.2023 | |
| Gunthaweda | | | 12.04.2023 | 18.04.2023 | 18.04.2023 | |
| Poplur | | | 14.04.2023 | 20.04.2023 | 20.04.2023 | |
| Kopatuti | 14.04.2023 | 16.04.2023 | 17.04.2023 | 22.04.2023 | 24.04.2023 | |
| Badapadar | | | 25.04.2023 | 01.05.2023 | 01.05.2023 | |
| Chitrakonda | 20.04.2023 | 22.04.2023 | 23.04.2023 | 29.04.2023 | 29.04.2023 | |
| Dhuliput | | | 28.04.2023 | 04.05.2023 | 04.05.2023 | |
| Badapada | 24.04.2023 | 26.04.2023 | 27.04.2023 | 03.05.2023 | 03.05.2023 | |
| Ralegada | | | 29.04.2023 | 04.05.2023 | 06.05.2023 | |
| Gajalmamudi | 08.05.2023 | 10.05.2023 | 11.05.2023 | 17.05.2023 | 17.05.2023 | |
| Papermetla | | | 10.05.2023 | 16.05.2023 | 16.05.2023 | |
| Jodambo | | | 09.05.2023 | 15.05.2023 | 15.05.2023 | |
| Andrapali | | | 10.05.2023 | 16.05.2023 | 16.05.2023 | |
| Panasput | 09.05.2023 | 11.05.2023 | 12.05.2023 | 18.05.2023 | 18.05.2023 | |
| Jantri | | | 24.05.2023 | 30.05.2023 | 30.05.2023 | |
| Kurmanur | | | 25.05.2023 | 31.05.2023 | 31.05.2023 | |
| Tunnelcamp | 20.05.2023 | 22.05.2023 | 23.05.2023 | 29.05.2023 | 29.05.2023 | |

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚିତ୍ରକୋଣ୍ଡା



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. C-NIT-TS-KSNG-GMU-W-PF2/3, ତା.24.03.2023ରିଖ

କାର୍ଯ୍ୟର ନାମ : 05 (ପାଞ୍ଚ) ବର୍ଷ ପାଇଁ କେସିଙ୍ଗା (KSNG) ଷ୍ଟେସନ, ପ୍ଲାଟଫର୍ମ ସଂ. 2/3 ରେ ଚା (Tea) ଷ୍ଟଲ୍ ନିମନ୍ତେ ଟେଣ୍ଡର।

ପ୍ରତ୍ୟେକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ : ₹ 90,000/- (ନବେ ହଜାର), EMD : ₹ 22,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 2,500/- + @ 18% GST = ₹ 2,950/- (ଫେରସ୍ତ ଯୋଗ୍ୟ ନୁହେଁ), ସମୟ ଅବଧି: 5 ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.04.2023 ରିଖ 1100 ଘଟିକାରେ।

ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.17.04.2023 ରିଖ 1130 ଘଟିକାରେ।

ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର

PR-1115/N/22-23



## ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ

ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସମ୍ବଲପୁର, ସାରଲାକାନି ଛକ, ଏନଏଚ-୬, ଏସଟି. ଜନ୍ସ ସ୍କୁଲ ସାମନା, ସାକ୍ଷୀପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬

NHAI — ଭାରତମାଳା ପ୍ରଗତି के पथ पर अग्रसर

11040/NHAI PIU/SBP/JSG-KNTR/TOLL/295/2023 Date:24.03.2023

ସର୍ବସାଧାରଣ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟର ଏନଏଚ-୪୯ ( ପୁରୁଣା ଏନଏଚ୨୦୦)ରେ କିମି ୧୯୭.୩୦୦ ଠାରୁ କିମି ୨୬୫.୩୦୦ କନକତୋରା-ଝାରସୁଗୁଡ଼ା ସେକ୍ସନର କିମି ୨୫.୨୦୦ ରେ ଗୋବିନ୍ଦପୁର ଫି ପ୍ଲାଜା ଲାଗି ୨୦୨୩-୨୪ ପାଇଁ ୟୁଜର ଫି ମୂଲ୍ୟରେ ସଂଶୋଧନ ୦୧.୦୪.୨୦୨୩, ୦.୦୦ଘ. ଠାରୁ କାର୍ଯ୍ୟକାରୀ ହେବ । (ଟଙ୍କାରେ)

| ଯାନର ପ୍ରକାର | ଏକତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟିକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | ୬୦ | ୯୦ | ୧୯୭୫ | ୩୦ |
| ଲଘୁ ବ୍ୟବସାୟିକ ଯାନ, ଲଘୁ ମାଲ ପରିବହନ ଯାନ କିମ୍ବା ମିନି ବସ | ୯୫ | ୧୪୫ | ୩୧୯୦ | ୫୦ |
| ବସ କିମ୍ବା ଟ୍ରକ (୨ ଅଖ) | ୨୦୦ | ୩୦୦ | ୬୬୮୫ | ୧୦୦ |
| ବାଣିଜ୍ୟିକ ଯାନ (୩ ଅଖ) | ୨୨୦ | ୩୩୦ | ୭୨୯୫ | ୧୧୦ |
| ଭାରି ନିର୍ମାଣ କାର୍ଯ୍ୟରେ ଯନ୍ତ୍ରପାତି, ଆର୍ଥ ମୁଭିଂ ମେସିନାରୀ କିମ୍ବା ମଲ୍ଟି ଏକ୍ସଲ୍ ଯାନ (୪ ରୁ ୬ ଅଖ) | ୩୧୫ | ୪୭୦ | ୧୦୪୮୫ | ୧୫୫ |
| ଅତି ବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | ୩୮୫ | ୫୭୫ | ୧୨୭୬୦ | ୧୯୦ |

କଥିତ ନିୟମ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ବର୍ଷ ସଂଶୋଧନ ବିଷୟ ଉପରେ ନିର୍ଭର କରି ୨୦୨୩-୨୪ ବର୍ଷ ଲାଗି ଉପରୋକ୍ତ ଟୋଲ ପ୍ଲାଜାଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ ଦର ରହିବ ଟ.୩୩୦.୦୦ । ସବୁ ଗାଡ଼ି ଗୁଡ଼ିକ ପାଇଁ ଫାଷ୍ଟ ଟ୍ୟାଗ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ୟୁଜରମାନଙ୍କୁ ଫାଷ୍ଟଟ୍ୟାଗ କ୍ରୟ କରିବାକୁ ଅନୁରୋଧ କରାଯାଉଛି ।
ଫୋନ-(୦୬୬୩)୨୫୪୮୯୬୬, ଇମେଲ: piusambalpur@nhai.org, nhaisambalpur@gmail.com

ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ



## ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ

ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସମ୍ବଲପୁର, ସାରଲାକାନି ଛକ, ଏନଏଚ-୬, ଏସଟି. ଜନ୍ସ ସ୍କୁଲ ସାମନା, ସାକ୍ଷୀପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬

11040/NHAI PIU/SBP/NH57(0 to 45.750)/TOLL/296/2023 Date:27.03.2023

ସର୍ବସାଧାରଣ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟର ଏନଏଚ-୫୭ ରେ କିମି ୦.୦୦ ଠାରୁ କିମି ୪୫.୭୫୦ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ସହର ନିକଟରେ ସେକ୍ସନର ବଲାଙ୍ଗିର ଠାରୁ ସୋନପୁର ସିଏଚ.୧୫.୨୫୦ ରେ ବଲାଙ୍ଗିର ଫି ପ୍ଲାଜା ଲାଗି ୨୦୨୩-୨୪ ପାଇଁ ୟୁଜର ଫି ମୂଲ୍ୟରେ ସଂଶୋଧନ ୦୧.୦୪.୨୦୨୩, ୦.୦୦ଘ. ଠାରୁ କାର୍ଯ୍ୟକାରୀ ହେବ । (ଟଙ୍କାରେ)

| ଯାନର ପ୍ରକାର | ଏକତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟିକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | ୪୦ | ୬୦ | ୧୩୧୦ | ୨୦ |
| ଲଘୁ ବ୍ୟବସାୟିକ ଯାନ, ଲଘୁ ମାଲ ପରିବହନ ଯାନ କିମ୍ବା ମିନି ବସ | ୬୫ | ୯୫ | ୨୧୧୫ | ୩୦ |
| ବସ କିମ୍ବା ଟ୍ରକ (୨ ଅଖ) | ୧୩୫ | ୨୦୦ | ୪୪୩୦ | ୬୫ |
| ବାଣିଜ୍ୟିକ ଯାନ (୩ ଅଖ) | ୧୪୫ | ୨୧୫ | ୪୮୩୦ | ୭୦ |
| ଭାରି ନିର୍ମାଣ କାର୍ଯ୍ୟରେ ଯନ୍ତ୍ରପାତି, ଆର୍ଥ ମୁଭିଂ ମେସିନାରୀ କିମ୍ବା ମଲ୍ଟି ଏକ୍ସଲ୍ ଯାନ (୪ ରୁ ୬ ଅଖ) | ୨୧୦ | ୩୧୫ | ୬୯୪୫ | ୧୦୫ |
| ଅତି ବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | ୨୫୫ | ୩୮୦ | ୮୪୫୫ | ୧୨୫ |

କଥିତ ନିୟମ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ବର୍ଷ ସଂଶୋଧନ ବିଷୟ ଉପରେ ନିର୍ଭର କରି ୨୦୨୩-୨୪ ବର୍ଷ ଲାଗି ଉପରୋକ୍ତ ଟୋଲ ପ୍ଲାଜାଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ ଦର ରହିବ ଟ.୩୩୦.୦୦ । ସବୁ ଗାଡ଼ି ଗୁଡ଼ିକ ପାଇଁ ଫାଷ୍ଟ ଟ୍ୟାଗ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ୟୁଜରମାନଙ୍କୁ ଫାଷ୍ଟଟ୍ୟାଗ କ୍ରୟ କରିବାକୁ ଅନୁରୋଧ କରାଯାଉଛି ।
ଫୋନ-(୦୬୬୩)୨୫୪୮୯୬୬, ଇମେଲ: piusambalpur@nhai.org, nhaisambalpur@gmail.com

ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ



## ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ

ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସମ୍ବଲପୁର, ସାରଲାକାନି ଛକ, ଏନଏଚ-୬, ଏସଟି. ଜନ୍ସ ସ୍କୁଲ ସାମନା, ସାକ୍ଷୀପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬

11040/NHAI PIU/SBP/NH57(140.900 to 224.900)/TOLL/297/2023 Date:27.03.2023

ସର୍ବସାଧାରଣ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟର ଏନଏଚ-୫୭ ରେ କିମି ୧୪୦.୯୦୦ ଠାରୁ କିମି ୨୨୪.୧୮୦ ନୟାଗଡ଼ ଜିଲ୍ଲାର ରଙ୍ଗମାଟିଆ ଗ୍ରାମ ନିକଟ ସେକ୍ସନରେ ଆଦେନିଗୁଡ଼ା ଠାରୁ ମାଇଛେଲି ସିଏଚ.୧୯୦.୦୫୦ ରେ ରଙ୍ଗମାଟିଆ ଫି ପ୍ଲାଜା ଲାଗି ୨୦୨୩-୨୪ ପାଇଁ ୟୁଜର ଫି ମୂଲ୍ୟରେ ସଂଶୋଧନ ୦୧.୦୪.୨୦୨୩, ୦.୦୦ଘ. ଠାରୁ କାର୍ଯ୍ୟକାରୀ ହେବ । (ଟଙ୍କାରେ)

| ଯାନର ପ୍ରକାର | ଏକତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟିକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | ୭୦ | ୧୦୫ | ୨୩୮୦ | ୩୫ |
| ଲଘୁ ବ୍ୟବସାୟିକ ଯାନ, ଲଘୁ ମାଲ ପରିବହନ ଯାନ କିମ୍ବା ମିନି ବସ | ୧୧୫ | ୧୭୫ | ୩୮୫୦ | ୬୦ |
| ବସ କିମ୍ବା ଟ୍ରକ (୨ ଅଖ) | ୨୪୦ | ୩୬୫ | ୮୦୬୦ | ୧୨୦ |
| ବାଣିଜ୍ୟିକ ଯାନ (୩ ଅଖ) | ୨୬୫ | ୩୯୫ | ୮୭୯୫ | ୧୩୦ |
| ଭାରି ନିର୍ମାଣ କାର୍ଯ୍ୟରେ ଯନ୍ତ୍ରପାତି, ଆର୍ଥ ମୁଭିଂ ମେସିନାରୀ କିମ୍ବା ମଲ୍ଟି ଏକ୍ସଲ୍ ଯାନ (୪ ରୁ ୬ ଅଖ) | ୩୮୦ | ୫୭୦ | ୧୨୬୪୫ | ୧୯୦ |
| ଅତି ବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | ୪୬୦ | ୬୯୫ | ୧୫୩୯୦ | ୨୩୦ |

କଥିତ ନିୟମ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ବର୍ଷ ସଂଶୋଧନ ବିଷୟ ଉପରେ ନିର୍ଭର କରି ୨୦୨୩-୨୪ ବର୍ଷ ଲାଗି ଉପରୋକ୍ତ ଟୋଲ ପ୍ଲାଜାଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ ଦର ରହିବ ଟ.୩୩୦.୦୦ । ସବୁ ଗାଡ଼ି ଗୁଡ଼ିକ ପାଇଁ ଫାଷ୍ଟ ଟ୍ୟାଗ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ୟୁଜରମାନଙ୍କୁ ଫାଷ୍ଟଟ୍ୟାଗ କ୍ରୟ କରିବାକୁ ଅନୁରୋଧ କରାଯାଉଛି ।
ଫୋନ-(୦୬୬୩)୨୫୪୮୯୬୬, ଇମେଲ: piusambalpur@nhai.org, nhaisambalpur@gmail.com

ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ



## ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ

ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସମ୍ବଲପୁର, ସାରଲାକାନି ଛକ, ଏନଏଚ-୬, ଏସଟି. ଜନ୍ସ ସ୍କୁଲ ସାମନା, ସାକ୍ଷୀପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬

11040/NHAI PIU/SBP/TLBN-SBP/TOLL/298/2023 Date:27.03.2023

ସର୍ବସାଧାରଣ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟର ଏନଏଚ-୫୩ ରେ କିମି ୪୯.୩୦୦ ରୁ କିମି ୫୨୧.୮୨୫ ଏବଂ କିମି ୫୪୫.୧୭୬ ରୁ କିମି ୫୬୭.୪୦୦ ତେଲେଇବାଣୀ-ସମ୍ବଲପୁର ସେକ୍ସନ୍ ର କିମି ୫୫୧.୮୦୦ ପୁଡାପଡା-ନିଳଡୁଙ୍ଗୁରି ଫି ପ୍ଲାଜା ଲାଗି ୨୦୨୩-୨୪ ପାଇଁ ୟୁଜର ଫି ମୂଲ୍ୟରେ ସଂଶୋଧନ ୦୧.୦୪.୨୦୨୩, ୦.୦୦ଘ. ଠାରୁ କାର୍ଯ୍ୟକାରୀ ହେବ । (ଟଙ୍କାରେ)

| ଯାନର ପ୍ରକାର | ଏକତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟିକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | ୭୫ | ୧୧୦ | ୨୪୩୦ | ୩୫ |
| ଲଘୁ ବ୍ୟବସାୟିକ ଯାନ, ଲଘୁ ମାଲ ପରିବହନ ଯାନ କିମ୍ବା ମିନି ବସ | ୧୨୦ | ୧୭୫ | ୩୯୨୫ | ୬୦ |
| ବସ କିମ୍ବା ଟ୍ରକ (୨ ଅଖ) | ୨୪୫ | ୩୭୦ | ୮୨୨୦ | ୧୨୫ |
| ବାଣିଜ୍ୟିକ ଯାନ (୩ ଅଖ) | ୨୭୦ | ୪୦୫ | ୮୯୭୦ | ୧୩୫ |
| ଭାରି ନିର୍ମାଣ କାର୍ଯ୍ୟରେ ଯନ୍ତ୍ରପାତି, ଆର୍ଥ ମୁଭିଂ ମେସିନାରୀ କିମ୍ବା ମଲ୍ଟି ଏକ୍ସଲ୍ ଯାନ (୪ ରୁ ୬ ଅଖ) | ୩୮୫ | ୫୮୦ | ୧୨୮୯୦ | ୧୯୫ |
| ଅତି ବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | ୪୭୦ | ୭୦୫ | ୧୫୬୯୫ | ୨୩୫ |

କଥିତ ନିୟମ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ବର୍ଷ ସଂଶୋଧନ ବିଷୟ ଉପରେ ନିର୍ଭର କରି ୨୦୨୩-୨୪ ବର୍ଷ ଲାଗି ଉପରୋକ୍ତ ଟୋଲ ପ୍ଲାଜାଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ ଦର ରହିବ ଟ.୩୩୦.୦୦ । ସବୁ ଗାଡ଼ି ଗୁଡ଼ିକ ପାଇଁ ଫାଷ୍ଟ ଟ୍ୟାଗ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ୟୁଜରମାନଙ୍କୁ ଫାଷ୍ଟଟ୍ୟାଗ କ୍ରୟ କରିବାକୁ ଅନୁରୋଧ କରାଯାଉଛି ।
ଫୋନ-(୦୬୬୩)୨୫୪୮୯୬୬, ଇମେଲ: piusambalpur@nhai.org, nhaisambalpur@gmail.com

ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ

## ସଂକ୍ଷେପରେ

### ଶିକ୍ଷକଙ୍କ ଆତ୍ମହତ୍ୟା

**କର୍ଲାମୁଣ୍ଡା,୨୯।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଚା ପଞ୍ଚାୟତ ରିଞ୍ଚା ଗ୍ରାମର ଶିକ୍ଷକ ଜଗନ୍ନାଥ ବାଗ ମଙ୍ଗଳବାର



ରାତିରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ମ. ରାମପୁର ବ୍ଲକ ସାଗରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ରାତିରେ ତାଙ୍କ ଶୋଇବା କୋଠରୀରେ ପାଟିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇବା ପରେ ପରିବାରବର୍ଗ ପୋଲିସକୁ ସୂଚନା ଦେଇଥିଲେ। ମ. ରାମପୁର ଥାନାଧିକାରୀ ସଚିନ୍ଦ୍ର ପଧାନ, ରିଷିଡା ଫାଣ୍ଡିଧିକାରୀ କ୍ଷୀରସିନ୍ଧୁ ମାଝି ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଶବ ପଞ୍ଚନାମା କରିବା ସହ ବ୍ୟବଚ୍ଛେଦ ପାଇଁ ମ. ରାମପୁର ପଠାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୩) ରୁଜୁ ହୋଇଛି। ରିଷିଡା ଫାଣ୍ଡିଧିକାରୀ କ୍ଷୀରସିନ୍ଧୁ ମାଝିଙ୍କୁ ତଦନ୍ତ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ପାରିବାରିକ ଅଶାନ୍ତି କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ କହିଛି।

### ବାଇକ୍ ଚୋରି ଅଭିଯୋଗ

**କେସିଙ୍ଗା,୨୯।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ୱାର୍ଡ ନଂ. ୧୦ ଚନ୍ଦନ ନଗରପଡ଼ାରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଘରେ ପଶି ତ୍ରିନାଥ ନାଏକଙ୍କ ବାଇକ୍ ଚୋରି କରି ନେଇ ଯାଇଛନ୍ତି। ଏ ନେଇ ନାଏକ କେସିଙ୍ଗା ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ମଙ୍ଗଳବାର ରାତି ୨ଟାରେ କିଛି ଦୁର୍ବୃତ୍ତ ଘର କାନ୍ଥ ବାଡ଼ ଡେଇଁ ଭିତର ପଟୁ ଅଗଣା କବାଟ ଖୋଲି ମୋଟରସାଇକେଲ (ନଂ. ଓଆର୦୮ଏ-୩୧୮୧) ଚୋରି କରି ନେଇଥିଲେ। କେସିଙ୍ଗା ସହରରେ ଦିନକୁ ଦିନ ଚୋରି ସଂଖ୍ୟା ବଢୁଥିବାରୁ ଜନସାଧାରଣ ଭୟଭୀତ ହେଉଥିବା ନଜର ଆସୁଛି। ଏ ନେଇ ଆଇଆଇସି ଏସ.କେ. ନନ୍ଦଙ୍କୁ ପଚାରିବାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

### ମୋ ଓଡ଼ିଶା ଗୀତରେ କଣ୍ଠଦାନ କରିବେ ଦିଲୀପ ବାଗ

**କର୍ଲାମୁଣ୍ଡା,୨୯।୩(ଡି.ଏନ.ଏ.):** ଓଡ଼ିଶାର ୩୦ ଜିଲାରୁ ୩୦ ଜଣଙ୍କ କଣ୍ଠଦାନରେ



ମୁକ୍ତି ଲାଭ କରିବାକୁ ଥିବା ମୋ ଓଡ଼ିଶା ଗୀତରେ କଣ୍ଠଦାନ କରିବାକୁ ସାମିଲ ହୋଇଛନ୍ତି ଜଣାଶୁଣା କଣ୍ଠଶିଳ୍ପୀ ରିୟାନ୍ସ ଦିଲୀପ ବାଗ। ସେ ହେଉଛନ୍ତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ରେଗଡା ଗ୍ରାମର। ସେ ଜୁନିୟର କୁମାର ସାନୁ ଭାବେ ଅଞ୍ଚଳରେ ପରିଚିତ। ତାଙ୍କର ଏହି ସଫଳତା ପାଇଁ କର୍ଲାମୁଣ୍ଡା ବ୍ଲକର ସାହିତ୍ୟ ସଂସ୍କୃତି ସଂସଦ, କଳାକାର ସଂଘ, ପ୍ରେସ କ୍ଲବ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ୧ ତାରିଖ ଉତ୍କଳ ଦିବସ ଅବସରରେ ଏହା ମୁକ୍ତି ଲାଭ କରିବାକୁ ଥିବା ବେଳେ ଗୀତ ରଚନା କରିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଗୁଡ଼ଲି ରଥ। ଏହା ଜଣାପଡିବା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଶିକ୍ଷକ, କର୍ମଚାରୀଙ୍କ ଧାରଣା

**ଖଡ଼ିଆଳ,୨୯।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକର ବିଭିନ୍ନ ସ୍ଥାନରେ ଓଡିଶା ରାଜ୍ୟ ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ଡାକରାରେ ବୁଧବାର ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଖଡ଼ିଆଳ ବ୍ଲକର ୧୮ଟି ହାଇସ୍କୁଲରେ ଧାରଣା ଦିଆଯାଇଥିବା ବେଳେ ଅଦ୍ୟାବଧି ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସର ଭୁକ୍ତ କରିବା, ସପ୍ତମ ବେତନ ରାଶି ପ୍ରଦାନ ସହ ସରକାରୀ ଘୋଷଣା କରିବା, ଅବସର ସମୟ ୬୨ ବର୍ଷକୁ ବୃଦ୍ଧି କରିବା, ଖାଲି ପଡିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ କରିବା ଆଦି ଦାବି କରାଯାଇଛି। ଏସବୁ ଦାବି ମାସକ ଭିତରେ ପୂରଣ ନ ହେଲେ ରାଜଧାନୀରେ ଆନ୍ଦୋଳନ କରାଯିବ ଓ ଦରକାର ପଡ଼ିଲେ ଦେଶ ସାରା ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ହଳଦିଆ ତରଭୁଜର ଚାହିଦା ବଢୁଛି

**ନୂଆପଡ଼ା ଅଫିସ,୨୯।୩**

ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଭେରାକାଲା ଗ୍ରାମର ଏକ ପରିବାର ପନିପରିବା ଚାଷ କରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ମଧ୍ୟ ରୋଜଗାର ଦେଉଛନ୍ତି। ଉକ୍ତ ଗ୍ରାମର ଭୁକୁରାମ ପଟେଲଙ୍କ ସ୍ତ୍ରୀ ଜବତିନବାଇ ପଟେଲ ଏବଂ ତାଙ୍କ ୨ ପୁଅ ତିରତରାମ ଓ ମହେନ୍ଦ୍ରଙ୍କୁ ମିଶାଇ ମୋଟ ୧୦ଜଣ ସଦସ୍ୟ ରହିଛନ୍ତି। ୧୦ ଏକର ଚାଷ ଜମିରେ ଧାନ ଚାଷ କରି ପରିବାର ଚଳାଇବା କଷ୍ଟକର ହେଉଥିଲା। ଦୁଇ ଛୁଆଙ୍କୁ ପାଠ ପଢାଇବାରେ ଅସୁବିଧା ହେବାରୁ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ସେଥିରେ ଧାନ ଚାଷ କରି ଅଳ୍ପ କିଛି ଜମିରେ ପନିପରିବା ଚାଷ କରୁଥିଲେ। ପରିବା ଚାଷରେ ଅଧିକ ଲାଭ ହେବାରୁ ଧାନ ଚାଷ କମାଇ ପନିପରିବା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଚଳିତ ରବି ଫସଲରେ ୫ ଏକର ଜମିରେ ଧାନ ଚାଷ କରିଥିବା ବେଳେ ୧ ଏକରରେ ଲାଲ ଓ ହଳଦିଆ ରଙ୍ଗର ତରଭୁଜ ଚାଷ, ଅଧା ଏକରରେ ଭେଣ୍ଡି, ୭୦ ଡେସିମିଲରେ ବନ୍ଧା ଓ ଫୁଲ କୋବି, ଅଧା ଏକର ଜମିରେ ପାତଳଘଣ୍ଟା, ଅଧା ଏକରରେ ବାଇଗଣ, ୩୦ ଡେସିମିଲ ଜମିରେ ପିଆଜ ଚାଷ କରିଛନ୍ତି। ବାକି ଜମିରେ ଝୁଣଙ୍ଗ, ଶାଗ ଇତ୍ୟାଦି ଚାଷ କରିଛନ୍ତି। ୨ ଭାଇ ଚାଷ କାମରେ ଲାଗିବା ଦିନଠାରୁ ରବି ଋତୁରେ ପନିପରିବା ଚାଷ କରି ୩ ଲକ୍ଷ ଟଙ୍କା ରୋଜଗାର କରି ପରିବାର ବେଶ ଖୁସିରେ ଚଳୁଛନ୍ତି। ଏକ ଲକ୍ଷ ଟଙ୍କା ଚାଷ କାର୍ଯ୍ୟରେ ଖର୍ଚ୍ଚ ହେଲେ ୨ ଲକ୍ଷ ଟଙ୍କା ଲାଭ ମିଳୁଛି। ନିଜେ ଚାଷ କରି ଦୁଇ



ଚାଷ କ୍ଷେତରେ ଚାଷୀ ତିରତରାମ ପଟେଲ।

**■ପରିବା ଚାଷ ଦେଇଛି ରୋଜଗାର**

**■ଅନ୍ୟଙ୍କୁ ମଧ ରୋଜଗାର ଦେଉଛନ୍ତି**

ପଇସା ରୋଜଗାର କରିବା ସହ ଆଉ ୫ଜଣ କାମ କରି ପରିବାର ଖୁସିରେ ଚଳାଉଛନ୍ତି। ଆମେ ନିଜେ ନୂଆପଡା ବା ଖରିଆର ରୋଡ ବଜାରରୁ ମଞ୍ଜି କିଣି ଚାଷ କରୁଥିଲୁ। ହେଲେ ଚଳିତବର୍ଷ ନୂଆପଡା କୃଷି ବିଭାଗ ପକ୍ଷରୁ ହଳଦିଆ ତରଭୁଜ ମଞ୍ଜି ଯୋଗାଇ ଦେଇଥିବା ଗଛ ଭଲ ହୋଇ ଫଳ ମଧ୍ୟ ଭଲ ଆସୁଛି। ଗୋଟିଏ ଗଛରେ ୪ ରୁ ୬ ଟି ଫଳ ଧରୁଛି। ଲାଲ ତରଭୁଜ ଅପେକ୍ଷା ହଳଦିଆ ତରଭୁଜର ଚାହିଦା ଅଧିକ ରହିଛି। ବର୍ଷା ଦିନେ ଜମିରେ ଅଧିକ ପାଣି ହେଉଥିବାରୁ ପନିପରିବା ଚାଷ ଭଲ ଆସେ ନାହିଁ। ସେଥିପାଇଁ ବର୍ଷା ଦିନେ ବାଇଗଣ ଓ ଝୁଣଙ୍ଗ ଚାଷ କରି ବାକି ଜମିରେ ଧାନ ଚାଷ କରିଥାଉ ବୋଲି ଭୁକୁରାମ ପଟେଲ କହିଛନ୍ତି।

### ସେମାନଙ୍କ ମୁହଁରୁ ...



"ପୂର୍ବରୁ ବାପା ଧାନ ଚାଷ କରି ଅଳ୍ପ ଜମିରେ ପନିପରିବା ଚାଷ କରୁଥିଲେ। ସେଥିରେ ଆମକୁ ଲାଭ କମ ମିଳୁଥିଲା। ଟଙ୍କା ଅଭାବ ଯୋଗୁ ଆମକୁ ଅଧିକ ପଢାଇ ପାରିଲେ ନାହିଁ। ମାଟ୍ରିକ ପର୍ଯ୍ୟନ୍ତ ପଢି ବାପାଙ୍କୁ ଚାଷରେ ସହଯୋଗ କଲୁ। ସେହିଦିନଠାରୁ ଚାଷ ଭଲ ହୋଇ ଅଧିକ ଲାଭବାନ ହୋଇ ପରିବାର ଖୁସିରେ ଚଳୁଛୁ। ବାପା ବୟସ୍କ ହୋଇ ଗଲେଣି, ଦୁଇ ଭାଇ ଚାଷ କରିବା ସହ ପରିବାର ସହଯୋଗ କରୁଛନ୍ତି।

**ତିରିତରାମ ପଟେଲ, ଭେରାକାଲା ଗ୍ରାମର ଚାଷୀ**



"ପୂର୍ବରୁ ଆମେ ଦୋକାନରେ ଲାଲ ତରଭୁଜ ବିକ୍ରି କରୁଥିଲୁ। ତରଭୁଜୁ ଫାଳ କଲେ ଲାଲ ରଙ୍ଗ ଦେଖାଯାଏ। ଲୋକେ ଆସି ହଳଦିଆ ତରଭୁଜ ଦିଅ ବୋଲି କହିବାରୁ। ମୁଁ ବ୍ୟାବସାୟୀଙ୍କୁ ବୁଝିବାରୁ ଭେରାକାଲା ଗ୍ରାମରେ ହଳଦିଆ ତରଭୁଜ ମିଳୁଛି ବୋଲି କହିବାରୁ ସେଠାରୁ ପ୍ରତିଦିନ ୫୦ ରୁ ୧୦୦ କିଲୋଗ୍ରାମ ତରଭୁଜ ଆଣି ବିକ୍ରୟ କରୁଛି। ଏହି ତରଭୁଜ ଭଲ ବିକ୍ରି ହେଉଛି।

**ଗୋବିନ୍ଦ ସାହୁ, ନୂଆପଡ଼ା ବ୍ୟାବସାୟୀ**



"ମୁଁ ନୂଆପଡା ବଜାରକୁ ତରଭୁଜ କିଣିବା ପାଇଁ ଆସିଲା ବେଳକୁ ଦେଖିଲି ଯେ ଲୋକେ ହଳଦିଆ ରଙ୍ଗର ତରଭୁଜ ଖାଉଥିଲେ। ମୁଁ ଦୋକାନୀଙ୍କୁ ପଚାରିଲି, ସେ କହିଲେ ଏହା ଏକ ନୂଆ ଭେରାଇଟିର ତରଭୁଜ, ଥରେ ନେଇ ଖାଇଲେ ଖୁସି ହୋଇଯିବେ ବୋଲି କହିଲେ। ମୁଁ ଗୋଟିଏ ତରଭୁଜ ନେଇ ଗଲି। ପରିବାର ଲୋକ ଫାଳ କରି ଦେଖିବା ବେଳକୁ ହଳଦିଆ ଦିଶିବାରୁ ଏଇଟା କ'ଣ ବୋଲି ପଚାରିଥିଲେ। ମୁଁ ତରଭୁଜ ବୋଲି କହିବାରୁ ଖାଇ ବେଶ ଖୁସି ହେଲେ।

**ଅଶୋକ ପାଣ୍ଡେ, ଗ୍ରାହକ ବୋଇରଭାଡି**



"ଲାଲ ରଙ୍ଗର ତରଭୁଜ ଅପେକ୍ଷା ହଳଦିଆ ରଙ୍ଗର ତରଭୁଜ ଭଲ ଉତ୍ପାଦନ ହୋଇ ବଜାରରେ ଅଧିକ ଚାହିଦା ରହିଛି। କୃଷି ବିଭାଗ ପକ୍ଷରୁ ପରୀକ୍ଷା ମୂଳକ ଭାବେ ପ୍ରଥମେ ଜିଲାର ୮ଜଣ ଚାଷୀଙ୍କୁ ୧୨ ପକେଟ ମଞ୍ଜି ଚାଷ କରିବା ପାଇଁ ଦେଇଛୁ। ୭୫ ରୁ ୮୦ ଦିନରେ ଅମଳ ହୋଇ ବିକ୍ରୟ ହୋଇଥାଏ। ନୂଆପଡା ବ୍ଲକରୁ ୬ଜଣ, କୋମନା ବ୍ଲକ ଝଗ୍ରାହୀ ଗାଁର ଜଣେ ଏବଂ ଖଡିଆଳ ବ୍ଲକ ମାଣ୍ଡୋସିଲ ଗାଁର ଜଣେ ଚାଷୀଙ୍କୁ ଭୁବନେଶ୍ୱରରୁ ମଞ୍ଜି ଆଣି ଚାଷ କରିବା ପାଇଁ ଦିଆଯାଇଛି।

**ସୁଧାଂଶୁ ଶେଖର ସାହୁ, ନୂଆପଡ଼ା ସହକାରୀ କୃଷି ଅଧିକାରୀ**

### ଖଡ଼ିଆଳ ମ୍ୟୁନିସିପାଲିଟି, ସିନାପାଲି ଏନ୍ଏସି ମାନ୍ୟତା ଦାବି କଲେ ବିଧାୟକ

**ଖଡ଼ିଆଳ,୨୯।୩(ଡି.ଏନ.ଏ.)**

ଚଳିତ ବିଧାନସଭାରେ ନଗର ଉନ୍ନୟନ ବିଭାଗ ବଜେଟ ଅଧିବେଶନ ଆଲୋଚନାରେ ଅଂଶ ଗ୍ରହଣ କରି ନୂଆପଡ଼ା ଜିଲା ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଜିଲାର ପ୍ରମୁଖ ସହର ଖଡିଆଳ ଏନ୍ଏସିକୁ ମ୍ୟୁନିସିପାଲିଟି ଏବଂ ସିନାପାଲିକୁ ଏନ୍ଏସି ମାନ୍ୟତା ଘୋଷଣା ପାଇଁ ଦାବି ଉପସ୍ଥାପନ କରିଥିଲେ। ଖଡିଆଳ ସହର ଜିଲାର ପ୍ରମୁଖ ସହର ବା ପ୍ରାଣକେନ୍ଦ୍ର ୧୯୫୨ରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ସହର ଜନସଂଖ୍ୟା ୪୫ରୁ ୫୦ ହଜାର ହେବ। କିନ୍ତୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅବହେଳିତ ଅବସ୍ଥାରେ ରହିଛି। ରାଜ୍ୟର ବିଭିନ୍ନ ସହରରେ ଜନସଂଖ୍ୟା ସହ ଯୋଗ୍ୟତା ନ ଥିଲେ ମଧ ଏନ୍ଏସି ଏବଂ ମ୍ୟୁନିସିପାଲିଟି ମାନ୍ୟତା ଦିଆଯାଉଛି। କିନ୍ତୁ ଖଡିଆଳ ଏନ୍ଏସି ମ୍ୟୁନସିପାଲିଟି ହେବା ପାଇଁ ସବୁ ଦୃଷ୍ଟିରୁ ଯୋଗ୍ୟତା ଅଛି, କିନ୍ତୁ ଦୃଷ୍ଟି ଦିଆଯାଉନାହିଁ। ଏଥିପ୍ରତି ଦୃଷ୍ଟିଦେଇ ଖଡିଆଳକୁ ମ୍ୟୁନିସିପାଲିଟି ଘାଷେଣା କରିବା ସହ ସିନାପାଲିକୁ ଏନ୍ଏସି ମାନ୍ୟତା ପାଇଁ ବିଧୟକ ଦାବି କରିଛନ୍ତି। ଖଡିଆଳ ସର୍ବପୁରାତନ ଏନ୍ଏସି ହୋଇଥିବା ବେଳେ ସହରରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଯେଉଁ ଡ୍ରେନ ଏବଂ ରାସ୍ତା କାମ ହୋଇଥିଲା ତାହା ଆଜି ବି ସେମିତି ପଡିରହିଛି। ନଗର ଉନ୍ନୟନ ବିଭାଗ ଦୂରଦୃଷ୍ଟି ବିହୀନ ନୀତି ଯୋଗୁ ପଛୁଆ ଅଞ୍ଚଳର ନଗରଗୁଡିକର ବିକାଶ ସମ୍ଭବପର ହୋଇପାରୁ ନ ଥିବା ବିଧାୟକ ବିଧାନସଭାରେ ପ୍ରଶ୍ନ କରିଥିଲେ।

## ପଢ଼ିବାକୁ ଶିଖିବା, ଶିଖିବାକୁ ପଢ଼ିବା କର୍ମଶାଳା




ତାଲିମରେ ଅଂଶ ଗ୍ରହଣକାରିମାନେ।

**କର୍ଲାମୁଣ୍ଡା,୨୯।୩(ଡି.ଏନ.ଏ.)**

ସମଗ୍ର ଶିକ୍ଷା କଳାହାଣ୍ଡି ଓ କୈବଲ୍ୟ ଏଜୁକେଶନ ଫାଉନଣ୍ଡେଶନର ମିଳିତ ଆନୁକୂଲ୍ୟରେ "ପଢିବାକୁ ଶିଖିବା: ଶିଖିବାକୁ ପଢ଼ିବା" କର୍ଲାମୁଣ୍ଡା ବ୍ଲକସ୍ତରୀୟ କର୍ମଶାଳା ତେରେସିଂହା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧକ୍ଷତାରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସହଦେବ ସୁନା ଓ ଅବସରପ୍ରାପ୍ତ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ହୃଷୀକେଶ ଗହିର, ତେରେସିଂହା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗରୁଡ଼ଧଜ ଗହିର କୈବଲ୍ୟ ଏଜୁକେଶନ ଫାଉନଣ୍ଡେଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ ଶାଶତ ସୌରଭ ପଣ୍ଡା ଓ କର୍ମକର୍ତ୍ତା ଯୋଗଦେଇଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ର ଏକ ବିଶେଷ ଉପାଦାନ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଅନ୍ତର୍ଗତ କଳାହାଣ୍ଡି ଜିଲା ଶିକ୍ଷା ବିଭାଗର ଏକ ଅଭିନବ ପ୍ରୟାସ ପଢିବାକୁ ଶିଖିବା, ଶିଖିବାକୁ ପଢ଼ିବା କାର୍ଯ୍ୟକ୍ରମ ମାଧମରେ ବ୍ଲକର ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧୟନରତ ସମସ୍ତ ଛାତ୍ରୀଛାତ୍ର କେମିତି ପଠନ, ଲିଖନ, କଥନ ଓ ସଂଖ୍ୟା ଜ୍ଞାନ ଉପରେ ଦକ୍ଷତା ହାସଲ କରିପାରିବେ ସେ ଦିଗରେ ପ୍ରଧାନ ଶିକ୍ଷକମାନଙ୍କୁ ବିଶେଷ ଭାବେ ତାଲିମ ପ୍ରଦାନ କରିଥିଲେ। ଏଥିରେ ପିଲାଙ୍କ ଉନ୍ନତିକୁ ବିଦ୍ୟାଳୟସ୍ତରରେ ସାପ୍ତାହିକ ଆକଳନ ଓ ବ୍ଲକ ଏବଂ ଜିଲାକୁ ମାସିକ ରିପୋର୍ଟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ବ୍ଲକ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏଥିରେ ବ୍ଲକର ପ୍ରଧାନ ଶିକ୍ଷକ ଓ ସିଆରସିସି ମାନେ ଯୋଗଦେଇଥିଲେ।

### ୩ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ

**ଖଡ଼ିଆଳ,୨୯।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଲୋହରାପାଲି ପରିସରରେ ସମଗ୍ର ଶିକ୍ଷା ନୂଆପଡା ଓ ଖଡ଼ିଆଳ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଲିଙ୍ଗ ସମ୍ବେଦନ ଶିଳତା ଓ ପାଠ୍ୟକ୍ରମ ସହ ସଂଯୋଗୀକରଣ ୩ ଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତି, ସମ୍ମାନିତ ଅତିଥି ଭାବେ ଲୋହରାପାଲି ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ଦଣ୍ଡସେନା, କେନ୍ଦ୍ର ପରିଚାଳକ ସିଆରସିସି ପ୍ରକାଶ କୁମାର ଠାକୁର ଯୋଗଦାନ କରିଥିବା ବେଳେ ତାଲିମ ଦାତା ଭାବେ ମନୋରମା ରଥ, ଶିଲୁ ମହାନନ୍ଦ ଓ ମିତ୍ରାବାଦୀ ମଲ୍ଲିକ ଯୋଗଦାନ କରି ତାଲିମ ପ୍ରଦାନ କରୁଛନ୍ତି। ତାଲିମ ଶିବିରରେ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି।

### ଯୁବ-ଛାତ୍ର ସଙ୍ଗଠନ ମଜଭୁତ୍ ପାଇଁ ଆହ୍ୱାନ

**ଜୁନାଗଡ଼,୨୯।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହର ସଂସ୍କୃତି ଭବନଠାରେ ବିଜେଡିର ଯୁବ-ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ର ଯୁବକଙ୍କୁ ଉତ୍ସାହିତ କରିବା ସହ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ନିଜ ସଙ୍ଗଠନକୁ ମଜଭୁତ୍ କରିବା ପାଇଁ ଛାତ୍ରୀଛାତ୍ର, ଯୁବକଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ର, ଯୁବକମାନେ ମଧ ବିଭିନ୍ନ ସମସ୍ୟା ଉପରେ ବିଧାୟକ ମିଶ୍ରଙ୍କୁ ଅବଗତ କରିଥିଲେ। ସମାବେଶରେ ଅନ୍ୟମାନଙ୍କ ମଧରେ ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ଛାତ୍ର ବିଜେଡି ଜିଲା ସଭାପତି ଅଜିତ ସାହୁ, ଏନ୍ଏସି ଉପାଧକ୍ଷା ହିମାଦ୍ରୀ ନାଏକ, ବ୍ଲକ ସଭାପତି ପ୍ରମୋଦ ବେହେର, ଯୁବ ନେତା ଦିନେଶ ବଗର୍ତ୍ତୀ ପ୍ରମୁଖ ଯୋଗଦେଇଥିଲେ। ସମାବେଶ ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ ପରିଚାଳନା କରିଥିଲେ। ସମାବେଶରେ ସ୍ଥାନୀୟ ୧ ହଜାର କଲେଜ ଛାତ୍ରୀଛାତ୍ର, ଯୁବକ ଯୋଗଦେଇଥିଲେ।




ଜୁନାଗଡ଼ ବିଧାୟକ ଉଦବୋଧନ ଦେଉଛନ୍ତି।

## ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

**ମଦନପୁର,୨୯।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଗ୍ରାମପଞ୍ଚାୟତଠାରେ ବୁଧବାର ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଏସ୍ଏଆର୍‌ସିଏସ୍ ରାୟଗୁରୁ, ମୁଖ୍ୟବକ୍ତା ଭାବେ ଏଆର୍‌ସିଏସ୍ ମଧୁସୂଦନ ମେହେର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସମସ୍ତ କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଚାଷୀ ଓ ସମବାୟ ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରି ରାଜ୍ୟ ସରକାରଙ୍କ ସମବାୟ ଜରିଆରେ ଚାଷୀଙ୍କୁ ଯୋଗାଇ ଦେଉଥିବା ସୁବିଧା ବିଷୟରେ ଆଲୋଚନା କରିଥିଲେ। ଏଆର୍‌ସିଏସ୍ ବଳରାମ ଚାଷୀଙ୍କ ପାଇଁ ବିନା ସୁଧରେ ସରକାରୀ ଋଣ ବ୍ୟବସ୍ଥା ନେଇ ଚାଷୀମାନଙ୍କୁ ଧାରଣା ଦେଇଥିଲେ। ଗୋଛାଡେଙ୍ଗେନ ସରପଞ୍ଚ ଡ. ସୁରେଶ ପଧାନ, ଅଲାତରା ସରପଞ୍ଚ ସସ୍ମିତା ନାଗ, ସ୍ଥାନୀୟ ସରପଞ୍ଚ କେତକୀ ଦଣ୍ଡିଆ ପ୍ରମୁଖ ଯୋଗଦେଇଥିଲେ। ମଦନପୁର ପାକ୍ସର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ। ସୁଦର୍ଶନ ପାତ୍ରୀ, ବଳିଷ୍ଠ ସାହୁ, ଶମ୍ଭୁ ଧଙ୍ଗଡାମଝି, ଯୁଗେଶ୍ୱର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ପାକ୍ସ ସଭାପତି ହରି ମହାନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯକ୍ରମ ସମ୍ପାଦିତ ହୋଇଥିଲା। ପାକ୍ସ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। କାଳିଆ ଦାସ, କାଳିଚରଣ ନାଗ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଅଞ୍ଚଳର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ୧୨ ପଞ୍ଚାୟତବାସୀ

**ଲାଞ୍ଜିଗଡ଼,୨୯।୩(ଡି.ଏନ.ଏ.)**

କଳାହାଣ୍ଡି ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଅଞ୍ଚଳର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ୧୨ଟି ପଞ୍ଚାୟତର ଅଞ୍ଚଳବାସୀ ଏବଂ ସାମୂହିକ ଶପଥ ନେଇଛନ୍ତି। ଲାଞ୍ଜିଗଡ଼ ଓ ଏହାର ଆଖପାଖ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧା ଆଦି ପହଞ୍ଚାଇବା ସହିତ ଏଥିପାଇଁ ଏକଜୁଟ ହୋଇ ଲଢ଼େଇ କରିବାକୁ ଅଞ୍ଚଳବାସୀ ନେଇଛନ୍ତି ବଜ୍ର ଶପଥ। ଲକ୍ଷ୍ୟ ହାସଲ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ସେମାନେ ସାମୂହିକ ନିଷ୍ପତ୍ତି ନେଇଛନ୍ତି। ସେହିପରି ଲାଞ୍ଜିଗଡ଼ରେ ବୈଷୟିକ ଶିକ୍ଷା ପାଇଁ ଏକ ଆଇଟିଆଇ ସ୍ଥାପନ ସହିତ, ଜେଏମଏଫସି କୋର୍ଟର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱରୋପ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ଅଞ୍ଚଳର ସମସ୍ୟାର ସ୍ଥାୟୀ ସମାଧାନ ଓ ଦାବିଗୁଡ଼ିକ ପୂରଣରେ ଅବହେଳା କରାଗଲେ ଭୋଟ ବର୍ଜନ ଭଳି ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୁଧବାର କଂଗ୍ରେସ ନେତା ତଥା



ବୈଠକରେ ସାମୁହିକ ଭାବେ ଶପଥ ନେଉଛନ୍ତି।

**ନେଲେ ସାମୂହିକ ଶପଥ**

ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝିଙ୍କ ଆବାହତ୍ୱରେ ଆୟୋଜିତ ବୈଠକରେ ବ୍ଲକର ତ୍ରିଲୋଚନପୁର, ମାଲିଯୁବାଙ୍ଗ, ବିଜେପୁର, ପାହାଡ଼ପଦର, ଲାଖବାହାଲି, ବେନଗାଁ, ଲାଞ୍ଜିଗଡ଼, ଛତ୍ରପୁର, ବସନ୍ତପଡ଼ା, ବାତେଲିମା, ଜଗନ୍ନାଥପୁର, ଚମ୍ପାଦେଇପୁର ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ନିର୍ବାଚିତ ପ୍ରତିନିଧି ଓ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ। ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକଙ୍କ ସଭାପତିତ୍ୱରେ ବୈଠକରେ ପୂର୍ବତନ ବିଧାୟକ ଶିବାଜୀ ମାଝି, ରାଜେନ୍ଦ୍ର ପ୍ରତାପ ସିଂଦେଓ, ଉଦୟ କୁମାର, ଚନ୍ଦ୍ରଧ୍ୱଜ ପେସନିଆ, ପରମାନନ୍ଦ ନାଏକ, ଶ୍ରୀଧର ପେସନିଆ, ଅଶୋକ ପଟ୍ଟନାୟକ, ଶ୍ରୀମୁଖ ଅଗସ୍ତି, ସରସ୍ୱତୀ ମୁଣ୍ଡା, ଭୂମିକା ମାଝି, କରୁଣା ମାଝି, ଗୋବିନ୍ଦ ନାଏକ, ପ୍ରଦୀପ ମାଝି, ମୁଗାନା ମାଝିଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ପ୍ରତିବଦ୍ଧତା ଜାହିର କରିଥିଲେ। ଏହାସହିତ ଅଞ୍ଚଳର ବିକାଶରେ ସାମୁହିକ ଭାଗିଦାରିତାରୁ ନିଶ୍ଚିତ କରିବାକୁ ସାମୂହିକ ଶପଥ ନେଇଥିଲେ।

# ହଳଦିଆ ତରଭୁଜର ଚାହିଦା ବଢୁଛି

ନୂଆପଡ଼ା ଅଫିସ,୨୯।୩

ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଭେରାକାଲା ଗ୍ରାମର ଏକ ପରିବାର ପନିପରିବା ଚାଷ କରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ମଧ୍ୟ ରୋଜଗାର ଦେଉଛନ୍ତି। ଉକ୍ତ ଗ୍ରାମର ଭୁକୁରାମ ପଟେଲଙ୍କ ସ୍ତ୍ରୀ ଜବତିନବାଇ ପଟେଲ ଏବଂ ତାଙ୍କ ୨ ପୁଅ ତିରତରାମ ଓ ମହେନ୍ଦ୍ରଙ୍କୁ ମିଶାଇ ମୋଟ ୧୦ଜଣ ସଦସ୍ୟ ରହିଛନ୍ତି। ୧୦ ଏକର ଚାଷ ଜମିରେ ଧାନ ଚାଷ କରି ପରିବାର ଚଳାଇବା କଷ୍ଟକର ହେଉଥିଲା। ଦୁଇ ଛୁଆଙ୍କୁ ପାଠ ପଢାଇବାରେ ଅସୁବିଧା ହେବାରୁ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ସେଥିରେ ଧାନ ଚାଷ କରି ଅଳ୍ପ କିଛି ଜମିରେ ପନିପରିବା ଚାଷ କରୁଥିଲେ। ପରିବା ଚାଷରେ ଅଧିକ ଲାଭ ହେବାରୁ ଧାନ ଚାଷ କମାଇ ପନିପରିବା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଚଳିତ ରବି ଫସଲରେ ୫ ଏକର ଜମିରେ ଧାନ ଚାଷ କରିଥିବା ବେଳେ ୧ ଏକରରେ ଲାଲ ଓ ହଳଦିଆ ରଙ୍ଗର ତରଭୁଜ ଚାଷ, ଅଧା ଏକରରେ ଭେଣ୍ଡି, ୭୦ ଡେସିମିଲରେ ବନ୍ଧା ଓ ଫୁଲ କୋବି, ଅଧା ଏକର ଜମିରେ ପାତଳଘଣ୍ଟା, ଅଧା ଏକରରେ ବାଇଗଣ, ୩୦ ଡେସିମିଲ ଜମିରେ ପିଆଜ ଚାଷ କରିଛନ୍ତି। ବାକି ଜମିରେ ଝୁଣଙ୍ଗ, ଶାଗ ଇତ୍ୟାଦି ଚାଷ କରିଛନ୍ତି। ୨ ଭାଇ ଚାଷ କାମରେ ଲାଗିବା ଦିନଠାରୁ ରବି ଋତୁରେ ପନିପରିବା ଚାଷ କରି ୩ ଲକ୍ଷ ଟଙ୍କା ରୋଜଗାର କରି ପରିବାର ବେଶ ଖୁସିରେ ଚଳୁଛନ୍ତି। ଏକ ଲକ୍ଷ ଟଙ୍କା ଚାଷ କାର୍ଯ୍ୟରେ ଖର୍ଚ୍ଚ ହେଲେ ୨ ଲକ୍ଷ ଟଙ୍କା ଲାଭ ମିଳୁଛି। ନିଜେ ଚାଷ କରି ଦୁଇ


ଚାଷ କ୍ଷେତରେ ଚାଷୀ ତିରତରାମ ପଟେଲ।

- ପରିବା ଚାଷ ଦେଇଛି ରୋଜଗାର
- ଅନ୍ୟଙ୍କୁ ମଧ ରୋଜଗାର ଦେଉଛନ୍ତି

ପଇସା ରୋଜଗାର କରିବା ସହ ଆଉ ୫ଜଣ କାମ କରି ପରିବାର ଖୁସିରେ ଚଳାଉଛନ୍ତି। ଆମେ ନିଜେ ନୂଆପଡା ବା ଖରିଆର ରୋଡ ବଜାରରୁ ମଞ୍ଜି କିଣି ଚାଷ କରୁଥିଲୁ। ହେଲେ ଚଳିତବର୍ଷ ନୂଆପଡା କୃଷି ବିଭାଗ ପକ୍ଷରୁ ହଳଦିଆ ତରଭୁଜ ମଞ୍ଜି ଯୋଗାଇ ଦେଇଥିବା ଗଛ ଭଲ ହୋଇ ଫଳ ମଧ୍ୟ ଭଲ ଆସୁଛି। ଗୋଟିଏ ଗଛରେ ୪ ରୁ ୬ ଟି ଫଳ ଧରୁଛି। ଲାଲ ତରଭୁଜ ଅପେକ୍ଷା ହଳଦିଆ ତରଭୁଜର ଚାହିଦା ଅଧିକ ରହିଛି। ବର୍ଷା ଦିନେ ଜମିରେ ଅଧିକ ପାଣି ହେଉଥିବାରୁ ପନିପରିବା ଚାଷ ଭଲ ଆସେ ନାହିଁ। ସେଥିପାଇଁ ବର୍ଷା ଦିନେ ବାଇଗଣ ଓ ଝୁଣଙ୍ଗ ଚାଷ କରି ବାକି ଜମିରେ ଧାନ ଚାଷ କରିଥାଉ ବୋଲି ଭୁକୁରାମ ପଟେଲ କହିଛନ୍ତି।

## ସେମାନଙ୍କ ମୁହଁରୁ ...



"ପୂର୍ବରୁ ବାପା ଧାନ ଚାଷ କରି ଅଳ୍ପ ଜମିରେ ପନିପରିବା ଚାଷ କରୁଥିଲେ। ସେଥିରେ ଆମକୁ ଲାଭ କମ ମିଳୁଥିଲା। ଟଙ୍କା ଅଭାବ ଯୋଗୁ ଆମକୁ ଅଧିକ ପଢାଇ ପାରିଲେ ନାହିଁ। ମାଟ୍ରିକ ପର୍ଯ୍ୟନ୍ତ ପଢି ବାପାଙ୍କୁ ଚାଷରେ ସହଯୋଗ କଲୁ। ସେହିଦିନଠାରୁ ଚାଷ ଭଲ ହୋଇ ଅଧିକ ଲାବବାନ ହୋଇ ପରିବାର ଖୁସିରେ ଚଳୁଛୁ। ବାପା ବୟସ୍କ ହୋଇ ଗଲେଣି, ଦୁଇ ଭାଇ ଚାଷ କରିବା ସହ ପରିବାର ସହଯୋଗ କରୁଛନ୍ତି।

**ତିରିତରାମ ପଟେଲ, ଭେରାକାଲା ଗ୍ରାମର ଚାଷୀ**



"ପୂର୍ବରୁ ଆମେ ଦୋକାନରେ ଲାଲ ତରଭୁଜ ବିକ୍ରି କରୁଥିଲୁ। ତରଭୁଜୁ ଫାଳ କଲେ ଲାଲ ରଙ୍ଗ ଦେଖାଯାଏ। ଲୋକେ ଆସି ହଳଦିଆ ତରଭୁଜ ଦିଅ ବୋଲି କହିବାରୁ। ମୁଁ ବ୍ୟାବସାୟୀଙ୍କୁ ବୁଝିବାରୁ ଭେରାକାଲା ଗ୍ରାମରେ ହଳଦିଆ ତରଭୁଜ ମିଳୁଛି ବୋଲି କହିବାରୁ ସେଠାରୁ ପ୍ରତିଦିନ ୫୦ ରୁ ୧୦୦ କିଲୋଗ୍ରାମ ତରଭୁଜ ଆଣି ବିକ୍ରୟ କରୁଛି। ଏହି ତରଭୁଜ ଭଲ ବିକ୍ରି ହେଉଛି।

**ଗୋବିନ୍ଦ ସାହୁ, ନୂଆପଡ଼ା ବ୍ୟାବସାୟୀ**



"ମୁଁ ନୂଆପଡା ବଜାରକୁ ତରଭୁଜ କିଣିବା ପାଇଁ ଆସିଲା ବେଳକୁ ଦେଖିଲି ଯେ ଲୋକେ ହଳଦିଆ ରଙ୍ଗର ତରଭୁଜ ଖାଉଥିଲେ। ମୁଁ ଦୋକାନୀଙ୍କୁ ପଚାରିଲି, ସେ କହିଲେ ଏହା ଏକ ନୂଆ ଭେରାଇଟିର ତରଭୁଜ, ଥରେ ନେଇ ଖାଇଲେ ଖୁସି ହୋଇଯିବେ ବୋଲି କହିଲେ। ମୁଁ ଗୋଟିଏ ତରଭୁଜ ନେଇ ଗଲି। ପରିବାର ଲୋକ ଫାଳ କରି ଦେଖିବା ବେଳକୁ ହଳଦିଆ ଦିଶିବାରୁ ଏଇଟା କ'ଣ ବୋଲି ପଚାରିଥିଲେ। ମୁଁ ତରଭୁଜ ବୋଲି କହିବାରୁ ଖାଇ ବେଶ ଖୁସି ହେଲେ।

**ଅଶୋକ ପାଣ୍ଡେ, ଗ୍ରାହକ ବୋଇରଭାଡି**



"ଲାଲ ରଙ୍ଗର ତରଭୁଜ ଅପେକ୍ଷା ହଳଦିଆ ରଙ୍ଗର ତରଭୁଜ ଭଲ ଉତ୍ପାଦନ ହୋଇ ବଜାରରେ ଅଧିକ ଚାହିଦା ରହିଛି। କୃଷି ବିଭାଗ ପକ୍ଷରୁ ପରୀକ୍ଷା ମୂଳକ ଭାବେ ପ୍ରଥମେ ଜିଲାର ୮ଜଣ ଚାଷୀଙ୍କୁ ୧୨ ପକେଟ ମଞ୍ଜି ଚାଷ କରିବା ପାଇଁ ଦେଇଛୁ। ୭୫ ରୁ ୮୦ ଦିନରେ ଅମଳ ହୋଇ ବିକ୍ରୟ ହୋଇଥାଏ। ନୂଆପଡା ବ୍ଲକରୁ ୬ଜଣ, କୋମନା ବ୍ଲକ ଝଗ୍ରାହୀ ଗାଁର ଜଣେ ଏବଂ ଖଡିଆଳ ବ୍ଲକ ମାଣ୍ଡୋସିଲ ଗାଁର ଜଣେ ଚାଷୀଙ୍କୁ ଭୁବନେଶ୍ୱରରୁ ମଞ୍ଜି ଆଣି ଚାଷ କରିବା ପାଇଁ ଦିଆଯାଇଛି।

**ସୁଧାଂଶୁ ଶେଖର ସାହୁ, ନୂଆପଡ଼ା ସହକାରୀ କୃଷି ଅଧିକାରୀ**

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅଟଳ


@ ଯଶୋବନ୍ତ


@ ମିଲନ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ମୋ ଓଡ଼ିଶା ଗୀତରେ କଣ୍ଠଦାନ କରିବେ ଦିଲୀପ ବାଗ

**କର୍ଲାମୁଣ୍ଡା,୨୯।୩(ଡି.ଏନ.ଏ.):** ଓଡ଼ିଶାର ୩୦ ଜିଲାରୁ ୩୦ ଜଣଙ୍କ କଣ୍ଠଦାନରେ



ମୁକ୍ତି ଲାଭ କରିବାକୁ ଥିବା ମୋ ଓଡ଼ିଶା ଗୀତରେ କଣ୍ଠଦାନ କରିବାକୁ ସାମିଲ ହୋଇଛନ୍ତି ଜଣାଶୁଣା କଣ୍ଠଶିଳ୍ପୀ ରିୟାନ୍ସ ଦିଲୀପ ବାଗ। ସେ ହେଉଛନ୍ତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ରେଗଡା ଗ୍ରାମର। ସେ ଜୁନିୟର କୁମାର ସାନୁ ଭାବେ ଅଞ୍ଚଳରେ ପରିଚିତ। ତାଙ୍କର ଏହି ସଫଳତା ପାଇଁ କର୍ଲାମୁଣ୍ଡା ବ୍ଲକର ସାହିତ୍ୟ ସଂସ୍କୃତି ସଂସଦ, କଳାକାର ସଂଘ, ପ୍ରେସ କ୍ଲବ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ୧ ତାରିଖ ଉତ୍କଳ ଦିବସ ଅବସରରେ ଏହା ମୁକ୍ତି ଲାଭ କରିବାକୁ ଥିବା ବେଳେ ଗୀତ ରଚନା କରିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଗୁଡ଼ୁଲି ରଥ। ଏହା ଜଣାପଡିବା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଶିକ୍ଷକ, କର୍ମଚାରୀଙ୍କ ଧାରଣା

**ଖଡ଼ିଆଳ,୨୯।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକର ବିଭିନ୍ନ ସ୍ଥାନରେ ଓଡିଶା ରାଜ୍ୟ ମାଧମିକ ଶିକ୍ଷକ ସଂଘ (ଓଷ୍ଟା) ଡାକରାରେ ବୁଧବାର ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀମାନେ ଧାରଣା ଦେଇଛନ୍ତି। ଖଡ଼ିଆଳ ବ୍ଲକର ୧୮ଟି ହାଇସ୍କୁଲରେ ଧାରଣା ଦିଆଯାଇଥିବା ବେଳେ ଅଦ୍ୟାବଧି ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସର ଭୁକ୍ତ କରିବା, ସପ୍ତମ ବେତନ ରାଶି ପ୍ରଦାନ ସହ ସରକାରୀ ଘୋଷଣା କରିବା, ଅବସର ସମୟ ୬୨ ବର୍ଷକୁ ବୃଦ୍ଧି କରିବା, ଖାଲି ପଡିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ କରିବା ଆଦି ଦାବି କରାଯାଇଛି। ଏସବୁ ଦାବି ମାସକ ଭିତରେ ପୂରଣ ନ ହେଲେ ରାଜଧାନୀରେ ଆନ୍ଦୋଳନ କରାଯିବ ଓ ଦରକାର ପଡ଼ିଲେ ଦେଶ ସାରା ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବାସନ୍ତିକ ଦୁର୍ଗାପୂଜା: ମଞ୍ଚସ୍ଥ ହେଲା ୨ ନାଟକ

ସୋହେଲା, ୨୯।୩(ଡି.ଏନ.ଏ.)

ଚୈତ୍ର ନବରାତ୍ର ବାସନ୍ତୀକ ଦୁର୍ଗାପୂଜା ଉପଲକ୍ଷେ ବରଗଡ ଜିଲା ସୋହେଲା ଚେତନା ମଣ୍ଡପରେ ଚାଲିଥିବା ବହୁଭାଷୀ ନାଟକ ପ୍ରତିଯୋଗିତା କାର୍ଯ୍ୟକ୍ରମର ବୁଧବାର ସନ୍ଧ୍ୟାରେ ଦୁଇଟି କୋସଲି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ନାଟକ ଥ୍ରୀ ଡି ଚୋରକୁ ବୀଣାପାଣି ନାଟ୍ୟ ସଂସଦ ବଡକର୍ଲେର କଳାକାରମାନେ ପରିବେଷଣ କରିଥିଲେ। ସୁମନ୍ତ ଭୋଇ ଏହି ନାଟକକୁ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି। ଚୋରମାନଙ୍କ ଜୀବନ ଦର୍ଶନକୁ ଭିନ୍ନଭାବେ ଦେଖାଇବା ହିଁ ନାଟକର୍ ବିଷୟ ବସ୍ତୁ। ଅଭାବର୍ ସୀମା ଡେଇଁବା ପୂର୍ବରୁ ଜଣେ ଚୋର ହୋଇଯାଏ। ସହଜ ଅଭାବ ପୂରଣ ଚୋରକୁ ଆଉ ଥରେ ମୁଖ୍ୟସ୍ରୋତକୁ ଫେରିବାର ବାଟ ବନ୍ଦ କରିଦେଇଥାଏ। ଚୋର ବି ପୁଅ ପାଇଁ ସଞ୍ଚୟ କରେ ହେଲେ ବୁଢା ବେଳେ ପୁଅଠାରୁ ତଡା ଖାଇବାକୁ ଡରେ। ଯେତେବେଳେ ଚୋର ଉପରକୁ ବିପଦ ମାଡିଆସେ ସେତେବେଳେ ତାର ହୃଦୟ ବି ତରଳେ। ହାସ୍ୟ ରସରେ ଭରପୁର ନାଟକ ବେଶ ମନୋରଞ୍ଜନ କରିଥିଲା।


ନାଟକ ଝୀ ଲେଉଟେନର ଏକ ଦୃଶ୍ୟ।

ଦ୍ୱିତୀୟ ନାଟକ 'ଝୀ ଲେଉଟେନ'କୁ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁରର କଳାକାରମାନେ ପରିବେଷଣ କରିଥିଲେ। ଅତିଶ ଶତପଥୀଙ୍କ ରଚନା ଓ ନିର୍ଦ୍ଦେଶନାରେ ପରିବେଶିତ ଏହି ନାଟକ। ନାରୀ ମା, ଝିଅ, ଶାଶୁ, ଭଉଣୀ ଆଉ କେତେ ଦାୟିତ୍ୱରେ ଥାଏ। ପରିବାରରେ ସବୁ ସମ୍ପର୍କରେ କିନ୍ତୁ ଫାଟ ଥାଏ। ଆତ୍ମ ଅହଙ୍କାର ଏହି ଫାଟର ସୂତ୍ରଧର। ଯେବେ ଆମେ ସ୍ନେହ, ଶ୍ରଦ୍ଧା,ପ୍ରେମ, ଆଦରରେ ଆମେ ସମ୍ପର୍କ ଗଢିବା ସେତେବେଳେ ହିସାବ, ଯୌତୁକ, ସମ୍ପଦରେ ଆଉ ସମ୍ପର୍କକୁ ମପାଯିବ ନାହିଁ....ସେ ହିଁ ହେବ ସୁନାର ସଂସାର। ସେ ହି ହେବ' ଝୀ ଲେଉଟେନ। ଏହି ଦୁଇ ନାଟକକୁ ଦର୍ଶକ ବେଶ ମନଭରି ଉପଭୋଗ କରିଥିଲେ।

# ୩ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ

ଖଡ଼ିଆଳ,୨୯।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଲୋହରାପାଲି ପରିସରରେ ସମଗ୍ର ଶିକ୍ଷା ନୂଆପଡା ଓ ଖଡ଼ିଆଳ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଲିଙ୍ଗ ସମ୍ବେଦନ ଶିଳତା ଓ ପାଠ୍ୟକ୍ରମ ସହ ସଂଯୋଗୀକରଣ ୩ ଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତି, ସମ୍ମାନିତ ଅତିଥି ଭାବେ ଲୋହରାପାଲି ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ଦଣ୍ଡସେନା, କେନ୍ଦ୍ର ପରିଚାଳକ ସିଆରସିସି ପ୍ରକାଶ କୁମାର ଠାକୁର ଯୋଗଦାନ କରିଥିବା ବେଳେ ତାଲିମ ଦାତା ଭାବେ ମନୋରମା ରଥ, ଶିଲୁ ମହାନନ୍ଦ ଓ ମିତ୍ରାବାଦୀ ମଲ୍ଲିକ ଯୋଗଦାନ କରି ତାଲିମ ପ୍ରଦାନ କରୁଛନ୍ତି। ତାଲିମ ଶିବିରରେ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି।

# ରାମଲୀଳା ଯାତ୍ରା ନେଇ ଖବରଦାତା ସମ୍ମିଳନୀ

ବୌଦ୍ଧ,୨୯।୩(ସ୍ୱ.ପ୍ର.)

ଗୁରୁବାର ହେଉଛି ରାମନବମୀ। ଏହି ଦିନଠାରୁ ବୌଦ୍ଧ ଗଡଜାତର ଗଣପର୍ବ ଶ୍ରୀରାମଲୀଳା ଯାତ୍ରା ଆରମ୍ଭ ହୋଇଥାଏ। ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଏ ନେଇ ଏକ ଖବରଦାତା ସମ୍ମିଳନୀ ବୁଧବାର ରାମମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଅଧକ୍ଷତା କରି ନଗରପାଳ ତଥା ରାମଲୀଳା ନାଟ୍ୟ ସଂସଦ ସଭାପତି ସମସ୍ତ ପ୍ରସ୍ତୁତି ନେଇ ସୂଚନା ଦେଇଛନ୍ତି। ୧୮ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ସମୟରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା, କଳସ ଶୋଭାଯାତ୍ରା, ବ୍ରତଧାରଣ, ପ୍ରତିଦିନ ସନ୍ଧ୍ୟାରେ ଭଜନ ସମାରୋହ, ଶ୍ରୀରାମଲୀଳା ପୁରାଣ ପ୍ରକାରେ ନାଟକ ମଞ୍ଚସ୍ଥ ହେବ। ଅନ୍ତିମ ଦିନରେ ରାବଣ ବଦ୍ଧ ସହ ୧୦ଟି ରାବଣ ରଥ, ରାମ ରଥ ସହର ପରିକ୍ରମା କରିବ। ରାମନବମୀ ଅବସରରେ ଗୁରୁବାର ସହରର ସମସ୍ତ ଆମିଷ ଦୋକାନ, ମଦ ଦୋକାନ ବନ୍ଦ ରହିବ। ସହରବାସୀ ଆମିଷ ଭକ୍ଷଣ ବନ୍ଦ ରଖିବା ସହ ସନ୍ଧ୍ୟାରେ ଘର ବାହାରେ କଳସ ସ୍ଥାପନ କରି ଦ୍ୱୀପ ପ୍ରଜ୍ୱଳନ କରିବାକୁ ଅନୁରୋଧ କରାଯାଇଛି। ଏହି ସମ୍ମିଳନୀରେ ରାମଲୀଳା ନାଟ୍ୟ ସଂସଦର କର୍ମକର୍ତ୍ତା ଜୟନାରାୟଣ ମହାନ୍ତି, କାହ୍ନା ମହାପାତ୍ର, ଆଶୁତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଅଞ୍ଚଳର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ୧୨ ପଞ୍ଚାୟତବାସୀ

ଲାଞ୍ଜିଗଡ଼,୨୯।୩(ଡି.ଏନ.ଏ.)

କଳାହାଣ୍ଡି ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଅଞ୍ଚଳର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ୧୨ଟି ପଞ୍ଚାୟତର ଅଞ୍ଚଳବାସୀ ଏବଂ ସାମୂହିକ ଶପଥ ନେଇଛନ୍ତି। ଲାଞ୍ଜିଗଡ଼ ଓ ଏହାର ଆଖପାଖ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସୁବିଧା ଆଦି ପହଞ୍ଚାଇବା ସହିତ ଏଥିପାଇଁ ଏକଜୁଟ ହୋଇ ଲଢ଼େଇ କରିବାକୁ ଅଞ୍ଚଳବାସୀ ନେଇଛନ୍ତି ବଜ୍ର ଶପଥ। ଲକ୍ଷ୍ୟ ହାସଲ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ସେମାନେ ସାମୂହିକ ନିଷ୍ପତ୍ତି ନେଇଛନ୍ତି। ସେହିପରି ଲାଞ୍ଜିଗଡ଼ରେ ବୈଷୟିକ ଶିକ୍ଷା ପାଇଁ ଏକ ଆଇଟିଆଇ ସ୍ଥାପନ ସହିତ, ଜେଏମଏଫସି କୋର୍ଟର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱରୋପ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ଅଞ୍ଚଳର ସମସ୍ୟାର ସ୍ଥାୟୀ ସମାଧାନ ଓ ଦାବିଗୁଡ଼ିକ ପୂରଣରେ ଅବହେଳା କରାଗଲେ ଭୋଟ ବର୍ଜନ ଭଳି ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୁଧବାର କଂଗ୍ରେସ ନେତା ତଥା


ବୈଠକରେ ସାମୁହିକ ଭାବେ ଶପଥ ନେଉଛନ୍ତି।

## ନେଲେ ସାମୂହିକ ଶପଥ

ବସନ୍ତପଡ଼ା ସରପଞ୍ଚ ଚାଙ୍ଖେର ମାଝିଙ୍କ ଆବାହତ୍ୱରେ ଆୟୋଜିତ ବୈଠକରେ ବ୍ଲକର ତ୍ରିଲୋଚନପୁର, ମାଳିଯୁବାଙ୍ଗ, ବିଜେପୁର, ପାହାଡ଼ପଦର, ଲାଖବାହାଲି, ବେନଗାଁ, ଲାଞ୍ଜିଗଡ଼, ଛତ୍ରପୁର, ବସନ୍ତପଡ଼ା, ବାତେଲିମା, ଜଗନ୍ନାଥପୁର, ଚମ୍ପାଦେଇପୁର ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ନିର୍ବାଚିତ ପ୍ରତିନିଧି ଓ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ। ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକଙ୍କ ସଭାପତିତ୍ୱରେ ବୈଠକରେ ପୂର୍ବତନ ବିଧାୟକ ଶିବାଜୀ ମାଝି, ରାଜେନ୍ଦ୍ର ପ୍ରତାପ ସିଂଦେଓ, ଉଦୟ କୁମାର, ଚନ୍ଦ୍ରଧ୍ୱଜ ପେସନିଆ, ପରମାନନ୍ଦ ନାଏକ, ଶ୍ରୀଧର ପେସନିଆ, ଅଶୋକ ପଟ୍ଟନାୟକ, ଶ୍ରୀମୁଖ ଅଗସ୍ତି, ସରସ୍ୱତୀ ମୁଣ୍ଡା, ଭୂମିକା ମାଝି, କରୁଣା ମାଝି, ଗୋବିନ୍ଦ ନାଏକ, ପ୍ରଦୀପ ମାଝି, ମୁଗାନା ମାଝିଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ପ୍ରତିବଦ୍ଧତା ଜାହିର କରିଥିଲେ। ଏହାସହିତ ଅଞ୍ଚଳର ବିକାଶରେ ସାମୁହିକ ଭାଗିଦାରିତାରୁ ନିଶ୍ଚିତ କରିବାକୁ ସାମୂହିକ ଶପଥ ନେଇଥିଲେ।

## ସଂକ୍ଷେପରେ

### ସାମାନ୍ୟ କଥାକୁ ନେଇ ଯୁବତୀ ଦେଲେ ଫାଶୀ

**ରାଉରକେଲା ଅଫିସ,୨୯।୩:** ଏକ ସାମାନ୍ୟ କଥାକୁ ନେଇ ସେକ୍ଟର-୩ ଥାନା ଅନ୍ତର୍ଗତ ସି' ବ୍ଲକ୍‌ରେ ବାସ କରୁଥିବା ଜଣେ ଯୁବତୀ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବତୀ ହେଲେ ମାଳତି ମୁର୍ମୁ(୧୮)। ସୂଚନାଯୋଗ୍ୟ ସେକ୍ଟର-୨ସ୍ଥିତ ସି' ବ୍ଲକ ଘର ନଂ.୧୭୧ରେ ମାଳତି ପରିବାର ସହ ବାସ କରୁଥିଲେ। ମାଳତି ମଙ୍ଗଳବାର ସନ୍ଧ୍ୟା ସାଢ଼େ ୭ଟାରେ ଘର ପାଖରୁ ଗୁପଚୁପ ଖାଇବାକୁ କହି କୁଆଡେ ଯାଇଥିଲେ। ରାତି ସାଢ଼େ ୧୦ଟାରେ ଘରକୁ ଫେରିବାରୁ ମା' ଏହି କଥାକୁ ନେଇ ଝିଅକୁ ବିଳମ୍ବର କାରଣ ଓ ଗାଳିଗୁଲଜ କରିଥିଲେ। ପରେ ମା' କାମରେ ବ୍ୟସ୍ତ ଥିବାବେଳେ ମାଳତି ଅନ୍ୟ ଏକ ଘରକୁ ଯାଇ ପଙ୍ଖାରେ ଚୁନି ବାନ୍ଧି ଝୁଲି ଯାଇଥିଲେ। ପରିବାର ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ)କୁ ନେଇ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବେକରେ ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୨୯।୩:** ବେକରେ ଫାଶି ଲଗାଇ ସେକ୍ଟର-୧୫ ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ଈଶ୍ୱର ଗୋଚ୍ଛାୟତ(୪୨)। ସୂଚନାଯୋଗ୍ୟ, ସେକ୍ଟର-୧୫ ଇ ବ୍ଲକ ସାଇମନ୍ଦିର ବସ୍ତିରେ ଈଶ୍ୱର ପରିବାର ସହ ବାସ କରନ୍ତି। ବୁଧବାର ଅପରାହ୍ନ ସାଢ଼େ ୨ଟାରେ ଖାଇସାରି ଘରେ ଶୋଇବାକୁ ଯାଇ ଆଜବେଷ୍ଟସ ଲୁହା ପାଇପରେ ଖଟିଆର ପ୍ଲାଷ୍ଟିକ ରଶିକୁ ବେକରେ ବାନ୍ଧି ଝୁଲି ଯାଇଥିଲେ। ଏହି ଦୃଶ୍ୟ ପରିବାର ଲୋକେ ଦେଖି ତାଙ୍କୁ ଚିକିତ୍ସାଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସେକ୍ଟର-୧୫ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଦାଦାବଟି ମାଗି ୨ ଯୁବକ ଗିରଫ

**ରାଉରକେଲା ଅଫିସ,୨୯।୩:** ବୋରୱେଲ ଖୋଳା ଯାଉଥିବା ସମୟରେ ଘର ମାଲିକଙ୍କୁ ଦାଦାବଟି ମାଗିବାରୁ ଟାଙ୍ଗରପାଲି ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁଚୁଣ୍ଡୁ ଓରଫ ମୂରଲି ମହାନ୍ତ(୨୨) ଓ ଅନୀଲ ମୁଣ୍ଡା(୨୭)। ସୂଚନାଯୋଗ୍ୟ, ଟାଙ୍ଗରପାଲି ଥାନା ଅନ୍ତର୍ଗତ ନବକୃଷ୍ଣନଗର ଅଞ୍ଚଳରେ ଅନୀଲ ଓ ପୁଚୁଣ୍ଡୁ ବାସ କରନ୍ତି। ମଙ୍ଗଳବାର ସାଢ଼େ ୨ଟାରେ ଉକ୍ତ ଅଞ୍ଚଳରେ ବାସ କରୁଥିବା ଆଲୋକ ଦାସ ତାଙ୍କ ଘର ବୋରୱେଲ ଖୋଳୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ତାଙ୍କୁ ଆସି ଧମକଚମକ ଦେଇ ୫ଶହ ଟଙ୍କା ଦାଦାବଟି ମାଗି ଫେରାର ହୋଇଯାଇଥିଲେ। ପରେ ଆଲୋକ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଦୁଇଜଣ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

# କେନ୍ଦୁପତ୍ର ଶ୍ରମିକଙ୍କ ବୋନସ, ମଜୁରି ବୃଦ୍ଧି ଦାବି

**ତିଳେଇବଣି ରେଞ୍ଜସ୍ତରୀୟ ବୈଠକ**

ଦେବଗଡ଼,୨୯।୩(ଡି.ଏନ.ଏ.)


ତିଳେଇବଣି ରେଞ୍ଜ ଅଞ୍ଚଳର କେନ୍ଦୁପତ୍ର ଶ୍ରମିକ ଏବଂ କର୍ମଚାରୀ ।

ଦେବଗଡ଼ ଜିଲା ତିଳେଇବଣି ରେଞ୍ଜ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତିଳେଇବଣି ରେଞ୍ଜ କମିଟି ପକ୍ଷରୁ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ରାଜ୍ୟସ୍ତରୀୟ ବିଭିନ୍ନ ସମସ୍ୟା ବିଭିନ୍ନ ଦାବି ପୂରଣ ଇତିହାସ ସମ୍ପର୍କରେ ଆଲୋକପାତ କରି ଏହି ରେଞ୍ଜର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ପ୍ରସାଦ ନାୟକ ଏହି ରେଞ୍ଜର ବର୍ତ୍ତମାନ ତଥା ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ନଭେମ୍ବର ୨୩ରେ କରିଥିବା ଘୋଷଣା, ବିଶେଷ ଭାବରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଛାତ୍ରବୃତ୍ତି ଯୋଜନା, ତୋଳାଳି କାର୍ଡ ସଂଖ୍ୟା ବୃଦ୍ଧି, ସର୍କଲ ଚେକରମାନଙ୍କ ଗ୍ରତୁଟି ୭ ଦିନରୁ ୧୫ ଦିନ ବୃଦ୍ଧି ହୋଇଥିବା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହା ସନ୍ତୋଷଜଣକ ଭାବେ ହୋଇ ନ ଥିବା ଆଲୋଚନା ବେଳେ ପ୍ରକାଶ ପାଇଥିଲା। ଏହା ବ୍ୟତୀତ ସଂଘର ଦାବି ଫଳରେ ସାମାଜିକ ନିରାପତ୍ତା ସହାୟତା ପାଇବାକୁ ୨୦୦୦ କରିରୁ ୧୦୦୦ ହୋଇଥିବା, ମୃତ୍ୟୁକାଳୀନ ସହାୟତା ୧ରୁ ୨ ଲକ୍ଷ ହୋଇଥିବାରୁ ସ୍ୱାଗତ କରାଯାଇଥିଲା। ସମ୍ମିଳନୀରେ ଶୀଘ୍ର ସର୍ବନିମ୍ନ ମଜୁରି ସଂଶୋଧନ କରି ସିଜିନାଲ କର୍ମଚାରୀମାନଙ୍କ ଦରମା ବୃଦ୍ଧି କରିବା, ଶୀଘ୍ର ୨୦୨୨ ବୋନସ ଓ ପ୍ରୋତ୍ସାହନ ରାଶି ଘୋଷଣା କରିବାକୁ ଦାବି କରାଯାଇଛି। ସମ୍ମିଳନୀରେ ରମେଶ ଚନ୍ଦ୍ର ସାହୁ ରେଞ୍ଜ ସମ୍ପାଦକ ଓ କୋଷାଧ୍ୟକ୍ଷ ଅଲେଖ ମହାନନ୍ଦ, ଯୁଗ୍ମ ସମ୍ପାଦକ ଲଳିତ ମୋହନ ସାହୁ, ୨୦ଜଣ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

## ବ୍ୟବସାୟିକ ଛତୁ ଉତ୍ପାଦନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଦେବଗଡ଼,୨୯।୩(ଡି.ଏନ.ଏ.)



ଜଣେ ଚାଷୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

ଦେବଗଡ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ କୃଷି ବିଜ୍ଞାନ କେନ୍ଦ୍ର ଓ ଓଡିଶା ଖଣିଜ ସମ୍ପଦ ବିକାଶ ନିଗମର ମିଳିତ ଆନୁକୂଲ୍ୟରେରେ ୨୫ ତାରିଖଠାରୁ ଚାଲିଥିବା ବ୍ୟବସାୟିକ ଛତୁ ଉତ୍ପାଦନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ୩ଟି ଯାକ ବ୍ଲକର ଆଗ୍ରହୀ ଛତୁ ଚଷୀମାନଙ୍କୁ ଛତୁ ଚାଷ ଏବଂ ଉତ୍ପାଦନର ସମ୍ପୂର୍ଣ୍ଣ ଜ୍ଞାନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ଗୃହ ବିଭାଗ ବୈଜ୍ଞାନିକା ବିଜୟଲକ୍ଷ୍ମୀ ସାହୁନଡା କଟାଠାରୁ ଆରମ୍ଭ କରି ଛତୁ ଉତ୍ପାଦନ ପର୍ଯ୍ୟନ୍ତ ସମସ୍ତ ବିଷୟରେ ବିଭିନ୍ନ ସରଞ୍ଜାମ ବ୍ୟବହାର ଓ ଯନ୍ତ୍ରପାତି ପ୍ରଦର୍ଶନ ସହ ସମସ୍ତ ଜ୍ଞାନ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥ ଓ ସହକାରୀ ଜିଲାପାଳ ସୁଶାନ୍ତ କୁମାର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟବ୍ୟାଙ୍କ ଦେବଗଡ ଶାଖାର ମୁଖ୍ୟ ପରିଚାଳକ ମନ୍ମଥ ବିଶ୍ୱାସ ଯୋଗଦେଇ ଛତୁ ଚାଷର ଉପଯୋଗୀତା ଓ ଚାହିଦା ଉପରେ ବକ୍ତବ୍ୟ ସ୍ଥାପନ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସଦ୍ୟ ତାଲିମପ୍ରାପ୍ତ ସମସ୍ତ ଛତୁ ଚାଷୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ସମିତିସ୍ତରୀୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଦେବଗଡ଼,୨୯।୩(ଡି.ଏନ.ଏ.)

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଅନ୍ତର୍ଗତ ଖଣ୍ଡାଧୂଆଁ ଆମ୍ବତୋଟାଠାରେ ବୁଧବାର ସୁଗୁଡା ସେବା ସମବାୟ ସମିତି ପକ୍ଷରୁ ସମିତିସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୁଗୁଡା ସେବା ସମବାୟ ସମିତି ସଭାପତି ସିଦ୍ଧେଶ୍ୱର ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଓ ସୁଗୁଡା ସେବା ସମବାୟ ସମିତି ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଦେବଗଡ ଆର୍‌ସିଏମ୍‌ଏସ୍ ସଭାପତି ଈଶ୍ୱର ଚନ୍ଦ୍ର ସାହୁ, ବଣିଆଁକିଲିଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ବୁଦ୍ଧଦେବ ଗଡେଇ, ସୁଗୁଡା ସେବା ସମବାୟ ସମିତି ସଦସ୍ୟ ଯୁଗଳ କିଶୋର ନାୟକ, ସୁରେଶ ପ୍ରଧାନ, ଟିକେଶ୍ୱର ସାହୁ, ଧନଞ୍ଜୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ସଦସ୍ୟା ସୁଜାତା ପ୍ରଧାନ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ସୁଗୁଡା ସେବା ସମବାୟ ସମିତି ସମ୍ପାଦକ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ସମବାୟ ସମିତି ପରିଚାଳନା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ।

# ବିଭିନ୍ନ ପେଣ୍ଡାଲରେ ପୂଜା ପାଇବେ ଶ୍ରୀରାମଙ୍କ ସହ ହନୁମାନ

ରାଉରକେଲା ଅଫିସ,୨୯।୩



ରାଉରକେଲାରେ ରାମନବମୀ ପାଇଁ ବିଭିନ୍ନ ଆଖଡା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ସହରରେ ଲାଲବିଲଡିଂ ଅଞ୍ଚଳର ଶିବାଜୀ ଆଖଡା, ବିଶ୍ରାଛକର ଶ୍ରୀମହାବୀର ଆଖଡା, ନୂଆବସ୍‌ଷ୍ଟାଣ୍ଡ ସ୍ଥିତ ତ୍ରିନାଥ ଆଖଡା, ଟେକ୍ସିଷ୍ଟାଣ୍ଡ ସ୍ଥିତ ଭୂତନାଥ ଆଖଡା, କୁମ୍ଭାରପଡାସ୍ଥିତ ଶମ୍ଭୁନାଥ ଆଖଡା ଭଳି ସହରରେ ସମୁଦାୟ ୧୨ଟି ଆଖଡା କମିଟି ପକ୍ଷରୁ ରାମନବମୀ ପାଳିତ ହେଉଛି। ବିଭିନ୍ନ ଆଖଡା କମିଟି ପକ୍ଷରୁ ଗୁରୁବାରଠାରୁ ପ୍ରଭୁଶ୍ରୀ ରାମ ଓ ହନୁମାନଙ୍କ ମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଜିଟିଲାଇନ ଅଞ୍ଚଳରେ ଥିବା ଜୟ ହନୁମାନ ଆଖଡା କମିଟି ପକ୍ଷରୁ ବୁଧବାର ହନୁମାନଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଥିଲା। ପରେ ପଣ୍ଡିତ ମଧୁଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଶ୍ରୀରାମଚରିତ ମାନସ ପାଠ ସାଙ୍ଗକୁ ହନୁମାନଙ୍କ ଷୋଡଶ ଉପଚାର ପୂଜା କରାଯାଇଥିଲା। ରାମନବମୀ ପୂଜା ପାଇଁ ସହରରେ ଥିବା ବିଭିନ୍ନ ରାମମନ୍ଦିର ଓ ଆଖଡାକମିଟି ପକ୍ଷରୁ ଉଚ୍ଚତୋରଣମାନ ପ୍ରସ୍ତୁତି କରାଯାଇ ଥିଲା। ଏହି ତୋରଣ ଗୁଡିକୁ ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ରାମନବମୀ କମିଟି ପକ୍ଷରୁ ବିଭିନ୍ନ ପେଣ୍ଡାଲ ଓ ପ୍ରମୁଖ ଛକମାନଙ୍କରେ ପ୍ରସାଦ, ସରବତ ବିତରଣ କରାଯାଇଥିଲା। ମାଲଗୋଦାମ ଅଞ୍ଚଳରେ ଥିବା ରାଣାପ୍ରତାପ ଆଖଡା କମିଟି ପକ୍ଷରୁ ହନୁମାନଙ୍କ ପୂଜା କରାଯାଇ ସାମୁହିକ ହନୁମାନ ଚାଳିସା ପାଠ କରାଯାଇଥିଲା। ଏଥିସହ ବିଭିନ୍ନ ଆଖଡାକମିଟି ପକ୍ଷରୁ ବିଭିନ୍ନ କର୍ମକର୍ତ୍ତାମାନେ ଆଖଡାଖେଳ ପ୍ରଦର୍ଶନ ପାଇଁ ଲାଠିଖେଳ ଅଭ୍ୟାସ ଜାରି ରଖିଥିବା ଦେଖିବାକୁ ମିଳିଥିଲା। ଏହି ସମସ୍ତ ପୂଜାକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ୨୪ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଛି। ଏଥିସହ ମାର୍ଚ୍ଚ ୩୧ରେ ରାଉରକେଲା ମେନରୋଡରେ ବିଭିନ୍ନ ଆଖଡାକମିଟି ପକ୍ଷରୁ ଜୁଲୁସ ବାହାରିବ ବୋଲି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଜଣାପଡିଛି। ରାମନବମୀ ପାଇଁ ଷ୍ଟିଲସିଟି ରାଉରକେଲା ଉତ୍ସବମୁଖର ହୋଇ ଉଠିଛି। ରାମନବମୀ ପାଳନ ଅବସରରେ ବିଭିନ୍ନ କମିଟି ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ହୋଇଛି।

**ଆଜି ରାମନବମୀ**

## ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରର ମାନପତ୍ର ବିତରଣ

ବେଲପାହାଡ,୨୯।୩(ଡି.ଏନ.ଏ.)

ବେଲପାହାଡସ୍ଥିତ ଟିଆର୍‌ଏଲ୍ ଏସ୍‌ବିଆଇ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରରେ ଆର୍ଥିକ ବର୍ଷ ଶେଷ ବ୍ୟାଚର ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ବିତରଣ କରାଯାଇଛି। କୋଲାବିରା ବ୍ଲକ ରେଙ୍ଗାଲପାଲି ଗ୍ରାମର ୩୨ଜଣ ମହିଳାଙ୍କୁ ଦଶଦିନ ଧରି ଆଚାର, ପାମ୍ପଡ ଓ ମସଲା ପାଉଡର ବିଷୟରେ ତାଲିମ ଦିଆଯାଇଥିଲା। ବୁଧବାର କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ସଭାରେ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ଦିଆଯାଇଛି। ଆର୍ଥିକବର୍ଷ ୨୨-୨୩ର ୩୧ଟି ବ୍ୟାଚ୍‌ରେ ମୋଟ ୮୩୫ ଜଣ ଯୁବତୀଯୁବକ ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ମୋଟ ୧୦୦୫୮ ଜଣଙ୍କୁ ତାଲିମ ଦିଆଯାଇଥିବା କେନ୍ଦ୍ର ନିର୍ଦ୍ଦେଶକ ରାଜ କୁମାର ସାହୁ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରୁ ଆସିଥିବା ପରୀକ୍ଷକ ପ୍ରଭାତି ଦାଶ ଓ ହିମାଂଶୁ ରାଉତରାୟ ପରୀକ୍ଷା ପରିଚାଳନା କରିଥିଲେ।

## ଉଚ୍ଚବିଦ୍ୟାଳୟରେ ଆଲୋଚନାଚକ୍ର

ବେଲପାହାଡ,୨୯।୩(ଡି.ଏନ.ଏ.)

ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ବୌଦ୍ଧିକ ବିକାଶ ପାଇଁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜଯୋଗିନୀ ବ୍ରହ୍ମାକୁମାରୀ ଶିଖା ଦିଦି ଯୋଗଦେଇ ଗଠନମୂଳକ ମନସମ୍ପନ୍ନ ବ୍ୟକ୍ତି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ କିପରି ଶାନ୍ତି ଓ ଆତ୍ମ ବିଶ୍ୱାସର ସହ କାର୍ଯ୍ୟ କରିଥାନ୍ତି ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ଯୋଗାଭ୍ୟାସ ଦ୍ୱାରା ଶାନ୍ତି ଓ ସ୍ଥିରତା ହାସଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ରହ୍ମାକୁମାରୀ ମୋନା ଓ ବ୍ରହ୍ମା କୁମାର ବଳରାମ ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଟନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ରଘୁନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ତିଳେଇବଣିରେ ସାମାଜିକ ସମୀକ୍ଷା ଜନଶୁଣାଣି


ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମାଜିକ ସମୀକ୍ଷା ଜନଶୁଣାଣି।

ଦେବଗଡ଼,୨୯।୩(ଡି.ଏନ.ଏ.)

ଦେବଗଡ଼ ଜିଲା ତିଳେଇବଣି ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ବୁଧବାର ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ତିଳେଇବଣି ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରିୟଦର୍ଶୀନୀ ମୀର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ବିଚାରକ ଭାବେ ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧକ୍ଷା ଆରତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳୀ ସାମଲ, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯକ୍ରମରେ ଗତ ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଓ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ସମ୍ପର୍କରେ ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇ ଏଗୁଡ଼ିକର ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ତିଳେଇବଣି ବ୍ଲକର ୨୦ଟି ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଦସ୍ୟ/ସଦସ୍ୟା ଭିଆରପି ଓ ବହୁ ଜନସାଧାରଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ଘନଶ୍ୟାମ ଦାସ ଓ ଏପିଓ ସୌରଭ ରଞ୍ଜନ ମହାନ୍ତ ପରିଚାଳନା କରିଥିଲେ। ଜିଲା ସାମାଜିକ ସମୀକ୍ଷଖ ସତ୍ୟଜିତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲାରେ କଂଗ୍ରେସର ବିକ୍ଷୋଭ, ଧାରଣା



ରାଉରକେଲାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ସଭା।

ରାଉରକେଲା ଅଫିସ, ୨୯।୩

ରାଉରକେଲା ଉଦିତନଗର ଆମ୍ବେଦକର ଛକଠାରେ ବୁଧବାର ଜିଲା କଂଗ୍ରେସର ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ଜାତି ନେତୃମଣ୍ଡଳୀ ତରଫରୁ ରାହୁଲ ଗାନ୍ଧୀଙ୍କର ଏମ୍‌ପି ପଦ ରଦ୍ଦକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୁଧବାର ବିକ୍ଷୋଭ ଓ ପ୍ରତିବାଦ ସଭାରେ ଜିଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦେବ ବିହାରୀ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାଶ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଓ ରଘୁନାଥପାଲ୍ଲୀ ବିଧାୟକ ପ୍ରାର୍ଥି ପ୍ରଶାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କୁ କଂଗ୍ରେସ ନେତାମାନେ ତୀବ୍ର ସମାଲୋଚନା କରିଥିଲେ।

# ରାଉରକେଲା ବିମାନ ବନ୍ଦରରେ ବିମାନ ଅପହରଣ ପ୍ରତିରୋଧ ମକ୍‌ଡ୍ରିଲ

ରାଉରକେଲା ଅଫିସ,୨୯।୩

ସେଲ ରାଉରକେଲା ବିମାନ ବନ୍ଦର ଠାରେ ମାର୍ଚ୍ଚ ୨୪ରେ ଏକ ବିମାନ ଅପହରଣ ପ୍ରତିରୋଧ ମକ୍‌ଡ୍ରିଲ ଆୟୋଜିତ ହୋଇଯାଇଛି। ବିମାନ ବନ୍ଦରଠାରେ ଯେକୌଣସି ବିମାନ ଅପହରଣ ମାମଲାର ଉଚିତ ମୁକାବିଲା ପାଇଁ ପ୍ରଭାବଶାଳୀ ଯୋଜନା ଏବଂ ପ୍ରକ୍ରିୟାର କାର୍ଯ୍ୟ ନିପୁଣତା ଯାଞ୍ଚ କରିବା ନିମନ୍ତେ ଏହି ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏନେଇ ଅନୁଷ୍ଠିତ ହୋଇଥିବା ବିମାନ ବନ୍ଦର ସୁରକ୍ଷା କମିଟି ବୈଠକରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ରାଉରକେଲା ମହାନଗର ନିଗମ କମିଶନର ଡା. ଶୁଭଙ୍କର ମହାପାତ୍ର ଅଧକ୍ଷତା କରି ସମ୍ପୂର୍ଣ୍ଣ ଅଭ୍ୟାସର ସମୀକ୍ଷା କରିଥିଲେ। ଏଥିରେ ଆରଏସପିର ପ୍ରୋଟୋକଲ, ହସ୍ପିଟାଲିଟି ଏବଂ ସମାଜ ମଙ୍ଗଳ ବିଭାଗର ଜିଏମ୍ ତଥା ଏୟାରପୋର୍ଟ ଏକାଉଂଟେବୁଲ ଏକଜିକ୍ୟୁଟିଭ୍ ବି.କେ ରାଉତ୍, ବ୍ୟୁରୋ ଅଫ ସିଭିକ ଏଭିଏସନ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରବୀଣ ଲାଛବ, ଆଇବି ଉପନିର୍ଦ୍ଦେଶକ ଏସ ପୁରୋହିତ, ସିଆଇଏସଏଫ ଡେପୁଟି କମାଣ୍ଡେଣ୍ଟ ଏମ. କେ ଦାସ, ଏଟିଏମ ହେମନ୍ତ କୁମାର,ଏଏଆଇର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଖୁସବୁ, ଓଡିଶା ସରକାରଙ୍କ ସିଏଏସ୍‌ଓ ଏସ କେ ବେହେରା,ଆଲିଏନ୍ସ ଏୟାରର ଷ୍ଟେସନ ମ୍ୟାନେଜର ରାହୁଲ ସିଂ ଓ ରାଉରକେଲା ବିମାନ ବନ୍ଦରର ସୁରକ୍ଷା ଅଧିକାରୀ କାଜଲ ବଗ୍ଗା ଏହି ଅବସରରେ ଉପସ୍ଥିତ ଥିଲେ। ଏହି ମକ୍‌ଡ୍ରିଲରେ ବିମାନ ଅପହରଣର ଏକ ଦୃଶ୍ୟ କଳ୍ପନା କରାଯାଇଥିଲା। ପରେ ସମସ୍ତ ଏସଓପି ଯେପରିକି ମହତ୍ୱପୂର୍ଣ୍ଣ ଅଫିସକୁ ସୂଚନା ପ୍ରଦାନ, କମାଣ୍ଡୋଙ୍କ ଭୂମିକା, ଅପହରଣକାରୀମାନଙ୍କର ସହ ଆଲୋଚନା, ଡଗ ସ୍କ୍ୱାଡର ବ୍ୟବହାର ଏବଂ ଯାତ୍ରୀଙ୍କ ସୁରକ୍ଷିତ ଉଦ୍ଧାର ଆଦି ଅଭ୍ୟାସ କରାଯାଇଥିଲା।


ବିମାନ ଅପହରଣ ପ୍ରତିରୋଧ ମକ୍‌ଡ୍ରିଲରେ ଅଧିକାରୀ, ଅତିଥି।

# ରାଉରକେଲାରେ ପୋଲିସର ଫ୍ଲାଗମାର୍ଚ୍ଚ

ରାଉରକେଲା ଅଫିସ,୨୯।୩

ରାମନବମୀ ପର୍ବକୁ ସହରରେ ଶାନ୍ତି, ଶୃଙ୍ଖଳା ସହ ପାଳନ କରିବା ପାଇଁ ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ ବୁଧବାର ଅନୁଷ୍ଠିତ ହୋଇଛି। ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ସହରରେ ପ୍ରଥମେ ସନ୍ଧ୍ୟା ସାଢ଼େ ୬ଟାରେ ବିଶ୍ରା ଛକରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇ ରାଉରକେଲା ମେନରୋଡ, ଡେଲିମାର୍କେଟ, ପ୍ଲାଣ୍ଟସାଇଟ ଦେଇ ଉଦିତନଗର ଛକରେ ପହଞ୍ଚି ଥିଲା। ଏଥିରେ ରାଉରକେଲା ପୋଲିସଙ୍କ ସହିତ ସିଆଇଏସଏଫ ଯବାନ, ଏସ୍‌ଜି କମାଣ୍ଡୋ, ନବମ ବାଟାଲିୟନର ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ । ସେହିଭଳି ଦ୍ୱିତୀୟ ଫ୍ଲାଗମାର୍ଚ୍ଚ ଗୋପବନ୍ଧୁପାଲୀ ଅଞ୍ଚଳରୁ ବାହାରି ମାଲଗୋଦାମ, ବାସନ୍ତୀ କଲୋନୀ ମୁଖ୍ୟ ମାର୍ଗ ହୋଇ ଉଦିତନଗର ଆମ୍ବେଦକର ଛକରେ ଶେଷ ହୋଇଥିଲା।


ରାଉରକେଲାରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

ମାର୍ଚ୍ଚ ୩୦ ତାରିଖରେ ସହରରେ ହେବାକୁ ଥିବା ରାମନବମୀ ଆଖଡା ପୂଜାକୁ କିଭଳି ସଦ୍‌ଭାବନା ସହ ପାଳି ହେବ ଓ ଏଥିରେ କୌଣସି ସାମ୍ପ୍ରଦାୟକ ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଏଭଳି ସହରରେ ବିଭିନ୍ନ ସ୍ଥାନରେ ବୁଧବାର ପୋଲିସ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ ହୋଇଥିବା ଏସପି ମୁକେଶ ଭାମୁ ସୂଚନା ଦେଇଥିଲେ। ଏହା ପୂର୍ବରୁ ସହରରେ ଥିବା ବିଭିନ୍ନ ଥାନାରେ ରାମନବମୀ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଡାକି ଏହାର ପ୍ରସ୍ତୁତି ବୈଠକ ମଧ୍ୟ ଶେଷ ହୋଇସାରିଛି। ରାମନବମୀ ପାଇଁ ସହରରେ ବିଭିନ୍ନ ଆଖଡା କମିଟିକୁ ଦିନ ୨ଟାରୁ ନେଇ ସନ୍ଧ୍ୟା ୭ଟା ଭିତରେ ନିଜର ପ୍ରୋସେସନ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ବଳାତ୍କାର: ଅଭିଯୁକ୍ତ କୋର୍ଟ ଚାଲାଣ

ଜୁନାଗଡ,୨୯ ।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରଥମେ ଅପହରଣ ଓ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଜୁନାଗଡ ଥାନାରେ ଏତଲା ପରେ ପୋଲିସ ଏକ ମାମଲା (ନଂ.୧୧୯/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଦେଦର ବଣ୍ଡେଲପଡାର ବଗ୍ରୁବାହାନ ବେନିଆ (୨୧)ଙ୍କୁ ବୁଧବାର ପୋଲିସ ଗିରଫ କରି ପୋକ୍‌ସୋ ଆକ୍ଟରେ ଭବାନୀପାଟଣା କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

### ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ

ଲାଞ୍ଜିଗଡ଼,୨୯ ।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ଷୋହଳପ୍ରହର ନାମଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ ଲାଞ୍ଜିଗଡ଼ ବଜାରପଡ଼ା ସାପ୍ତାହିକ ହାଟ ପ୍ରାଙ୍ଗଣରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ଲାଞ୍ଜିଗଡସ୍ଥିତ ମିଶନ କାଫେଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧୨ ତାରିଖରେ କଳସ ଶୋଭାଯାତ୍ରା ସହ ଅଧିବାସ କାର୍ଯ୍ୟକ୍ରମ ରହିଛି। ୧୩ ଓ ୧୪ରେ ହରିନାମ ଓ ୧୫ ଉଦ୍‌ଯାପନୀ ଦିବସରେ ସଂକୀର୍ତ୍ତନ ସହିତ ଲାଞ୍ଜିଗଡ ନଗର ପରିକ୍ରମା କରି ଦହି ହାଣ୍ଡିଭଙ୍ଗ ଆଦି କାର୍ଯ୍ୟକ୍ରମ ରହିଛି। ବୈଠକରେ ପ୍ରହର କୋର କମିଟି ସଭାପତି ଯୁଧିଷ୍ଠିର ପାତ୍ର, ଉପସଭାପତି ହିମାଦ୍ରୀ ପେସନିଆ, କାର୍ଯ୍ୟକାରୀ ସଭାପତି ସୁବାଷ ମହାପାତ୍ର, କାର୍ଯ୍ୟକାରୀ ଉପସଭାପତି ସୁବାଷ ଅଗ୍ରୱାଲ, ସମ୍ପାଦକ ରାଘବ ଗହୀର, କୋଷାଧକ୍ଷ ସଦାନନ୍ଦ ଦଣ୍ଡସେନା, ଯୁଗ୍ମ କୋଷାଧକ୍ଷ ଏମ. ଏସ. ଶେଖର, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ରାଜେନ୍ଦ୍ର ସିଂ ଦେଓ, ଚନ୍ଦ୍ର ପେସନିଆ, ଶ୍ରୀଧର ପେସନିଆ, କାମରାଜ ଦଳବେହେରା, ଅଶୋକ ପଟନାୟକ, ଶ୍ରୀମୁଖ ଅଗସ୍ତି, ଭୁପେନ୍ଦ୍ର ମହାରଥା, କିଶୋର ପେସନିଆ, ସୁମନ୍ତ ଦଳବେହେରା, ଗୋବର୍ଦ୍ଧନ ବିଶି, ଏମ. ଚନ୍ଦ୍ର ଶେଖର, ନଳିନୀକାନ୍ତ ହୋତା, ବିନୟ ଗୌଡ଼, ଭୂଷଣ ମାଝି, ବିଶ୍ୱମ୍ଭର ନାୟକ, ଲଳିତ ପ୍ରଧାନୀଙ୍କ ସମେତ ଲାଞ୍ଜିଗଡ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଶିଳ୍ପାଞ୍ଚଳ ଯୋଗୁ ଜନ ଗହଳିକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ ଯୁବ ଗୋଷ୍ଠୀଙ୍କୁ ଶାନ୍ତିଶୃଙ୍ଖଳା ପାଇଁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି।

### ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଋଣ ମେଳା

ବୋଡେନ,୨୯ ।୩(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ବୋଡେନ ହାଇସ୍କୁଲ ପଡିଆରେ ଋଣମେଳା ଓ ଋଣ ସ୍ୱୀକୃତି ପ୍ରଦାନ ସଭା ତଥା ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବୋଡେନ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପ୍ରାଣବନ୍ଧୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମିଶନ ଶକ୍ତି ସଂଯୋଜକ ରାମ ତାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ଯୋଜନା ଉପରେ ଆଲୋକପାତ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ମାଧବାନନ୍ଦ ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ସୀତାରାମ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହ ଆର୍ଥିକ ସଚେତନତା ଓ ସାମାଜିକ ସୁରକ୍ଷା ନେଇ ଆଲୋଚନା କରିଥିଲେ। ଜିଲା ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ଆନନ୍ଦ ବେହେରା ଓ ଜିଲା ହସ୍ତଶିଳ୍ପ ବିକାଶ ଅଧିକାରୀ ମାନସ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପିଏମ୍‌ଇଜିଏସ୍, ପିଏମ୍‌ଏଫ୍‌ଏମ୍‌ଇ ଆଦି ଯୋଜନା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୬୦ ଲକ୍ଷ ଟଙ୍କା, ପ୍ରଧାନମନ୍ତ୍ରୀ ସ୍ୱରୋଜଗାର ଯୋଜନାରେ ୩ଜଣ ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ଓ ଶିଳ୍ପି ଉନ୍ନତି ଯୋଜନାରେ ୪ଲକ୍ଷ ଟଙ୍କାର ଋଣ ସ୍ୱୀକୃତିପତ୍ର ପ୍ରଦାନ କରାଗଲା। ମିଶନ ଶକ୍ତି ବୋଡେନ ବ୍ଲକ ପ୍ରକଳ୍ପ ସଂଯୋଜକ ରାଜେଶ କୁମାର ସାହୁ, ବ୍ୟାଙ୍କମିତ୍ର ଅଳୀ ଦଣ୍ଡସେନା, ବୋଡେନ ବ୍ୟାଙ୍କ ଶାଖା କର୍ମଚାରୀ, ମିଶନ ଶକ୍ତି କର୍ମଚାରୀ, ଜୀବିକା ମିଶନ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜୋରଦାର ଚାଲିଛି ଗାଡ଼ିମୋଟର ଯାଞ୍ଚ

ଭବାନୀପାଟଣା,୨୯ ।୩(ସ୍ୱ.ପ୍ର.)

**କଳାହାଣ୍ଡି ଜିଲା**

- ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଇଁ ପ୍ରୟାସ
- ୯୯ ମଦ୍ୟପଙ୍କ ଲାଇସେନ୍ସ ବାତିଲ
- ଏପ୍ରିଲ ୧ରୁ ୭ ବିନା ହେଲମେଟରେ ମିଳିବନି ପେଟ୍ରୋଲ
- ୭ ଲକ୍ଷରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ

ଏପ୍ରିଲ ୧ରୁ ୭ ତାରିଖ ଯାଏଁ ରାଜ୍ୟରେ ସଡକ ଦର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯିବ। ଏପରିସ୍ଥଳେ କଳାହାଣ୍ଡି ଜିଲାରେ ମଧ୍ୟ ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ଏମଭିଆଇ ଓ ପୋଲିସ ମିଳିତ ଉଦ୍ୟମରେ ଗାଡି ମୋଟର ଯାଞ୍ଚ ଜୋରଦାର ଚାଲିଛି। ଗତ ମାସକ ମଧ୍ୟରେ ଏହି ଯାଞ୍ଚ ସମୟରେ ମଦପିଇ ଗାଡି ମୋଟର ଚଳାଉଥିବା ୯୯ଜଣଙ୍କ ଲାଇସେନ୍ସ ବାତିଲ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। ସେହିପରି ଜରିମାନା ବାବଦକୁ ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି। ମଙ୍ଗଳବାର ୧୮ ବର୍ଷରୁ କମ ବୟସ୍କ ୫ଜଣ ପିଲା ବାଇକ୍ ଚଳାଇ ଧରାପଡିଥିଲେ। ଏଥିରେ ଜୁନାଗଡ ଥାନା ଅଞ୍ଚଳରେ ୪ଜଣ ଓ କେସିଙ୍ଗା ଥାନା ଅଞ୍ଚଳରେ ଜଣେ ରହିଥିଲେ। ୫ଜଣଙ୍କ ମଧ୍ୟରୁ ୨ଜଣ ପିଲାଙ୍କ ବାପା ୨୫ ହଜାର ଜରିମାନା ଦେଇ ବାଇକ ନେଇଥିବା ଜଣାପଡିଛି। ସେହିପରି ବୁଧବାର ୪୫ଜଣ ହେଲମେଟ ଚେକିଂରେ ଧରାପଡିଥିବାବେଳେ ଦ୍ରୁତ ଗତିରେ ଗାଡି ଚଳାଇବା ଅଭିଯୋଗରେ ୩୩ଜଣ ଧରାପଡିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ରାଜ୍ୟରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହାର ୭.୦୬% ବୃଦ୍ଧି ପାଇଥିବାବେଳେ କଳାହାଣ୍ଡି ଜିଲାରେ ମୃତ୍ୟୁହାର ୫% କମ୍ ରହିଛି। ଗତବର୍ଷ ଜିଲାରେ ୧୪୫ଜଣ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ତେବେ ଏହି ମୃତ୍ୟୁ ସଂଖ୍ୟା ହାରକୁ କମାଇବା ସହ ଏପ୍ରିଲ ୧ ରୁ ୭ ତାରିଖ ମଧ୍ୟରେ ଶୁନ୍ୟ କରିବା ପାଇଁ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ଗତିକୃଷ୍ଣ ସାମନ୍ତରାୟ ପ୍ରୟାସ ଆରମ୍ଭ କରିଛନ୍ତି। ବର୍ତ୍ତମାନ ଗାଡିମୋଟର ଯାଞ୍ଚ ସମୟରେ ସ୍ଥାନୀୟ ଲୋକଙ୍କୁ ଲିଫ୍ଲେଟ ଜରିଆରେ ସଡକ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ସଚେତନତାର ବାର୍ତ୍ତା ଦେଉଛନ୍ତି। ଏଥିରେ ଅଧିକ ବେଗରେ ଗାଡି ନ ଚଳାଇବା, ପାଖରେ କାଗଜପତ୍ର, ଲାଇସେନ୍ସ ରଖିବା, ହେଲମେଟ ବ୍ୟବହାର କରିବା, ନିଶାମୁକ୍ତ ହୋଇ ଗାଡି ନ ଚଳାଇବା, ଓଭରଟେକ ନ କରିବା, ୧୮ବର୍ଷରୁ କମ ବୟସ୍କ ପିଲାଙ୍କୁ ଯାନ ବାହାନ ଚଳାଇବାକୁ ନ ଦେବା, ଚାରିଚକିଆ ଯାନରେ ସର୍ବଦା ସିଲ୍ଟବ୍ୟାଲ୍ଟ ବ୍ୟବହାର କରିବା, ଗାଡି ମୋଟରର ପ୍ରଦୂଷଣ ମୁକ୍ତ ସାର୍ଟିଫିକେଟ ରଖିବା, ଗାଡିରେ ଏଚ୍‌ଏସଆରପି ନମ୍ବର ପ୍ଲେଟ ଲଗାଇବା ଆଦି ରହିଛି। ନିୟମଗୁଡିକ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଏପ୍ରିଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବିନା ହେଲମେଟରେ କୌଣସି ଆରୋହୀଙ୍କୁ ପେଟ୍ରୋଲ ନ ଦେବା ପାଇଁ ପେଟ୍ରୋଲ ଟ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଥିବା ଆରଟିଓ ସାମନ୍ତରାୟ ପ୍ରକାଶ କରିଛନ୍ତି।


ଏମଭିଆଇ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ ଚାଲିଛି।

ରିର୍ପୋଟ-ଉତ୍ତମ କୁମାର ଦାଶ।

# ସିଆର୍‌ପିଏଫ୍‌ଙ୍କ ଦ୍ୱାରା ଜନସମ୍ପର୍କ ଶିବିର

ନୂଆପଡ଼ା ଅଫିସ,୨୯ ।୩

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଗ୍ରାମପଞ୍ଚାୟତ ଜାମଗାଁ, ମିଛାପାଲି ପଞ୍ଚାୟତ ବରକୋଟ ଓ ବୋଡେନ ବ୍ଲକ ଧୋବଘାଟ (ପାଟଧରା)ଠାରେ ସିଆରପିଏଫ ଯବାନମାନଙ୍କ ଦ୍ୱାରା ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ୨୧୬ ବାଟାଲିୟାନ ସିଆର୍‌ପିଏଫ୍ ଯବାନ କମାଣ୍ଡେଣ୍ଟ ଏରିକ ଗିଲ ବଟ ଯୋଷ ଓ କମ୍ପାନୀ ୧୯ ବାଟାଲିୟାନ କମାଣ୍ଡର ମନୋଜ କୁମାରଙ୍କ ତ୍ତ୍ୱାବଧାନରେ ଆଦିବାସୀ ଗରିବ ଲୋକମାନଙ୍କୁ ଉତ୍ସାହ କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ଭିତରେ ବାସ କରୁଥିବା ଆଦିବାସୀଙ୍କ ମନରେ ଥିବା ଭୟ ଦୂର କରିବା, ତାଙ୍କ ହୃଦୟରେ ବିଶ୍ୱାସ ଜନ୍ମାଇବା ଓ ତାଙ୍କ ସହିତ ଅତି ନିକଟତର ହେବା ପନ୍ଥାକୁ ଆପଣେଇଛନ୍ତି ସିଆର୍‌ପିଏଫ୍ ଯବାନ। ଯୁବ ପିଢିଙ୍କୁ ଭଲ ରାସ୍ତାରେ ପ୍ରେରଣା ମଧ୍ୟ ଦେଇଥିଲେ। ଉପାନ୍ତ ଅଞ୍ଚଳରେ ଲୋକେ ଅସ୍ୱାସ୍ଥ୍ୟକର ପରିବେଶରେ ରହି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସୁରକ୍ଷା ନିମନ୍ତେ କମାଣ୍ଡେଣ୍ଟଙ୍କ ସମେତ ଜାମଗାଁ, ଗଡଗଡା, ଗୋତମା, ସୋସେଙ୍ଗ, ଧାକଲି, ରୁପିଆମ ଆଦି ମାଓବାଦୀ ପ୍ରବଣ ଅଞ୍ଚଳର ଲୋକମାନଙ୍କୁ ଟର୍ଚ୍ଚ ଲାଇଟ, ରୋଷେଇ ବାସନ କୁସନ, ମଶାରୀ, ନୂତନ ବସ୍ତ୍ର, ପାଣି ଟାଙ୍କି, ଛୋଟ ପିଲାଙ୍କୁ ଖେଳଣା ସାମଗ୍ରୀ ଓ ଛାତ୍ରୀଛାତ୍ରମାନଙ୍କୁ ପଠନ ସାମଗ୍ରୀ ପ୍ରଦାନ କରିଥିଲେ।


## ନୟାଗଡ଼ ଟାଉନ୍-ଭଦ୍ରକ ମଧ୍ୟରେ ନୂତନ ମେମୁ ଟ୍ରେନ୍‌ର ପ୍ରଚଳନ

ନୟାଗଡ଼ ଟାଉନ୍-ଭଦ୍ରକ-ନୟାଗଡ଼ ଟାଉନ୍ ମଧ୍ୟରେ ଏକ ନୂତନ ମେମୁ ପାସେଞ୍ଜର ଟ୍ରେନ୍‌ର ପ୍ରଚଳନ ପାଇଁ ରେଳ ମନ୍ତ୍ରାଳୟ ଦ୍ୱାରା ନିର୍ଦ୍ଧାରିତ କରାଯାଇଛି ।

ନୟାଗଡ଼ ଟାଉନ୍‌ଠାରୁ **08556** ନୟାଗଡ଼ ଟାଉନ୍-ଭଦ୍ରକ ମେମୁ ଟ୍ରେନ୍ **ତା.31.03.2023**ରିଖ ଠାରୁ (ପ୍ରତିଦିନ) ଚଳାଚଳ କରିବ ।

ଭଦ୍ରକଠାରୁ **08555** ଭଦ୍ରକ-ନୟାଗଡ଼ ଟାଉନ୍ ମେମୁ ଟ୍ରେନ୍ **ତା.31.03.2023**ରିଖ ଠାରୁ (ପ୍ରତିଦିନ) ଚଳାଚଳ କରିବ ।

**ବିସ୍ତୃତ ସମୟ**

| ଟ୍ରେନ୍ ନଂ. 08556 ନୟାଗଡ଼ ଟାଉନ୍-ଭଦ୍ରକ | | ଷ୍ଟେସନ | ଟ୍ରେନ୍ ନଂ. 08555 ଭଦ୍ରକ-ନୟାଗଡ଼ ଟାଉନ୍ | |
|---|---|---|---|---|
| ପହଞ୍ଚିବ | ଛାଡିବ | | ପହଞ୍ଚିବ | ଛାଡିବ |
| - | 1705 | ନୟାଗଡ଼ ଟାଉନ୍ | 1155 | - |
| 1813 | 1818 | ଖୋର୍ଦ୍ଧା ରୋଡ଼ | 1003 | 1008 |
| 1840 | 1845 | ଭୁବନେଶ୍ୱର | 0932 | 0937 |
| 1929 | 1934 | କଟକ | 0842 | 0847 |
| 2121 | 2126 | ଯାଜପୁର କେନ୍ଦୁଝର ରୋଡ଼ | 0638 | 0643 |
| 2245 | - | ଭଦ୍ରକ | - | 0545 |

ସମାହ: ମୋଟର କାର୍ ତଥା ଦ୍ୱିତୀୟ ଶ୍ରେଣୀ-3, ଦ୍ୱିତୀୟ ଶ୍ରେଣୀ-9=12 ମେମୁ କାର୍ କୋଚେସ୍ ।

ଅନ୍ୟ ରହଣିସ୍ଥଳଗୁଡିକ: ବୋଲଗଡ ରୋଡ଼, ବୋଲଗଡ ଟାଉନ୍ ପି.ଏଚ୍., ରାଜସୁନାଖଳା, ବେଗୁନିଆ, ଖୋର୍ଦ୍ଧା ଟାଉନ୍, ରେତଙ୍ଗ, ଲିଙ୍ଗରାଜ ଟେମ୍ପୁଲ୍ ରୋଡ଼ ପି.ଏଚ୍, ବାଣୀବିହାର ପି.ଏଚ୍., ମଞ୍ଚେଶ୍ୱର, ପଟିଆ ପି.ଏଚ୍, ଭୁବନେଶ୍ୱର ନୂଆ, ବାରଙ୍ଗ, ଗୋପାଳପୁର ବାଲିକୁଦା, କାଠଯୋଡି ପି.ଏଚ୍, କେନ୍ଦ୍ରାପଡା ରୋଡ଼, ମଙ୍ଗୁଳି ଚୌଦ୍ୱାର ପି.ଏଚ୍, ନିର୍ଗୁଣ୍ଡି, କପିଳାସ ରୋଡ଼, ଶ୍ରୀ ଝାଡେଶ୍ୱର ରୋଡ଼ ପି.ଏଚ୍, ବୈରୀ, ବରିଠେଙ୍ଗଡ, ଧାନମଣ୍ଡଳ, ହରିଦାସପୁର, ନୂଆ ଗଡମଧୁପୁର, ଜେନାପୁର, ବ୍ରାହ୍ମଣୀ ପି.ଏଚ୍, ଜଖପୁରା ଜଙ୍କସନ, କୋରେଇ, ବୈତରଣୀ ରୋଡ଼, ଦୁଲାଖା ପାଟଣା ପି.ଏଚ୍, ମଞ୍ଜୁରୀ ରୋଡ଼, କେନ୍ଦୁଆପଦା, କପାଳି ରୋଡ଼ ପି.ଏଚ୍, ବାଉଦପୁର ।

ବି.ଦ୍ର: ଏହି ଟ୍ରେନ୍‌ର ପ୍ରାରମ୍ଭିକ ଚଳାଚଳରେ ଏହା ସ୍ୱତନ୍ତ୍ର ଟ୍ରେନ୍ ଭାବେ ଚଳାଚଳ କରିବ । କିନ୍ତୁ, ଏହି ଟ୍ରେନ୍‌ର ନିୟମିତ ଚଳାଚଳ ଉଭୟ ପାର୍ଶ୍ୱରୁ ତା.୩୧.୦୩.୨୦୨୩ ରିଖ ଠାରୁ ଚଳାଚଳ ହେବ ।

ପୂର୍ବ ତଟ ରେଳପଥ

PR-1118/N/22-23


# ପ୍ରେରକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା,୨୯ ।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ସାକ୍ଷର ଭାରତ କାର୍ଯ୍ୟକ୍ରମର ପ୍ରେରକ ସଂଘ ପକ୍ଷରୁ ବୁଧବାର ଜିଲାପାଳ ପି. ଅନନ୍ଵୋ ରେଡ୍ଡୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ସମସ୍ତ ପ୍ରେରକମାନଙ୍କୁ ସାମିଲ କରିବା ପାଇଁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ସାକ୍ଷରତା ଅଭିଯାନରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ଅଣସାକ୍ଷରମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ ସାକ୍ଷର ଭାରତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଥିଲ। ଏଥିରେ ଜିଲାର ୨୭୩ଟି ପଞ୍ଚାୟତରୁ ୫୪୭ଜଣ ପ୍ରେରକ ନିୟୋଜିତ ହୋଇ ମାସିକ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପାଉଥିଲେ। ପ୍ରେରକମାନେ ପୌଢ଼ ଶିକ୍ଷା ମାଧ୍ୟମରେ ଅଣସାକ୍ଷରମାନଙ୍କୁ ସାକ୍ଷର କରିବା ସଙ୍ଗେ ସଙ୍ଗେ ପଞ୍ଚାୟତର ପିଡିଏସ, ଭତ୍ତା ବଣ୍ଟନ, ସ୍ୱଚ୍ଛ ଭାରତ ମିଶନ ହିତାଧିକାରୀ, ବିପିଏଲ, ଏପିଏଲ ସର୍ଭେରେ ପଞ୍ଚାୟତ କର୍ମଚାରୀଙ୍କୁ ସହଯୋଗ କରିଥିଲେ। ୨୦୧୮ରୁ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଥିବାରୁ ବର୍ତ୍ତମାନ ପ୍ରେରକମାନେ ରୋଜଗାର ହରେଇବା ସହ ତାଙ୍କ ପରିବାର ଦୟନୀୟ ପରିସ୍ଥିତିରେ କାଳାତିପାତ କରୁଛନ୍ତି। ଆଗକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହେବାକୁ ଯାଉଥିବା ନୂତନ କାର୍ଯ୍ୟକ୍ରମ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ପ୍ରେରକମାନଙ୍କୁ ଶିକ୍ଷା ପ୍ରେରକ ଭାବେ ନିଯୁକ୍ତି ଦେବା ପାଇଁ କଳାହାଣ୍ଡି ପ୍ରେରକ ସଂଘ ସଭାପତି ଅଙ୍କୁର ମହାଲିକ, ସହ ସମ୍ପାଦକ ଛବି ବିହାରୀ, କୋଷାଧକ୍ଷ ଗାୟତ୍ରୀ ଠାକୁର ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ପ୍ରେରକଙ୍କ ସାମୁହିକ ସମସ୍ୟା ଓ ପୁନଃନିଯୁକ୍ତିକୁ ଗୁରୁତ୍ୱ ଦେଇ ଏହାର କାର୍ଯ୍ୟକାରିତା ଦିଗରେ ଦୃଷ୍ଟି ଦେବେ ବୋଲି କହିଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପ୍ରେରକମାନେ।

# ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା

କେସିଙ୍ଗା,୨୯ ।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ପ୍ରାଥମିକ କୃଷି ସମବାୟ ସମିତିଠାରେ ପଞ୍ଚାୟତସ୍ତତୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଭବାନୀପାଟଣା ବିଧାୟକ ଦୁଷ୍ମନ୍ତ ନାଏକ ଯୋଗଦେଇ ଚାଷୀଙ୍କୁ ଠିକ ସମୟରେ କୃଷି ଋଣ ମିଳିବା ସହିତ ସମବାୟ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେବାକୁ ପ୍ରାଥମିକ ସମିତି କର୍ମଚାରୀଙ୍କୁ ସୂଚିତ କରିଥିଲେ। ଆସନ୍ତା ଖରିବ ଋତୁ ପୂର୍ବରୁ ଅର୍ଥାତ ଏପ୍ରିଲ, ମେ ଶେଷ ସୁଦ୍ଧା ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତିରେ ଫର୍ମ ପୂରଣ କରି ନେବାକୁ କହିଥିଲେ। କାଣ୍ଡେଲ ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଜୀକୃତ ଚାଷୀମାନଙ୍କୁ ସହଜରେ ବ୍ୟାଙ୍କିଙ୍ଗ ସୁବିଧା ଦେବା ସହ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବିନା ସୁଧରେ ୧ ଲକ୍ଷ କୃଷି ଋଣ ଯୋଗାଦେବା ସହ ଯୁଗ୍ମ ଦେୟ ଗୋଷ୍ଠୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଭୂମିହୀନ ଚାଷୀ ତଥା ଭାଗ ଚାଷୀଙ୍କୁ ବିନା ସୁଧରେ କୃଷି ଋଣ ଖରିଫ ଓ ରବି ଋତୁରେ ଠିକ ସମୟ ମଧ୍ୟରେ ଋଣ ଯୋଗାଇ ଦେବା ପାଇଁ ସମବାୟ ସମିତି କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କାଣ୍ଡେଲ, ବାଲସି, ଶିରୋଲ ଓ ପରଲସିଙ୍ଗା ପଞ୍ଚାୟତ ପଞ୍ଜୀକୃତ ଚାଷୀମାନେ ଯୋଗଦେଇଥିଲେ। କାଣ୍ଡେଲ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଛାୟାକାନ୍ତ ମାଝିଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଏଆରସିଏସ ସୁରେନ୍ଦ୍ର ମାଝି, ଉକ୍ତ ସମିତି ଉପସଭାନେତ୍ରୀ ରାଣୀବତୀ ନାଏକ, କାଣ୍ଡେଲ ପାକ୍ସ ସିଇଓ ଭୁବନେଶ୍ୱର ମାଝି, ସ୍ଥାନୀୟ ସରପଞ୍ଚ ପାର୍ବତୀ ଶର୍ମା, ନାଏବ ସରପଞ୍ଚ ଜଗବନ୍ଧୁ ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



କାଣ୍ଡେଲ ପଞ୍ଚାୟତ ସଭା ଗୃହରେ ଅନୁଷ୍ଠିତ କର୍ମଶାଳା।

# ଜଲମଡେଇ ଗାଁରେ ପୁଣି ଏକ ବଳଦ ଖାଇଲା ବାଘ

ନୂଆପଡ଼ା ଅଫିସ,୨୯ ।୩

ନୂଆପଡା ଜିଲ କୋମନା ବ୍ଲକର ପଶ୍ଚିମ ଭାଗ ଓ ନୂଆପଡା ସଦର ବ୍ଲକ ପଶ୍ଚିମ ଉତ୍ତର ଭାଗକୁ ମାସେ ହେବ ବାଘ ଆତଙ୍କରେ ଲୋକେ ଛାନିଆ ହୋଇ ଗଲେଣି। ଦିନକୁ ଦିନ ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଛି। ବୁଧବାର କଲରାପତରିଆ ବାଘ ପୁଣି ଏକ ବଳଦ ମାରିଥିବା ସୂଚନା ମିଳିଛି। କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁରେ ଗତ ୧୯ ତାରିଖରେ ସନ୍ଧ୍ୟାରେ ବୃଦ୍ଧା ସନମତି ବାରିକ (୬୮)ଙ୍କ ନିଜ ବାଡିପଟେ ଜାଳେଣି କାଠ ଆଣିବା ପାଇଁ ଯାଇଥିବା ବେଳେ ବାଘ ଜଙ୍ଗଲକୁ ଟାଣି ନେଇ ଖାଇଯାଇଥିଲା। ୨୦ରେ ପୁଣି ଏକ ବାଛୁରୀ ବାଘ ଶିକାର କରିଥିଲା। ଏହି ଘଟାଣା ପୂର୍ବରୁ ଏକ ବାଛୁରୀ ଓ କୁକୁରକୁ ଖାଇ ଯାଇଥିଲା। ଏକ ସପ୍ତାହ ବ୍ୟବଧାନରେ ପୁଣି ଏକ ବଳଦକୁ ବାଘ ଶିକାର କରିଛି। ମଙ୍ଗଳବାର ସକାଳେ ଜଲମଡେଇ ଗାଁର ଗାଈ ବଳଦ ଜଙ୍ଗଲକୁ ଚରିବାକୁ ଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ରମଶିଳା ପଟିଆଙ୍କ ବଳଦ ଘରକୁ ଫେରି ନ ଥିଲା। ବାଘ ଭୟରେ ଲୋକେ ଗାଈ ବାଛୁରୀ ଘରକୁ ନ ଆସିଲେ ମଧ୍ୟ ଜଙ୍ଗଲକୁ ଖୋଜିବା ପାଇଁ ଯାଉନାହାନ୍ତି। ବୁଧବାର ଗାଁର କିଛି ଲୋକ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଯାଉଥିବା ସମୟରେ ଏକ ବଳଦ ମରି ପଡିଥିବା ଦେଖିବାକୁ ପାଇଥିଲେ। ବଳଦର ବେକରେ ଶକ୍ତ ଆଘାତ ଲାଗିଥିବା ବେଳେ ଡାହାଣ ଗୋଡ ଜଙ୍ଘ ଉପରକୁ ଖାଇ ଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜଲମଡେଇ ଗାଁରେ ଜଣେ ବୃଦ୍ଧାଙ୍କ ସମେତ ୪ଟି ଗୃହପାଳିତ ପଶୁ ବାଘ ଶିକାର କରି ସାରିଲାଣି। ଏ ସଂକ୍ରାନ୍ତରେ ସୁନାବେଡା ବନ୍ୟପ୍ରାଣୀ ବିଭାଗ ରେଞ୍ଜର ଶିବ ପ୍ରସାଦ ଖମାରୀଙ୍କୁ ପଚାରିବାରୁ ବାଘ ଘଟଣା ଘଟାଇଥିବା ଅଞ୍ଚଳରେ ବିଭାଗ ପକ୍ଷରୁ ୧୫ଟି ଟ୍ରାକ କ୍ୟାମେରା ଲଗା ଯାଇଛି। ବିଭାଗୀୟ କର୍ମଚାରୀମାନେ ସେଠାରେ ଦିନରାତି ପାଟ୍ରୋଲିଂ କରି ଲୋକଙ୍କୁ ସଚେତନ କରୁଛନ୍ତି।


ବାଘ ଖାଇଥିବା ବଳଦ।


## ई-प्रोक्योरमेंट सेल
## पेयजल एवं स्वच्छता विभाग झारखण्ड, राँची

### शुद्धि पत्र

इस कार्यालय द्वारा प्रकाशित अतिअल्पकालीन निविदा सूचना (प्रथम आमंत्रण) सं0 Giridih-1/SVS/31/2022-23 ( P.R. No-291402 / 2022-23) -को निम्न प्रकार संशोधित किया जाता है–

ई–टेन्डर रेफरेन्स नं0– SVS (JJM Giridih-1) Giridih-1/SVS/31/2022-23 Date 25-02-2023

| क्र0 | विवरणी | Group No | Block | Panchayat | Village | No of Scheme | प्राक्कलित राशि (लाख में) | अग्रधन राशि (लाख में) | परिमाण विपत्र राशि (रू0 में) |
|---|---|---|---|---|---|---|---|---|---|
| 1 | Construction of Village wise Single water Supply Scheme in Different villages under DWSD No-1, Giridih | C-35 | Gandey | Dasdih | Kumhardih | 1 | 8.551 | 0.18 | 1250 |
| 2 | | C-36 | Gandey | Mednisare | Manakdiha | 1 | 6.17545 | 0.13 | 1250 |
| 3 | | C-37 | Gandey | Pandri | Palkiya | 5 | 62.13924 | 1.25 | 10000 |
| 4 | | C-38 | Gandey | Pandri | Pandnatand | 7 | 94.16947 | 1.89 | 10000 |
| 5 | | C-39 | Gandey | Kundalwadah | Barotand | 2 | 12.35089 | 0.25 | 2500 |
| 6 | | C-40 | Gandey | Ahilyapur | Bhalpahri | 4 | 35.23419 | 0.71 | 5000 |
| 7 | | C-41 | Gandey | Rasanjori | Lachhudih | 4 | 44.40118 | 0.89 | 5000 |
| 8 | | C-42 | Gandey | Gajkunda | Parmadih | 3 | 38.22574 | 0.77 | 5000 |
| 9 | | C-43 | Gandey | Gajkunda | Fuljharia | 5 | 58.73349 | 1.18 | 10000 |
| 10 | | C-44 | Gandey | Fuljharia | Daldala | 3 | 29.05875 | 0.59 | 5000 |
| 11 | | C-45 | Jamua | Fatha | Singhraidih | 4 | 37.60974 | 0.76 | 5000 |
| 12 | | C-46 | Jamua | Dhotho | Karodih | 5 | 62.13924 | 1.25 | 10000 |
| 13 | | C-47 | Jamua | Dhurgadgi | Telmakri | 7 | 82.62693 | 1.66 | 10000 |
| 14 | | C-48 | Jamua | Chakmanjo | Alardih | 1 | 6.17545 | 0.13 | 1250 |
| 15 | | C-50 | Jamua | Chorgatta | Dudhwatol | 4 | 27.07734 | 0.55 | 5000 |
| 16 | | C-51 | Jamua | Chorgatta | Gardih | 4 | 27.07734 | 0.55 | 5000 |
| 17 | | C-52 | Jamua | Goro | Gardih | 3 | 23.27744 | 0.47 | 5000 |
| 18 | | C-53 | Jamua | Goro | Bishanpur | 3 | 29.05875 | 0.59 | 5000 |
| 19 | | C-54 | Jamua | Siyatand | Naitand | 1 | 6.17545 | 0.13 | 1250 |
| 20 | | C-55 | Jamua | Siyatand | Barahmoria | 4 | 35.23419 | 0.71 | 5000 |
| 21 | | C-56 | Tisri | Khijuri | Jhakhnodih | 1 | 8.551 | 0.18 | 1250 |
| 22 | | C-60 | Bengabad | Telonari | Telonari | 23 | 177.3534 | 3.55 | 10000 |
| 23 | | C-61 | Bengabad | Karanpura | Barasoli | 1 | 6.17545 | 0.13 | 1250 |
| 24 | | C-62 | Gandey | Gandey | Dharampur | 5 | 40.37944 | 0.81 | 5000 |
| 25 | | C-63 | Gandey | Rasanjori | Koldiha | 1 | 8.551 | 0.18 | 1250 |
| 26 | | C-64 | Gandey | Rasanjori | Borotand | 1 | 8.551 | 0.18 | 1250 |
| 27 | | C-65 | Jamua | Pandeydih | Pandeydih | 15 | 145.29373 | 2.91 | 10000 |
| 28 | | C-66 | Jamua | Pandeydih | Sheodih | 15 | 168.04362 | 3.37 | 10000 |
| 29 | | C-67 | Jamua | Chungalkhar | Dhibitanr | 8 | 75.21949 | 1.51 | 10000 |
| 30 | | C-68 | Jamua | Fatha | Fatha | 8 | 75.21949 | 1.51 | 10000 |
| 31 | | C-69 | Jamua | Dhuraita | Pachdiha | 4 | 29.05875 | 0.59 | 5000 |

| | | |
|---|---|---|
| 32 | कार्य पूर्ण करने की अवधि | 03 Months |
| 33 | वेबसाईट पर बिड Upload की तिथि/समय | From 05-04-2023, 4:00P.M |
| 34 | बिड प्राप्ति के लिए अन्तिम तिथि/समय | 17-04-2023 5:00P.M |
| 35 | निविदा की हार्ड कॉपी जमा करने की तिथि/समय/स्थान | 18-04-2023 up to 5:00P.M **कार्यपालक अभियंता का कार्यालय, पेयजल एवं स्व0 प्र0 सं0–1, गिरिडीह। अधीक्षण अभियंता का कार्यालय, पेयजल एवं स्व0 अंचल, धनबाद।** |
| 36 | निविदा प्राप्त बिड खोलने की तिथि/समय | 19-04-2023 up to 02:00 P.M |
| 37 | निविदा प्रकाशित करने वाले कार्यालय का नाम एवं पता। | पेयजल एवं स्वच्छता प्रमण्डल संख्या–01, गिरिडीह। |
| 38 | निविदा खोलने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल संख्या–01, गिरिडीह/अधीक्षण अभियंता, पेयजल एवं स्वच्छता अंचल, धनबाद। |
| 39 | प्रोक्योरमेंट पदाधिकारी का सम्पर्क संख्या | 7870778158 |
| 40 | ई–प्रोक्योरमेंट सेल का हेल्पलाईन संख्या | 0651-2480345 |

- अन्य सभी नियम व शर्तें यथावत रहेंगी।
- केवल ई0निविदा ही स्वीकार किये जायेंगे।
- परिमान विपत्र का मुल्य केवल डी0डी0 में ही देय है जिसे लौटाया नही जाएगा।
- प्राक्कलित राशि घट या बढ सकती है, तदनुरूप अग्रधन राशि मान्य होगी।
- अन्य किसी भी प्रकार की सूचना http:// Jharkhandtenders.gov.in पर देखा जा सकता है।

**कार्यपालक अभियंता, पेयजल एवं स्वच्छता प्रमण्डल संख्या–01, गिरिडीह**

PR 293830 Drinking Water and Sanitation(22-23)#D

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା: କାରଣ ଅସ୍ପଷ୍ଟ

**ଲହୁଣୀପଡ଼ା, ୨୯।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଲୁଗୁଡା ଗ୍ରାମର ବିଶ୍ରାମ ମୁଣ୍ଡା ଗତ ୨୫ ତାରିଖ ସନ୍ଧ୍ୟାରୁ ଘରୁ କୁଆଡେ ଚାଲି ଯାଇଥିଲେ। ପରିବାର ଲୋକ ନିଜ ବନ୍ଧୁ ବାନ୍ଧବ ତଥା ଆଖପାଖ ଅଞ୍ଚଳରେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। କିନ୍ତୁ ବୁଧବାର ଗ୍ରାମର କିଛି ଲୋକ ନିକଟସ୍ଥ ଜଙ୍ଗଲକୁ ଯାଇ ଥିବାବେଳେ ଗଛରେ ଜଣକର ମୃତଦେହ ଝୁଲୁଥିବା ଦେଖି ଗ୍ରାମରେ ଖବର ଦେଇଥିଲେ। ତାସହିତ କେ.ବଲାଙ୍ଗ ଥାନାକୁ ସୂଚନା ଦେଇଥିଲେ। ଖବରପାଇ କେ.ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରିବାର ଲୋକ ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଛେଣ୍ଡ ହାଟରୁ ମୋବାଇଲ ଚୋରି

**ରାଉରକେଲା ଅଫିସ,୨୯।୩:** ରାଉରକେଲା ଛେଣ୍ଡ ସାପ୍ତାହିକ ହାଟରୁ ଜଣେ ବ୍ୟକ୍ତି ପରିବା କିଣୁଥିବାବେଳେ ତାଙ୍କର ଏକ ସ୍ମାର୍ଟଫୋନ କେହି ଦୁର୍ବୃତ୍ତ ଚୋରି କରି ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ଗାଡାଟୋଲା ବସ୍ତିରେ ଶୁକ୍ରା ମିଞ୍ଜ ବାସ କରନ୍ତି। ବୁଧବାର ଛେଣ୍ଡ ହାଟ ଲାଗିଥିବାରୁ ଶୁକ୍ରା ପୂର୍ବାହ୍ନ ସାଢେ ୭ଟାରେ ଘର ପାଇଁ ପରିବା କିଣିବାକୁ ଆସିଥିଲେ। ସେ ପରିବା ହାଟରେ ବୁଲି ପରିବା କିଣୁଥିବାବେଳେ ତାଙ୍କ ଉପର ପକେଟରେ ଥିବା ସ୍ମାର୍ଟଫୋନକୁ କେହି ଦୁର୍ବୃତ୍ତ ଚୋରି କରି ଫେରାର ହୋଇ ଯାଇଥିଲେ। ଏନେଇ ଶୁକ୍ରା ଛେଣ୍ଡ ଥାନା ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି।

### ସିପିଆଇଏମ ପକ୍ଷରୁ ନୂତନ ବିଡିଓଙ୍କୁ ସମ୍ବର୍ଦ୍ଧନା



**ଲହୁଣୀପଡ଼ା,୨୯।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକରେ ନୂତନ ବିଡ଼ିଓ ଭାବେ ଯୋଗ ଦେଇଥିବା ଅନୁରାଗ ମିଶ୍ରଙ୍କୁ ବୁଧବାର ସିପିଆଇଏମ ପକ୍ଷରୁ ସାକ୍ଷାତ ଓ ସ୍ୱାଗତ କରାଯାଇଥିବା ଜଣାପଡିଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଲହୁଣୀପଡା ସରପଞ୍ଚ ନେଲସନ ହେମ୍ବ୍ରମ, ଶସ୍ୟକଳା ସରପଞ୍ଚ ଏମଲେନ ଭୂୟାଁ, ସମିତି ସଭ୍ୟା ଅନିତା ଦୀପ୍ତି ମୁଣ୍ଡା, ଲହୁଣୀପଡା ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୂର ମାହାନ୍ତ, ଖୁଣ୍ଟଗାଁ ଆଞ୍ଚଳିକ କମିଟି ସମ୍ପାଦକ ସମୀର ନାୟକ,ଅସିତ ଚୌଧୁରୀ, ପ୍ରଦୀପ ବେହେରା, ଦୁର୍ଯ୍ୟୋଧନ ମାହାନ୍ତ, ଶୁସାନ୍ତ ମାହାନ୍ତଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗଦେଇ ନୂତନ ବିଡ଼ିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ଆନୁଷ୍ଠାନିକ ଭାବେ ସ୍ୱାଗତ କରିବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।

### ବାଇକ୍ ଦୁର୍ଘଟଣା: ଯୁବକ ଗୁରୁତର

**ବଡ଼ଗାଁ, ୨୯।୩(ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜାମବାହାଲ ବାରମାଇଲ ଛକ ରାଜ୍ୟ ରାଜପଥରେ ବାଇକକୁ କୌଣସି ଟ୍ରକ ଧକ୍କା ଦେବାରୁ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଅପରାହ୍ନ ଫୁଲବାରି ଗ୍ରାମର ଗୌତମ ବାରିକ ବାଇକ୍‌ରେ ଆସୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ଗୁରୁତର ଆହତ ହୋଇଛନ୍ତି।

# ଓଡ଼ିଆ ଯୁବକଙ୍କୁ ଛତିଶଗଡ଼ରେ ହତ୍ୟା

## ୧୫ ହଜାର ଟଙ୍କା ପାଇଁ ଜୀବନ ନେଲେ

**ହେମଗିର,୨୯।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ପୋଲିସ ବୁଧବାର ଛତିଶଗଡ ସ୍ଥିତ ବଡକଛାର ଜଙ୍ଗଲରୁ ମୃତଦେହ ଜବତ କରିଛି। ଜଣେ ଓଡ଼ିଆ ଯୁବକଙ୍କୁ ହତ୍ୟା ଅଭିଯୋଗରେ ୩ଜଣଙ୍କୁ ଅଟକ ରଖିଛି । ମିଳିଥିବା ସୂଚନା ଅନୁସାରେ ଜାମଝରିଆ ଗ୍ରାମର ପ୍ରଜାପତି କିଷାନ(୪୮) ଗତ କିଛି ଦିନ ତଳେ ଛତିଶଗଡ ସ୍ଥିତ ବଡକଛାର ଗ୍ରାମର ଲୋକନାଥ ପ୍ରଧାନଙ୍କଠାରୁ ୧୫ହଜାର ଟଙ୍କାର ମହୁଲ ଆଣିଥିଲେ। ଏନେଇ ଲୋକନାଥ ପ୍ରଜାପତିଙ୍କୁ ମହୁଲର ପଇସା ମାଗିବାରୁ ସେ ଦେଉ ନ ଥିବାରୁ ଗତ ମଙ୍ଗଳବାର ଅପରାହ୍ନ ୨ଟାରେ ଲୋକନାଥ ସହ ଅନ୍ୟ ୪ଜଣ ସହଯୋଗୀ ୨ଟି ବାଇକ୍‌ରେ ଜାମଝରିଆ ଆସି ପ୍ରଜାପତିଙ୍କୁ ଟେକି ନେଇ ବଡକଛାର ଜଙ୍ଗଲରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ହେମଗିର ପୋଲିସ ପାଖରେ ମୃତକଙ୍କ ପୁଅ ଶୁକାନ୍ତ କିଷାନ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ହେମଗିର ପୋଲିସ ଛତିଶଗଡରେ ଚଢ଼ାଉ କରି ପ୍ରଜାପତିଙ୍କ ମୃତଦେହ ଉଦ୍ଧାର କରିବା ସହିତ ଲୋକନାଥ ଓ ୨ଜଣ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମାତ୍ର ୧୫ ହଜାର ଟଙ୍କା ପାଇଁ ଜଣେ ଯୁବକଙ୍କୁ ଜୀବନ ଦେବାକୁ ପଡ଼ିଛି।

# ଜାତୀୟ କ୍ରିକେଟ ଏକାଡେମୀ ଶିବିରରେ ସ୍ଥାନ ପାଇଲେ ସୁନ୍ଦରଗଡର ଦିବ୍ୟା ରାଉତରାୟ

**ସୁନ୍ଦରଗଡ,୨୯।୩(ଡି.ଏନ.ଏ.)**

ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନସିଏ) ଶିବିରରେ ଯୋଗଦେବା ପାଇଁ ସୁନ୍ଦରଗଡ ଜିଲା ରାଉରକେଲା ସିଭିଲ ଟାଉନଶିପର ଦିବ୍ୟା ରାଉତରାୟ ମନୋନୀତ ହୋଇଛନ୍ତି। ଦିବ୍ୟା ସୁଦକ୍ଷ କୋଚ ପ୍ରଶାନ୍ତ କୁମାର କାଇସ୍ଥାଙ୍କ ତତ୍ତ୍ୱାବଧାନରେ ରହି ପ୍ରଗତି ସ୍ପୋର୍ଟ୍ସ କ୍ଲବ ତରଫରୁ ଖେଳୁଛନ୍ତି।ଛୋଟ ବେଳରୁ କ୍ରିକେଟକୁ ଭଲ ପାଉଥିବାରୁ ଆଜି ବଡ ସଫଳତା ଆଣିଛି ବୋଲି କହିଛନ୍ତି ଦିବ୍ୟାଙ୍କ ମା' ରାଜ ଲକ୍ଷ୍ମୀ ଓ ବାପା ଦୀପକ ରାଉତରାୟ। ୧୯ ବର୍ଷରୁ କମ୍ ବୟସ ବର୍ଗରେ ଓଡିଶା କ୍ରିକେଟ ଆସୋସିଏଶନର ଏକାଧିକ ଟୁର୍ନାମେଣ୍ଟରେ ସୁନ୍ଦରଗଡ ଜିଲା କ୍ରୀଡା ସଂସଦର ଜିଲା ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଝିଅର ଏହି ସଫଳତା ପାଇଁ ସୁନ୍ଦରଗଡ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ, କ୍ରିକେଟ ସମ୍ପାଦକ ଶିଶିର ପଟେଲ, ଉପସଭାପତି ରାଧାମୋହନ ନାୟକ, ବିଭୁଦତ୍ତ ବେହେରା, ଭାର ଉତ୍ତୋଳନ ସମ୍ପାଦକ ବାସୁଦେବ ବାନାର୍ଜୀଙ୍କ ସମେତ ସଭ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।



ଦିବ୍ୟା ରାଉତରାୟ ।

# ଶାରଳା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



ଶାରଳା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ଅତିଥି।

**ରାଉରକେଲା ଅଫିସ,୨୯।୩**

ସେକ୍ଟର-୬ ସ୍ଥିତ ଶାରଳା ସାଂସ୍କୃତିକ ପରିଷଦର ୫୨ତମ ବାର୍ଷିକ ଉତ୍ସବ ଆର୍ତ୍ତଭଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏଥିରେ ଅର୍ବାନକୋ-ଅପରେଟିଭ ବ୍ୟାଙ୍କର ସଭାପତି ଦିଲୀପ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଆନନ୍ଦ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଶୁଭ୍ରାଂଶୁ କୁମାର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଅଶୋକ କୁମାର ବଳଙ୍କ ସଂଯୋଜନାରେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଥିଲା। ଏହିସଭାରେ ଶାରଳା ଦାସଙ୍କ ସାହିତ୍ୟ କୃତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସଭାରେ ଅଧ୍ୟାପକ ଡ. ନଗେନ କୁମାର ଦାସଙ୍କୁ ଆଦିକବି ଶାରଳା ଦାସ ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। ସେହିଭଳି ଶରତ କୁମାର ଦାସ ନାଟ୍ୟ ସଙ୍ଗଠକ ଓ ଅଶୋକ କୁମାର ଅଗ୍ରୱାଲଙ୍କୁ ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ନିରାକାର ମହାପାତ୍ରଙ୍କ ସ୍ମୃତିପାଇଁ ଶାରଳା ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପରିଷଦର ଉପଦେଷ୍ଟା ପୁଷ୍ପଲତା ପତି, ବୈଷ୍ଣବ ତ୍ରିପାଠୀ, ରାଧାନାଥ ରାଉତ, ତ୍ରିଲୋଚନ ପରିଡା, ବିଘ୍ନେଶ ସ୍ୱାଇଁ, ପର୍ଶୁରାମ ପଟ୍ଟନାୟକ, ଜୟନ୍ତ ବେହେରା, ସୁବ୍ରତ ନାୟକ, ମଧୁ ମହାରଣା, ଶ୍ରୀକାନ୍ତ ମହାନ୍ତି, ସରୋଜ ତରାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପରିଷଦର ସଭ୍ୟ ପଞ୍ଚାନନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାମନବମୀ ଶୋଭାଯାତ୍ରା ପାଇଁ ରାଜଗାଙ୍ଗପୁରରେ ପୋଲିସ ଛାଉଣି

**ରାଜଗାଙ୍ଗପୁର,୨୯।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଅଞ୍ଚଳ ବ୍ୟାପି ବହୁ ପ୍ରସିଦ୍ଧ ରାମ ନବମୀ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଭଗବାନ ହନୁମାନ ମୂର୍ତ୍ତିଙ୍କ ସହ ସମ୍ପୂର୍ଣ୍ଣ ସହର ପରିକ୍ରମା କରିବ। ତେଣୁ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏହି ଶୋଭାଯାତ୍ରାରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ୮ଜଣ ଡିଏସପି, ୧୨ ଇନ୍ସପେକ୍ଟର, ୭୦ ଜଣ ଏସଆଇ ଓ ଏଏସଆଇ ନିୟୋଜିତ କରାଯାଇଛି। ବୁଧବାର ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ରାଜଗାଙ୍ଗପୁର ସହରରେ ଉପସ୍ଥିତ ରହି ଶୋଭାଯାତ୍ରାର ସମ୍ପୂର୍ଣ୍ଣ ବିବରଣୀ ଉପରେ ଅବଲୋକନ କରିଥିଲେ। ଏହି ଅବସରରେ ସୁନ୍ଦରଗଡ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ମାଝୀ, ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ରହିଥିଲେ। ଅନ୍ୟ ପଟେ ସହରର ବିଭିନ୍ନ ସ୍ଥାନରେ ଥିବା ୨୩ଟି ଆଖାଡା ଦଳ ନିଜ ନିଜ ସ୍ଥଳରେ ବିଭିନ୍ନ ବାଦ୍ୟଯନ୍ତ୍ର ସହ ଲାଠିଖେଳ ଓ ଅନ୍ୟାନ୍ୟ ଖେଳ ଅଭ୍ୟାସ ଜାରି ରଖିଛନ୍ତି ।

# ସ୍ଥାୟୀ ରାସ୍ତା ନିର୍ମାଣ ଦାବି କଲେ ଗ୍ରାମବାସୀ



ପଟୁଆବାହାଲକୁ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି ଜଣାଉଛନ୍ତି।

**କୁଆଁରମୁଣ୍ଡା,୨୯।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ କୁମଝରିଆ ପଞ୍ଚାୟତ ଅନ୍ତର୍ଗତ ପଟୁଆବାହାଲ ରାଜସ୍ୱ ଗ୍ରାମକୁ ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ନେତୃତ୍ୱରେ ବୁଧବାର ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଏବିଡିଓ ପ୍ରଶାନ୍ତ କୁମାର ଜେନା ଗ୍ରହଣ କରିଥିଲେ। ଖୁବ୍‌ଶୀଘ୍ର ପଟୁଆବାହାଲ ଗ୍ରାମର ରାସ୍ତା ଓ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏ ନେଇ ବିଡିଓ ତୃପ୍ତି ବରାଇଙ୍କୁ ପଚାରିବାରୁ କେବଳ ପଟୁଆବାହାଲ ନୁହେଁ ବ୍ଲକର ଅନ୍ୟ ପଞ୍ଚାୟତରେ ଚଳିତ ଗ୍ରୀଷ୍ମ ଅବସରରେ ଯେଉଁ ସବୁ ନଳକୂପ ଅଚଳ ହୋଇପଡିଛି ତାହାର ଏକ ତିଠା ପ୍ରସ୍ତୁତ କରାଯାଇ ମରାମତି କରାଯିବ ବୋଲି କହିଛନ୍ତି।


## ନୟାଗଡ଼ ଟାଉନ୍-ଭଦ୍ରକ ମଧ୍ୟରେ ନୂତନ ମେମୁ ଟ୍ରେନ୍‌ର ପ୍ରଚଳନ

ନୟାଗଡ଼ ଟାଉନ୍-ଭଦ୍ରକ-ନୟାଗଡ଼ ଟାଉନ୍ ମଧ୍ୟରେ ଏକ ନୂତନ ମେମୁ ପାସେଞ୍ଜର ଟ୍ରେନ୍‌ର ପ୍ରଚଳନ ପାଇଁ ରେଳ ମନ୍ତ୍ରାଳୟ ଦ୍ୱାରା ନିର୍ଦ୍ଧାରିତ କରାଯାଇଛି ।

ନୟାଗଡ଼ ଟାଉନ୍‌ଠାରୁ **08556** ନୟାଗଡ଼ ଟାଉନ୍-ଭଦ୍ରକ ମେମୁ ଟ୍ରେନ୍ ତା.**31.03.2023**ରିଖ ଠାରୁ (ପ୍ରତିଦିନ) ଚଳାଚଳ କରିବ ।

ଭଦ୍ରକଠାରୁ **08555** ଭଦ୍ରକ-ନୟାଗଡ଼ ଟାଉନ୍ ମେମୁ ଟ୍ରେନ୍ ତା.**31.03.2023**ରିଖ ଠାରୁ (ପ୍ରତିଦିନ) ଚଳାଚଳ କରିବ ।

**ବିସ୍ତୃତ ସମୟ**

| ଟ୍ରେନ୍ ନଂ. 08556 ନୟାଗଡ଼ ଟାଉନ୍-ଭଦ୍ରକ | | ଷ୍ଟେସନ | ଟ୍ରେନ୍ ନଂ. 08555 ଭଦ୍ରକ-ନୟାଗଡ଼ ଟାଉନ୍ | |
|---|---|---|---|---|
| ପହଞ୍ଚିବ | ଛାଡିବ | | ପହଞ୍ଚିବ | ଛାଡିବ |
| - | 1705 | ନୟାଗଡ଼ ଟାଉନ୍ | 1155 | - |
| 1813 | 1818 | ଖୋର୍ଦ୍ଧା ରୋଡ୍ | 1003 | 1008 |
| 1840 | 1845 | ଭୁବନେଶ୍ୱର | 0932 | 0937 |
| 1929 | 1934 | କଟକ | 0842 | 0847 |
| 2121 | 2126 | ଯାଜପୁର କେନ୍ଦୁଝର ରୋଡ୍ | 0638 | 0643 |
| 2245 | - | ଭଦ୍ରକ | - | 0545 |

ସମାହ: ମୋଟର କାର୍ ତଥା ଦ୍ୱିତୀୟ ଶ୍ରେଣୀ-3, ଦ୍ୱିତୀୟ ଶ୍ରେଣୀ-9=12 ମେମୁ କାର୍ କୋଚେସ୍ ।

ଅନ୍ୟ ରହଣିସ୍ଥଳଗୁଡିକ: ବୋଲଗଡ ରୋଡ୍, ବୋଲଗଡ ଟାଉନ୍ ପି.ଏଚ୍., ରାଜସୁନାଖଳା, ବେଗୁନିଆ, ଖୋର୍ଦ୍ଧା ଟାଉନ୍, ରେତଙ୍ଗ, ଲିଙ୍ଗରାଜ ଟେମ୍ପୁଲ୍ ରୋଡ୍ ପି.ଏଚ୍, ବାଣୀବିହାର ପି.ଏଚ୍., ମଞ୍ଚେଶ୍ୱର, ପଟିଆ ପି.ଏଚ୍, ଭୁବନେଶ୍ୱର ନୂଆ, ବାରଙ୍ଗ, ଗୋପାଳପୁର ବାଲିକୁଦା, କାଠଯୋଡି ପି.ଏଚ୍, କେନ୍ଦ୍ରାପଡା ରୋଡ୍, ମଙ୍ଗୁଳି ଚୌଦ୍ୱାର ପି.ଏଚ୍, ନିର୍ଗୁଣ୍ଡି, କପିଳାସ ରୋଡ୍, ଶ୍ରୀ ଝାଡେଶ୍ୱର ରୋଡ୍ ପି.ଏଚ୍, ବୈରୀ, ବରିଠେଙ୍ଗଡ, ଧାନମଣ୍ଡଳ, ହରିଦାସପୁର, ନୂଆ ଗଡମଧୁପୁର, ଜେନାପୁର, ବ୍ରାହ୍ମଣୀ ପି.ଏଚ୍, ଜଖପୁରା ଜଙ୍କ୍‌ସନ୍, କୋରେଇ, ବୈତରଣୀ ରୋଡ୍, ଦୁଲାଖା ପାଟଣା ପି.ଏଚ୍, ମଞ୍ଜୁରୀ ରୋଡ୍, କେନ୍ଦୁଆପଦା, କପାଳି ରୋଡ୍ ପି.ଏଚ୍, ବାଉଦପୁର ।

ବି.ଦ୍ର: ଏହି ଟ୍ରେନ୍‌ର ପ୍ରାରମ୍ଭିକ ଚଳାଚଳରେ ଏହା ସ୍ୱତନ୍ତ୍ର ଟ୍ରେନ୍ ଭାବେ ଚଳାଚଳ କରିବ । କିନ୍ତୁ, ଏହି ଟ୍ରେନ୍‌ର ନିୟମିତ ଚଳାଚଳ ଉଭୟ ପାର୍ଶ୍ୱରୁ ତା.୩୧.୦୩.୨୦୨୩ ରିଖ ଠାରୁ ଚଳାଚଳ ହେବ ।

ପୂର୍ବ ତଟ ରେଳପଥ

PR-1118/N/22-23


# କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା



କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ଆରମ୍ଭ କରାଯାଉଛି।

**ସୁନ୍ଦରଗଡ,୨୯।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୨ତମ ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବ୍ୟାଙ୍କର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭକ୍ତେଶ୍ୱର ମଲିକ ଗତ ବାର୍ଷିକ ସଭା ବୈଠକର ବିବରଣୀ ପାଠ କରିଥିଲେ। ଏହା ଉପରେ ବିସ୍ତୃତ ଭାବେ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା। କୌଣସି ତଥ୍ୟ ନ ଥାଇ ପୂର୍ବ ଅନ୍ୟାନ୍ୟ ପ୍ରସଙ୍ଗ ନିର୍ଦ୍ଧାରଣରେ କପୋଳକଳ୍ପିତ ଭାବେ ଅନେକଗୁଡିଏ ବିଷୟ ଲିପିବଦ୍ଧ ହୋଇଥିବାରୁ ସେ ନେଇ ଏହି ସଭାରେ ବିରୋଧ କରାଯାଇଥିଲା।ସେହି ସବୁ ବିଷୟଗୁଡିକ ନିର୍ଦ୍ଧାରଣରୁ ବାଦ ଦେବା ପାଇଁ ସଭାରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ସଭାରେ ସୁନ୍ଦରଗଡ ଜିଲାରେ ନୂତନ ଭାବେ ଯୋଗଦାନ କରିଥିବା ଉପନିବନ୍ଧକ ଉମାଶଙ୍କର ଦାସ ସଭାରେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ସହକାରୀ ନିର୍ଦ୍ଦେଶକ ,ବୟନ ଶିଳ୍ପ ସମ୍ପୂର୍ଣ୍ଣାନନ୍ଦ ପ୍ରଧାନ ଉପସ୍ଥିତ ରହି ବଳିଆ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କୁ ଋଣ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ବ୍ୟାଙ୍କର ପୂର୍ବତନ ସଭାପତି ତଥା ସମଲେଶ୍ୱରୀ ଏଚବି ସିଏସ ସମିତିରୁ ସଭାପତି ଭବାନୀ ପ୍ରସାଦ ମାଝି ସଭାରେ ଯୋଗ ଦେଇ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ୟାଙ୍କର ଉପସଭାପତି କାମିନୀ ମହାପାତ୍ର,ବ୍ୟାଙ୍କ ପରିଚାଳନା ସମିତିର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନନ୍ଦ ପ୍ରାରମ୍ଭିକ ସ୍ୱାଗତ ଅଭିଭାଷ ପ୍ରଦାନ କରିଥିଲେ। ଅଶୋକ କୁମାର ପଶାୟତ, ଅମିତ ଓତା, ବିଜୟ କୁମାର ପଣ୍ଡା, ଅଜୟ କୁମାର ପଣ୍ଡିତ, ଦିଲୀପ କୁମାର ଶର୍ମା, ଶ୍ରୀକାନ୍ତ ସାହୁ, ଇତୁ ଅନନ୍ୟା,ବିଥିକା କମାର, ଝରଣା ତାଜନ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ବ୍ୟାଙ୍କର ଅନ୍ୟତମ ନିର୍ଦ୍ଦେଶକ ଜଟିଆ ମୁଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସଭାରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ୨୦୦ରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।



ପିଲାମାନେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କରୁଛନ୍ତି।

# ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କଲେ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର

## ସ୍କୁଲରେ ନିଆରା ପ୍ରତିଯୋଗିତା

**ସୁନ୍ଦରଗଡ,୨୯।୩(ଡି.ଏନ.ଏ)**

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ବୁଧବାର ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଯାଇଛି ଏକ ନିଆରା ପ୍ରତିଯୋଗିତା ଯାହା କି ହେଲା ଓଡିଶାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି। ଉତ୍କଳ ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ୫୦ରୁ ଅଧିକ ଛାତ୍ରୀଛାତ୍ର। ଏହି ଅଭିନବ ପ୍ରୟାସର ପରିକଳ୍ପନା କରିଥିଲେ ସ୍କୁଲର ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ଏବଂ ଅଧ୍ୟକ୍ଷା ହରିପ୍ରିୟା ପଟେଲ।ଏହି ପରିକଳ୍ପନାର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଶାରର ପରମ୍ପରା ଓ ଖାଦ୍ୟ ପ୍ରଣାଳୀକୁ କିପରି ସେମାନେ ନିଜ ନିତିଦିନିଆ ଦିନରେ ସାମିଲ କରିବେ। ଏହି ପ୍ରତିଯୋଗିତାରେ ବିଚାରକ ଭାବରେ ଥିଲେ ବିଦ୍ୟାଳୟର ଶିକ୍ଷକ ଅଶୋକ ପରିଡା, ପ୍ରିୟଙ୍କା ଜେନା, ଟି ଭବାନୀ ଏବଂ କବିତା ସିଂହ। ବିଦ୍ୟାଳୟର ସହ ଶିକ୍ଷକ ବିଶ୍ୱଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସମ୍ପାଦିତ ହୋଇଥିଲା।


## ई-प्रोक्योरमेंट सेल
## पेयजल एवं स्वच्छता विभाग झारखण्ड, राँची

### शुद्धि पत्र

इस कार्यालय द्वारा प्रकाशित अतिअल्पकालीन निविदा सूचना (प्रथम आमंत्रण) सं0 Giridih-1/SVS/31/2022-23 ( P.R. No-291402 / 2022-23) -को निम्न प्रकार संशोधित किया जाता है-

ई-टेन्डर रेफरेन्स नं0- SVS (JJM Giridih-1) Giridih-1/SVS/31/2022-23 Date 25-02-2023

| क्र0 | विवरणी | Group No | Block | Panchayat | Village | No of Scheme | प्राक्कलित राशि (लाख में) | अग्रधन राशि (लाख में) | परिमाण विपत्र राशि (रू0 में) |
|---|---|---|---|---|---|---|---|---|---|
| 1 | Construction of Village wise Single water Supply Scheme in Different villages under DWSD No-1, Giridih | C-35 | Gandey | Dasdih | Kumhardih | 1 | 8.551 | 0.18 | 1250 |
| 2 | | C-36 | Gandey | Mednisare | Manakdiha | 1 | 6.17545 | 0.13 | 1250 |
| 3 | | C-37 | Gandey | Pandri | Palkiya | 5 | 62.13924 | 1.25 | 10000 |
| 4 | | C-38 | Gandey | Pandri | Pandnatand | 7 | 94.16947 | 1.89 | 10000 |
| 5 | | C-39 | Gandey | Kundalwadah | Barotand | 2 | 12.35089 | 0.25 | 2500 |
| 6 | | C-40 | Gandey | Ahilyapur | Bhalpahri | 4 | 35.23419 | 0.71 | 5000 |
| 7 | | C-41 | Gandey | Rasanjori | Lachhudih | 4 | 44.40118 | 0.89 | 5000 |
| 8 | | C-42 | Gandey | Gajkunda | Parmadih | 3 | 38.22574 | 0.77 | 5000 |
| 9 | | C-43 | Gandey | Gajkunda | Fuljharia | 5 | 58.73349 | 1.18 | 10000 |
| 10 | | C-44 | Gandey | Fuljharia | Daldala | 3 | 29.05875 | 0.59 | 5000 |
| 11 | | C-45 | Jamua | Fatha | Singhraidih | 4 | 37.60974 | 0.76 | 5000 |
| 12 | | C-46 | Jamua | Dhotho | Karodih | 5 | 62.13924 | 1.25 | 10000 |
| 13 | | C-47 | Jamua | Dhurgadgi | Telmakri | 7 | 82.62693 | 1.66 | 10000 |
| 14 | | C-48 | Jamua | Chakmanjo | Alardih | 1 | 6.17545 | 0.13 | 1250 |
| 15 | | C-50 | Jamua | Chorgatta | Dudhwatol | 4 | 27.07734 | 0.55 | 5000 |
| 16 | | C-51 | Jamua | Chorgatta | Gardih | 4 | 27.07734 | 0.55 | 5000 |
| 17 | | C-52 | Jamua | Goro | Gardih | 3 | 23.27744 | 0.47 | 5000 |
| 18 | | C-53 | Jamua | Goro | Bishanpur | 3 | 29.05875 | 0.59 | 5000 |
| 19 | | C-54 | Jamua | Siyatand | Naitand | 1 | 6.17545 | 0.13 | 1250 |
| 20 | | C-55 | Jamua | Siyatand | Barahmoria | 4 | 35.23419 | 0.71 | 5000 |
| 21 | | C-56 | Tisri | Khijuri | Jhakhnodih | 1 | 8.551 | 0.18 | 1250 |
| 22 | | C-60 | Bengabad | Telonari | Telonari | 23 | 177.3534 | 3.55 | 10000 |
| 23 | | C-61 | Bengabad | Karanpura | Barasoli | 1 | 6.17545 | 0.13 | 1250 |
| 24 | | C-62 | Gandey | Gandey | Dharampur | 5 | 40.37944 | 0.81 | 5000 |
| 25 | | C-63 | Gandey | Rasanjori | Koldiha | 1 | 8.551 | 0.18 | 1250 |
| 26 | | C-64 | Gandey | Rasanjori | Borotand | 1 | 8.551 | 0.18 | 1250 |
| 27 | | C-65 | Jamua | Pandeydih | Pandeydih | 15 | 145.29373 | 2.91 | 10000 |
| 28 | | C-66 | Jamua | Pandeydih | Sheodih | 15 | 168.04362 | 3.37 | 10000 |
| 29 | | C-67 | Jamua | Chungalkhar | Dhibitanr | 8 | 75.21949 | 1.51 | 10000 |
| 30 | | C-68 | Jamua | Fatha | Fatha | 8 | 75.21949 | 1.51 | 10000 |
| 31 | | C-69 | Jamua | Dhuraita | Pachdiha | 4 | 29.05875 | 0.59 | 5000 |

| क्र0 | विवरणी | |
|---|---|---|
| 32 | कार्य पूर्ण करने की अवधि | 03 Months |
| 33 | वेबसाईट पर बिड Upload की तिथि/समय | From 05-04-2023, 4:00P.M |
| 34 | बिड प्राप्ति के लिए अन्तिम तिथि/समय | 17-04-2023 5:00P.M |
| 35 | निविदा की हार्ड कॉपी जमा करने की तिथि/समय/स्थान | 18-04-2023 up to 5:00P.M कार्यपालक अभियंता का कार्यालय, पेयजल एवं स्व0 प्र0 सं0-1, गिरिडीह। अधीक्षण अभियंता का कार्यालय, पेयजल एवं स्व0 अंचल, धनबाद। |
| 36 | निविदा प्राप्त बिड खोलने की तिथि/समय | 19-04-2023 up to 02:00 P.M |
| 37 | निविदा प्रकाशित करने वाले कार्यालय का नाम एवं पता। | पेयजल एवं स्वच्छता प्रमण्डल संख्या-01, गिरिडीह। |
| 38 | निविदा खोलने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल संख्या-01, गिरिडीह/अधीक्षण अभियंता, पेयजल एवं स्वच्छता अंचल, धनबाद। |
| 39 | प्रोक्योरमेंट पदाधिकारी का सम्पर्क संख्या | 7870778158 |
| 40 | ई-प्रोक्योरमेंट सेल का हेल्पलाईन संख्या | 0651-2480345 |

- अन्य सभी नियम व शर्तें यथावत रहेंगी।
- केवल ई0निविदा ही स्वीकार किये जायेंगे।
- परिमान विपत्र का मुल्य केवल डी0डी0 में ही देय है जिसे लौटाया नही जाएगा।
- प्राक्कलित राशि घट या बढ सकती है, तदनुरूप अग्रधन राशि मान्य होगी।
- अन्य किसी भी प्रकार की सूचना http:// Jharkhandtenders.gov.in पर देखा जा सकता है।

कार्यपालक अभियंता, पेयजल एवं स्वच्छता प्रमण्डल संख्या-01, गिरिडीह

PR 293830 Drinking Water and Sanitation(22-23)#D

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ମୃତକଙ୍କ ପରିବାରକୁ ମିଳିଲା

ଟିଟିଲାଗଡ,୨୯।୩(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ନାରେନ ଗ୍ରାମର ମୃତ ଶୁକ୍ରୁ ମାଝିଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ବୁଧବାର ଏସବିଆଇ ଶାଖା ତରଫରୁ ବୀମା ରାଶି ବାବଦକୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଗତ ଅକ୍ଟୋବର ୨୨ରେ ଶୁକ୍ରୁ ମାଝିଙ୍କ ମୃତ୍ୟୁ ଘଟିଥିଲା ସେ ପୂର୍ବରୁ ଏହି ଯୋଜନାରେ ଏସବିଆଇ ଶାଖାରେ ୪୩୬ଟଙ୍କା ଜମା କରିଥିଲେ। ବୁଧବାର ତାଙ୍କ ପୁଅ ଭଜରାଜ ମାଝି, ପତ୍ନୀ ସଂସାରୀ ମାଝିଙ୍କୁ ଶାଖା ପରିଚାଳକ ତାପସ ପୁଟେଲ ଓ ଗୋବର୍ଦ୍ଧନ ପୁଟେଲ ବୀମା ରାଶି ବାବଦକୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

### ତାତି ବଢ଼ିଲା, ଜଳଛତ୍ର ଖୋଲ

ଅମରପାଲି,୨୯।୩(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଆରମ୍ଭ ହୋଇଗଲାଣି ଗ୍ରୀଷ୍ମ ପ୍ରବାହ। ତାପମାତ୍ରା ବଢୁଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଜଳାଶୟ ଶୁଖିଗଲାଣି। ଅନେକ ସ୍ଥାନରେ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ ତେଣୁ ବିଭିନ୍ନ ସ୍ଥାନରେ ପାନୀୟ ଜଳର ସମସ୍ୟା ଦେଖା ଯାଉଛି। ପଥଚାରୀମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପ୍ରଶାସନ ଉକ୍ତ ସମସ୍ୟାକୁ ଗୁରୁତ୍ୱ ଦେଇ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବାକୁ ଦାବିହେଉଛି। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବାକୁ ଦାବି ହେଉଛି।



ଗିରଫ ୫ ଅଭିଯୁକ୍ତ।



ଜବତ ଭ୍ୟାନ୍ ସହ ୧୧୨୦ ବୋତଲ କଫ୍ ସିରପ୍।

# ୧୧୨୦ ବୋତଲ କଫ୍ ସିରପ ଜବତ

**■ଭୁବନେଶ୍ୱରରୁ ବଲାଙ୍ଗୀର ଚୋରାଚାଲାଣ ହେଉଥିଲା**

**■୫ଜଣଙ୍କୁ ବାନ୍ଧିଲା ପୋଲିସ**

ବଲାଙ୍ଗୀର ଅଫିସ, ୨୯।୩

ଭୁବନେଶ୍ୱରରୁ ବଲାଙ୍ଗୀର ଚୋରାଚାଲାଣ ହେଉଥିବା ଏକ କଫ୍‌ସିରପ ଭ୍ୟାନ (ଓଡି୩୧କେ୪୧୦୧)କୁ ବଲାଙ୍ଗୀର ପୋଲିସର ଆଣ୍ଟି ଡ୍ରଗ୍ ଅପରେଶନ୍ ଟିମ୍ ଏବଂ ସଦର ଥାନା ପୋଲିସ ଟିମ୍ ମିଳିତ ଭାବେ ମଙ୍ଗଳବାର ବିଳମ୍ବିତ ରାତିରେ ଚନ୍ଦନଭାଟି-ତଲିଉଡାର ରାସ୍ତାରେ କାବୁ କରିଛି। ଉକ୍ତ ଭ୍ୟାନରୁ ୧୧୨୦ ବୋତଲ ଏସ୍‌କଫ୍ ବ୍ରାଣ୍ଡର କଫ୍ ସିରପ, ୫୩୦ ଟଙ୍କା, ୪ଟି ମୋବାଇଲ ଜବତ କରାଯଇଛି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲୋଇସିଂହା ଥାନା ଫାସଡ ଗ୍ରାମର କରୁଣା ନାଏକ (୩୦), ପୁଇଁତଳା ଥାନା ବିଲେଇସର୍ଡା ଗ୍ରାମର ସତୀଶ କୁମାର ଶର୍ମା (୨୨), ବରଗଡ ଜିଲା ବୁଡେନ୍ ଥାନା ବୁଦାମାଲ ଗ୍ରାମର ଯୁବରାଜ ଭୁଏ (୨୬), ବରଗଡ ଜିଲା ମେଲଛାମୁଣ୍ଡା ଥାନା ମେଲଛାମୁଣ୍ଡା ଗ୍ରାମର ନିରୋଜ ବନ୍‌ଛୋର (୩୪), ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଚେରୁପାଲି ଗ୍ରାମର ଜିତୁ ସା (୨୨)। କରୁଣା ଏବଂ ସତୀଶ ବେଆଇନ କଫ୍ ସିରପ ଚୋରାଚାଲାଣ କରୁଥିଲେ। ସେମାନେ ଭୁବନେଶ୍ୱରରୁ କଫ୍ ସିରପ ଆଣିବା ପରେ ଅଭିଯୁକ୍ତ ଯୁବରାଜ, ନିରୋଜ ଏବଂ ଜିତୁଙ୍କ ଜରିଆରେ ବିଭିନ୍ନ ସ୍ଥାନକୁ ଯୋଗାଣ କରୁଥିଲେ। ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ ବାଗ ସଦର ଥାନାରେ ଜବତ କଫ୍ ସିରପ ଏବଂ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଖବରଦାତା ସମ୍ମିଳନୀ କରି ସୂଚନା ପ୍ରଦାନ କରିଥିଲେ।

ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶକ୍ରମେ ଆଣ୍ଟି ଡ୍ରଗ ଅପରେଶନ ସ୍କ୍ୱାଡ ଗଠନ କରାଯାଇଛି। ଏହି ଟିମ୍ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା କଫ୍ ସିରଫ ଏବଂ ନିଶା କାରବାର ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ଏହି ସ୍ୱତନ୍ତ୍ର ଟିମ୍ ଗତ ୧୩ ତାରିଖରେ ଏକ ବଡଧରଣର ଆନ୍ତଃରାଜ୍ୟ କଫ୍‌ସିରପ ନେଟୱର୍କକୁ ଧରିଥିଲା। ୧୨ହଜାର ୯୬୦ ବୋତଲ କଫ୍ ସିରପ ଜବତ ହୋଇଥିଲା। ଏହି ବେଆଇନ କାରବାରରେ ସମ୍ପୃକ୍ତ ୩୭ଜଣଙ୍କୁ ଏକକାଳୀନ ପୋଲିସ ଗିରଫ କରିଥିଲା। ଏହି ଆନ୍ତଃରାଜ୍ୟ ଡ୍ରଗ୍ସ କାରବାର ହିମାଚଳ ପ୍ରଦେଶ, ହରିଆଣା ଏବଂ ପଶ୍ଚିମବଙ୍ଗରୁ ଓଡିଶାକୁ ଲମ୍ବିଥିବା ଜଣାପଡିଥିଲା। ଏହା ସହିତ କଲିକତାର ମେସର୍ସ ଡାଫୋଡିଲ୍ସ କମ୍ପାନୀର ୬କୋଟି ଏବଂ ହିମାଚଳ ପ୍ରଦେଶର ଏସ୍‌କଫ ବ୍ରାଣ୍ଡ ନିର୍ମାତା କମ୍ପାନୀ ଲାବୋରେଟ୍‌ର ୪୬ କୋଟି ଏଭଳି ସମୁଦାୟ ୫୨ କୋଟି ଟଙ୍କାର ଆକାଉଣ୍ଟକୁ ବଲାଙ୍ଗୀର ପୋଲିସ ବ୍ୟାଜାପ୍ତ କରିଦେଇଛି। ମଙ୍ଗଳବାର ଲାବୋରେଟ୍ କମ୍ପାନୀର ୨ ଜଣ ଅଧିକାରୀ ବଲାଙ୍ଗୀର ଟାଉନ୍ ଥାନାକୁ ଆସି କମ୍ପାନୀ କାଗଜପତ୍ର ଦେଖାଇଥିଲେ। ହିମାଚଳ ପ୍ରଦେଶରୁ ବିନା ବିଲ ଏବଂ ଭାଉଚରରେ ବେଆଇନ ଭାବେ କିଭଳି ଏହି କମ୍ପାନୀର ଏସ୍‌କଫ କଫ୍ ସିରପ ବଲାଙ୍ଗୀର ପହଞ୍ଚୁଛି ସେ ଉପରେ କମ୍ପାନୀ କୈଫିୟତ ରଖୁ ବୋଲି କୁହାଯାଇଥିଲା। ଏହାପରେ ଏସ୍‌ପି କୁଶଲକର ଆଣ୍ଟି ଡ୍ରଗ୍ ଅପରେଶନ୍ ଆରମ୍ଭ କରିଥିଲେ। ଏହି ଟିମ୍ ମଙ୍ଗଳବାର ବଲାଙ୍ଗୀର ଜିଲା ଚନ୍ଦନଭାଟି-ତଲିଉଡାର ରାସ୍ତାରେ ଭ୍ୟାନ ଭର୍ତ୍ତି କଫ୍ ସିରପ ଜବତ କରିଥିଲେ। ଗିରଫ ସମସ୍ତ ୫ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ କୋର୍ଟଚାଲାଣ କରିଛି। ଏସଂକ୍ରାନ୍ତରେ ବଲାଙ୍ଗୀର ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

**ଗଞ୍ଜେଇ ଧରି ଛାଡ଼ିଦେବା ଘଟଣା**

ଦେଓଗାଁ, ୨୯।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନାରେ ମାସକ ତଳେ ଜଣେ ଗଞ୍ଜେଇ ବେପାରୀଙ୍କୁ ଧରି ଛାଡି ଦେଇଥିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ପି ନୀତିନ କୁଶଲକର। ଗତ ଫେବୃୟାରୀ ୧୯ ତାରିଖରେ ମହଲେଇ ଛକ ନିକଟରେ ଜଣେ ଗଞ୍ଜେଇ ବେପାରୀକୁ ଧରି ୯୦ହଜାର ଡିଲ କରି ପୋଲିସ ଛାଡିଦେଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଗଣମାଧ୍ୟମକୁ ଏ ଖବର କେମିତି ପହଞ୍ଚିଲା ବୋଲି ଥାନାର ଜଣେ ଏସଆଇ ସମସ୍ତ କର୍ମଚାରୀଙ୍କୁ ଡାକି ସ୍ଥାନୀୟ ଶିବ ମନ୍ଦିରରେ ରାଣ ଖାଇବାକୁ କହିଥିଲେ। ଏହି ଖବର ମଧ୍ୟ ପ୍ରସାରିତ ହେବାପରେ ସାଧରଣ ଲୋକଙ୍କ ମନରେ ନାନାଦି ପ୍ରଶ୍ନ ଉଙ୍କିମାରିଥିଲା। ଘଟଣାସ୍ଥଳରେ ଜଣେ ଅଧିକାରୀ ମାମଲା ରୁଜୁ କରିବାପାଇଁ କହିଥିବାବେଳେ ଅନ୍ୟ ବାବୁ ଜଣକ ୯୦ ହଜାର ଡିଲ କରି ଛାଡି ଦେଇଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ବୁଧବାର ଏକ ଘଟଣାକୁ ନେଇ ଦେଓଗାଁ ସାମ୍ବାଦିକ ସଂଘ ସମେତ ଅନ୍ୟ ସଂଘର କର୍ମକର୍ତ୍ତା ଏସ୍‌ପିଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଘଟଣା ସମ୍ପର୍କରେ ଅବଗତ ନ ଥିବା କହି ସେଠାରେ ଉପସ୍ଥିତ ଥିବା ଏସ୍‌ଡିପିଓ ତୋଫାନ ବାଗଙ୍କୁ ତୁରନ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ଏସ୍‌ପି କୁଶଲକର ନିର୍ଦ୍ଦେଶ ଦେଇଥିଲେ।

## ପ୍ରକଳ୍ପ ବୁଲି ଦେଖିଲେ ଜିଲାପାଳ



ଜିଲାପାଳ ଓ ଅନ୍ୟ ଅଧିକାରୀ ଫୁଲୁକିମଣ୍ଡା ହାଇସ୍କୁଲ ରୂପାନ୍ତରଣ କାମ ପରିଦର୍ଶନ କରୁଛନ୍ତି।

ଖପ୍ରାଖୋଲ,୨୯।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ବୁଧବାର ଖପ୍ରାଖୋଲ ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ଅବସରରେ ଭାଲୁଡୁଙ୍ଗୁରି, ଫୁଲୁକିମଣ୍ଡା, ଘୁନୁସର ଗାଁର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ଟି ରୂପାନ୍ତରଣ କାମର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ପରେ ହରିଶଙ୍କରର ଉନ୍ନୟନ କାମ ମଧ୍ୟ ବୁଲି ଦେଖିଥିଲେ। ଖପ୍ରାଖୋଲରେ ହେବାକୁ ଥିବା ନୂତନ ବସଷ୍ଟାଣ୍ଡ ପାଇଁ ସ୍ଥାନ ବୁଲି ଦେଖିଥିଲେ। ଏହି ଅବସରରେ ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସହକାରୀ ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ, କନିଷ୍ଠ ଯନ୍ତ୍ରୀ ରାଜ କିଶୋର ନାଏକ, ବଳଭଦ୍ର ନାଏକ, ସୂର୍ଯ୍ୟଭାନୁ ମେହେର, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## କାମ ବାବଦ ଟଙ୍କା ପୈଠ ହେବନି

**ମେଶିନରେ ଚେକ୍‌ଡ୍ୟାମ୍ ନିର୍ମାଣ ଘଟଣା**

**■ପିଇଓ, ଜିଆର୍‌ଏସ୍‌ଙ୍କୁ କାରଣଦର୍ଶାଅ ନୋଟିସ୍**

ଲୋଇସିଂହା,୨୯।୩(ଡି.ଏନ.ଏ)

ସ୍ଥାନୀୟ ଅଞ୍ଚଳର ଶ୍ରମିକଙ୍କୁ କାମ ଯୋଗାଇ ଦେବା ସହ ଦାଦନ ଶ୍ରମିକ ଚାଲାଣ ରୋକିବା ପାଇଁ ଏମ୍‌ଜିଏନଆରଇଜିଏସ୍ ଆଇନ ପ୍ରଣୟନ କରାଯାଇଛି । ହେଲେ ଏହି ଆଇନକୁ ଫାଙ୍କି ମେଶିନ ବ୍ୟବହାର କରି ଶ୍ରମିକଙ୍କ ନାମରେ ଟଙ୍କା ଆତ୍ମସାତ କରାଯାଉଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଡୁଙ୍ଗରୀ ଗାଁରେ ନିର୍ମାଣାଧୀନ ଦୁଇଟି ଚେକଡ୍ୟାମ କାମରେ ଏହିଭଳି ଘଟଣା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଶ୍ରମିକ ବଦଳରେ ମେଶିନରେ ହେଉଥିବା କାମକୁ ବିରୋଧ କରି କାମ ବନ୍ଦ କରିଥିଲେ। ବିଡିଓ ଆକାଶ ରଞ୍ଜନ ସାହୁ ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଆରଏସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କାମ ସମ୍ପର୍କରେ ସରପଞ୍ଚ, ପିଇଓ, ଜିଆରଏସ୍ କିମ୍ବା ଯନ୍ତ୍ରୀ କେହି ଜାଣି ନ ଥିବା କହୁଛନ୍ତି। ତେଣୁ ପ୍ରକଳ୍ପ ବନ୍ଦ କରାଯିବ। ଏଥିସହ ମେଶିନରେ ହୋଇଥିବା କାମ ବାବଦ ଟଙ୍କା ପୈଠ କରାଯିବନାହିଁ। କୌଣସି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ବିଡିଓ ସାହୁ ରୋକଠୋକ କହିଛନ୍ତି।

୨୦୧୮-୧୯ ଆର୍ଥିକ ବର୍ଷରୁ ଗ୍ରାମର ବନ୍ଧତଲ ଓ ବ୍ରାହ୍ମଣୀଡୁଙ୍ଗରୀ ନାଳରେ ଦୁଇଟି ଚେକଡ୍ୟାମ ନିର୍ମାଣ ଡିଆରଡିଏରୁ ମଞ୍ଜୁର ମିଳିଛି । ଏଥିପାଇଁ ୭ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି । ପ୍ରକଳ୍ପ ମଞ୍ଜୁରକୁ ୪ବର୍ଷ ବିତି ଯାଇଥିଲେ ବି ବିଭିନ୍ନ କାରଣରୁ ତାହା ହୋଇ ପାରିନାହିଁ। ଗ୍ରାମବାସୀଙ୍କ କହିବା ମୁତାବକ ଏବେ ପଞ୍ଚାୟତ ପକ୍ଷରୁ ଚେକଡ୍ୟାମ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଯୁଧିଷ୍ଠିର ଦେହୁରୀ କ୍ଷେତ୍ରକୁ ଯାଇ ଲେଆଉଟ ଦେଲାପରେ ଜଣେ ବ୍ୟକ୍ତି ମେଶିନରେ ନିହ ଖୋଳିଥିଲେ। ଏମ୍‌ଜିଏନ୍‌ଆଇର୍‌ଜିଏସ୍ କାମ ପ୍ରଥମେ ଶ୍ରମିକଙ୍କ ଡିମାଣ୍ଡ କଢା ଯାଇଥାଏ। ଏହାରେ କାମ କରିବା ନିୟମ ରହିଛି। ଏଠାରେ ନିୟମକୁ ଉଲ୍ଲଂଘନ କରି ବିନା ଡିମାଣ୍ଡ, ବିନା ସୂଚନା ଫଳକରେ ବନ୍ଧତଲ ଚେକଡ୍ୟାମ ପାଇଁ ମେଶିନରେ ନିଅଁ ଖୋଳା ସରିଯାଇଛି । ସେହିପରି ବ୍ରହ୍ମଣୀଡୁଙ୍ଗରୀ ନାଳଠାରେ ନିଅଁ ଖୋଳାଯାଉଥିବା ଜାଣି ଗ୍ରାମବାସୀ ବିରୋଧ କରିଥିଲେ। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ମେଶିନରେ କାହିଁକି କାମ କରାଯାଉଛି ବୋଲି କହିଥିଲେ। ଶ୍ରମିକ ମାରଣନୀତି ଅଭିଯୋଗ କରି କାମ ବନ୍ଦ ରଖିବାକୁ କହିଥିଲେ ଗ୍ରାମବାସୀ।

## ୧୨ଘଣ୍ଟା ଲୋଇସିଂହା, ବୁର୍ଡା ବନ୍ଦ



ବନ୍ଦ ପାଳନ ବେଳେ ରେଞ୍ଜ ଅଫିସରଙ୍କ ସହ ଆନ୍ଦୋଳନକାରୀ।

**ଲୋଇସିଂହାକୁ ଏନ୍‌ଏସି ମାନ୍ୟତା ପ୍ରସଙ୍ଗ**

ଲୋଇସିଂହା,୨୯।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନ୍‌ଏସି ମାନ୍ୟତା ଦାବିକୁ ଜୋରଦାର କରାଯାଇଛି । ବୁଧବାର ଲୋଇସିଂହା ଓ ବୁର୍ଡା ଅଞ୍ଚଳରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହାର ପ୍ରଭାବରେ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅଫିସ, ବ୍ୟାଙ୍କ ଓ ଦେଶୀ, ବିଦେଶୀ ମଦଭାଟି ବନ୍ଦ ରହିଥିଲା। ଆଞ୍ଚଳିକ ବିକାଶ ପରିଷଦର ଆହ୍ୱାନକ୍ରମେ ମାସର ଶେଷ ବୁଧବାର ବନ୍ଦ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସକାଳ ୬ଟାରୁ ପିକେଟିଂକୁ ଓହ୍ଲାଇଥିଲେ। ସରୋଜ ବିଶ୍ୱାଳ, କୁନା ଭୋଇ, ରାମଚନ୍ଦ୍ର ସାହୁ, ଗୋପବନ୍ଧୁ ସାହୁ, ମନୋଜ ବିଶି, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ ପ୍ରମୁଖ ବ୍ଲକ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସିଡିପିଓ ଅଫିସ, ବନ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କକୁ ଯାଇ ବନ୍ଦ ରଖିବାକୁ ଅନୁରୋଧ କରିଥିଲେ। ଏଥିଯୋଗୁ ବିଭିନ୍ନ କାମ ପାଇଁ ଆସିଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଭଲ ବହି ଭଲ ମଣିଷ ତିଆରି କରେ



ଜିଲାସ୍ତରୀୟ ପୁସ୍ତକ ମେଳାର ଷଷ୍ଠ ସାନ୍ଧ୍ୟ ସଭାରେ ମଞ୍ଚାସୀନ ଅତିଥି।

**ଜିଲାସ୍ତରୀୟ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା**

ବଲାଙ୍ଗୀର ଅଫିସ, ୨୯।୩

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟ ତଥା ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ବଲାଙ୍ଗୀର ଜିଲାସ୍ତରୀୟ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ବୁଧବାର ଆୟୋଜିତ ସଭାରେ ଅତିଥି, ବକ୍ତାମାନେ ଭଲ ବହି ଭଲ ମଣିଷ ତିଆରି କରିବାର କ୍ଷମତା ବହନ କରିଥାଏ ବୋଲି କହିଥିଲେ। ସଭାରେ ବରେଣ୍ୟ ଅତିଥିଭାବେ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଡିନ୍ ତଥା ଅଧକ୍ଷା ଡା. ସବିତା ମହାପାତ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ଗାୟତ୍ରୀ ସରାଫ, ରସରାଜ ଅଚ୍ୟୁତ ପୁରୋହିତ ଏବଂ ବ୍ୟଙ୍ଗକବି ଟିକେଲାଲ ବେହେରା ମଞ୍ଚ ମଣ୍ଡନ କରିଥିଲେ। ସଭା ପରିଚାଳନା କରିଥିଲେ କୋଶଳ ପ୍ରବାହ ସମ୍ପାଦକ ତଥା କବି ଆନନ୍ଦ ଚନ୍ଦ୍ର ସାହୁ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚରେ ବୟୋଜ୍ୟେଷ୍ଠ କବି ଶଶୀଭୂଷଣ ମିଶ୍ରଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବ୍ୟଙ୍ଗକବି ଅର୍ଜୁନ ସାହୁ। ସଭା ସମାପ୍ତ ହେବା ପରେ ପରେ ଆରମ୍ଭ ହୋଇଥିଲା ବ୍ୟଙ୍ଗ କବି ସମ୍ମିଳନୀ। ଏଥିରେ ବରଗଡ଼ର ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ମଧୁସୂଦନ ନାୟକ, ସୋନାଲି ପାଢ଼ୀ, ଅର୍ଜୁନ ସାହୁ, ଅନୁପ୍ରିୟା ମିଶ୍ର, ସ୍ୱପ୍ନେଶ୍ୱର ମିଶ୍ର, ରାମ ପ୍ରସାଦ ବାଗ ଯୋଗଦାନ କରି ସ୍ୱରଚିତ ବ୍ୟଙ୍ଗ କବିତା ପାଠ କରିଥିଲେ। ବ୍ୟଙ୍ଗକବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର। ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବେ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡକ୍ଟର ଶ୍ରୀନିବାସ ଉଦଗାତା, ପୌର ପରିଷଦ ଅଧକ୍ଷା ଲିକା ସାହୁ ମଞ୍ଚାସୀନ ହୋଇଥିଲେ। ଜିଲା ଲେଖକ ପରିଷଦ ଉପସଭାପତି ମୁରଲୀଧାରୀ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଜିଲା ଲେଖକ ପରିଷଦ ଉପସଭାପତି ଦେବେନ୍ଦ୍ର ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ପଦ୍ମଶ୍ରୀ ଉଦଗାତା ତାଙ୍କ ବକ୍ତବ୍ୟରେ ସରସ୍ୱତୀ, ଶାରଦାଙ୍କ ଆଶିର୍ବାଦ ସବୁ କାଳରେ ମଣିଷ ସମାଜ ପାଇଁ ରହିଛି। ସେଇ ସୃଜନଶୀଳ ଚେତନା ମଣିଷର ଚେତନାକୁ ଆନ୍ଦୋଳିତ କରେ। ମାନସିକତାରେ ପରିବର୍ତ୍ତନ ଆସିଲେ ସମସ୍ତଙ୍କର ଜୀବନ ନୂତନ ଧାରା ଆଡକୁ ଆଗେଇଯାଏ। ଆଲୋକର ଚେତନା ଜଗତର ଆଗାମୀକୁ ଆଲୋକିତ କରେ ବୋଲି ମତ ଦେଇଥିଲେ। ଏହି ଅବସରରେ ସାଂପ୍ରତିକ ପରିସ୍ଥିତିରେ ପାଠକୀୟ ଅଭିରୁଚି ବିଷୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରେମଚାନ୍ଦ ମହାନ୍ତି ଓ ବିଭୁକଲ୍ୟାଣ ଗଡତିଆ ନିଜର ମତ ଉପସ୍ଥାପନ କରିଥିଲେ।

## କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦେଓଗାଁ ,୨୯।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲି ନିକଟସ୍ଥ କଲୋନୀ ଠାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ନୀଳମଣି ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁଷ୍ପାଞ୍ଜଳି ନାଏକ, ମୁଖ୍ୟବକ୍ତା ଏବିଇଓ ଅଜିତ କୁମାର ମିଶ୍ର, ସଭାପତି ଭାବେ ଏବିଇଓ କବିରାଜ ମାଝି ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଏ ଅବସରରେ ବିଦ୍ୟାଳୟର ଛାତ୍ର ଦିବ୍ୟ ନାଗଙ୍କୁ ଏହି ବର୍ଷର ଉତ୍ତମ ଛାତ୍ରଭାବେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ମିଶ୍ର ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ସଞ୍ଜିବ ଷଡଙ୍ଗୀ ସଭା ପରିଚାଳନା କରିଥିଲେ। ଶେଷରେ ସିଆରସିସି ପଦ୍ମଲୋଚନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟୟନରେ ମନୋନିବେଶ କରନ୍ତୁ ଛାତ୍ରୀଛାତ୍ର



ସଭାରେ ମଞ୍ଚାସୀନ ଅତିଥି।

**ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ମୁରିବାହାଲ, ୨୯।୩(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ପତ୍ରାପାଲି(କ )ପଞ୍ଚାୟତର ଦେବଙ୍ଗ ସରକାରୀ ଇନ୍ଦିରା ଗାନ୍ଧୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସନାତନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହାରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ବାର୍ଷିକ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରାଧେକୃଷ୍ଣ ଦୀପ, ବିଦ୍ୟାଳୟ ଆଳମୁନି ସଦସ୍ୟ ଯୁଧିଷ୍ଠିର ଭାରସାଗରିଆ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ବିକାଶ ଉପରେ ମତ ରଖିଥିଲେ। ମୁଖ୍ୟବକ୍ତା ମୁରିବାହାଲ ଡିଗ୍ରୀ ମହା ବିଦ୍ୟାଳୟ ଓଡ଼ିଆ ଅଧାପକ ଘନଶ୍ୟାମ ଖମାରି ତାଙ୍କ ବକ୍ତବ୍ୟରେ ସୋସିଆଲ ମିଡ଼ିଆ ଯୁଗରେ ଛାତ୍ରୀଛାତ୍ରମାନେ ମୋବାଇଲକୁ ଗୁରୁତ୍ୱ ନଦେଇ ଅଧ୍ୟୟନରେ ମନୋନିବେଶ କରନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ରାମରତନ ମେହେର ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ସମ୍ପନ୍ନ ହେଲା ୪୦ପ୍ରହର ନାମଯଜ୍ଞ

ସରଣ୍ଡା/ଜାମଟିକ୍ରା,୨୯।୩(ଡ଼ି.ଏନ.ଏ.): ବରଗଡ ଜିଲା ଅତାବିରା ବ୍ଲକ ନିଲେଇପାଲି ଗ୍ରାମରେ ଗତ ଛଅଦିନ ଧରି ଚାଲିଥିବା ୪୦ପ୍ରହର ନାମଯଜ୍ଞ ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୂତି ସହ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଆଖପାଖ ଗାଁର ସଂକୀର୍ତ୍ତନ୍ୟ ଦଳ ସଂକୀର୍ତ୍ତନ କରୁଥିଲେ। ନାମଯଜ୍ଞରେ କର୍ତ୍ତାକର୍ତ୍ତୀଭାବେ ଚିତ୍ତରଞ୍ଜନ ଶତପଥୀ ଏବଂ ତାଙ୍କ ସ୍ତ୍ରୀ ରିତା ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ପ୍ରହଲ୍ଲାଦ ଶତପଥୀ ଓ ବିମଳ ପଣ୍ଡା ଯଜ୍ଞ ପୂଜା କରିଥିଲେ। ପୂର୍ଣ୍ଣାହୂତି ଦିନ ବହୁ ସଂଖ୍ୟରେ ଭକ୍ତଙ୍କ ସମାଗମ ହୋଇଥିଲା।

### ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା

ପଦ୍ମପୁର,୨୯।୩(ଡି.ଏନ.ଏ.): ବରଗଡ଼ ଜଲା ପଦ୍ମପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ଆନୁକୂଲ୍ୟରେ ନାବାର୍ଡ ସହାୟତାରେ ଆର୍ଥିକ ସ୍ୱକ୍ଷରତା କାର୍ଯ୍ୟକ୍ରମ ପଦ୍ମପୁର ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପାକ୍ସ ସଭାପତି ପ୍ରିତମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ଜିଲ୍ଲା ସମବାୟ ବ୍ୟାଙ୍କ ଅଧିକାରୀ ପ୍ରଭଞ୍ଜନ ମାଝି ଯୋଗଦେଇ ସମବାୟ ସମିତିର ଋଣ ଓ କୃଷି ଓ କୃଷକର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ସମବାୟ ସମିତିରୁ ଋଣ ନେଇ କୃଷକମାନେ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପାଦକ ଗୋପାଲ ଷାଣ୍ଡ ବ୍ୟାଙ୍କ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ସମିତିର ସହ ସମ୍ପାଦକ ରାଜେଶ ସାହୁ ଓ କର୍ମଚାରୀ କାର୍ଯ୍ୟକ୍ରମ କରିଚାଳନାରେ ସହଯୋଗ କରିଥିଲେ।

### ତାତି ବଢ଼ିଲା, ଜଳଛତ୍ର ଖୋଲ

ଅମରପାଲି,୨୯।୩(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଆରମ୍ଭ ହୋଇଗଲାଣି ଗ୍ରୀଷ୍ମ ପ୍ରବାହ। ତାପାମାତ୍ରା ବଢୁଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଜଳାଶୟ ଶୁଖିଗଲାଣି। ଅନେକ ସ୍ଥାନରେ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ତେଣୁ ବିଭିନ୍ନ ସ୍ଥାନରେ ପାନୀୟ ଜଳର ସମସ୍ୟା ଦେଖା ଯାଉଛି। ପଥଚାରୀମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପ୍ରଶାସନ ଉକ୍ତ ସମସ୍ୟାକୁ ଗୁରୁତ୍ୱ ଦେଇ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବାକୁ ଦାବିହେଉଛି। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବାକୁ ଦାବି ହେଉଛି।

### ସମିତିସଭ୍ୟ ଉପନିର୍ବାଚନ ପାଇଁ ତତ୍ପରତା

#### ଖଣ୍ଡହତା ପଞ୍ଚାୟତ

ଅମରପାଲି,୨୯।୩(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତରେ ସମିତି ସଭ୍ୟ ପଦ ପାଇଁ ଆଗାମୀ ମେ ୨ତାରିଖରେ ହେବ ହେବ ଉପନିର୍ବାଚନ। ଏନେଇ ରାଜ୍ୟ ନିର୍ବାଚନ କମିସନ ଏନେଇ ତାରିଖ ଘୋଷଣା ହେବା ପରେ ପଞ୍ଚାୟତରେ ରାଜନୈତିକ ଗତିବିଧି ଚଳଚଞ୍ଚଳ ହୋଇପଡିଛି। ସୂଚନାଯୋଗ୍ୟ ଉକ୍ତ ପଞ୍ଚାୟତରେ ସମିତି ସଭ୍ୟା ଭାବେ ତନୁଜା ରଣବଂଶୀୟା ନିର୍ବାଚିତ ହୋଇଥିଲେ। ସେ ଅଙ୍ଗନୱାଡି କର୍ମୀ ଭାବେ ଚୟନ ହେବା ପରେ ସମିତି ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହା ପରଠାରୁ ଉକ୍ତ ପଦବୀ ଖାଲି ପଡିଥିଲା।

# ପରିବା ବିକାଳିଙ୍କୁ ଉଚ୍ଛେଦକଲା ପ୍ରଶାସନ

- ଜୀବିକା ହରାଇଲେ ଶତାଧିକ ପରିବା ବିକାଳି
- ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ

ବରଗଡ଼ ଅଫିସ୍,୨୯।୩



ବୋଲଡୋଜର ଲଗାଇ ଏକ ଅସ୍ଥାୟୀ ଦୋକାନ ଗୃହକୁ ଭଙ୍ଗା ଯାଉଛି ।



ପୌର କାର୍ଯ୍ୟାଳୟ ସମ୍ମୁଖରେ ପରିବା ବିକାଳୀଙ୍କ ଧାରଣା ।

ବରଗଡ଼ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ସବ୍‌ଜେଲ ପଛପଟ ଅର୍ଥାତ୍ ବିଂଝିପଡ଼ା ରାସ୍ତାପାର୍ଶ୍ୱରୁ ବୁଧବାର ପରିବା ବିକାଳିଙ୍କୁ ଉଚ୍ଛେଦ କରାଯାଇଛି। ଏହା ସହିତ ସେଠାରେ ରହିଥିବା କେତେକ ଅସ୍ଥାୟୀ ଦୋକାନକୁ ମଧ୍ୟ ବୋଲଡୋଜର ଲଗାଇ ଭାଙ୍ଗି ଦିଆଯାଇଛି । ଫଳରେ ଶତାଧିକ ପରିବା ବିକାଳୀ ଏବଂ ଅସ୍ଥାୟୀ ଦୋକାନୀ ଜୀବିକା ହରାଇଛନ୍ତି। ଏହାକୁ ନେଇ ସମ୍ପୃକ୍ତ ପରିବା ବିକାଳୀ ଏବଂ ଦୋକାନୀଙ୍କ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଉଚ୍ଛେଦରେ ପ୍ରଭାବିତ ପରିବା ବିକାଳୀ, ଦୋକାନୀମାନେ ପୌର କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ କରିଥିଲେ। ଅନ୍ୟପକ୍ଷେ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା କହିଛନ୍ତି, କରୋନା ସଂକ୍ରମଣ ସମୟରେ ସାମାଜିକ ଦୂରତା ରଖି ସେଠାରେ ପରିବା ବିକ୍ରି କରିବାକୁ କୁହାଯାଇଥିଲା। ମାତ୍ର ଏବେ କରୋନା ପ୍ରତିହତ ହୋଇ ସାରିଛି। ଅପରପକ୍ଷେ ପରିବା ବିକ୍ରି ଯୋଗୁ ରାସ୍ତା ଉପରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାବେଳେ ସେହି ସ୍ଥାନ ମଇଳା, ଆବର୍ଜନାପୂର୍ଣ୍ଣ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ତାକୁ ଦୃଷ୍ଟିରେ ରଖି ସେହି ରାସ୍ତାରେ ପରିବା ବିକ୍ରି କରିବା ବଦଳରେ କୃଷକ ବଜାରକୁ ଯିବା ପାଇଁ ପରିବା ବିକାଳୀ ଏବଂ ଚାଷୀଙ୍କୁ ପୌର ପ୍ରଶାସନ ପକ୍ଷରୁ ନିବେଦନ କରାଯାଉଛି ବୋଲି ଦଣ୍ଡସେନା କହିଥିଲେ। ବରଗଡ଼ ହାଟପଦାରେ ଦୈନିକ ପରିବା ବଜାର ରହିଥିବାବେଳେ ରେଳ ଷ୍ଟେଶନ ରୋଡ୍ ଗୋରୁ ମାର୍କେଟ୍ ପାଖରେ କୃଷକ ବଜାର ରହିଛି। ତେବେ ପରିବା ବିକାଳୀମାନେ କୃଷକ ବଜାରକୁ ଯିବା ପାଇଁ ଅନାଗ୍ରହ ପ୍ରକାଶ କରୁଥିବାବେଳେ ହାଟପଦାରେ ସ୍ଥାନାଭାବ ରହିଛି। ଫଳରେ ପୂର୍ବରୁ ସ୍ଥାନୀୟ ଉମା ଟକିଜ ରାସ୍ତାରେ କିଛିଦିନ ଧରି ପରିବା ବିକାଳିମାନେ ପରିବା ବିକ୍ରି କରୁଥିଲେ। ସେଠାରୁ ଉଚ୍ଛେଦ ପରେ ସବଜେଲ ରାସ୍ତାକୁ ଆସିଥିଲେ। ତେବେ କରୋନା ସଂକ୍ରମଣ ସମୟରେ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆ, ଲୋକ ମଣ୍ଡପ ପଡ଼ିଆରେ ସାମାଜିକ ଦୂରତା ରଖି ପରିବା ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ପରିବା ବିକାଳୀଙ୍କୁ ସୁଯୋଗ ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଜର୍ଜ ହାଇସ୍କୁଲ ପଡ଼ିଆ, ଲୋକ ମଣ୍ଡପ ପଡ଼ିଆରୁ ପରିବା ବିକାଳୀଙ୍କୁ ହଟାଇ ଦିଆଯାଇଥିଲା। ଏହାପରେ ପରିବା ବିକାଳିମାନେ ସବଜେଲ ପଛପଟ ବିଂଝିପଡ଼ା ରାସ୍ତା, ସବ୍‌ଜେଲ ରାସ୍ତାରେ ପରିବା ବିକ୍ରି କରି ଆସୁଥିଲେ। ପରିବା ବିକାଳି ତଥା ଆଖପାଖ ଅଞ୍ଚଳର ଚାଷୀମାନେ ଭୋର୍‌ରୁ ଏହି ରାସ୍ତାପାର୍ଶ୍ୱକୁ ଆସ ପୂର୍ବାହ୍ନ ପ୍ରାୟ ୧୦ରୁ ୧୧ଟା ପର୍ଯ୍ୟନ୍ତ ପରିବା ବିକ୍ରି ସାରି ଘରକୁ ଫେରି ଯାଉଥିଲେ। ମାତ୍ର ଏବେ ସେଠାରୁ ସେମାନଙ୍କୁ ଉଚ୍ଛେଦ କରି ଦିଆଯାଇ ଥିବା ଯୋଗୁ ପରିବା ବିକାଳିଙ୍କ ଚିନ୍ତା ବଢ଼ି ଯାଇଛି। ଥିଲାବାଲା ଲୋକେ ଜବରଦଖଲ କରି ରାସ୍ତାପାର୍ଶ୍ୱରେ କୋଠାବାଡ଼ି କରିଥିଲେ ସୁଦ୍ଧା ଉଚ୍ଛେଦ ହେଉ ନଥିବାବେଳେ ପରିବା ବିକି ପରିବାର ପୋଷୁଥିବା ଲୋକଙ୍କୁ ହଟାଇ ଦିଆଯିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହିକ୍ରମରେ ଉଚ୍ଛେଦ ସମୟରେ ପରିବା ବିକାଳୀ ଏବଂ ପୌର କର୍ମଚାରୀମାନେ ମୁହାଁମୁହିଁ ହୋଇଥିଲେ ଏବଂ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉଚ୍ଛେଦ ସମୟରେ ପୋଲିସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

## ୧୨୩ ମାମଲାର ଶୁଣାଣି, ୪.୬ଲକ୍ଷ ଜରିମାନା ଆଦାୟ

ପାଇକମାଳ, ୨୯।୩(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଳ ତହସିଲ ଅଧୀନ ବିଭିନ୍ନ ରାଜସ୍ୱ ସର୍କଲର ୧୨୩ ଗୋଟି ମାମଲାର ଶୁଣାଣି କରି ୪ ଲକ୍ଷ ୬୦ ହଜାର ଛଅ ସହ ଟଙ୍କା ଫାଇନ ଆଦାୟ କରାଯାଇଛି। ଝିଟକି ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ବେଆଇନ ଇଟା ତିଆରି କରୁଥିବା ୧୫ ଜଣଙ୍କଠାରୁ ୬୬, ୨୦୦ ଓ ସରକାରୀ ଜମିରେ ଚାଷ କରୁଥିବା( କାସ୍ତ) ଅଭିଯୋଗରେ ୩ଜଣଙ୍କଠାରୁ ୪୫୦୦ ଟଙ୍କା ଫାଇନ ଆଦାୟ କରାଯାଇଛି। ମାଣ୍ଡୋସିଲ ରାଜସ୍ୱ ନିରୀକ୍ଷକ ଅଧୀନରେ ବେଆଇନ ଇଟା ତିଆରି କରୁଥିବା ୧୫ ଜଣଙ୍କଠାରୁ ୮୭୦୦୦ ଟଙ୍କା, ସରକାରୀ ଜମି ଦଖଲ କରି ଚାଷ କରୁଥିବା ୬୨ଜଣଙ୍କଠାରୁ ୧୦୭୨୦୦ ଟଙ୍କା ଫାଇନ ଆଦାୟ କରାଯାଇଥିଲା। ଭେଙ୍ଗରାଜପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ବେଆଇନ ଭାବେ ଇଟା ତିଆରି କରୁଥିବା ୧୨ଜଣଙ୍କଠାରୁ ୧୩୯୦୦୦ ଟଙ୍କା ଓ ପାଇକମାଳ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ବେଆଇନ ଭାବେ ଇଟା ତିଆରି କରୁଥିବା ୧୬ ଜଣଙ୍କଠାରୁ ୫୬୭୦୦ ଟଙ୍କା ଫାଇନ ଆଦାୟ କରାଯାଇଛି । ପାଇକମାଳ ତହସିଲରେ ଗତ ଦୁଇ ଦିନରେ ୧୨୩ ମାମଲା ଶୁଣାଣି କର ୪ ଲକ୍ଷ ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଫାଇନ ଆଦାୟ କରାଯାଇଛି ବୋଲି ତହସିଲଦାର ଅକ୍ଷୟ କୁମାର ବାଗ କହିଛନ୍ତି।

# ଆପତ୍ତିଜନକ ରିଲ୍ ଭିଡିଓ, ୩ ଗିରଫ

ବରଗଡ଼ ଅଫିସ୍,୨୯।୩



ଗିରଫ ୩ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ଆପତ୍ତିଜନକ ରିଲ୍ ଭିଡ଼ିଓ ପ୍ରସ୍ତୁତ କରି ସୋସିଆଲ ମିଡ଼ିଆରେ ଭାଇରାଲ କରିବା ମହଙ୍ଗା ପଡ଼ିଛି। ଏଭଳି ଏକ ଘଟଣାରେ ବରଗଡ଼ ଟାଉନ ଥାନା ପୋଲିସ ୩ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ଆଶିଷ ଭୋସାଗର, କୁନ୍ଦନ ସୁନା ଏବଂ ଆଲୋକ ମହାନନ୍ଦ। ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏକ ରିଲ୍ ଭିଡ଼ିଓରେ ଉପରୋକ୍ତ ୩ଯୁବକ ସହରା, କୁଲତା ଏବଂ ବିଞ୍ଝାଲ ଜାତି ଲୋକଙ୍କୁ ଆଶାଳୀନ ଭାଷାରେ ଆକ୍ଷେପ କରି ତାକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ସୋସିଆଲ ମିଡ଼ିଆରେ ସେହି ରିଲ୍ ଭିଡ଼ିଓ ଘୂରି ବୁଲିବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ନେଇ କୁଲତା ଯୁବଶକ୍ତି, ଓଡ଼ିଶାର ଏକ ପ୍ରତିନିଧି ଦଳ ଗତ ୨୬ତାରିଖ ବରଗଡ଼ ଟାଉନ ଥାନାକୁ ଯାଇ ଏତଲା ଦେଇଥିଲେ । ଏହାପରେ ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଜଣେ ନାବାଳିକା, ୨ ନାବାଳକ ଗାଡ଼ି ଚାଳକଙ୍କୁ ତାଗିଦ୍

- ୭୫ ହଜାର ଟଙ୍କା ଜରିମାନା
- ସୁବର୍ଣ୍ଣପୁର ସହରରେ ପରିବହନ ବିଭାଗର ଚଢ଼ାଉ

ସୋନପୁର,୨୯।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ବିନା ଡ୍ରାଇଭିଂ ଲାଇସେନ୍ସରେ ସ୍କୁଲ ଓ କଲେଜ ପିଲା ବାଇକ୍ ଚଳାଉଛନ୍ତି। ସଚେତନ କଲେ ମଧ ଅଭିଭାବକ ଓ ଛାତ୍ରୀଛାତ୍ର ସଚେତନ ହେଉନାହାନ୍ତି। ତେଣୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୁବର୍ଣ୍ଣପୁର ସହରର ବସ୍‌ଷ୍ଟାଣ୍ଡ, ପଟାଭାଡି ଓ ବୁଢାରାଜା ଛକରେ ବୁଧବାର ଚଢାଉ କରାଯାଇଥିଲା। ବିନା ଡ୍ରାଇଭିଂ ଲାଇସେନ୍ସରେ ଜଣେ ନାବାଳିକା ସ୍କୁଟି ଚଳାଉ ଥିଲା ବେଳେ ଧରା ପଡିଛନ୍ତି। ସେହିପରି ୨ଜଣ ନାବାଳକ ବିନା ଡ୍ରାଇଭିଂ ଲାଇସେନ୍ସରେ ବାଇକ୍ ଚଳାଉ ଥିବା ବେଳେ ପରିବହନ ବିଭାଗର କର୍ମଚାରୀଙ୍କ ହାତରେ ଧରା ପଡିଥିଲେ। ଅଭିଭାବକଙ୍କ ଉପସ୍ଥିତିରେ ୩ଜଣ ନାବାଳିକା ନାବାଳକଙ୍କ ନିକଟରୁ ମୋଟ ୭୫ହଜାର ଟଙ୍କା ଆଦାୟ ହୋଇଥିଲା। ଭବିଷ୍ୟତରେ ଏଭଳି କାର୍ଯ୍ୟ ନ କରିବା ପାଇଁ ନାବାଳିକା ନାବାଳକଙ୍କୁ ତାଗିଦ୍ କରାଯାଇଛି। ଅଭିଭାବକ ମାନେ ଏଥିପାଇଁ ଅଣ୍ଡରଟେକିଂ ଦେଇଛନ୍ତି । ପରିବହନ ବିଭାଗର ନୂତନ ନିୟମ ଅନୁଯାୟୀ ସମ୍ପୃକ୍ତ ୩ ନାବାଳିକା ନାବାଳକଙ୍କୁ ୨୫ବର୍ଷ ହେବା ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ପାପ୍ତ ପାଇଁ ଅନୁମତି ରଦ୍ଦ କରାଗଲା ବୋଲି ଆଞ୍ଚଳିକ ପରିହବନ ଅଧିକାରୀ ଅକ୍ଷୟ କୁମାର ଜେନା ସୂଚନା ଦେଇଛନ୍ତି। ଅପ୍ରେଲ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଜିଲାରେ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ ବୋଲି ଜଣାପଡିଛି।

## ସହରାଞ୍ଚଳ ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ




ସିଡିଏମପିଏଚଓ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି ।

ସୋନପୁର,୨୯।୩(ନି. ପ୍ର.)

ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସୋନପୁର ସହର ଡି କଲୋନୀ ଝୁପୁଡିପଡାଠାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ବିଶ୍ୱରଞ୍ଜନ ପତିଙ୍କ ଦ୍ୱାରା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସହରାଞ୍ଚଳର ଅଧିବାସୀଙ୍କୁ ଓପିଡି ସେବା ସହ ଫିଜିଓଥେରାପି, ଯୋଗ, ଲ୍ୟାବଟେଷ୍ଟ ଓ ମାଗଣା ଔଷଧ ସେବା ଯୋଗାଇ ଦିଆଯିବ। ଏହା ପ୍ରତିଦିନ ସକାଳ ୮ ଟାରୁ ଦିବା ୧୧ ଟା ଓ ସନ୍ଧ୍ୟା ୫ଟାରୁ ରାତି ୮ ଟା ଯାଏ ଖୋଲା ରହିବ। ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ପରିଚାଳନା ଦାୟିତ୍ୱ ବେସରକାରୀ ସଂସ୍ଥା ପିପୁଲସ ଫୋରମକୁ ଦିଆଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ମେଡିକାଲ ) ଡ଼ ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପଦ୍ମହଂସା ଦୋରା, ଡା ରମେଶ ଚନ୍ଦ୍ର ସ୍ୱାଇଁ, ଏନଏଚଏମ ଡିପିଏମ ବିଶ୍ୱମ୍ଭର ବେହେରା, ସହ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ ସାହୁ, ଏପିଡେମିଓଲୋଜିଷ୍ଟ ଡା ବିଷ୍ଣୁ ଚରଣ ମାଝି, ଡ଼ିଡ଼ିଏମ ପ୍ରଦୀପ ସାହୁ, ସହ କାର୍ଯ୍ୟକ୍ରମ ପରିଚାଳକ ତରଣୀସେନ ପ୍ରଧାନ, ଗୀତାଞ୍ଜଳି ମେହେର, ଶୋଭନା ଦାଶ, ହସ୍ପିଟାଲ ମ୍ୟାନେଜର ଦେବସ୍ମିତା ପ୍ରିୟଦର୍ଶିନୀ, ମାଇକ୍ରୋବାୟଲୋଜିଷ୍ଟ ଶାଶ୍ୱତୀ ଶତପଥୀ, ପିପୁଲସ ଫୋରମ ତରଫରୁ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ସଞ୍ଜୟ କୁମାର ସେଠୀ ଓ କାର୍ଯ୍ୟକ୍ରମ ପରିଚାଳକ ଅଜୟ ଦେବତା ସହ ସ୍ୱାସ୍ଥ୍ୟ କର୍ମଚାରୀ ଷ୍ଟାଫ, ଆଶାକର୍ମୀ ଓ ଏସ୍ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ।

# କୃଷିଋଣ ନେଇ ଲାଭବାନ୍ ହୁଅନ୍ତୁ ଚାଷୀ

### କୁମ୍ଭାରୀ କୃଷି ସମବାୟ ସମିତିର ବୈଠକ

ବରପାଲି, ୨୯।୩ (ଡି.ଏନ.ଏ.)



ବୈଠକରେ ମଞ୍ଚାସୀନ ଅତିଥି।

ବରଗଡ ଜିଲା ବରପାଲି ବ୍ଲକ ବରମକେଲା ମାର୍କେଟ ୟାର୍ଡରେ ବୁଧବାର କୁମ୍ଭାରୀ ସମବାୟ ସମିତିରେ ୨୦୨୨–୨୩ ବର୍ଷର ସାଧାରଣ ସଭା ସମିତି ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ବରପାଲି ତହସିଲଦାର ରୁକ୍ମଣ ମେହେର, ସମ୍ମାନିତ ଅତିଥିଭାବେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ବରପାଲି ଶାଖା ପରିଚାଳକ କିଶୋର ଦେବତା, କଣ୍ଟାପାଲି ସମବାୟ ସମିତି ସଭାପତି ଧ୍ରୁବରାଜ ସାହୁ , ବରପାଲି ସମବାୟ ସମିତି ସଭାପତି ଗୁରୁ ମେହେର, ଆଗଲପୁର ସମବାୟ ସମିତି ସଭାପତି ବୀରସନ ସାହୁ ଓ ୧୪ଜଣ ବୋର୍ଡ଼ସଭ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଗୌରଚନ୍ଦ୍ର ବୁଦ୍ଧିଆଙ୍କ ସଭା ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଚାଷୀଙ୍କ ପାଇଁ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଦିଆଯାଉଥିବା ଋଣ ଯୋଜନାର ଲାଭ ଉଠାଇବାକୁ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତହସିଲଦାର ମେହେର କହିଥିଲେ, ଚାଷୀ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିବା ଦରକାର। ଚାଷୀମାନେ କୋଣସି ସମାସ୍ୟା ନେଇ ସିଧାସଳଖ ତାଙ୍କ ଅଫିସକୁ ଆସି ଯୋଗାଯୋଗ କରିବାକୁ କହିଥିଲେ। ସଭାରେ ସମିତିର ଭାରପ୍ରାପ୍ତ ସମ୍ପାଦକ ଅଗସ୍ତି ପଧାନ ବିବରଣୀ ପାଠ କରିବା ସାଙ୍ଗକୁ ଚାଷୀମାନଙ୍କୁ ସଚେତନ କରିଥିଲେ।

## ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା




ସମବାୟ ବ୍ୟାଙ୍କିଙ୍ଗ ସେବା ଏବଂ ଋଣ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ୍,୨୯।୩

ବରଗଡ଼ ବ୍ଲକ ଅଡ଼ଗାଁ କୃଷି ସମବାୟ ସମିତିର ସମବାୟ ବ୍ୟାଙ୍କିଙ୍ଗ ସେବା ଏବଂ ଋଣ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଅଶ୍ୱିନୀ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟା ମିନାକ୍ଷୀ ପାଣ୍ଡେ ମୁଖ୍ୟଅତିଥିଭାବେ ଯୋଗଦେଇ ସମବାୟ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମିତି ସମ୍ପାଦକ ରାଜକୁମାର ପ୍ରଧାନ, ଶାଖା ପରିଚାଳକ ଜାମିନୀ ପୁରୋହିତ, ଉପ ଶାଖା ପରିଚାଳକ ଜୋସେଫ୍ ଭୋଇ, ଯୁଗ୍ମ ସମ୍ପାଦକ ଜଗବନ୍ଧୁ କଲତା, କର୍ମଶାଳାରେ ଯୋଗଦେଇଥିଲେ।

# ଚକୁଳିଆ ପଣ୍ଡାଙ୍କୁ ନେଇ କଂଗ୍ରେସର ପ୍ରଚାର

ସରଣ୍ଡା, ୨୯।୩(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ଏନଏସି ନିର୍ବାଚନ ପାଇଁ ପ୍ରଚାର ଚରମ ସୀମାରେ ପହଞ୍ଚିଛି । ମାଳମାଳ ନେତା ମନ୍ତ୍ରୀ ପ୍ରଚାରରେ ଲାଗିଛନ୍ତି। ଯାହାକୁ ଯେମିତି ଲାଗିଲା ସେହି ଢଙ୍ଗରେ ପ୍ରଚାର କରୁଛନ୍ତି। ସର୍ବିଙ୍କ ପ୍ରୟାସ କିଭଳି ଭୋଟରଙ୍କୁ ମନାଇ ନିଜ ସପକ୍ଷରେ ନେଇହେବ। ବୁଧବାର କଂଗ୍ରେସ ଦଳ ଭୋଟରଙ୍କୁ ଆକୃଷ୍ଟ କରିବାପାଇଁ ଚକୁଳିଆ ପଣ୍ଡାଙ୍କୁ ନେଇ ପ୍ରଚାର କରିଥିଲା। ଜନସାଧାରଣ ମଧ ଏହାକୁ ବେଶ ଉପ ଭୋଗ କରୁଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, କଂଗ୍ରେସ ଦଳର ଅଧକ୍ଷ ପ୍ରାର୍ଥୀନୀ ସବିତା ଭୁଏ, ୱାର୍ଡ଼ନଂ ୧୧ କାଉନସିଲର ପ୍ରାର୍ଥୀନୀ ସଂଯୁକ୍ତା ବେହେରା, ବ୍ଲକ ସଭାପତି ଦୟାସାଗର ମଣ୍ଡଳୀ, ରବି ନାରାୟଣ ପଣ୍ଡା ପ୍ରମୁଖ କୁଡ଼ାପରା, ରେଙ୍ଗାଲିପାଲି ଗ୍ରାମରେ ଚକୁଳିଆ ପଣ୍ଡାମାନେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ଭୋଟରମାନଙ୍କୁ ଅନୁରେଧ କରିଥିଲେ।



ଚକୁଳିଆ ପଣ୍ଡାମାନେ ୱାର୍ଡ ନଂ ୧୧ରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

**ଅତାବିରା ଏନ୍‌ଏସି ନିର୍ବାଚନ**

# ଘରକୁ ଘର ବୁଲି ପ୍ରଚାର କଲେ ବିଧାୟିକା

ସରଣ୍ଡା,୨୯।୩(ଡି.ଏନ.ଏ. )



୨ନଂ ୱାର୍ଡରେ ବିଜେଡି ପାଇଁ ଭୋଟଭିକ୍ଷା କରୁଛନ୍ତି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ଏମ୍‌ପି ପ୍ରଭାସ କୁମାର ସିଂହ।

ବରଗଡ ଜିଲା ଅତାବିରା ଏନଏସି ନିର୍ବାଚନ ପାଇଁ ବିଜେଡି ପ୍ରଚାରକୁ ଯୋରଦାର କରିଛି। ଏନଏସିକୁ ପନଃ ଦଖଲ ପାଇଁ ଅଣ୍ଟା ଭିଡିଥିବା ବିଜେଡି ନଗରପାଳ ଓ କାଉନସିଲରମାନଙ୍କ ପାଇଁ ବୁଧବାର ପ୍ରଚାରକୁ ଓହଲାଇଥିଲେ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ। ବିଭିନ୍ନ ୱାର୍ଡରେ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେ ଭୋଟଭିକ୍ଷା କରିଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ଘଟିଥିବା ପ୍ରଗତି, ବିଶେଷ କରି ସହରାଞ୍ଚଳର ବିକାଶ ପାଇଁ ବିଜେଡି ସରକାରର ବିଭିନ୍ନ ଯୋଜନା ବିଷୟରେ ସେ ପ୍ରଚାର କାଳରେ ଭୋଟରଙ୍କୁ ବୁଝାଇଥିଲେ। ୨ନମ୍ବର ୱାର୍ଡରେ ପ୍ରଚାରବେଳେ ପୂର୍ବତନ ଏମ୍‌ପି ପ୍ରଭାସ କୁମାର ସିଂହ, ଅତାବିରା ନଗର ଯୁବ ବିଜେଡି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା ଓ ପ୍ରମୁଖ କର୍ମୀମାନେ ବିଜେଡି ନଗରପାଳ ପ୍ରାର୍ଥୀ ବନମାଳୀ ବରିହା ଓ କାଉନସିଲର ପ୍ରାର୍ଥୀ ଶିବାନନ୍ଦ ତ୍ରିପାଠୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ ।

## କବରାପାଲିରେ ଶ୍ରୀରାମ ନବମୀ ମହୋତ୍ସବ

ପଡିଆବାହାଲ,(ଡି.ଏନ.ଏ.): ଯୁଯୁମୁରା ବ୍ଲକ କବରାପାଲିଠାରେ ବୁଧବାର ୭୫ତମ ଶ୍ରୀରାମ ନବମୀ ମହୋତ୍ସବ ଆରମ୍ଭ ହୋଇଛି। ଏହା ଆସନ୍ତା ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ଅବସରରେ କବରାପାଲି ଗ୍ରାମରେ ପ୍ରତି ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ରାମଲୀଲା ନାଟକ ଚାଲିବ। ଗୁରୁବାର କଳସ ଶୋଭାଯାତ୍ରା ଏବଂ ପ୍ରଭୁ ଶ୍ରୀରାମଙ୍କ ଆଗମନ ପରେ ୩୧ତାରିଖରୁ ରାମଲୀଲା ନାଟକ, ସନ୍ଧ୍ୟାରେ କୀର୍ତ୍ତନ, ବାଦୀ ପାଲା ଓ ପରାୟଣ ଆୟୋଜନ ହୋଇଛି ।

## ସଂକ୍ଷେପରେ

### ମହୁଲି ମଦ ଜବତ, ଜଣେ ଗିରଫ

କୁଚିଣ୍ଡା,୨୯।୩(ଡି.ଏନ.ଏ.): କୁଚିଣ୍ଡା ଅବକାରୀ ବିଭାଗ ପକ୍ଷରୁ ବୁଧବାର କୁଚିଣ୍ଡା ଥାନା ଅନ୍ତର୍ଗତ ଶିରିଡ ଗ୍ରାମରେ ଚଢାଉ କରାଯାଇ ୧୫ ଲିଟର ଦେଶୀ ମହୁଲି ମଦ ଜବତ କରି ଜଣଙ୍କୁ ଗିରଫ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁଚିଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ସମୟରେ ଶିରିଡ ଗ୍ରାମର ଖେଡୁ କିଷାନଙ୍କ ଘରୁ ୧୫ ଲିଟର ମହୁଲି ମଦ ଜବତ କରି ତାଙ୍କୁ ଗିରଫ କରଯାଇଥିଲା। ଏ ନେଇ କୁଚିଣ୍ଡା ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଗିରଫ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ମୁକାବିଲାରେ ଜାମିନ ପ୍ରଦାନ କରାଯାଇଥିଲା। ଚଢାଉରେ ଅବକାରୀ ଏସ୍ଆଇ ଟଙ୍କଧର କିଷାନ, ଏଏସ୍ଆଇ ସମୀର ସ୍ୱାଇଁ, କୌଶିକ ରଞ୍ଜନ ତ୍ରିପାଠୀ, କନଷ୍ଟେବଲ୍ ଜଗନ୍ନାଥ ମୁଣ୍ଡା, ମଜେଶ ଲମଗା ଓ ସୁବାସିନୀ ମାଝି ପ୍ରମୁଖ ସାମିଲ ଥିଲେ।

### କୁଚିଣ୍ଡା ସହରରେ ବନ୍ଦ ହେବ ବେଆଇନ ମଦ ଦୋକାନ

କୁଚିଣ୍ଡା,୨୯।୩(ଡି.ଏନ.ଏ.): କୁଚିଣ୍ଡା ସହରରେ ବେଆଇନ ଭାବେ ଖୋଲାଯାଇଥିବା ଉଭୟ ବିଦେଶୀ ଓ ଦେଶୀ ମଦ ଦୋକାନ ବନ୍ଦ କରିବାକୁ କୁଚିଣ୍ଡା ଏନ୍ଏସି ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ସୋମବାର କାଉନସିଲ ବୈଠକର ନିଷ୍ପତ୍ତି ପରେ ବୁଧବାର ଏନ୍ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ଅବକାରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱ କୁସୁମୀ ରୋଡ ଛକ ପୋଖରୀ ହୁଡାରେ ରହିଥିବା ବିଦେଶୀ ମଦ ଦୋକାନ ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବା ଓ ଆଦିବାସୀ ମହିଳା ଗାଧୋଇବା ସହ୍ୟରେ ଟାହିଟାପରାର ଶିକାର ହେବା ଆଦି ଘଟଣାକୁ ଗୁରୁତର ସହ ନେଇ ଏନ୍ଏସି ଅଧ୍ୟକ୍ଷ ଏହି ମଦ ଦୋକାନ ହଟାଇବାକୁ ଅବକାରୀ ବିଭାଗ ସହ ଆଲୋଚନା କରିଛନ୍ତି। ଏହାଛଡା ବିଭିନ୍ନ ସ୍ଥାନରେ ଗଢି ଉଠିଥିବା ବେଆଇନ ମହୁଲି ଦୋକାନ ମଧ ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ,ପୂର୍ବରୁ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନଟି ସହରର ଜନଗହଳି ସ୍ଥାନ ତଥା ଏକ ଶିକ୍ଷାନୁଷ୍ଠାନ ସମ୍ମୁଖରେ ରହିଥିଲା। ମାତ୍ର ଜନସାଧାରଣଙ୍କ ଅଭିଯୋଗ ପରେ ଏହା ସ୍ଥାନାନ୍ତର ହୋଇ ପୋଖରୀ ହୁଡାକୁ ଯାଇଥିଲା।

### ଗ୍ରୀଷ୍ମ ଋତୁରେ ଜଳ ଯୋଗାଣକୁ ନେଇ ଜରୁରୀ ବୈଠକ

ବେଲପାହାଡ,୨୯।୩,(ଡି.ଏନ.ଏ.): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବେଲପାହାଡ ପୌରାଞ୍ଚଳରେ ଜଳ ଯୋଗାଣକୁ ନେଇ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ସଭାଗୃହରେ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର ନିର୍ବାହୀ ଅଧିକାରୀ ବିକାଶ କୁମାର ଭୋଇ, ଉପନଗରପାଳ ରିନା ସୁନା ଓ ଅନ୍ୟ କାଉନସିଲର, ପୌର ଯନ୍ତ୍ରୀ ସଙ୍ଗୀତା ତିର୍କି, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ପଟେଲଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ପୌରାଞ୍ଚଳର ସମସ୍ତ ଅକାମୀ ଗଭୀର ନଳକୂପ କାର୍ଯ୍ୟକ୍ଷମ କରିବା, ଆବଶ୍ୟକ ସ୍ଥଳେ ଜଳଛତ୍ର ମାଧମରେ ପାନୀୟ ଜଳ ଯୋଗାଇଦେବା ଓ ବସ୍ତି ବାସିନ୍ଦାଙ୍କୁ ଟ୍ୟାଙ୍କର ଯୋଗେ ଜଳ ଯୋଗେଇବା ପାଇଁ ବୈଠକ ରେ ନିଷ୍ପତ୍ତି ନିଆଯାଇଛି।

### ସାତକମା ଉଚ୍ଚପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

କୁଚିଣ୍ଡା,୨୯।୩(ଡି.ଏନ.ଏ.): କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତ ସାତକମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ସହକାରୀ ବ୍ଲକ ଶିକ୍ଷାଧିକାରୀ ଗୌରାଙ୍ଗ କୁସୁମଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଓ ସମ୍ବଲପୁର ଡ଼ାଏଟ ଶିକ୍ଷା ସଂଯୋଜିକା ଅଧାପିକା ପ୍ରମିତା ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ସେଠ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଅନନ୍ତ କୁମାର ପଟେଲ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ଭଞ୍ଜ, ପୂର୍ବତନ ସଭାପତି ଚତୁର୍ଭୁଜ ସାହୁ ମଞ୍ଚାସୀନ ଥିଲେ। ଶେଷରେ ସହକାରୀ ଶିକ୍ଷକ ସୁରଭି ନାଏକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସହଭାଗିତାରେ ସମିତିର ସମୂହ ବିକାଶ ହେବ

ସମ୍ବଲପୁର, ୨୯।୩(ବ୍ୟୁରୋ)


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

ସମବାୟ ସମିତି ଚାଷୀମାନଙ୍କର। ପ୍ରତ୍ୟେକ ସମିତିରେ ଅଞ୍ଚଳର ଶତପ୍ରତିଶତ ଚାଷୀ ସଦସ୍ୟ ହେବାର ଆବଶ୍ୟକ ରହିଛି। ହେଲେ ପ୍ରାୟ ୪୦ ପ୍ରତିଶତ ଚାଷୀ ସମବାୟ ସମିତିରେ ସଭ୍ୟ ହୋଇ ନାହାନ୍ତି। ସେମାନଙ୍କୁ ସଭ୍ୟ କରିବା ପାଇଁ ସମସ୍ତ ସମିତି କାର୍ଯ୍ୟ କରନ୍ତୁ। ସହଭାଗିତାରେ ସମିତିର ସମୂହ ବିକାଶ ହେବ। ଏବେ ସରକାରୀ ସ୍ତରରେ ଚାଷୀଙ୍କ ପାଇଁ ଋଣ ଦେବାଠାରୁ ଆରମ୍ଭ କରି ଫସଲ ବିକ୍ରି, କୃଷି ଯନ୍ତ୍ରପାତି, ବିହନ, ସାର, କୀଟନାଶକ ଆଦି ସାମଗ୍ରୀ ମିଳୁଛି। ଆଗକୁ ଗୋଦାମ ଗୃହ, ବଜାର କମ୍ପ୍ଲେକ୍ସ, ପେଟ୍ରୋଲ ଓ ଡିଜେଲ ପମ୍ପ ଖୋଲିବାକୁ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି। ଅମଳ ଫସଲ ମଧ ସମବାୟ ସମିତି କିଣୁଛି ବୋଲି ମାନେଶ୍ୱର ସେବା ସମବାୟ ସମିତି ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ ଚାଷୀମାନଙ୍କୁ କହିଥିଲେ। ସମିତି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଏଆର୍‌ସିଏସ୍ ମମତା ରାନି କୁଜୁର, ଏସଏଆର୍‌ସିଏସ୍ ସୁଶିଲ କୁମାର ମିଶ୍ର ଯୋଗ ଦେଇଥିଲେ। ସମ୍ପାଦକ ଶେଷଦେବ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ସମବାୟ ସମିତି ନିର୍ଦ୍ଦେଶକ ଚନ୍ଦ୍ରକୁମାର ପୁରୋହିତ, ମାନଭଞ୍ଜନ ପଶାୟତ, ଜଗନ୍ନାଥ ଦିକ୍ଷିତ, ବିଜୟ କୁମାର ବହେରା, ସୁଦର୍ଶନ ମହାପାତ୍ର, ସୁଷମା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଅଧିକାରିଣୀ ନିହାରିକା ବିଶ୍ୱାଳ ଯୋଗ ଦେଇ ବିଭିନ୍ନ ଚାଷ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅର୍ଜୁନ ମେହେର, ଡିଲେଶ୍ୱର ରନବିଡା, କୃପାରକର ପଟ୍ଟା, ନିଳାମ୍ବର ଅନ୍ଧଧୁଆଁଙ୍କ ସମେତ ମୋଟ ୧୧ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା।

# ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁର,୨୯।୩(ବ୍ୟୁରୋ)


ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ପ୍ରତିଯୋଗିତାର ଏକ ଇଭେଣ୍ଟ ।

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ବୁଧବାର ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଓ ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆୟୋଜିତ ପ୍ରତିଯୋଗିତାକୁ ମୁଖ୍ୟଅତିଥି ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା, ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ଓ ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ ଯୋଗଦାନ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବା ପରେ ପ୍ରତିଯୋଗିତା ହୋଇଥିଲା। ୧୪ରୁ ୧୭ ବର୍ଷରୁ କମ୍ ବାଳିକାବାଳକ ବିଭିନ୍ନ ଇଭେଣ୍ଟରେ ଭାଗନେଇଥିଲେ। ପ୍ରତିଯୋଗିତାରେ ସମ୍ବଲପୁର, ଝାରସୁଗୁଡ଼ା,ବଲାଙ୍ଗୀର, ଦେବଗଡ଼, ଗଞ୍ଜାମ, ଖୋର୍ଦ୍ଧା, ବୌଦ୍ଧ, କଟକ ପ୍ରଭୃତି ଦଶଟି ଜିଲାର ୮୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବାଳିକା ଓ ବାଳକ ବର୍ଗରେ ୪୦୦ ମିଟର ଫ୍ରି ଷ୍ଟାଇଲ, ୨୦୦ ମିଟର ବଟର ଫ୍ଲାଏ, ୨୦୦ ମିଟର ବେକ ଷ୍ଟ୍ରୋକ, ୨୦୦ ମିଟର ଫ୍ରି ଷ୍ଟାଇଲ ସନ୍ତରଣ ପ୍ରତିଯୋଗିତା ହୋଇଥିଲା। ଗୁରୁବାର ପ୍ରତିଯୋଗିତା ଶେଷ ହେବ। ଏହି ପ୍ରତିଯୋଗିତା ପରିଚାଳନା ପାଇଁ କେନ୍ଦ୍ରୀୟ ଅଧିକାରୀ ୮, ରାଜ୍ୟ ଅଧିକାରୀ ୨୦ ଓ ଜିଲା ଅଧିକାରୀ ୧୦ ଜଣ ହିସାବରେ ମୋଟ ୧୨୫ଜଣ ଯୋଗ ଦେଇଛନ୍ତି। ଉତ୍ସବକୁ ଶିକ୍ଷକ ଅସିମ ପ୍ରଧାନ ପରିଚାଳନା କରିଥିବାବେଳେ ପୁରୁଣା ବଲାରଙ୍ଗା ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଦେଷ୍ଟା ବୋର୍ଡ ସୁପାରିସ କ୍ରମେ ମଜୁରି ବୃଦ୍ଧି ଦାବି

ସମ୍ବଲପୁର,୨୯।୩(ବ୍ୟୁରୋ)

ରାଜ୍ୟ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କମିଟି ସୁପାରିଶକୁ ଶୀଘ୍ର ବିଚାର କରିବାକୁ ଦାବୀ ହେଉଛି। ମଜୁରି ଉପଦେଷ୍ଟା ବୋର୍ଡ ବୈଠକ ପରେ ମାର୍ଚ୍ଚ ୨୦ରେ ଶ୍ରମ କମିଶନର ବିଭାଗୀୟ ଶାସନ ସଚିବଙ୍କୁ ପଠାଇଛନ୍ତି। ତେଣୁ ରାଜ୍ୟ ସରକାର ଆବଶ୍ୟକୀୟ ବିଧି ସମ୍ପନ୍ନ କରି ସର୍ବନିମ୍ନ ମଜୁରି ସଂଶୋଧନ କରିବାକୁ ରାଜ୍ୟ ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଦାବି କରିଛନ୍ତି।

ସେ କହିଛନ୍ତି, ୨୦୧୮ ଅକ୍ଟୋବର ୩୦ରେ ରାଜ୍ୟ ସରକାର ତାଙ୍କର ବିଜ୍ଞପ୍ତି ସଂଖ୍ୟା ୭୩୧୨ ଅନୁଯାୟୀ ୮୯ ପ୍ରକାର ନିଯୁକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ସଂଶୋଧିତ ମଜୁରି ହାର ଘୋଷଣା କରିଥିଲେ। ଇତିମଧ୍ୟରେ ୫ବର୍ଷ ସମୟ ଅତିକ୍ରାନ୍ତ ହେବାକୁ ବସିଛି। କୋଭିଡ୍ ମହାମାରୀ, ଅର୍ଥନୈତିକ ମାନ୍ଦାବସ୍ଥା, ଦରଦାମ ବୃଦ୍ଧି, ଜିଏସ୍‌ଟି ଟିକସ ବୃଦ୍ଧି ଲାଗୁ ହେବା ଫଳରେ ଶ୍ରମିକମାନେ ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଏହି ଦୃଷ୍ଟିରୁ ସର୍ବନିମ୍ନ ମଜୁରି ସଂଶୋଧନ ହେବା ଉଚିତ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ହିନ୍ଦ୍ ମଜଦୁର ସଭା ସମେତ ବିଭିନ୍ନ ଜାତୀୟ ଟ୍ରେଡ ୟୁନିଅନ ଶ୍ରମ ବିଭାଗ ତଥା ରାଜ୍ୟ ସରକାରଙ୍କୁ ଦାବି କରିଆସୁଛନ୍ତି। ଉପଦେଷ୍ଟା ବୋର୍ଡ ତାଙ୍କର ୫୩ତମ ବୈଠକରେ ଗତ ଫେବୃୟାରୀ ୧୩ ତାରିଖର ପ୍ରସ୍ତାବ ପାରିତ ହୋଇଥିଲା। ଦୈନିକ ସର୍ବନିମ୍ନ ମଜୁରି ୪ ପ୍ରକାର ଶ୍ରମିକ ଯଥା ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକମାନଙ୍କ ପାଇଁ ଯଥାକ୍ରମେ ୪୦୦ଟଙ୍କା ଯାହାକି ଶତକଡା ୪୨.୫ ଭାଗରୁ ଆରମ୍ଭ କରି ୫୫୦ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟକରି ସରକାରଙ୍କୁ ସୁପାରିଶ କରିଛନ୍ତି। ସରକାର ଚାହିଁଲେ ଏହାର ବୃଦ୍ଧି ମଧ କରିପାରିବେ। ସର୍ବନିମ୍ନ ମଜୁରୀ ଘୋଷଣା ବା ସଂଶୋଧନ ଅତି ବିଳମ୍ବ ହୋଇଥିବା ଦୃଷ୍ଟିରୁ ସରକାର ବିଧିବଦ୍ଧ ଘୋଷଣା ବିଳମ୍ବ ହେଲେ ମଧ ମେ ୧ରେ ଐତିହାସିକ ଆନ୍ତର୍ଜାତିକ ଶ୍ରମିକ ଦିବସରେ ପିଛିଲା ଭାବେ ଘୋଷଣା କରିବାକୁ ସଭାପତି ମହାନ୍ତି ଦାବି କରିଛନ୍ତି।

# ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ମେଧାବୃତ୍ତି ପ୍ରଦାନ


 କାର୍ଯ୍ୟକ୍ରମରେ ହିଣ୍ଡାଲକୋର ଅଧିକାରୀ ଓ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨୯।୩(ବ୍ୟୁରୋ)

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ହୀରାକୁଦ ଅଞ୍ଚଳର ୨୦୨୨ବର୍ଷରେ ମାଟ୍ରିକ ପାସ କରିଥିବା ୧୧ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଧା ବୃତ୍ତି ପ୍ରଦାନ କରାଯାଉଛି। ନିକଟସ୍ଥ ପଥର ଲାଇନର ଜୟନ୍ତ କୁମାର ଲରିଆ, ରାଜାପଡାର ଦୀପଞ୍ଜଳି ଓରାମ, ଗୁଜାତଳର ଆୟୁଷ କୁମାର ବଡ଼ଟିୟା, ମାଛପଡାର ଶୁଭମ ପାଲ, ହୀରାକୁଦର ଶ୍ରୀୟା ମହାନ୍ତ, ଝାଙ୍କରପଡାର ଅଖିଳ କୁମାର ନାୟକ, ଗୁନ୍ଦୁରୁପଡାର ଅର୍ପିତା ପ୍ରଧାନ, ଚକ୍ରବର୍ତ୍ତୀପଡାର ସିଦ୍ଧାନ୍ତ ଶେଖର ଦାସ, ଲେବର କଲୋନୀର ରୋହନ ମହାନ୍ତି, ଆଇଟିଆଇ ଗୁଜାତଳର କେ.ଆର୍. ଅମିଶ ରଞ୍ଜନ ପ୍ରମୁଖ ଏହି ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ବର୍ଷ ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉପରୋକ୍ତ ଛାତ୍ରୀଛାତ୍ର ଚୟନ ହୋଇ ପୁରସ୍କୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ସିଏସ୍ଆର୍ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ବିଘ୍ନେଶ୍ୱର ପଣ୍ଡା, ମାନସ ରଥ, ବିଷ୍ଣୁ ଶଶିନ୍ଦ୍ରନ, ଆନନ୍ଦଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ସିଏସ୍ଆର ବିଭାଗର ସନ୍ତୋଷ କୁମାର ତ୍ରିପାଠୀ, ଜୟଶ୍ରୀ ରାଓ ପ୍ରମୁଖ ପରିଚାଳନା କରିଥିଲେ।

# ଦୁଗ୍ଧ ସଂଘର ପରିଚାଳନା ପରିଷଦ ବୈଠକ


ସମଲେଶ୍ୱରୀ ଦୁଗ୍ଧ ସଂଘର ୧୦୦ତମ ପରିଚାଳନା ପରିଷଦ ବୈଠକ।

ସମ୍ବଲପୁର,୨୯।୩(ବ୍ୟୁରୋ)

ସମଲେଶ୍ୱରୀ ଦୁଗ୍ଧ ସଂଘର ୧୦୦ତମ ପରିଚାଳନା ପରିଷଦ (ବୋର୍ଡ) ବୈଠକ ବୁଧବାର ଗୋଶାଳାସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ସଂଘର ପ୍ରଗତି ବିବରଣୀ, ୬ଟି ଜିଲା ସକାଶେ ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ପ୍ରସଙ୍ଗ, ସଂଘର ବୈଧାନିକ ଅଡିଟ ଏବଂ ୨୦୨୩-୨୪ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ ବିଷୟରେ ଉପସ୍ଥାପନ କରାଯାଇଥିଲା। ଦୁଗ୍ଧ ଚାଷୀଙ୍କ ଉନ୍ନତି ନିମେନ୍ତ ଜିଲାସ୍ତରରେ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଦୁଗ୍ଧ ସଂଘ ମାଧ୍ୟମରେ ରୂପାୟିତ କରିବା ଏବଂ ଓଏଲ୍ଏମ୍ ଜରିଆରେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସଂଘର ବୋର୍ଡ ଅଫ ଡାଇରେକ୍ଟରମାନଙ୍କ ସହ ଘାସ ଚାଷ, ଦୁଗ୍ଧ ମୂଲ୍ୟ ଓ ଗାଈ ଗୁହାଳ ବିଷୟକୁ ନେଇ ସିଧାସଳଖ ଆଲୋଚନା କରାଯାଇଥିଲା। ଯେଉଁ ବ୍ଲକ ଓ ପଞ୍ଚାୟତରେ ଦୁଗ୍ଧ ସମିତି ଗଠନ ହୋଇନାହିଁ, ସେଠାରେ ସମିତି ଗଠନ କରିବାକୁ ସ୍ଥିର କରାଯାଇଛି। ନୂତନ ସାଧାରଣ ପରିଚାଳକ ଡ. ସରୋଜ କୁମାର ସାହୁଙ୍କୁ ସଭ୍ୟମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶେଷରେ ସଂଘ ସଭାପତି ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଏମ୍‌ୟୁରେ ଆଲୋଚନାଚକ୍ର

ସମ୍ବଲପୁର,୨୯।୩(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଏମ୍‌ବିଏ ବିଭାଗ ପକ୍ଷରୁ ଅଧାପନା ପ୍ରକୋଷ୍ଠ-୧୦ଠାରେ ସମାଜ, ପୃଥିବୀ ଏବଂ ଲାଭ: ଏକ ସାମ୍ବାଦିକତା ସ୍ଥାୟୀ ବିକାଶ ଲକ୍ଷ୍ୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ୟୁ କୁଳପତି ପ୍ରଫେସର ଡ. ବିଦ୍ୟୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ପ୍ରିୟବ୍ରତ ପଣ୍ଡା ଅତିଥିମାନଙ୍କ ପରିଚୟ ଓ ପ୍ରଫେସର ଶ୍ୟାମା ଚରଣ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଦ କମର୍ସ କଥା ପତ୍ରିକା ଓ ଷାଣ୍ମାସିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ମ୍ୟାନେଜମେଣ୍ଟ ବିଭାଗର ସହକାରୀ ଅଧାପିକା ଶିବାନୀ ଶର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାକ୍ତନ ପ୍ରଫେସର ଡ. ପ୍ରତାପଚନ୍ଦ୍ର ତ୍ରିପାଠୀ, ଫାଇନାନ୍ସ ବିଭାଗର ସହକାରୀ ଅଧାପକ ଡ଼ ଅଭିମନ୍ୟୁ ସାହୁ, ସହକାରୀ ଅଧାପକ ଡ. ଜ୍ଞାନ ରଞ୍ଜନ ବଳ ଉପସ୍ଥିତ ଥିଲେ।

# ‘କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବଦ୍ଧପରିକର’

ନାକଟିଦେଉଳ,୨୯।୩(ଡ଼ି.ଏନ.ଏ.)



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବଦ୍ଧପରିକର। ସମବାୟ ବିଭାଗ ବିଭିନ୍ନ ଯୋଜନା ମାଧମରେ କୃଷକମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛି। ସାର, ଔଷଧ, ବିହନ ସହ କୃଷିଋଣ ଯୋଗାଇ ଦେଇଆସୁଛି। ଚାଷୀମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏହାର ସୁଫଳ ନେବାକୁ ରେଢାଖୋଲ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ କହିଛନ୍ତି। ନାକଟିଦେଉଳ ବ୍ଲକ ଡ଼ଇଁଚା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ବୁଧବାର ତେନ୍ତୁଳିପଦାଠାରେ ଅନୁଷ୍ଠିତ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ କୃଷିଋଣ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ପୂଜାରୀ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡ଼ି ସରକାର ଅମଳରେ ନାକଟିଦେଉଳ ବ୍ଲକ ଅଞ୍ଚଳର ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଗତ ୧୦ବର୍ଷ ମଧ୍ୟରେ ବହୁ ବିକାଶ ଘଟିଛି। ଏହି ବିକାଶଧାରା ଆଗକୁ ମଧ ଜାରି ରହିବ। ଡ଼ଇଁଚା ସମବାୟ ସମିତିର ସଭାପତି ପ୍ରହ୍ଲାଦ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ରେଢାଖୋଲ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ଗିରିଶ୍ଚନ୍ଦ୍ର ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମବାୟ ବିଭାଗରେ ଚାଷୀମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ବିନା ସୁଧରେ ଚାଷୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ, ୧ଲକ୍ଷରୁ ଅଧିକା ହେଲେ ୨ପ୍ରତିଶତ ସୁଧରେ ଋଣ ବିଷୟରେ ସୂଚନା ଦେଇଥିଲେ। ବ୍ଲକ ବିଜେଡ଼ି ସଭାପତି ମୂଳିଆ ରାଉଳ, ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ନାକଟିଦେଉଳ ଶାଖାର ପ୍ରଶାସନିକ ନିରୀକ୍ଷକ ନିହାର ରଞ୍ଜନ ସାହୁ, ଶ୍ରମିକ ନେତା ଅନାଦି ଚରଣ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମିତି ପକ୍ଷରୁ ୪ଜଣ ଚାଷୀ ଗଗନ ବିହାରୀ ଧଳ, ଅଲେଖ ଚନ୍ଦ୍ର ସାହୁ, ଜ୍ୟୋତିନ୍ଦ୍ର ପ୍ରଧାନ ଓ ଜିତେନ୍ଦ୍ରିୟ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। କିସିଣ୍ଡା ସମବାୟ ସମିତି ସମ୍ପାଦକ ଅକ୍ଷୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଡ଼ଇଁଚା ସମବାୟ ସମିତି ସମ୍ପାଦକ ଆର୍ତ୍ତତ୍ରାଣ ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏଲ୍‌ଆଇସି ପକ୍ଷରୁ ହୁଇଲ ଚେୟାର ପ୍ରଦାନ

ସମ୍ବଲପୁର,୨୯।୩(ବ୍ୟୁରୋ)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ହୁଇଲ ଚେୟାର ପ୍ରଦାନ କାର୍ଯ୍ୟକ୍ରମ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନାକୁ ଚିକିତ୍ସା ସକାଶେ ଆସୁଥିବା ଦିବ୍ୟାଙ୍ଗ ଓ ବୃଦ୍ଧ ରୋଗୀ ଏହି ହୁଇଲ ଚେୟାର ବ୍ୟବହାର କରିପାରିବେ। ଏହାଦ୍ୱାରା ସେମାନଙ୍କୁ ଡାକ୍ତରଖାନା ଭିତରକୁ ଯିବାଆସିବାରେ କୌଣସି ଅସୁବିଧା ହେବ ନାହିଁ। କାର୍ଯ୍ୟକ୍ରମରେ ଏଲ୍‌ଆଇସି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ବି.ଏଲ୍. ଦାଶ ଯୋଗଦେଇ ୫ଟି ହୁଇଲ ଚେୟାର ପ୍ରଦାନ କରିଥିଲେ। ଡା. ବିଶ୍ୱରଞ୍ଜନ ପତି, ଡା. ଦୁର୍ଗାଦତ୍ତ ଦାଶ, ଏଲ୍‌ଆଇସି ସେଲ୍‌ସ ମ୍ୟାନେଜର ଶରତ କୁମାର ପଣ୍ଡା ଉପସ୍ଥିତ ଥିଲେ ।


କାର୍ଯ୍ୟକ୍ରମରେ ଡାକ୍ତରଙ୍କ ସହ ଏଲ୍‌ଆଇସି ଅଧିକାରୀ।

# ସାମାଜିକ ସମୀକ୍ଷା ଜନଶୁଣାଣି

କୁଚିଣ୍ଡା,୨୯।୩(ଡି.ଏନ.ଏ.)



ଶିବିରରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା କରାଯାଇ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଉପଜିଲାପାଳ ବିଭୂତିଭୂଷଣ ନାୟକଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଉପାଧକ୍ଷା ରଶ୍ମିତା ନାଏକ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବିଡିଓ ନିରଞ୍ଜନ ସା, ଅତିରିକ୍ତ ବିଡିଓ ସହଦେବ ନନ୍ଦ ପ୍ରମୁଖ ଯୋଗଦେଇ ୨୦୨୨-୨୩ ଆର୍ଥିକ ବର୍ଷର ସମୀକ୍ଷା କରିଥିଲେ। ଏପିଓ ପ୍ରଜ୍ଞା ସାମଲ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୬-୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷରେ ହୋଇଥିବା କାର୍ଯ୍ୟର ସୂଚନା ଦେବା ସହ ବିବରଣୀ ଉପସ୍ଥାପନ କରିଥିଲେ। ୧୭ଗୋଟି ପଞ୍ଚାୟତରେ ହୋଇଥିବା ଆବାସ ଯୋଜନା ଓ ବିଭିନ୍ନ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଉପରେ ଉପଜିଲାପାଳ ଅସନ୍ତୋଷ ପ୍ରକାଶ କରି ଶୀଘ୍ର ସାରିବାକୁ ବିଭାଗୀୟ କର୍ମଚାରୀଙ୍କୁ ତାଗିଦ କରିଥିଲେ। କୁଚିଣ୍ଡା ବ୍ଲକରେ ୧୪,୫୫୨ ଜବ୍‌କାର୍ଡ ରହିଥିବା ବେଳେ ୧୧,୩୮୯ ଜବ୍‌କାର୍ଡ ସକ୍ରିୟ ଥିବା ଓ ୨୭,୪୨୨ ୱାର୍କରଙ୍କ ମଧ୍ୟରୁ ୧୯,୯୧୦ ୱାର୍କର ସକ୍ରିୟ ଥିବା ଜନଶୁଣାଣିରେ ଜଣାପଡିଥିଲା । ସେହିପରି ୩,୭୯,୫୯୩ମୋଟ ଶ୍ରମ ଦିବସରୁ ୧,୮୫,୦୪୪ ଶ୍ରମ ଦିବସ କାର୍ଯ୍ୟକାରୀ ହୋଇଥିବା ଜଣାଯାଇଛି ।୩୩୨ପ୍ରକଳ୍ପର କାର୍ଯ୍ୟାରମ୍ଭ ହୋଇଥିବା ବେଳେ ଏଯାବତ ୧୮ଗୋଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବ୍ଲକରେ ୪୩୮ଜଣ ୧୦୦ଦିନର କାମ ସମ୍ପୂର୍ଣ୍ଣ କରିଥିବା ସୂଚନା ଦିଆ ଯାଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ରିସୋର୍ସ ପର୍ସନ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

**ଭାଜପାକୁ ହଟାଇବାକୁ ସବୁ ଦଳ ଏକାଠି ହୁଅନ୍ତୁ: ମମତା**

**କୋଲକାତା:** ଭାଜପାକୁ ଗାଦିଚ୍ୟୁତ କରି ଦେଶର ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଦେଶର ସମସ୍ତ ନାଗରିକ ଆଗେଇ ଆସନ୍ତୁ। ଏହାସହ ଭାଜପା ସରକାରକୁ ହଟାଇବା ପାଇଁ ସମସ୍ତ ଦଳ ଏକଜୁଟ ହେବା ଜରୁରୀ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କୋଲକାତାଠାରେ କହିଛନ୍ତି।





ନୂଆଦିଲ୍ଲୀର ପାର୍ଲାମେଣ୍ଟ ପରିସରରେ ବୁଧବାର ତୃଣମୂଳ କଂଗ୍ରେସ ଏମ୍‌ପିମାନେ 'ସେଭ୍ କନ୍‌ଷ୍ଟିଚ୍ୟୁଶନ୍' ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବାଚାଳାମି ଛାଡ଼ନ୍ତୁ ବିରୋଧୀଦଳ ନେତା: ଅରୁଣ

**ନବ ଦାସ ହତ୍ୟା ପ୍ରସଙ୍ଗ**

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିଧାନସଭାରେ ବହୁବାର ଆଲୋଚନା ହୋଇ ସାରିଥିଲେ ମଧ୍ୟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମନଗଢ଼ା କାହାଣୀ ଗପି ଚାଲିଛନ୍ତି। ଏଥିରୁ ରାଜନୈତିକ ଫାଇଦା ନେବାକୁ ବିଧାନସଭାକୁ ବନ୍ଦ କରୁଛନ୍ତି। ଫଳରେ ବିଧାନସଭାରେ ଓଡ଼ିଶାବାସୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇ ପାରୁନାହିଁ। ତେଣୁ ଏଭଳି ବାଚାଳାମି ଓ ପାଗଳାମିରୁ ବିରୋଧୀ ଦଳ ନେତା କ୍ଷାନ୍ତ ରହିବା ଉଚିତ ବୋଲି ବିଜେଡିର ବରିଷ୍ଠ ନେତା ବିଧାୟକ ଅରୁଣ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ବିଧାନସଭାରେ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ବିରୋଧୀ ଦଳ ନେତା ଓ ଅନ୍ୟ ଭାଜପା ବିଧାୟକମାନେ ବହୁବାର ପ୍ରଶ୍ନ କରିଛନ୍ତି, ମୁଲତବୀ ପ୍ରସ୍ତାବ ଆଣିଛନ୍ତି, ଗୃହ ବିଭାଗର ଆଲୋଚନା ବେଳେ ଏହି ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଛି, ଯେକୌଣସି ବିଭାଗର ଆଲୋଚନାବେଳେ ମଧ୍ୟ ସେମାନେ ଟାଣିଓଟାରି ଏକଥା ପକାଇଛନ୍ତି। ଯେଉଁମାନଙ୍କର ଟିକେ ପାଗଳାମି ଥାଏ, ସେମାନେ ଗୋଟିଏ କଥାକୁ ବାରମ୍ବାର କହି ଚାଲିଥା'ନ୍ତି। ଠିକ୍ ସେମିତି ବିରୋଧୀ ଦଳ ନେତା ଅଭ୍ୟାସଗତ କାହାଣୀକାର ଭଳି ଏହି ଗୋଟିଏ ପ୍ରସଙ୍ଗରେ ମନଗଢ଼ା କାହାଣୀ ଗପି ଚାଲିଛନ୍ତି। ଏଥିରୁ ଜଣାପଡୁଛି ଯେ, ସେ ମାନସିକ ସ୍ତରରେ ଅସୁସ୍ଥ ହୋଇ ଯାଇଛନ୍ତି। କେତେବେଳେ କ'ଣ କହୁଛନ୍ତି ତାହା ନିଜେ ଜାଣିପାରୁନାହାନ୍ତି। କେନ୍ଦ୍ର ସରକାରଙ୍କ ମୁଖ୍ୟ ତଦନ୍ତକାରୀ ସଂସ୍ଥା ସିବିଆଇ କେତେଥର ଲୋଡ଼ିଛି, ବିରୋଧୀ ଦଳ ନେତା ତାହା ଯଦି ଜାଣନ୍ତି ନାହିଁ, ତେବେ ନିଜ ଦଳର କେନ୍ଦ୍ରୀୟ ନେତାମାନଙ୍କୁ ପଚାରନ୍ତୁ। ଏ ବିଷୟରେ କିଛି ମନ୍ତବ୍ୟ ଦେବା ପୂର୍ବରୁ ସେ ଆଗ ସେମାନଙ୍କଠାରୁ ବୁଝନ୍ତୁ। ଯଦି ସେ ଭାବୁଥା'ନ୍ତି ଯେ ବିଧାନସଭା କେବଳ ଗୋଟିଏ ଘଟଣାକୁ ନେଇ ଚାଲିବ, ଓଡ଼ିଶାବାସୀଙ୍କର ଆଉ ଅନ୍ୟାନ୍ୟ ପ୍ରସଙ୍ଗ ତାଙ୍କ ପାଇଁ ମୂଲ୍ୟହୀନ ବୋଲି ମନେ କରି ସେ ବିଧାନସଭାରେ ଆଲୋଚନା କରାଇଦେବାକୁ ଚାହୁଁ ନ ଥା'ନ୍ତି, ତାହେଲେ ଏହା ଅତ୍ୟନ୍ତ ରୁଗ୍ଣ ମାନସିକତାର ପରିଚୟ। ନବ ଦାସଙ୍କ ହତ୍ୟା ମାମଲାରୁ ରାଜନୈତିକ ଫାଇଦା ନେବା ଲାଗି ଜୟନାରାୟଣ ବାବୁ ଆପ୍ରାଣ ଚେଷ୍ଟା କରିଥିଲେ। ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ ବିଧାନସଭାରେ ବିବୃତି ରଖି ସବୁ କଥା ସ୍ପଷ୍ଟ କଲା ପରେ ମଧ୍ୟ ସେ ହୀନ ରାଜନୀତି କରୁଛନ୍ତି ବୋଲି ଅରୁଣ କହିଛନ୍ତି।

# ଭଲ ପ୍ରଦର୍ଶନ ନେଇ ସବୁ ଦଳର ଦୃଢ଼ୋକ୍ତି

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ଆସନ୍ତା ମେ ୧୦ ତାରିଖରେ ହେବା ନେଇ ବୁଧବାର ଘୋଷଣା ହେବା କ୍ଷଣି ରାଜନୈତିକ ଚର୍ଚ୍ଚା ଆଲୋଚନା ଜୋର୍ ଧରିବାରେ ଲାଗିଛି। ସବୁ ଦଳ ଏବେ କାହାକୁ ପ୍ରାର୍ଥୀ କରିବେ କିପରି ରଣନୀତି ପ୍ରସ୍ତୁତି କରିବେ ବର୍ତ୍ତମାନ ଏହିଭଳି ଅନେକ କଥା ନେଇ ଆଲୋଚନା ଜୋର୍ ଧରିଲାଣି। ତେବେ ଏହା ଭିତରେ ବିଜେଡି ନବ ଦାସଙ୍କ ଝିଅକୁ ପ୍ରାର୍ଥୀ କରିପାରେ ବୋଲି ଅଧିକାଂଶ ସ୍ଥାନରେ ଚର୍ଚ୍ଚା ଚାଲିଛି। କାରଣ ନବ ଦାସଙ୍କ ସହ ଝିଅ ଦୀପାଳି ବିଭିନ୍ନ ରାଜନୈତିକ ସଭା ଏବଂ କାର୍ଯ୍ୟକ୍ରମରେ ଯୋଗଦେଉଥିଲେ। ନବଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କ ଝିଅ ବିଭିନ୍ନ ସ୍ଥାନରେ ରାଜନୈତିକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି। ଅନ୍ୟପଟେ ଭାଜପାର ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ରାଜନୈତିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ହେଲେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ସେନେଇ

**ପ୍ରାର୍ଥୀ ଲାଗି କଂଗ୍ରେସ ଗଠନ କଲା କମିଟି**

ସ୍ଥିର କରି ନ ଥିବାବେଳେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛି। ତେବେ ନବ ଦାସଙ୍କ ହତ୍ୟା ଘଟଣା ପଛରେ ମୁଖ୍ୟ କାରଣ କ'ଣ ତାହା ବିରୋଧୀଙ୍କ ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଆଲୋଚନା ହେଉଛି।

ବିଜେଡି ବିଧାୟକ ଦେବୀ ମିଶ୍ର କହିଛନ୍ତି, ଧାମନଗର ପରାଜୟ ପରେ ବିଜେଡି ବିରୋଧରେ ଅନେକ କଥା କୁହାଯାଉଥିଲା। ଏମିତି କୁହାଗଲା ଯେ ବିଜେଡି ଶେଷ ହୋଇଗଲା କିମ୍ବା ପଛକୁ ଚାଲିଗଲା। ହେଲେ ପଦ୍ମପୁର ଉପନିର୍ବାଚନରେ ବିରାଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିବାରେ ସବୁ କିଛି ପ୍ରମାଣିତ ହୋଇଗଲା। ଝାରସୁଗୁଡ଼ାରେ ମଧ୍ୟ ତାହା ପ୍ରମାଣିତ ହେବ ବୋଲି ଦେବୀ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ଉପନିର୍ବାଚନ ଲାଗି ଭାଜପା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଭାଜପା ଏହି ଉପନିର୍ବାଚନରେ ଜୋର୍‌ଦାର ଲଢ଼େଇ କରିବ। ଦଳ ଜିତିବା ଲାଗି ବୁଥ୍‌ସ୍ତରରୁ ସଙ୍ଗଠନକୁ ମଜଭୁତ କରାଯାଇଥିବା ମୋହନ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ପିସିସି ପକ୍ଷରୁ ଏକ ସିଲେକ୍ସନ କମିଟି ଗଠନ କରାଯାଇଛି। ଏଥିରେ କେତେଜଣ ପର୍ଯ୍ୟବେକ୍ଷକଙ୍କୁ ରଖାଯାଇଛି। ସେହି କମିଟି ଝାରସୁଗୁଡ଼ା ଯାଇ ଲୋକମାନଙ୍କ ସହ କର୍ମୀଙ୍କ ସହ ଆଲୋଚନା କରିବା ପରେ ପ୍ରାର୍ଥୀ କାହାକୁ କରାଯିବ ସେନେଇ ସ୍ଥିର କରାଯିବ। କଂଗ୍ରେସ ଏହି ଉପନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଶରତ କହିଛନ୍ତି।

**ଝାରସୁଗୁଡ଼ା ଉପନିର୍ବାଚନ ତାରିଖ ଘୋଷଣା ପରେ...**

**ହତ୍ୟାକାଣ୍ଡ ଦିନ ଉପନିର୍ବାଚନ ଘୋଷଣା**

# ବିଜେଡିର ଭରସା ନବ ପରିବାର, ଭାଜପାର ଟଙ୍କଧର

ସମ୍ବଲପୁର,୨୯।୩(ବ୍ୟୁରୋ)

ଜାନୁୟାରୀ ୨୯ରେ ଝାରସୁଗୁଡା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟା କରାଯାଇଥିଲା। ଘଟଣାକୁ ଠିକ୍ ଦୁଇମାସ ବିତିଥିବାବେଳେ ବୁଧବାର ଭାରତର ନିର୍ବାଚନ କମିଶନ ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏପ୍ରିଲ ୨୦ରେ ନାମାଙ୍କନ ଦାଖଲ, ୨୩ ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହ ମେ ୧୦ରେ ମତଦାନ ଓ ମେ ୧୩ରେ ଭୋଟ ଗଣତି ହେବ।

ତାରିଖ ଘୋଷଣା ହେବା ପରେ ଝାରସୁଗୁଡ଼ା ରାଜନୀତି ସରଗରମ ହୋଇଉଠିଛି। ତିନି ପ୍ରମୁଖ ଦଳ ସମ୍ମାନ ପାଇଁ ପ୍ରାର୍ଥୀ ଦେଇ ନିର୍ବାଚନ ମଇଦାନକୁ ଓହ୍ଲାଇବେ। ବିଜେଡି ପକ୍ଷରୁ ନବ ଦାସଙ୍କ ଝିଅ ଦୀପାଳି କିମ୍ବା ପୁଅ ବିଶାଳଙ୍କୁ ଟିକେଟ ଦେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଅନ୍ୟପଟେ ଭାଜପା ପକ୍ଷରୁ ରାଜ୍ୟ ସମ୍ପାଦକ ଥିବା ଟଙ୍କଧର ତ୍ରିପାଠୀଙ୍କ ନାମ ଚର୍ଚ୍ଚାରେ ରହିଥିବା ବେଳେ ଦିନେଶ ଜୈନ ଓ ବିଜେଡିରୁ ଆସିଥିବା ଦୀନଦୟାଲଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଦିନେଶ ଗତ ନିର୍ବାଚନରେ ନବଙ୍କଠାରୁ ପରାଜିତ ହୋଇଥିଲେ। ଅନ୍ୟପଟେ କଂଗ୍ରେସରେ ମହେନ୍ଦ୍ର ନାଏକଙ୍କ ନାମ ଆଗରେ ରହିଛି। ଝାରସୁଗୁଡାରେ ସ୍ୱର୍ଗତ ନବ ଦାସଙ୍କ ଯେଭଳି ଲୋକପ୍ରିୟତା ହାସଲ କରିଥିଲେ ଓ ତାଙ୍କର ଯେପରି ସଂଗଠନ ଥିଲା ଅନ୍ୟ ଦଳର ନେତାମାନଙ୍କ ସେଭଳି ନ ଥିବା ଜଣାପଡୁଥିଲା। ନବଙ୍କୁ ଯେଉଁମାନେ ଭୟଭୀତ ହୋଇ ଦଳରେ ଥିଲେ ସେମାନେ ଏବେ ଦଳଛାଡି ଅନ୍ୟ ଦଳକୁ ସମର୍ଥନ କରିବେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ତାଙ୍କ ପରିବାର ସଦସ୍ୟଙ୍କୁ ବିଜେଡି ପ୍ରାର୍ଥୀ କଲେ ଝାରସୁଗୁଡାବାସୀ କିଭଳି ଗ୍ରହଣ କରିବେ ତାହା ନିର୍ବାଚନ ଫଳାଫଳ ପ୍ରକାଶ ପରେ ସ୍ପଷ୍ଟ ହୋଇଯିବ। ଅନ୍ୟପଟେ ଭାଜପାର ଆଶାୟୀ ପ୍ରାର୍ଥୀ ତ୍ରିପାଠୀ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ପରିଚୟ ସୃଷ୍ଟି ଲାଗି ଚେଷ୍ଟା କରିଛନ୍ତି। ହେଲେ ଭାଜପାର ଅନ୍ୟ ଏକ ଗୋଷ୍ଠୀ ଟଙ୍କଙ୍କୁ ବିରୋଧ କରିଥିବା ନଜିର ରହିଛି। ବିରୋଧ କରୁଥିବା ଗୋଷ୍ଠୀ ରାଜ୍ୟସ୍ତରୀୟ ନେତାମାନଙ୍କ ପାଖରେ ମଧ୍ୟ ଅଭିଯୋଗ କରିଛନ୍ତି। ହେଲେ ଟଙ୍କ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅନୁଗତ ହୋଇଥିବାରୁ ଟିକେଟ ପାଇବାର ଅଧିକ ଆଶା ରହୁଛି ବୋଲି ଆଲୋଚନା ହେଉଛି।

ନବଙ୍କ ଝିଅ ଦୀପାଳି କହିଛନ୍ତି, ଆଜି ଦିନ ଆମ ପରିବାର ପାଇଁ ଦୁଃଖର ଦିନ। ବାପା ସବୁଦିନ ପାଇଁ ଆଖି ବୁଜିଥିଲେ। ସମାନ ତାରିଖରେ ଉପନିର୍ବାଚନ ଘୋଷଣା ହୋଇଛି। ଝାରସୁଗୁଡା ପାଇଁ ବାପାଙ୍କ ଅବଦାନ ଅତୁଳନୀୟ ଥିଲା। ସେ ସବୁବେଳେ ଝାରସୁଗୁଡାବାସୀଙ୍କ ସାଥିରେ ଥିଲେ। ତେଣୁ ଯିଏ ବି ବିଜେଡି ପ୍ରାର୍ଥୀ ହେବେ ତାଙ୍କ ସହ କାମ କରିବି। ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକେଟ ନିଷ୍ପତ୍ତି ନେବେ। ଆମେ ଲୋକଙ୍କ ସହ ଅଛୁ, ଲୋକଙ୍କ ପାଇଁ କାମ କରିବୁ। ଯିଏ ଟିକେଟ ପାଇବ ସେ ବିଜୟୀ ହେବା ନିଶ୍ଚିତ। ଝାରସୁଗୁଡାବାସୀଙ୍କ ଭଲପାଇବା, ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ତାଙ୍କ ପରିବାର ଉପରେ ଥିବା ସେ କହିଥିଲେ। ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର କହିଛନ୍ତି, ଭାଜପା ଏକ ଗଣତାନ୍ତ୍ରିକ ଦଳ। ଦଳର ସଂସଦୀୟ ବୋର୍ଡ ପ୍ରାର୍ଥୀ ଚୟନ କରିଥାଏ। ଭାଜପାରେ ପରିବାର ବାଦ ନାହିଁ। ଦଳ ଯାହାକୁ ଟିକେଟ ଦେବ ସମସ୍ତେ ସମର୍ଥନ କରିବେ। କୌଣସି ବ୍ୟକ୍ତିର ସ୍ୱପ୍ନ ପୂରା କରିବା ପାଇଁ ଆମ ଦଳ ନିର୍ବାଚନ ଲଢିବ ନାହିଁ। ଝାରସୁଗୁଡାବାସୀଙ୍କ ସ୍ୱପ୍ନ ଓ ମୌଳିକ ଅଧିକାର ପାଇଁ ଦଳ ଲଢେଇ କରିବ ଓ ନିଶ୍ଚିତ ବିଜୟୀ ହେବ ବୋଲି କହିଥିଲେ।

**ବିଧାନସଭା ସମାଚାର**

# ସିବିଆଇ ତଦନ୍ତ ଦାବିରେ ବିଧାନସଭା ଅଚଳ

**ନବ ଦାସ ହତ୍ୟାକାଣ୍ଡ**

- **୬୦ ଦିନ ପରେ ବି ହତ୍ୟାର କାରଣ ଅସ୍ପଷ୍ଟ**
- **ଚପାଇ ଦେବାକୁ ଷଡ଼ଯନ୍ତ୍ର ହେଉଛି: ଜୟନାରାୟଣ**
- **ସର୍ବଦଳୀୟ ବୈଠକ ଫେଲ୍**

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ନବ ଦାସ ହତ୍ୟାକାଣ୍ଡକୁ ଇତିମଧ୍ୟରେ ୨ ମାସ ପୂରିଗଲାଣି। ଏହା ପଛରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। ହତ୍ୟାକୁ ଚପାଇ ଦେବାକୁ ଓଡ଼ିଶା ପୋଲିସ ଉଦ୍ୟମ କରୁଛି। ଏହାର ସିବିଆଇ ତଦନ୍ତ ଦାବିରେ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ହଙ୍ଗାମା କରିଛନ୍ତି। ବୁଧବାର ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ନବ ଦାସଙ୍କ ହତ୍ୟା ପ୍ରସଙ୍ଗ ଉଠାଇଥିଲେ। ସେ କହିଛନ୍ତି, ନବ ଦାସ ହତ୍ୟାକାଣ୍ଡ ଏକ ଷଡ଼ଯନ୍ତ୍ର। ଷାଠିଏ ଦିନ ବିତିଲାଣି। ହତ୍ୟାର ଉଦ୍ଦେଶ୍ୟ ଏବଂ ଏହା ପଛରେ କିଏ ତାହା ଜଣାପଡ଼ିଲା ନାହିଁ। ଏଥିରୁ ଓଡ଼ିଶା ପୋଲିସର ପାରିବାପଣିଆ ଜଣାପଡୁଛି। ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରାଯାଉଛି। ପ୍ରତ୍ୟେକ ହତ୍ୟାର ଉଦ୍ଦେଶ୍ୟ ଥାଏ। ଏହାକୁ ଆପରାଧିକ ଷଡ଼ଯନ୍ତ୍ର ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ କହିଲେ, କିନ୍ତୁ ମୁଖ୍ୟମନ୍ତ୍ରୀ କହିଲେ ନାହିଁ। ରାଜ୍ୟରେ ଏଫ୍‌ବିଆଇ ତଦନ୍ତର ନଜିର ନାହିଁ। ତେଣୁ ଏହା ଏକ ବିଶ୍ୱସ୍ତରୀୟ ହତ୍ୟା, ସେଥିପାଇଁ ବିଶ୍ୱସ୍ତରୀୟ ତଦନ୍ତର ଦାୟିତ୍ୱ ଦେଲେ।

ବିଧାନସଭା ସରିଗଲେ ଅନ୍ୟ ହତ୍ୟାକାଣ୍ଡ ଭଳି ଏହାକୁ ମଧ୍ୟ ଚପାଇ ଦିଆଯିବ। ଏହି ପ୍ରସଙ୍ଗ ଗୃହରେ ବାରମ୍ବାର ଉଠୁଛି। ପୋଲିସ ଗୋଟେ ନୂଆ ନୂଆ କାହାଣୀ କହୁଛି। ଏହାର ନିର୍ଯାସ କିଛି ବାହାରୁ ନାହିଁ, ଗୃହର ଆବଶ୍ୟକତା ବା କ'ଣ। ଆମେ କ'ଣ କରିବୁ। ଜନସାଧାରଣ କ'ଣ କରିବେ। ଯେହେତୁ ଏହି ହତ୍ୟାକାଣ୍ଡ ପଛରେ ବଡ଼ ବଡ଼ ଲୋକଙ୍କ ହାତ ଅଛି, ସେଥିପାଇଁ ସରକାର ଏହାକୁ ତଦନ୍ତ କରିବାକୁ ଚାହୁଁନାହାନ୍ତି। ଏତିକି ବେଳେ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ଘଟଣାର ସିବିଆଇ ତଦନ୍ତ ଦାବି କରି ହୋ ହଲ୍ଲା କଲେ। ଏହି ସମୟରେ ବିରୋଧୀ ଦଳ ନେତାଙ୍କ ସହ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସ୍ୱର ମିଳାଇଲେ। ସେ କହିଲେ, ବିରୋଧୀ ଦଳ ନେତା ଯେଉଁ ପ୍ରସଙ୍ଗ ଉଠାଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସେଥିରେ ମୁଁ ସହମତ। ଗୃହରେ ବାରମ୍ବାର ଏହି ପ୍ରସଙ୍ଗ ଉଠାଯାଉଛି, ଆଜିକୁ ଷାଠିଏ ଦିନ ହୋଇଗଲା। ଏସ୍‌ସିବି ମେଡିକାଲ ଏକ୍ସପର୍ଟ କମିଟି ରିପୋର୍ଟ ଅନୁଯାୟୀ ଗୋପାଳ ପାଗଳ ନୁହେଁ। କିନ୍ତୁ ଗୋପାଳକୁ ପାଗଳ ବନେଇବା ପାଇଁ ସରକାର ପାଗଳ ହୋଇଛନ୍ତି। ଏଫ୍‌ବିଆଇ ତଦନ୍ତ ପାଇଁ ସରକାର ସୁପାରିସ କରିଥିବା କଥା କହୁଛନ୍ତି, ସେହି ତଦନ୍ତରେ ଗୋପାଳ ପାଗଳ କି ନୁହେଁ ତାହାର ତଦନ୍ତ ହେବ। ଷାଠିଏ ଦିନ ପରେ ହତ୍ୟା ଷଡ଼ଯନ୍ତ୍ରର ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିଲା ନାହିଁ ବୋଲି କହି ନରସିଂହ ସରକାରଙ୍କ ଉପରେ ବର୍ଷିଛନ୍ତି। ଅନ୍ୟପଟେ ବିରୋଧୀଙ୍କୁ କାଉଣ୍ଟର କରିଛନ୍ତି ବିଜେଡି ସଭ୍ୟ ଅରୁଣ ସାହୁ। ସେ କହିଛନ୍ତି, ବିଧାନସଭାରେ ବିରୋଧୀଙ୍କ ଅଭିଯୋଗ ଅନୁସାରେ ନବ ଦାସଙ୍କ ହତ୍ୟାକାଣ୍ଡକୁ ନେଇ ସବୁ ଫୋରମରେ ସରକାର ଆଲୋଚନା କରିଛନ୍ତି। ଯେଉଁମାନଙ୍କ ପାଗଳାମି ଥାଏ, ସେମାନେ ଗୋଟେ କଥା ବାରମ୍ବାର କୁହନ୍ତି। ଯେତେବେଳେ ଜଣେ ପାଗଳ ହୋଇଯାଏ, ସବୁବେଳେ ଗୋଟିଏ କଥାକୁ ବାରମ୍ବାର କହେ। ଗୋଟିଏ କଥାକୁ ନେଇ ରାଜନୀତି କରେ। ସେମାନେ ଗୋପାଳକୁ ପାଗଳ କହି କହି ନିଜେ କେତେବେଳେ ପାଗଳ ହୋଇଯିବେ ବୋଲି ଅରୁଣ ସାହୁ କହିଛନ୍ତି। ସିବିଆଇ ତଦନ୍ତ ଦାବିକୁ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୧ଟା ୪୪ରୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୫୩ରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହରୁ ଚାଲିଯିବା କହିବାକୁ ନେଇ କଡ଼ା ଆପତ୍ତି ଉଠାଇଥିଲେ। ସେ କହିଥିଲେ ଯେ, ଗୃହ ଚଳାଇବା ଯେଉଁ ମନ୍ତ୍ରୀଙ୍କର ଦାୟିତ୍ୱ ସେ କହୁଛନ୍ତି ଗୃହରୁ ଚାଲିଯିବୁ। ଗୃହକୁ ମନ୍ତ୍ରୀ ଧମକ ଦେଇ ପାରିବେ କି। ମନ୍ତ୍ରୀ କ୍ଷମାମାଗନ୍ତୁ ବୋଲି ସେ ଦାବି କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ, ଗୃହରୁ ଚାଲିଯିବାକୁ ମୁଁ କହି ନାହିଁ। କଂଗ୍ରେସ ବିଧାୟକ ଦଳ ନେତା କହୁଥିବା ବେଳେ ହାଉସକୁ ଅର୍ଡରକୁ ଆଣିବାକୁ କହିଥିଲି। ଭାଜପା ଓ କଂଗ୍ରେସ ସଭ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ୧୧ଟା ୫୬ରେ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ କୌଣସି ନିର୍ଯାସ ବାହାରି ପାରିଲା ନାହିଁ। ମାତ୍ର ବୈଠକ ଫେଲ୍ ମାରିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟାଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ମଧ୍ୟ ଅନୁରୂପ ଅବସ୍ଥା ହୋଇଥିଲା।

**ବିଧାନସଭାରେ ଉଦ୍‌ବେଗ**

# ରାଜ୍ୟରେ ୯୭ ଶୀତଳଭଣ୍ଡାର ଅଚଳ

- **ଅଚଳକୁ ପୁନଃ କାର୍ଯ୍ୟକ୍ଷମ କରି ହେବ ନାହିଁ: କୃଷିମନ୍ତ୍ରୀ**
- **ନିର୍ମାଣ ହେବ ୧ ହଜାର ମିନି କୋଲ୍ଡ ସେଣ୍ଟର**

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ରାଜ୍ୟରେ ୯୭ ଶୀତଳ ଭଣ୍ଡାର ଅଚଳ ହୋଇପଡ଼ିଛି। ୩୬ଟି କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି। ଯେଉଁ ଶୀତଳ ଭଣ୍ଡାରଗୁଡ଼ିକ ଅଚଳ ରହିଛି, ସେଗୁଡ଼ିକୁ ସଚଳ କରିବା ସମ୍ଭବ ନୁହେଁ। ବିଧାନସଭା ପ୍ରଶ୍ନକାଳରେ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟଙ୍କ ମୂଳ ପ୍ରଶ୍ନରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ ରାଜ୍ୟର କେଉଁ ଜିଲାରେ କେତୋଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଉନାହିଁ। କେତୋଟି ସଚଳ ଅବସ୍ଥାରେ ଅଛି। ଅଚଳଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବାରେ କ'ଣ ସମସ୍ୟା ରହିଛି। ଚାଷୀଙ୍କ ସମସ୍ୟାକୁ ଦୂର କରିବାକୁ ସ୍ୱତନ୍ତ୍ର ପଦକ୍ଷେପ ନେବେ କି। ରାଜ୍ୟରେ ଆଳୁ, ପିଆଜ ଓ ପନିପରିବା ସଂରକ୍ଷଣରେ କିପରି ଅସୁବିଧା ହେଉଛି ସେନେଇ ସଦସ୍ୟମାନେ ଗୃହରେ ପ୍ରକାଶ କରିଥିଲେ।

ମନ୍ତ୍ରୀ କହିଛନ୍ତି, ଅଚଳ ହୋଇପଡ଼ିଥିବା ଶୀତଳ ଭଣ୍ଡାରକୁ ସଚଳ କରିବା ସମ୍ଭବ ନୁହେଁ। କାରଣ ଅଚଳକୁ ସଚଳ କରିବା ବ୍ୟୟବହୁଳ। ସେହି ଟଙ୍କାରେ ନୂଆ ଶୀତଳ ଭଣ୍ଡାର ହୋଇପାରିବ। ରାଜ୍ୟରେ ଶୀତଳ ଭଣ୍ଡାରର ଅଭାବକୁ ଦୂର କରିବା ପାଇଁ ଚଳିତବର୍ଷ ରାଜ୍ୟର ପଞ୍ଚାୟତ ସ୍ତରରେ ୧୦୦୦ଟି ଶୀତଳୀକରଣ ଗୃହ (ମିନି କୋଲ୍ଡ ସେଣ୍ଟର) ନିର୍ମାଣ ପାଇଁ ସରକାର ଯୋଜନା କରିଛନ୍ତି, ଯାହାକି ସୌର ଶକ୍ତି ଦ୍ୱାରା ଚାଲିବ। ଏହାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ପରିଚାଳନା କରାଯିବ। କ୍ଷୁଦ୍ର ଚାଷୀଙ୍କ ନିମନ୍ତେ ୧୦୦ କିଲୋଗ୍ରାମ ସାମଗ୍ରୀ ରହିପାରୁଥିବା ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଏ ବାବଦରେ ସରକାର ୭୦% ରିହାତି ଦେବେ। ଏହାଛଡ଼ା ବେସରକାରୀ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ୫୫% ବା ସର୍ବାଧିକ ୨ କୋଟି ୨୦ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ସେହିପରି ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ୭୦% ଅଥବା ୨ କୋଟି ୮୦ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ଏ ନେଇ ସ୍ଥାନୀୟ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କଲେ ଆବଶ୍ୟକ ସୂଚନା ଓ ସହାୟତା ମିଳୁଛି ବୋଲି ମନ୍ତ୍ରୀ କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଲେ– ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଳୁ, ଟମାଟୋ, ବିଭିନ୍ନ ପନିପରିବା ପ୍ରଚୁର ମାତ୍ରାରେ ଚାଷ ହେଉଛି। ସେସବୁ ରଖିବା ପାଇଁ ଜାଗା ନାହିଁ। ଯେଉଁ ଶୀତଳ ଭଣ୍ଡାର ବନ୍ଦ ରହିଛି, ସେଗୁଡ଼ିକୁ ନିଲାମ କରୁନାହାନ୍ତି କାହିଁକି। ସେହିପରି ବିଜେଡି ସଭ୍ୟ ବଦ୍ରି ନାରାୟଣ ପାତ୍ର କେନ୍ଦୁଝରରେ ଶୁଭ ଦିଆଯାଇ ଶୀତଳ ଭଣ୍ଡାର ହୋଇ ପାରି ନ ଥିବା ପ୍ରସଙ୍ଗ ଉଠାଇଥିଲେ। ଭାଜପା ସଭ୍ୟ ସନାତନ ବିଜୁଳି, ସୁବାସ ପାଣିଗ୍ରାହୀ, ନାଉରୀ ନାୟକ, ବିଜେଡି ସଭ୍ୟ ପ୍ରଣବ ବଳବନ୍ତରାୟ, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ନିଜ ଅଞ୍ଚଳରେ ହେଉଥିବା ପନିପରିବାକୁ ରଖିବା ପାଇଁ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଥିଲେ, ଜାତୀୟ ଉଦ୍ୟାନ କୃଷି ଯୋଜନାରେ ୧୯୭୧ ମସିହାରେ ହୋଇଥିବା ୩୬୦୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ୪ଟି ଶୀତଳ ଭଣ୍ଡାର ବନ୍ଦ ହୋଇଯାଇଛି। ସେଗୁଡ଼ିକ ଆଉ ଚଳାଇବା ସମ୍ଭବ ନୁହେଁ। ରାଜ୍ୟରେ ୨ ଲକ୍ଷ ୭୧ ହଜାର ୧୫୫ ହେକ୍ଟର ଜମିରେ ୩.୨୫ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ହେଉଛି। କେନ୍ଦ୍ର ସରକାର ଧୀରେ ଧୀରେ ଅନୁଦାନ କମାଇ ଦେଇ ଚାଲିଛନ୍ତି। ଜାତୀୟ ଉଦ୍ୟାନ କୃଷି ଯୋଜନାରେ ୨୦୨୦–୨୧ରେ ୧୩୬୩.୬୨ କୋଟି ଟଙ୍କା ଦେଇଥିବା ବେଳେ ୨୦୨୧–୨୨ରେ ୧୩୪୫.୫୦ ଏବଂ ୨୦୨୨–୨୩ରେ ୧୦୪୯.୨୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୩୦୦ରୁ ୪୦୦ କୋଟି ଟଙ୍କା କମାଇ ଦେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।



# ଖର୍ଚ୍ଚଦାବି ଆଲୋଚନା ବି ଠିକ୍‌ରେ ଚାଲିପାରିଲାନି

- **ନବ ହତ୍ୟାକାଣ୍ଡ, ଜାଲ୍ ସାର୍ଟିଫିକେଟ୍ ପ୍ରସଙ୍ଗରେ ବିରୋଧୀଙ୍କ ହୋହଲ୍ଲା**
- **ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଗୃହୀତ**
- **ଗିଲୋଟିନ୍ ଜରିଆରେ ୨୫ ବିଭାଗର ଖର୍ଚ୍ଚଦାବି ପାରିତ**

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ମଧ୍ୟାହ୍ନଭୋଜନ ପରେ ମଧ୍ୟ ଭାଜପା ଏବଂ କଂଗ୍ରେସ ସଦସ୍ୟଙ୍କ ହୋହଲ୍ଲାରେ ବିଧାନସଭା ଚାଲିପାରି ନାହିଁ। ନବ ଦାସ ହତ୍ୟାକାଣ୍ଡକୁ ଦୁଇ ମାସ ବିତିସାରିଥିବା ବେଳେ ଏଫ୍‌ବିଆଇ ତଦନ୍ତ ଆଳ ନ ଦେଖାଇ ହତ୍ୟାର ଉଦ୍ଦେଶ୍ୟ ସମ୍ପର୍କରେ କହିବାକୁ ଭାଜପା ସଦସ୍ୟମାନେ ଦାବି କରିଥିଲେ। ଏହା ସହ ଜାଲ୍ ସାର୍ଟିଫିକେଟ ରାକେଟରେ ଧରାପଡ଼ିଥିବା ବ୍ୟକ୍ତି ଶାସକ ଦଳର ଜଣେ ପ୍ରଭାବଶାଳୀ ତଥା ପୂର୍ବତନ ମନ୍ତ୍ରୀଙ୍କ ସହ ସମ୍ପର୍କ ଥିବା କଥା କହି କଂଗ୍ରେସ ସଦସ୍ୟମାନେ ହୋହଲ୍ଲା କରିଥିଲେ। ଏହା ଭିତରେ ପ୍ରଥମେ ଗୃହ ୩୦ ମିନିଟ୍ ଲାଗି ୪ଟା ୪୦ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ବାଚସ୍ପତି ଏକ କମିଟି କରି ଆଲୋଚନା ମାଧ୍ୟମରେ ଗୃହକୁ ସୁରୁଖୁରୁରେ ଚଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଏହାପରେ ପୁଣି ଥରେ ୪ଟା ୪୦ରୁ ୫ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ପୁଣି ସାଢେ ୫ ଏବଂ ୬ଟା ୨୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ତେବେ ବିରୋଧୀ ସଦସ୍ୟଙ୍କ ହୋହଲ୍ଲା ଭିତରେ ନିର୍ମାଣ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା। ଶାସକ ଦଳ ସଦସ୍ୟ ଭୂପିନ୍ଦର ସିଂ ଏବଂ ଚନ୍ଦ୍ରସାରଥି ବେହେରା ଆଲୋଚନାରେ ଭାଗ ନେଇଥିବା ବେଳେ ବିରୋଧୀ କିନ୍ତୁ ନାରାବାଜି, ହୋହଲ୍ଲା ଜାରି ରଖିଥିଲେ। ଏହା ଭିତରେ ଉଭୟ ବିଭାଗର ମନ୍ତ୍ରୀ ଶୀଘ୍ର ତାଙ୍କ ଉତ୍ତର ରଖିଥିଲେ। ଏହାସହ ଶେଷରେ ଗିଲୋଟିନ୍ ଜରିଆରେ ୨୫ଟି ବିଭାଗର ଖର୍ଚ୍ଚଦାବି ପାରିତ ହୋଇଥିଲା।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ଫଳରେ ବୁଧବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୪୬ (୩୪୬.୩୭) ପଏଣ୍ଟ ବୃଦ୍ଧି ଘଟି ୫୭,୯୬୦ (୫୭,୯୬୦.୦୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୯ (୧୨୯.୦୦) ପଏଣ୍ଟ ବଢ଼ି ୧୭,୦୮୧ (୧୭,୦୮୦.୭୦) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୩୦ଦିନରେ ୧୩୩୮ କୋଟି ଦେବ ଗୁଗଲ

ନୂଆଦିଲ୍ଲୀ,୨୯।୩

ବହୁ ରାଷ୍ଟ୍ରୀୟ ସର୍ଚ୍ଚ ଇଞ୍ଜିନ କମ୍ପାନୀ ଗୁଗଲର ମନମାନୀ ଓ ଆଇଟି କ୍ଷେତ୍ରରେ ବିଭିନ୍ନ ପ୍ରକାରର ଅପବ୍ୟବହାର ବିରୋଧରେ ଦୀର୍ଘ ବର୍ଷ ହେବ ଆଇନଗତ ଲଢେଇ ଜାରି ରହିଛି। ଏପରିକି ବୁଧବାର ନ୍ୟାସନାଲ କମ୍ପାନି ଲ ଅପିଲେଟ୍ ଟ୍ରିବ୍ୟୁନାଲ (ଏନସିଏଲଏଟି) ମଧ୍ୟ ଗୁଗଲର ଆବେଦନ ବିରୋଧ ଶୁଣାଣି କରି ପୂର୍ବ ନଷ୍ପେତ୍ତି ଅନୁଯାୟୀ ଗୁଗୁଲ ଜରିମାନ ଦେବ ବୋଲି ଏନସିଏଲଏଟ ପକ୍ଷରୁ କୁହାଯାଇଛି। ବିଶେଷ କରି ଭାରତୀୟ ପ୍ରତିଦ୍ୱନ୍ଦ୍ୱୀତା ଆୟୋଗ (ସିସିଆଇ) ଆଣ୍ଡ୍ରଏଡର ଅପବ୍ୟବହାର ଓ ଆବଶ୍ୟକତାର ଦୁରୁପଯୋଗକୁ ନେଇ ଗୁଗଲ ଉପରେ ପ୍ରାୟ ୧୩୩୮ (୧୩୩୭.୭୬) କୋଟି ଟଙ୍କାର ଜରିମାନା ଲଗାଇଥିଲା। ସେହିଭଳି ଗୁଗଲ ପାଖରେ ବର୍ତ୍ତମାନ ବି ଉକ୍ତ ଆଦେଶ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ୍ କରିବାର ସୁଯୋଗ ରହିଛି। ହେଲେ ସିସିଆଇ ପ୍ରକାର ପକ୍ଷପାତିତା କରିଥିବା ନେଇ ଗୁଗଲ ରଖିଥିବା ଯୁକ୍ତିକୁ ଟ୍ରିବ୍ୟୁନାଲର ଶୁଣାଣି ସମୟରେ ଖାରଜ କରାଯାଇଛି। ଏପରିକି ଗୁଗଲକୁ ଉକ୍ତ ପରିମାଣର ଜରିମାନା ରାଶି ପୈଠ କରିବା ପାଇଁ ୩୦ଦିନର ସମୟ ଦିଆଯାଇଛି।

ଏ ନେଇ ଏନସିଏଲଏଟି କହିଛି ଯେ ସ୍ମାର୍ଟଫୋନ କମ୍ପାନିଗୁଡିକୁ ଗୁଗଲର ମନମାନି ଓ ଆପ ବିରୋଧରେ ଅଭିଯୋଗ କରିଥିଲେ। ବିଶେଷ କରି ଗୁଗୁଲ ୧୧ ଆପକୁ ପୂର୍ବରୁ ଇନଷ୍ଟଲ କରିବା ପାଇଁ କମ୍ପାନୀ କହିଥାଏ, ଯାହା ବ୍ୟବସାୟର ଭୁଲ ବାଟ ଅଟେ। ଟ୍ରିବ୍ୟୁନାଲ ଏହା ମଧ୍ୟ କହିଛନ୍ତି ଯେ ଗୁଗଲ ପ୍ରକୃତରେ କମ୍ପାନିଗୁଡିକୁ ନିଜସ୍ୱ ଆଣ୍ଡ୍ରଏଡ ବିକଶିତ କରିବାରେ ପ୍ରତିବନ୍ଧକ ଲଗାଉଛି। ଏପରିକି କମ୍ପାନୀ ଏଥିପାଇଁ ଆଣ୍ଟି ଫ୍ରେଗମେଣ୍ଟସନ ଏଗ୍ରିମେଣ୍ଟ (ଏଏଫଏ)ର ବ୍ୟବହାର କରିଥାଏ। ଉଲ୍ଲେଖଯୋଗ୍ୟ ୨୦୧୮ ରେ ଆଣ୍ଡ୍ରଏଡ ୟୁଜର୍ସ ସିସିଆଇ ନିକଟରେ ଗୁଗଲ ବିରୋଧରେ ଫେରାଦ ହୋଇଥିଲେ। ଏପରିକି ଗୁଗଲ ମୋବାଇଲ୍ ଅପରେଟିଂ ସିଷ୍ଟମ ସହ ଜଡିତ ମାର୍କେଟରେ ନିଜର ଦବଦବା ଓ ଅପବ୍ୟବହାର କରୁଛି ବୋଲି ମୋବାଇଲ ନିର୍ମାତାମାନେ ଅଭିଯୋଗ କରିଥିଲେ। ଯାହା ପ୍ରତିଦ୍ୱନ୍ଦ୍ୱୀତା ଆକ୍ଟର ଉଲ୍ଲଂଘନ କରୁଛି, ଗୁଗଲର ଏମଏଡିଏ ନୀତିକୁ ମଧ୍ୟ ସେମାନେ ବିରୋଧ କରିଥିଲେ। ଉକ୍ତ ନୀତି ଅନୁସାରେ ଗୁଗଲ ସ୍ମାର୍ଟଫୋନ କମ୍ପାନିଗୁଡ଼ିକୁ ନିଜ ଫୋନରେ ଗୁଗଲ ମୋବାଇଲ ସର୍ଭିସେଜ୍ ସୁଇଚ ଅର୍ଥାତ ଏହା ଆପକୁ ପ୍ରି ଇନଷ୍ଟଲ କରିବାକୁ କହିଥାଏ। ଫଳରେ କମ୍ପାନୀଗୁଡିକ ବିଶେଷ ଭାବେ ପ୍ରଭାବିତ ହେଉଥିବାରୁ ଏହା ଉପରେ ତଦନ୍ତ କରି ସିସିଆଇ ୨୦୨୨ ଅକ୍ଟୋବର ୨୦ରେ ଗୁଗଲ ଉପରେ ପ୍ରାୟ ୧୩୩୮ କୋଟି ଟଙ୍କାର ଜରିମାନା ଲଗାଇଥିଲେ।

## ଆଇପିକ୍ୟୁର ୫ମ ସଂସ୍କରଣର ଫଳାଫଳ

ନୂଆଦିଲ୍ଲୀ,୨୯।୩

ମ୍ୟାକ୍ସ ଲାଇଫ୍ ଇନ୍ସୁରାନ୍ସର ଫ୍ଲାଗଶିପ୍ ସର୍ଭେ ଇଣ୍ଡିଆ ପ୍ରୋଟେକ୍ସନ କ୍ୱୋଟେଣ୍ଟ ସର୍ଭେ (ଆଇପିକ୍ୟୁ)ର ୫ମ ସଂସ୍କରଣର ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ ସର୍ଭେ ଦେଶର ପୂର୍ବାଞ୍ଚଳରେ ବାସ କରୁଥିବା ସହରୀ ଭାରତୀୟମାନଙ୍କ ଆର୍ଥିକ ପ୍ରସ୍ତୁତୀକରଣର ଗଭୀର ତଥ୍ୟକୁ ପ୍ରକାଶ କରିଛି। ଏ ସମ୍ପର୍କରେ ମ୍ୟାକ୍ସ ଲାଇଫ୍‌ର ଉପ ପରିଚାଳନା ନିର୍ଦ୍ଦେଶକ ଭି. ବିଶ୍ୱାନନ୍ଦ କହିଛନ୍ତି, ଆମର ଫ୍ଲାଗ୍‌ଶିପ୍ 'ଇଣ୍ଡିଆ ପ୍ରୋଟେକ୍ସନ କ୍ୱୋଟେଣ୍ଟ' ସର୍ଭେର ୫ମ ସଂସ୍କରଣ ପୂର୍ବ ଭାରତର ସହରାଞ୍ଚଳର ଲୋକମାନେ ଆର୍ଥିକ ସୁସ୍ଥତା ପାଇଁ ସମ୍ମୁଖୀନ ହେଉଥିବା ପ୍ରମୁଖ ଆହ୍ୱାନଗୁଡ଼ିକୁ ଉନ୍ମୋଚନ କରିଛି। ବିଶେଷ କରି ସେମାନଙ୍କର ଆର୍ଥିକ ସୁରକ୍ଷାକୁ ଉନ୍ନତ କରିବା ଲାଗି ଉଦ୍ଦିଷ୍ଟ ପଦକ୍ଷେପଗୁଡ଼ିକର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛି। ଗତ ୫ ବର୍ଷ ମଧ୍ୟରେ ଏହି ଆଇପିକ୍ୟୁ ସର୍ଭେ ଆର୍ଥିକ ସ୍ୱାଧୀନତା ପ୍ରତି ଭାରତୀୟମାନଙ୍କ ଯାତ୍ରାକୁ ଦର୍ଶାଉଛି।

## ନ୍ୟୁ ୟେକିଂ ପିଟି ଲିମିଟେଡ୍ ସହ ଜେଏସ୍‌ଏଲ୍ ରାଜିନାମା

ନୂଆଦିଲ୍ଲୀ,୨୯।୩


ଅଭ୍ୟୁଦୟ ଜିନ୍ଦଲ

ଦେଶର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ନିକେଲର ଦୀର୍ଘକାଳୀନ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଏକ ପ୍ରମୁଖ ରଣନୀତିକ ପଦକ୍ଷେପ ଗ୍ରହଣ କରିଛି। ବିଶେଷକରି କମ୍ପାନୀ ନ୍ୟୁ ୟେକିଂ ପିଟି ଲିମିଟେଡ୍ ସହ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତି (ସହଭାଗିତ ରାଜିନାମା) ସ୍ୱାକ୍ଷର କରିଛି। ଏପରିକି ଇଣ୍ଡୋନେସିଆର ହାଲ୍‌ମେହେରା ଦ୍ୱୀପପୁଞ୍ଜର ଏକ ଇଣ୍ଡଷ୍ଟ୍ରିଆଲ ପାର୍କରେ ଅବସ୍ଥିତ ନିକେଲ୍ ପିଗ୍ ଆଇରନ୍ ଲିମିଟେଡ୍ (ଏନ୍‌ପିଆଇ) ସ୍ମେଲଟର ସୁବିଧା ବିନିଯୋଗ,ବିକାଶ, ନିର୍ମାଣ ଏବଂ କାର୍ଯ୍ୟ ପାଇଁ ସହଭାଗିତା କରିଥିବା ଜଣାପଡ଼ିଛି। ଉକ୍ତ ସହଭାଗିତା ଅନୁଯାୟୀ ଜେଏସ୍‌ଏଲ୍ ଏନ୍‌ପିଆଇର ୪୯% ଅଂଶଧନ ହାସଲ କରିବ ବୋଲି ସୂଚନା ମିଳିଛି। ଏପରିକି ପ୍ରାୟ ୧୫୭ ନିୟୁତ ଡଲାରର ଜେଏସ୍‌ଏଲ୍ ଉକ୍ତ କମ୍ପାନୀର ୪୯% ଇକ୍ୱିଟି ସୁଧ ହାସଲ କରିବ। ସେହିଭଳି ବାର୍ଷିକ ନାମପ୍ଲେଟ୍ ଉତ୍ପାଦନ କ୍ଷମତା ୨,୦୦,୦୦୦ ମେଟ୍ରିକ୍ ଟନ୍ ଏନ୍‌ପିଆଇର ହାରାହାରି ୧୪% ଏନ୍‌ଆଇ ବିଷୟବସ୍ତୁ ସହ ୨ ବର୍ଷ ମଧ୍ୟରେ ଉପରୋକ୍ତ ସୁବିଧା କାର୍ଯ୍ୟକ୍ଷମ ହେବାକୁ କମ୍ପାନୀ ପକ୍ଷରୁ ଯୋଜନା କରାଯାଇଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ସହଯୋଗ ହିତାଧିକାରୀଙ୍କ ପାଇଁ ମୂଲ୍ୟ ବୃଦ୍ଧି କରିବ, ଯାହା ଜେଏସ୍‌ଏଲ୍ ସହ ନିକେଲ୍ ଯୋଗାଣରେ ଅଂଶଧନ ହାସଲ କରିବ ଏବଂ ଏହାର ଷ୍ଟେନ୍‌ଲେସ୍ ଷ୍ଟିଲ୍ କାର୍ଯ୍ୟ ପାଇଁ କଞ୍ଚାମାଲର ସୁରକ୍ଷା ସୃଷ୍ଟି କରିପାରିବ। ଏହି ଅଧିଗ୍ରହଣ ଭାରତୀୟ ତଥା ଅନ୍ତର୍ଜାତୀୟ ବଜାରରେ ଜେଏସ୍‌ଏଲ୍ ପାଇଁ ଏକ ତୀବ୍ର ପ୍ରତିଯୋଗିତା ଲାଭ କରିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ସୁଷମା ବୟନିକାର ଉପସଭାପତି

ଭୁବନେଶ୍ୱର,୨୯।୩


ସୁଷମା ପ୍ରଧାନ

ଓଡ଼ିଶା ସରକାରଙ୍କ ହସ୍ତତନ୍ତ୍ର, ବୟନ ଏବଂ ହସ୍ତଶିଳ୍ପ ବିଭାଗ ଅଧୀନରେ ଥିବା ବୟନିକା ପରିଚାଳନା ପରିଷଦର ନିର୍ବାଚନ ଫଳାଫଳ ନିକଟରେ ପ୍ରକାଶ ପାଇଛି। ବରିଷ୍ଠ ନାରୀନେତ୍ରୀ ସୁଷମା ପ୍ରଧାନ ବୟନିକାର ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭାଗୀୟ ମନ୍ତ୍ରୀ ରୀତା ସାହୁ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ବିଧାୟକ ଦେବୀପ୍ରସାଦ ମିଶ୍ର ଓ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଓଡ଼ିଶାର ବୁଣାକାରମାନଙ୍କର ଉନ୍ନତି ତଥା ବୟନିକାର ବିକାଶ ନିମନ୍ତେ ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟ କରିବା ପାଇଁ ପ୍ରଧାନ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମିତି ଲିମିଟେଡ୍ ପରିଚାଳନା ପରିଷଦର ଉପସଭାପତି ଭାବେ ୨୦୨୩ ମାର୍ଚ୍ଚ ୨୭ରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏପରିକି ସୁଷମା ପ୍ରଧାନ ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ସେ ବୟନିକା ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ସୂଚନା ମିଳିଛି।

## ନବୀନ ଜିନ୍ଦଲଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ନୂଆଦିଲ୍ଲୀ,୨୯।୩



ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଚେୟାରମ୍ୟାନ ନବୀନ ଜିନ୍ଦଲଙ୍କୁ ନିକଟରେ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ସମ୍ମାନ ସମ୍ମାନିତ କରାଯାଇଛି। ବିଶେଷ କରି ଶିଳ୍ପ, ରାଜନୀତି ଏବଂ ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ନବୀନ ଜିନ୍ଦଲଙ୍କୁ ଟେକ୍ସାସ ୟୁନିଭରସିଟି (ଡଲାସ) ପକ୍ଷରୁ ଆଜୀବନ ଆଚିଭମେଣ୍ଟ ଆୱାର୍ଡ ଦିଆଯାଇଛି। ଏପରିକି ୨୦୨୩ ମାର୍ଚ୍ଚ ୨୫ରେ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ନବୀନ ଜିନ୍ଦଲଙ୍କୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ଉକ୍ତ ବିଶ୍ୱବିଦ୍ୟାଳୟ ୧୯୯୨ବ୍ୟାଚର ପୁରାତନ ଛାତ୍ର ନବୀନ ଜିନ୍ଦଲ ୨ୟ ବ୍ୟକ୍ତି ଭାବେ ସମ୍ମାନଜନକ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ହାସଲ କରିଛନ୍ତି। ଏହା ପୂର୍ବରୁ ନୋବେଲ ବିଜେତା ଅଜିଜ ସୈଂକର ଉକ୍ତ ସମ୍ମାନଜନକ ପୁରସ୍କାର ପାଇଥିଲେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଟେକ୍ସାସ ୟୁନିଭରସିଟି (ଡଲାସ) ର ଛାତ୍ର ଭାବେ ନବୀନ ଜିନ୍ଦଲ ଷ୍ଟୁଡେଣ୍ଟ ଗଭର୍ଣ୍ଣମେଣ୍ଟର ଉଭୟ ଉପାଧ୍ୟକ୍ଷ ଏବଂ ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ ଏବଂ ଷ୍ଟୁଡେଣ୍ଟ ଲିଡର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ପାଇଥିଲେ। ଏପରିକି ୨୦୧୦ରେ ସେ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଆଲୁମିନି ପୁରସ୍କାର ସହ ସମ୍ମାନିତ ମଧ୍ୟ ହୋଇଥିଲେ। ଟେକ୍ସାସ ୟୁନିଭରସିଟି (ଡଲାସ)ର ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟକୁ ୨୦୧୧ରେ ନବୀନ ଜିନ୍ଦଲ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ଭାବେ ପୁନଃ ନାମକରଣ କରି ନିଜର ଅତିବିଶିଷ୍ଟ ପୁରାତନ ଛାତ୍ରଙ୍କୁ ସମ୍ମାନିତ କରିଥିଲେ।

## ସମ୍‌ରେ ଜଟିଳ କ୍ୟାନ୍‌ସର ଅସ୍ତ୍ରୋପଚାର

ଭୁବନେଶ୍ୱର,୨୯।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'ସମ୍ ହସ୍ପିଟାଲ'ରେ ଆଉ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଛି। ଏପରିକି ଏକ ଜଟିଳ କ୍ୟାନ୍‌ସର ରୋଗୀଙ୍କର କଷ୍ଟ ଦୂର କରାଯାଇପାରିଛି ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ବିଶେଷକରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଯୁବ ସର୍ଜନମାନଙ୍କର ଏକ ମିଳିତ ଟିମ୍ ଦ୍ୱାରା ଅଗ୍ନ୍ୟାଶୟ (ପାନ୍‌କ୍ରିଆସ୍) କର୍କଟ ରୋଗରେ ପୀଡ଼ିତ ଥିବା ଜଣେ ୫୫ ବର୍ଷୀୟ କ୍ୟାନ୍‌ସର ରୋଗୀଙ୍କର ଜଟିଳ ଅସ୍ତ୍ରୋପଚାରକୁ ସମ୍ ହସ୍ପିଟାଲର ସର୍ଜିକାଲ ଟିମ୍ ଜରିଆରେ ସଫଳତାର ସହ ସମ୍ପନ୍ନ କରାଯାଇଛି। ସେହିଭଳି ରୋଗୀଙ୍କ ଶରୀରରେ ସୃଷ୍ଟି ହୋଇଥିବା ଟ୍ୟୁମରଟି ପ୍ରମୁଖ ରକ୍ତ ଧମନୀ ସିଲିଆକ୍ ଟ୍ରଙ୍କ୍‌କୁ ଆକ୍ରାନ୍ତ କରିଥିଲା, ଯାହାକି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସହ ମଧ୍ୟ ଜଡ଼ିତ ହୋଇ ରହିଥିଲା। ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଜ୍ୟୋତିର୍ମୟ ଜେନାଙ୍କ ନେତୃତ୍ୱରେ ଏକ ମିଳିତ ଟିମ୍ ଉକ୍ତ ସମସ୍ୟାକୁ ନେଇ ଅନେକ ବିଚାରବିମର୍ଶ କରିବା ପରେ ଅସ୍ତ୍ରୋପଚାର ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଉକ୍ତ ଟ୍ୟୁମରଟି ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରିକି ସିଲିଆକ୍ ଟ୍ରଙ୍କ୍, ଯକୃତକୁ ରକ୍ତବାହୀ ଧମନୀ, ପାକସ୍ଥଳୀ ଏବଂ ପ୍ଲିହାକୁ ପ୍ରଭାବିତ କରିଥିଲା। ସିଲିଆକ୍ ଟ୍ରଙ୍କ୍ (ସିଲିଆକ୍ ଧମନୀ) ଯାହାକି ୩ ଭାଗ ହୋଇ ପାକସ୍ଥଳୀ, ଯକୃତ ଏବଂ ପ୍ଲିହାକୁ ରକ୍ତ ଯୋଗାଇଥାଏ। ତାହାକୁ ବାହାର କରିବାର ଆବଶ୍ୟକତା ପଡ଼ିଥିଲା। ତେବେ ଏଭଳି କରିବା ଦ୍ୱାରା ଯକୃତକୁ ରକ୍ତ ସଞ୍ଚାଳନ ବନ୍ଦ ହୋଇ ରୋଗୀର ମୃତ୍ୟୁ ହେବାର ଯଥେଷ୍ଟ ସମ୍ଭାବନା ଥିଲା ବୋଲି ଜେନା ନିକଟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିସ୍ତୃତ ଆଲୋକପାତ କରିଥିଲେ।

**ଫୁରସତ୍**

# ସବୁଠୁ ଓଜନିଆ ସାଇକେଲ

**ବର୍ଲିନ୍:** ପିଲାଙ୍କୁ ଛୋଟବେଳେ ସାଇକେଲ ଚଲାଇବା ଶିଖାଯାଇଥାଏ, ଯାହାକି ଅଧିକ ଓଜନ ହୋଇ ନ ଥାଏ ଏବଂ ସେମାନେ ଏହାକୁ ସହଜରେ ଶିଖିପାରନ୍ତି। ଯେପରି ଆଗକୁ ସେମାନଙ୍କୁ କୌଣସି ବି ଯାନବାହନ ଚଲାଇବାକୁ ଅସୁବିଧା ନ ହେବ। ନିକଟରେ 'କ୍ଲେଇନି ଜୋହାନା'ର ବହୁତ ଚର୍ଚ୍ଚା ହେଉଛି। ଏହା କୌଣସି ଝିଅର ନାମ ନୁହେଁ, ଏହା ଏକ ସାଇକେଲର ନାମ। ଯାହାକୁ ବିଶ୍ୱର ସବୁଠୁ ଓଜନଦାର ସାଇକେଲ ଭାବେ ଆଖ୍ୟା ମିଳିଛି। ରେକର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଜର୍ମାନୀ ଏହାକୁ ଏହି ଆଖ୍ୟା ପ୍ରଦାନ କରିଛି। ଏହି ସାଇକେଲର ଲମ୍ବ ୫ ମିଟର ଓ ଉଚ୍ଚତା ୨ ମିଟର । ସାଧାରଣତଃ କାର୍‌ର ଓଜନ ୭୦୦ରୁ ୧ହଜାର କିଲୋ ହୋଇଥିବାବେଳେ ଏହି ସାଇକେଲର ଓଜନ ୨୧୭୭ କିଲୋ । ଏହି ସାଇକେଲଟିକୁ ଜର୍ମାନୀର ସାକ୍ସୋନି ଏନ୍‌ହଲ୍ଟ ରାଜ୍ୟରେ ରହୁଥିବା ସେବାଷ୍ଟିଆନ୍ ବେଉଟଲର୍ ନାମକ ବ୍ୟକ୍ତି ତିଆରି କରିଛନ୍ତି। ସେ ଏଥିରେ ଟ୍ରକ୍ ଗିୟର ବକ୍ସ



ଲଗାଇଛନ୍ତି। ଯେପରି କ୍ଲାସିକ ସାଇକେଲର ଗିୟର ସିଷ୍ଟମକୁ କପି କରିହେବ। ସାଇକେଲଟି ଆଗକୁ ଯିବାକୁ ୩୫ଟି ଗିୟର ଲାଗିଥିବାବେଳେ ପଛକୁ ଯିବାକୁ ୭ଟି ଗିୟର ଲଗାଯାଇଛି। ଏହାକୁ କେବଳ ଜଣେ ବ୍ୟକ୍ତି ହିଁ ପେଡଲ ମାରିକି ଚଲାଇପାରିବ। ଏଥିସହ ଏଥିରେ ୧୫ ଟନ୍ ଓଜନ ଉଠାଯାଇପାରିବ। ତେବେ ଏହି ସାଇକେଲକୁ ତିଆରି କରିବାକୁ ତାଙ୍କୁ ୩ ବର୍ଷ ସମୟ ଲାଗିଥିଲା। ତାଙ୍କ ପରିବାର ଏହି ସାଇକେଲ ତିଆରି କରିବାକୁ ମନା କରୁଥିଲେ, ହେଲେ ସେ ତାଙ୍କ ଉଦ୍ୟମ ଜାରି ରଖି ସଫଳ ହେଲେ।

## ଅନନ୍ୟାଙ୍କ ଡେଟିଂକୁ ନେଇ ଚର୍ଚ୍ଚା


ଅନନ୍ୟା ପାଣ୍ଡେ

ମୁମ୍ବାଇ

ବଲିଉଡ୍‌ର ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଅଭିନେତା ଆଦିତ୍ୟ ରୟ କପୁରଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବର୍ତ୍ତମାନ ଅଧିକ ଚର୍ଚ୍ଚା ହେଉଛି। ଉଭୟ ପରସ୍ପରକୁ ଡେଟ୍ କରୁଥିବା ଜଣାପଡ଼ିଛି। ସେମାନେ ଖୁବ୍‌ଶୀଘ୍ର ବିବାହ କରିବେ ବୋଲି ପ୍ରଶଂସକମାନେ ଚର୍ଚ୍ଚା କରୁଛନ୍ତି। ତେବେ ଦୁହିଁଙ୍କ ପ୍ରେମ ନେଇ ଦୀର୍ଘ ସମୟରୁ ବଲିଉଡ୍‌ରେ ଚର୍ଚ୍ଚା ଲାଗିରହିଛି। ଅତୀତରେ ଦୁହେଁ ଏକାଠି ରାମ୍ପରେ ଚାଲୁଥିବାର ମଧ୍ୟ ଦେଖାଯାଇଥିଲା। ଏହା ପରେ ଆଦିତ୍ୟ ଏବଂ ଅନନ୍ୟା ନିଜ ସମ୍ପର୍କକୁ ସାର୍ବଜନୀନ କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି କୁହାଯାଉଛି। ହେଲେ ବର୍ତ୍ତମାନ ଯାଏ ଦୁହେଁ ଏନେଇ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। କିନ୍ତୁ ଉଭୟଙ୍କ ପରିବାର ମଧ୍ୟ ଏହି ସମ୍ପର୍କ ପାଇଁ ସବୁଜ ସଙ୍କେତ ଦେଇଥିବା ଜଣାପଡ଼ିଛି। ଏହା ପୂର୍ବରୁ ଆଦିତ୍ୟଙ୍କ ନାଁ ଅନେକ ଅଭିନେତ୍ରୀଙ୍କ ସହ ଜଡିତ ଥିଲା। ଏବେ ଆଦିତ୍ୟ ଏବଂ ଅନନ୍ୟା ଡେଟ୍ କରୁଥିବା କୁହାଯାଉଛି। ତେବେ ଉଭୟଙ୍କ ପ୍ରେମ ଏକ ପାର୍ଟିରୁ ଆରମ୍ଭ ହୋଇଥିଲା। ଏବେ ଅନେକ ସମୟରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳୁଛି। ସେମାନେ ତାଙ୍କ ବିବାହକୁ ନେଇ ଏତେ ତତ୍ପର ନୁହନ୍ତି। ବର୍ତ୍ତମାନ ସେମାନେ ପରସ୍ପରକୁ ସମୟ ଦେବାକୁ ଚାହାନ୍ତି। ଆଗକୁ ଦୁହେଁ ଏକତ୍ର ଛୁଟି ବିତେଇବାକୁ ଯାଇପାରନ୍ତି ବୋଲି ଜଣାପଡ଼ିଛି।

## ୩ ନବଜାତ ୨ ଗିନିଜ୍ ରେକର୍ଡ ଅଧିକାରୀ



**ଲଣ୍ଡନ:** ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନାମ ଯୋଡ଼ିବାକୁ ଜଣେ ବ୍ୟକ୍ତିଙ୍କୁ ବହୁ ପରିଶ୍ରମ କରିବାକୁ ପଡିଥାଏ। ହେଲେ ଏଠାରେ ୩ ନବଜାତ କନ୍ୟା ଜନ୍ମ ହେବା ସହିତ ୨ଟି ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରିମାଚ୍ୟୁର୍ ଶିଶୁ ଭାବେ ସେମାନେ ପ୍ରଥମ ରେକର୍ଡ ଅଧିକାର କରିଛନ୍ତି। ୩ ଶିଶୁଙ୍କ ମୋଟ ଓଜନ ସବୁଠାରୁ କମ୍ ହୋଇଥିବାରୁ ସେଥିରେ ୨ୟ ୱାର୍ଲ୍ଡ ରେକର୍ଡ ହାସଲ କରିଛନ୍ତି। ପ୍ରେଗ୍ନାନ୍ସିର ୨୨ ସପ୍ତାହ ୫ ଦିନରେ ଏହି ୩ ଶିଶୁ ୧୪ ଫେବୃୟାରୀ ୨୦୨୧ରେ ଇଂଲଣ୍ଡରେ ହୋଇଥିଲେ। ସେତେବେଳେ ୩ ଶିଶୁଙ୍କ ମୋଟ ଓଜନ ୧୨୮୪ ଗ୍ରାମ୍ ହୋଇଥିଲା। ପ୍ରଥମ କନ୍ୟା ୧୦ଟା ୨୧ରେ ଜନ୍ମ ହୋଇଥିବାବେଳେ ଦ୍ୱିତୀୟ ୧୨ଟା ୧ରେ ଏବଂ ତୃତୀୟ କନ୍ୟା ୧୨.୨ମିନିଟ୍‌ରେ ଜନ୍ମ ହୋଇଥିଲେ। ଜନ୍ମ ହେବାର ୨୧୬ ଦିନ ପର୍ଯ୍ୟନ୍ତ ୩ ଶିଶୁଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖିବାକୁ ପଡିଥିଲା। ମା' ମାଇକେଲ ହ୍ୱାଇଟ୍‌ଙ୍କ କହିବା ମୁତାବକ, ତାଙ୍କ ୩ ଶିଶୁଙ୍କ ଜନ୍ମର ୨ ବର୍ଷ ବହୁତ କଷ୍ଟରେ ଯାଇଛି। କାରଣ ୩ ଶିଶୁ ସେରେବ୍ରାଲ୍ ପାଲ୍‌ସି (ନ୍ୟୁରୋଲୋଜିକାଲ ଡିଜ୍‌ଅର୍ଡର) ସହ ଜନ୍ମ ହୋଇଥିଲେ।

## ୨୦୩ ୟୁନିଟ୍ ରକ୍ତଦାନ କରି ରେକର୍ଡ



**ୱାଶିଂଟନ୍:** ଜରୁରୀ ସମୟରେ ଜଣେ ବ୍ୟକ୍ତିଙ୍କ ରକ୍ତ ଅନ୍ୟଜଣଙ୍କ ଜୀବନ ରକ୍ଷା କରିଥାଏ। ସେଥିପାଇଁ କଥାରେ ଅଛି, ରକ୍ତଦାନ ମହାପୁଣ୍ୟ। ଯାହାକୁ ପ୍ରତିଫଳିତ କରିଛନ୍ତି ଜଣେ ୮୦ ବର୍ଷୀୟା ମହିଳା। ଯିଏକି ନିୟମିତ ରକ୍ତ ଦାନ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଜୋସେଫିନ୍ ମିଚାଲୁକ୍ ଏପର୍ଯ୍ୟନ୍ତ ମୋଟ ୨୦୩ ୟୁନିଟ୍ ରକ୍ତ ଦାନ କରିସାରିଲେଣି। ତାଙ୍କୁ ୧୯୬୫ରେ ୨୨ ବର୍ଷ ବୟସ ହୋଇଥିବାବେଳେ ଭଉଣୀଙ୍କଠୁ ପ୍ରେରଣା ପାଇ ପ୍ରଥମେ ରକ୍ତଦାନ କରିଥିଲେ। ସେବେଠାରେ ସେ ରକ୍ତଦାନ କରିଆସୁଛନ୍ତି। ତାଙ୍କର ବ୍ଲଡ୍ ଗ୍ରୁପ 'ଓ+' ହୋଇଥିବାବେଳେ ସେ ବର୍ଷକୁ ୪ ଥର ରକ୍ତଦାନ କରୁଛନ୍ତି। ସେ ରକ୍ତ ଦେବାବେଳେ ଏଥିରେ କୌଣସି ରେକର୍ଡ କରିବେ ବୋଲି ଭାବି ନ ଥିଲେ। ହେଲେ ସେ ଲୋକଙ୍କୁ ରକ୍ତ ଦେଇ ଅନ୍ୟମାନଙ୍କୁ ରକ୍ତ ଦେବା ପାଇଁ ଅନୁପ୍ରାଣିତ କରିପାରିଛନ୍ତି। ତାଙ୍କ ପୂର୍ବରୁ ଭାରତର ମଧୁରା ଅଶୋକ କୁମାର ନାମ୍ନୀ ମହିଳା ଏହି ରେକର୍ଡର ଅଧିକାରୀ ଥିଲେ। ସେ ମୋଟ ୧୧୭ ୟୁନିଟ୍ ରକ୍ତଦାନ କରିଥିଲେ। ତେବେ ଯୁକ୍ତରାଷ୍ଟ୍ର ଆମେରିକାରେ ରକ୍ତଦାନର କୌଣସି ବୟସ ସୀମା ନାହିଁ। ଯେଉଁ ବ୍ୟକ୍ତି ସୁସ୍ଥ ଥିବେ ସେ ବୃଦ୍ଧାବସ୍ଥାରେ ମଧ୍ୟ ରକ୍ତଦାନ କରିପାରିବେ। ଜଣେ ବ୍ୟକ୍ତି ବର୍ଷକୁ ଅତିକମ୍‌ରେ ଥରେ ରକ୍ତଦାନ କରିବା ଉଚିତ। ଏହା ଫଳରେ ଶରୀର ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶ୍ରୀରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




କଳିଙ୍ଗ ଷ୍ଟାଡିୟମରେ ବୁଧବାର ଟେନିସ ସେଣ୍ଟର ଉଦ୍‌ଘାଟନ ଅବସରରେ ସମ୍ବର୍ଦ୍ଧିତ କୃତୀ ଖେଳାଳିଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ। (ଫଟୋ: ବିକାଶ ନାୟକ)

# ହକି ଇଣ୍ଡିଆ ୧୧,୦୦୦ ଷ୍ଟିକ୍, ୩,୩୦୦ ବଲ୍ ବାଣ୍ଟିବ

**ନୂଆଦିଲ୍ଲୀ, ୨୯।୩**

ଦେଶରେ ହକିର ଅଧିକ ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ହକି ଇଣ୍ଡିଆ ଏହାର ରାଜ୍ୟ ୟୁନିଟ ଏବଂ ନିର୍ଦ୍ଦିଷ୍ଟ କେତେକ ହକି ଏକାଡେମୀକୁ ୧୧,୦୦୦ ହକି ଷ୍ଟିକ୍, ୩,୩୦୦ ବଲ୍ ବାଣ୍ଟିବାକୁ ନିଷ୍ପତ୍ତି ନେଇଛି। ଏହା ବ୍ୟତୀତ ଖେଳ ସମୟରେ ସୁରକ୍ଷା ପାଇଁ ଆବଶ୍ୟକ ଅନ୍ୟ ସରଞ୍ଜାମ ମଧ୍ୟ ପ୍ରଦାନ କରାଯିବ ବୋଲି ବୁଧବାର ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ‘‘ଦେଶର ସମସ୍ତ ପ୍ରତିଭା ସମ୍ପନ୍ନ ଖେଳାଳିମାନେ ଯେପରି କ୍ୟାରିୟର ଆରମ୍ଭରେ ଆବଶ୍ୟକ ହକି ସରଞ୍ଜାମ ପାଇପାରିବେ ତାହା ଆମର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟ ଦେଶରେ ଥିବା ରାଜ୍ୟ ୟୁନିଟ ଓ କେତେକ ହକି ଏକାଡେମୀ ମାଧ୍ୟମରେ ସମ୍ପନ୍ନ କରାଯିବ। ଭାରତରେ ହକିର ବିକାଶ ଆମର ମୁଖ୍ୟ ଲକ୍ଷ୍ୟ’’ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ସମଗ୍ର ଦେଶରେ ଉଚ୍ଚ ମାନଯୁକ୍ତ ହକି ସରଞ୍ଜାମ ଯୋଗାଇଦେବା ଆମର ଲକ୍ଷ୍ୟ। ଏହାଦ୍ୱାରା ଯୁବ ହକି ଖେଳାଳିମାନେ ଉପକୃତ ହୋଇପାରିବେ ବୋଲି ହକି ଇଣ୍ଡିଆ ମହାସଚିବ ଭୋଳାନାଥ ସିଂ କହିଛନ୍ତି।



ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ।


## ଜନ୍ମଦିନ ଶୁଭେଚ୍ଛା



**ଶ୍ରୀରାମ ଚନ୍ଦ୍ର ସାହୁ**

ଗଁଦିଆ, ଢେଙ୍କାନାଳ

ତୋର ଚଲାପଥ କୁସୁମିତ ହେଉ, ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ବାପା, ମାମା, ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଈଁ, ବଡବାପା, ବଡମା, ଦାଦା, ଖୁଡୀ, ମଉସା, ମାଉସୀ, ଭାଇ, ନାନା ଓ ପରିବାରବର୍ଗ।

ଧ-୭୪୦୫୫

## ୧୩ତମ ଜନ୍ମଦିନ ଶୁଭେଚ୍ଛା



(ଲିଟୁ)

**ସ୍ୱରୂପ ସାଗର**

ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ସଦାସର୍ବଦା ତୋର ଚଲାପଥ କୁସୁମିତ ହେଉ।

ଇତି: ତୋର ଶୁଭାକାଂକ୍ଷୀ ମାମା, ଦାଦା, ମା, ବାପା, ଖୁଡ଼ୀ, କାକା, ପିଉସୀ, ପିଉସା, ଭଉଣୀ ଶ୍ରୀନିକା ଓ ସୃଷ୍ଟି ସ୍ୱରୂପା (ଲିପ୍ସୁ)।

ସୌଜନ୍ୟ: ଜୟ ପ୍ରକାଶ ମିଶ୍ର, ହାଟପଦାପଡ଼ା, ଟିଟିଲାଗଡ଼, ବଲାଙ୍ଗୀର, ଓଡ଼ିଶା

ଧ-୩୧୬୨


**ଯଶୋଦାଙ୍କ ୪ ଗୋଲ୍**

# ରାଜସ୍ଥାନକୁ ୧୨-୦ରେ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୨୯।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଗୋଆରେ ଅନୁଷ୍ଠିତ ୨୭ ତମ ଜାତୀୟ ମହିଳା ଫୁଟବଲରେ ଏକପାଖିଆ ବିଜୟ ହାସଲ କରିଛି ଓଡ଼ିଶା। ବୁଧବାର ଫତୋର୍ଦାର ପଣ୍ଡିତ ଜବାହର ଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନକୁ ୧୨-୦ଗୋଲରେ ପରାସ୍ତ କରି ଓଡ଼ିଶା ଚଳିତ ଟୁର୍ନାମେଣ୍ଟରେ ଦ୍ୱିତୀୟ ବିଜୟ ହାସଲ କରିଛି। ଓଡ଼ିଶା ପକ୍ଷରୁ ଯଶୋଦା ମୁଣ୍ଡା (୧୧, ୫୮, ୯୦+୪ ଓ ୯୦+୬ ) ମିନିଟରେ ୪ଟି ଗୋଲ ସ୍କୋର କରିଥିଲେ। ବନ୍ୟା କବିରାଜ(୪୫+୩, ୭୨) ଓ ମାଳତୀ ମୁଣ୍ଡା(୨୩, ୩୩) ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକେତା ବିଶି(୫୨), ସୁମିତ୍ରା ହେମ୍ବ୍ରମ(୮୦), ଶ୍ରୀଜନା ତମାଙ୍ଗ(୭୧) ଓ ଭାରତୀ ଦାସ(୫୭) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଖେଳାଳି ପ୍ରଥମ ହାଫ୍‌ରେ ୪ ଗୋଲ୍ ଦେଇଥିବା ବେଳେ ଦ୍ୱିତୀୟ ହାଫ୍‌ରେ ୮ ଗୋଲ୍ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ୧୧ ତମ ମିନିଟରେ ଯଶୋଦା ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ମାଳତୀ ମୁଣ୍ଡା(୨୩, ୩୩) ମିନିଟ ପରବର୍ତ୍ତୀ ଦୁଇ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଗୋଲ୍ ଦେଇ ବନ୍ୟା ଅଗ୍ରଣୀକୁ ୪-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଯଶୋଦା ୩ଟି ଗୋଲ ଦେଇଥିଲେ। ୩୧ ତାରିଖରେ ଓଡ଼ିଶା ନିଜର ପରବର୍ତ୍ତୀ ମ୍ୟାଚରେ ତ୍ରିପୁରାକୁ ଭେଟିବେ।

# କ୍ୟାପିଟାଲ୍ସ ଦଳରେ କିପିଂ ସମସ୍ୟା

**ଇଣ୍ଡିଆନ ପ୍ରିମିୟର ଲିଗ୍**

- ପୋରେଲଙ୍କୁ ଚୁକ୍ତିବଦ୍ଧ କରିବ ଦିଲ୍ଲୀ
- ସର୍ଫରାଜ ପ୍ରଥମ ପସନ୍ଦ ଉଇକେଟ କିପର
- ଫିଲ୍ ସଲ୍ଟ ଅନ୍ୟ ବିକଳ୍ପ

**ନୂଆଦିଲ୍ଲୀ, ୨୯।୩**

ତାରକା ଖେଳାଳି ରିଷଭ ପନ୍ତ ଦୁର୍ଘଟଣା ଜନିତ ଆହତ ସମସ୍ୟା ମଧ୍ୟ ଦେଇ ଗତି କରୁଥିବାରୁ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଉଇକେଟ କିପରଙ୍କୁ ନେଇ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ଦିଲ୍ଲୀ ଫ୍ରାଞ୍ଚାଇଜ୍ ଅନ୍‌କ୍ୟାପେଡ୍ ଭାରତୀୟ ଉଇକେଟ କିପର ଅଭିଷେକ ପୋରେଲଙ୍କ ସହ ଚୁକ୍ତି କରିବ ବୋଲି ଜଣାଯାଇଛି। ସେ ଗତ ସପ୍ତାହରେ ଅନ୍ୟ ଭାରତୀୟ ଉଇକେଟ କିପରଙ୍କ ସହ ଟ୍ରାଏଲ ଦେଇଥିଲେ। ପୋରେଲଙ୍କ ନାମ ଯଦିଓ ଆନୁଷ୍ଠାନିକଭାବେ ଘୋଷଣା କରାଯାଇନାହିଁ ତେବେ ଗତ ସପ୍ତାହେଧରି ପ୍ରାକ୍ଟିସ ଗେମ୍ ଗୁଡ଼ିକ ପରେ ଏହା ଏକପ୍ରକାର ନିଶ୍ଚିତ ହୋଇଛି। ଗତ କିଛି ସପ୍ତାହଧରି ପୋରେଲଙ୍କ ବ୍ୟତୀତ ଅନ୍ୟ ଭାରତୀୟ ଅନ୍‌କ୍ୟାପେଡ ଉଇକେଟ କିପର ଶେଲଡନ ଜ୍ୟାକଶନ, ଲୁଭନିଥ୍ ସିସୋଡିଆ ଓ ବିବେକ ସିଂ ଟ୍ରାଏଲ ଦେଇଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ କ୍ରିକେଟ ଡାଇରେକ୍ଟର ସୌରଭ ଗାଙ୍ଗୁଲି, ମୁଖ୍ୟ କୋଚ୍ ରିକି ପଣ୍ଟିଂଙ୍କୁ ନେଇ ଗଠିତ କୋଚିଂ ଗ୍ରୁପ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟ୍ରାଏଲ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ପୋରେଲ ଘରୋଇ କ୍ରିକେଟରେ ବେଙ୍ଗଲ ପକ୍ଷରୁ ଉଇକେଟ କିପିଂ କରିଥାନ୍ତି। ସେ ଜଣେ ଭଲ ଉଇକେଟ କିପର, ତେବେ କୌଣସି ଫର୍ମାଟରେ ବଡ଼ ସ୍କୋର କରିପାରି ନାହାନ୍ତି। ସୟଦ ମୁସ୍ତାକ ଅଲୀ କ୍ରିକେଟ ଟୁର୍ନାମେଣ୍ଟର ୩ ମ୍ୟାଚରେ ସେ ମାତ୍ର ୨୨ ରନ କରିଥିଲେ। ଏହା ମଧ୍ୟରେ ଗୋଟିଏ ଇନିଂସ ୨୦* ଥିଲା।

ପୋରେଲ ସାମିଲ ହେଲେ ଦିଲ୍ଲୀ ଦଳର ପ୍ରଥମ ପସନ୍ଦ ଉଇକେଟ କିପର ରହିବେ ସର୍ଫରାଜ ଖାଁ। ଘରୋଇ କ୍ରିକେଟରେ ଗତ ସିଜନଧରି ସର୍ଫରାଜ ଚମତ୍କାର ଫର୍ମରେ ଅଛନ୍ତି। କ୍ରମାଗତ ୨ ରଣଜୀ ସିଜନ (୨୦୧୯-୨୦ ଓ ୨୦୨୧-୨୨)ରେ ସେ ୯୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଛନ୍ତି। ଗତ ସିଜନରେ ସେ ୬ ଇନିଂସରେ ୫୫୬ ରନ କରିଥିଲେ। ସୟଦ ମୁସ୍ତାକ ଅଲୀ ଟୁର୍ନାମେଣ୍ଟରେ ମୁମ୍ବାଇର ସଫଳତାରେ ସର୍ଫରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଗତ ସିଜନରେ ସେ ନିଜ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କାରେ କିଣା ଯାଇଥିଲେ। ଲୋୟର ଅର୍ଡରରେ ବ୍ୟାଟିଂ ସୁଯୋଗ ପାଇଥିବା ସର୍ଫରାଜ ୬ ଗେମ୍‌ରେ ୯୧ ରନ ସ୍କୋର କରିଥିଲେ। ସୟଦ ମୁସ୍ତାକ ଅଲୀରେ ସର୍ଫରାଜ ମୁମ୍ବାଇ ପକ୍ଷରୁ ଉଇକେଟ କିପିଂ କରିଥାନ୍ତି। ତେଣୁ ପନ୍ତଙ୍କ ଅନୁପସ୍ଥିତିରେ ତାଙ୍କୁ ଏହି ଭୂମିକାଲାଗି ପ୍ରସ୍ତୁତ ରହିବାକୁ ଜାନୁୟାରୀରୁ ନିର୍ଦ୍ଦେଶ ଦିଆ ଯାଇଛି।

କ୍ୟାପିଟାଲ୍ସ ଦଳର ଅନ୍ୟ ଉଇକେଟ କିପିଂ ବିକଳ୍ପ ହେଲେ ଇଂଲଣ୍ଡର ଫିଲ୍ ସଲ୍ଟ। ଚଳିତବର୍ଷ ହୋଇଥିବା ନିଲାମରେ ତାଙ୍କୁ ବେସ୍ ପ୍ରାଇସ୍ ୨ କୋଟି ଟଙ୍କାରେ ଦିଲ୍ଲୀ କିଣିଥିଲା। ନିକଟରେ ଇଂଲଣ୍ଡ ଦଳର ବାଂଲାଦେଶ ଗସ୍ତରେ ଯଦିଓ ସେ ନିରାଶ କରିଥିଲେ ତେବେ ଘରୋଇ କ୍ରିକେଟରେ ୧୮୦ ଟି୨୦ ମ୍ୟାଚ ଖେଳିବାର ଦକ୍ଷତା ରଖିଛନ୍ତି। ୧୪୯.୭୯ ଷ୍ଟ୍ରାଇକ୍ ହାରରେ ସେ ୪୧୧୮ ରନ ସ୍କୋର କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଦଳ ଏପ୍ରିଲ ୧ରେ ଏହାର ପ୍ରଥମ ମ୍ୟାଚ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ସହିତ ଖେଳିବ।



ଅଭିଷେକ ପୋରେଲ


# Classified Everyday 0674-2580101, 2549949



REAL ESTATE

**SALE**

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800. D-74528

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

House for sale at GGP Colony 3Storied building (10nos of individual quarters). Contact: 7978141625. D-3080

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828. D-3161

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



FOR RENT

“3.5BHK @20000 PM. and 2BHK @15000 PM at Unit-8, Bhubaneswar. Contact- 9861043575”. D-3159



Healthcare
HEALTH CARE

Newly open health benefits SPA Special Offer @ 999 Sahidnagar. 8118028440. D-73695

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74668

All types of professional body massage by professional therapy. Contact: 9556924059, 7077933109. D-3163

Newly open health benefits Spa special offer @999, Nayapalli, 7846814019. D-73694

**AFFIDAVIT**

Affidavit before Executive Magistrate, Dhenkanal, I have changed my name from Doly Singh to Deepa Kotak. Doly Singh and Deepa Kotak is same and one person. Henceforth I shall be known as Deepa Kotak, W/o. Chandrakanta Kotak, At-Ratan Bazar, PO/PS-Dhenkanal Town, Dist-Dhenkanal for postal saving bank A/c No.-0923210715 & all purposes. D-74056

ମୋର ସ୍ୱାମୀଙ୍କର Title ଆମ୍ଭ ପାସ୍‌ପୋର୍ଟରେ ସଂଶୋଧନ ନିମିତ୍ତ। ଆମ୍ଭ ନାମରେ ପ୍ରସ୍ତୁତ ହୋଇଥିବା ପାସ୍‌ପୋର୍ଟ ଯାହାର ନଂ. W9339513 dt.17.3.23, File No. BH1065145558723 ରେ ଆମ୍ଭ ସ୍ୱାମୀଙ୍କର Title ‘SHAH’ ପରିବର୍ତ୍ତେ ‘SAHA’ ହୋଇଛି । ଦୟାପୂର୍ବକ ସଂଶୋଧନ ଦରକାର। ଧ-୩୧୨୨

By virtue of affidavit before Public Notary, Puri, I, Rabindra Upadhyaya, S/o Ashok Mohanty, resident of Srikhetra Colony, Water Workers Road, Puri, 752002, P.S.-Seabeach, here by changed my name to Rabindra Mohanty. Henceforth, I will be known as Rabindra Mohanty for all purpose. D-3124

Your classified advertisement published in Dharitri will be listed free in Dharitri online edition: dharitriepaper.in

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଵରଜନୀକାନ୍ତ ଜେନା**

ଗ୍ରାମ: ଲୁଣିଗାଁ, କପାସି, ନିଆଳି, କଟକ
ଆବିର୍ଭାବ: ୨୦।୧୧।୧୯୬୨
ତିରୋଧାନ: ୧୦।୦୪।୨୦୨୨

ଜନନାୟକ, ପ୍ରଖ୍ୟାତ ସମାଜସେବୀ ଏବଂ କଲ୍ଲାରପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ପରୋପକାରୀ ମାନବ ବନ୍ଧୁ ଵ ରଜନୀକାନ୍ତ ଜେନାଙ୍କ ସ୍ମୃତି ସଂସଦ ପକ୍ଷରୁ ତାଙ୍କର ପ୍ରଥମ ପୁଣ୍ୟତିଥି ଉପଲକ୍ଷେ କୋଟି କୋଟି ନମନ ।

ଶୋକସନ୍ତପ୍ତ: ସ୍ତ୍ରୀ: ସୁରେଖା ଜେନା,ପୁତ୍ର: ସ୍ମୃତି ରଞ୍ଜନ ଏବଂ ଜ୍ୟୋତି ରଞ୍ଜନ, ନାତି/ନାତୁଣୀ: ସୂର୍ଯ୍ୟଦେବ ଏବଂ ଜାନ୍‌ଭି ଜାଗୃତି ।

ଧ-୩୧୬୮

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ଵପ୍ରଫୁଲ୍ଲ କୁମାର ରାଉତ**

(ଭାରତୀୟ ଷ୍ଟେଟ ବ୍ୟାଙ୍କ) ଅବସରପ୍ରାପ୍ତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଆବିର୍ଭାବ-୦୪।୦୧।୧୯୫୨
ତିରୋଧାନ- ୦୨।୦୪।୨୦୨୦ (ଶ୍ରୀରାମ ନବମୀ)

କକା, ଏହାରି ଭିତରେ ତିନିବର୍ଷ ବିତିଗଲା। ଏପର୍ଯ୍ୟନ୍ତ ଆମ ଅନ୍ତରର କୋହ ଆଉ ଆଖିର ଲୁହ ଶୁଖିନି, ତୁମର ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା, କଠିନ ପରିଶ୍ରମ, ଧର୍ମଭାବନା ଏବଂ ସମସ୍ତଙ୍କୁ ବାନ୍ଧି ରଖିବାର କଳା ଆମ ଜୀବନର ସର୍ବଦା ପ୍ରେରଣାର ଉତ୍ସ ହୋଇ ରହୁ। ଆଜିର ଏହି ପବିତ୍ର ଦିନରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ବନ୍ଧୁ ଏବଂ ପରିବାରବର୍ଗ ।**

ଧ-୩୧୬୯

## ଶ୍ରଦ୍ଧାଞ୍ଜଳି



**ଵଅନ୍ୱେଷା ଧରାଶ୍ରୀ ଜେନା (ଲାଡ୍‌ଲି)**

ଆବିର୍ଭାବ- ୨୩।୦୪।୨୦୦୯
ତିରୋଧାନ- ୩୦।୦୩।୨୦୧୨
ହଣ୍ଡପା, ଅନୁଗୋଳ

ତୁ ଦୀର୍ଘ ୧୧ ବର୍ଷ ହେବ ଆମକୁ ଛାଡି କେଉଁଆଡେ ଚାଲିଯାଇଛୁ। ପରିବାରର ସମସ୍ତ ସଦସ୍ୟଙ୍କୁ କନ୍ଦାଇ ସବୁଦିନ ପାଇଁ ଚାଲିଗଲୁ। ତୁ ଯେଉଁଠି ବି ଥା ଭଲରେ ଥାଆ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଜେନା ପରିବାରବର୍ଗ

ଧ-୩୧୭୩

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


# ଏନ୍‌ସିଏ କ୍ୟାମ୍ପରେ ଓଡ଼ିଶାର ୫ ଖେଳାଳି



ତନ୍ମୟୀ ବେହେରା ପ୍ରିୟଙ୍କରୀ ମୁଦୁଲି ଶୁଚିସ୍ମିତା ପଣ୍ଡା ଏସ.ବି. ଲରେନ୍ସ ଦିବ୍ୟା ରାଉତରାୟ

**୧୯ ବର୍ଷରୁ କମ୍ ମହିଳା କ୍ରିକେଟ**

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି)**

ନିକଟରେ ଶେଷ ହୋଇଥିବା ବିସିସିଆଇ ଘରୋଇ ସିଜନ ୨୦୨୨-୨୩ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଓଡ଼ିଶାର ୧୯ ବର୍ଷରୁ କମ୍ ୫ ମହିଳା ଖେଳାଳି ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) କ୍ୟାମ୍ପପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ପ୍ରିୟଙ୍କରି ମୁଦୁଲି, ଶୁଚିସ୍ମିତା ପଣ୍ଡା, ଏସ୍.ବି. ଲରେନ୍ସ, ଦିବ୍ୟା ରାଉତରାୟ ଓ ତନ୍ମୟୀ ବେହେରା। ଏନ୍‌ସିଏ କ୍ୟାମ୍ପ ବିଭିନ୍ନ ସ୍ଥାନରେ ଏପ୍ରିଲ ୧୭ରୁ ମେ ୧୧ ପର୍ଯ୍ୟନ୍ତ ଚାଲିବ। ଟିମ୍ ‘ଏ’ କ୍ୟାମ୍ପ୍‌ରେ ପ୍ରିୟଙ୍କରି ଓ ସୁଚିସ୍ମିତା ସୁଲତାନପୁରରେ ଟ୍ରେନିଂ ନେବେ। ଟିମ୍ ‘ବି’ କ୍ୟାମ୍ପ ରାଞ୍ଚିରେ ଅନୁଷ୍ଠିତ ହେବ। ସେଠାରେ ଲରେନ୍ସ ସାମିଲ ହେବେ। ଟିମ୍ ‘ଡି’ କ୍ୟାମ୍ପ ଭାଲସାଡରେ ହେବ ଏବଂ ସେଥିରେ ଦିବ୍ୟା ଓ ତନ୍ମୟୀ ସାମିଲ ରହିବେ। ମନୋନୀତ ହୋଇଥିବା ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଅଭିନନ୍ଦନ ଜଣାଇଛନ୍ତି।

# ଟି୨୦ ସିରିଜ୍ ଜିତିଲା ୱେଷ୍ଟଇଣ୍ଡିଜ

**ଆଲଜାରି ଯୋଶେଫ୍‌ଙ୍କୁ ୫ ଉଇକେଟ**

**ଜୋହାନ୍ସବର୍ଗ, ୨୯।୩(ପି.ଟି.)**

ଦ୍ରୁତ ବୋଲର ଆଲଜାରି ଯୋଶେଫ୍‌ଙ୍କ ୫ ଉଇକେଟ ସଫଳତା ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି ୨୦ ସିରିଜ୍ ଜିତି ନେଇଛି ୱେଷ୍ଟଇଣ୍ଡିଜ୍। ଅନ୍ତିମ ମ୍ୟାଚରେ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୮ ଉଇକେଟ ହରାଇ ୨୨୦ ରନ୍ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୨୧୩ ରନ୍ କରିବାରେ ସମର୍ଥ ହୋଇଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜଣେ ବି ବ୍ୟାଟର୍ ୫୦+ ସ୍କୋର କରି ନ ଥିଲେ ହେଁ ଦଳ ୨୨୦ ରନ୍ କରିଥିଲା। ରୋମାରିଓ ଶେଫର୍ଡ ସର୍ବାଧିକ ଅପରାଜିତ ୪୪ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲାସ୍ ପୁରନ୍ ୪୧, ବ୍ରାଣ୍ଡନ୍ କିଙ୍ଗ ୩୬ ଓ ରେମନ୍ ରେଫର୍ ୨୭ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନ୍‌ରିଚ୍ ନର୍ଜେ, କାଗିସୋ ରାବାଡା ଓ ଲୁନ୍‌ଗି ଏନ୍‌ଗିଡି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୨୨୧ ରନ୍‌ର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ରିଜା ହେଣ୍ଡ୍ରିକ୍ସ ସର୍ବାଧିକ ୮୩ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଇଲି ରୁଷୋ ୪୨ ଓ ଅଧିନାୟକ ଏଡେନ୍ ମାରାକ୍ରମ ଅପରାଜିତ ୩୫ ରନ୍ କରିଥିଲେ। ଶେଷ ଦୁଇ ଓଭରରୁ ୩୫ ରନ୍ ଆବଶ୍ୟକ ଥିବା ବେଳେ ହେଣ୍ଡ୍ରିକ୍ସ ଓ ମାରାକ୍ରମ କ୍ରିଜ୍‌ରେ ଥିଲେ। ବିଜୟ ସମ୍ଭବ ମନେହେଉଥିବା ବେଳେ ୧୯ ତମ ଓଭରର ପ୍ରଥମ ବଲରେ ହେଣ୍ଡ୍ରିକ୍ସଙ୍କୁ ଆଉଟ କରିଥିଲେ ଯୋଶେଫ୍। ଏହି ଓଭରରେ ମାତ୍ର ୯ ରନ୍ ଦେଇ ୩ ଉଇକେଟ ନେବାରୁ ଅନ୍ତିମ ଓଭରରେ ବିଜୟ ପାଇଁ ଆବଶ୍ୟକ ଥିଲା ୨୬ ରନ୍ । ମାରାକ୍ରମ ୧୮ ରନ୍ କରିବାରେ ସମର୍ଥ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ସିରିଜ୍ ହାରିଯାଇଥିଲା। ପୂର୍ବରୁ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ଓ ଦ୍ୱିତୀୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଜିତିଥିଲା। ୱେଷ୍ଟଇଣ୍ଡିଜ୍‌ର ଆଲଜାରି ଯୋଶେଫଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଜନ୍‌ସନ୍ ଚାର୍ଲସଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୨୨୦/୮ (ରୋମାରିଓ ଶେଫର୍ଡ-୪୪*, ନିକୋଲାସ୍ ପୁରନ୍-୪୧, ବ୍ରାଣ୍ଡନ୍ କିଙ୍ଗ-୩୬, ଆନ୍‌ରିଚ୍ ନର୍ଜେ-୨/୩୬, କାଗିସୋ ରାବାଡା-୨/୪୫, ଲୁନ୍‌ଗି ଏନ୍‌ଗିଡି-୨/୫୦)। ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୨୧୩/୬( ରିଜା ହେଣ୍ଡ୍ରିକ୍ସ-୮୩, ରାଇଲି ରୁଷୋ ୪୨, ଏଡେନ୍ ମାରାକ୍ରମ-୩୫*, ଆଲଜାରି ଯୋଶେଫ୍-୫/୪୦, ଜାସନ୍ ହୋଲ୍ଡର-୧/୪୨)।

ପରଦାରେ..

# ଭୋଲା


'ଭୋଲା' ଫିଲ୍ମରେ ଅଜୟ ଦେବଗନ

ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୧୦ ବର୍ଷ ଜେଲ ଭିତରେ ରହିବା ପରେ ବାହାରକୁ ଆସେ ଭୋଲା। ହେଲେ ସେ ଯିବ କୁଆଡ଼େ ? ୟା ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି। ଶେଷକୁ ସେ ଘରକୁ ଯାଇ ସାନଝିଅକୁ ଭେଟିବାକୁ ସ୍ଥିର କରିଛି। ହେଲେ ବାଟରେ ପୁଣି ଏକ ସମସ୍ୟା ସତେ ଯେମିତି ତାକୁ ଚାହିଁ ବସିଥିଲା। ଆଉ ସେଠାରେ କ'ଣ ଘଟିଲା, ଆଉ ଭୋଲା କାହିଁକି ଜେଲ ଯାଇଥିଲା ତାହାର ଉତ୍ତର ରହିଛି ସିନେମାରେ। 'ଭୋଲା' ଟାଇଟଲବିଶିଷ୍ଟ ଏହି ଫିଲ୍ମଟି ଆଜି ଅର୍ଥାତ୍ ମାର୍ଚ୍ଚ ୩୦ରେ ପରଦା ଉପରକୁ ଆସୁଛି। ଅଜୟ ଦେବଗନ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଅଜୟ ଏହାର ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ ଟାଇଟଲ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି। ଲୋକେଶ କନଗରାଜଙ୍କ 'କାଇଥି'କୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି। ଚିତ୍ରର ବିଭିନ୍ନ ଭୂମିକାରେ ଅଜୟ ଦେବଗନଙ୍କ ବ୍ୟତୀତ ତବୁ, ସଞ୍ଜୟ ମିଶ୍ର, ଦୀପକ ଡ୍ରୋବିୟାଲ, ଗଜରାଜ ରାଓ, ବିନୀତ କୁମାର ଅଭିନୟ କରିଛନ୍ତି। ରବି ବସରୁର୍ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ୧୪୪ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟି କେବଳ ହିନ୍ଦୀ ଭାଷାରେ ହିଁ ନିର୍ମାଣ କରାଯାଇଛି। ତେବେ ଅଜୟଙ୍କ ଏହି ଫିଲ୍ମ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ଜଣାପଡ଼ିବ।


ୟାମି

# କେମିତି କାଟେ ଅବସର

ଯେତେବେଳେ କୌଣସି ଶୁଟିଂ ନ ଥାଏ ସେତେବେଳେ କଳାକାର ନିଜକୁ କେତେକ କାମରେ ନିୟୋଜିତ ରଖିଥାଆନ୍ତି। ଆଉ ସେଥିରୁ ବା ୟାମି ଗୌତମ ବାଦ୍ ପଡ଼ିବେ କିପରି ? କିଛି କାମ ନ ଥିଲେ ସେ ଘରେ ରହି ନିଜ ମନ ପସନ୍ଦର ଗୀତ ଶୁଣନ୍ତି। ତା'ସହ ଆଉ ଏକ କାମରେ ବ୍ୟସ୍ତ ମଧ୍ୟ ରହନ୍ତି। ଘରେ ଥିଲେ ସେ ଘରର ସାଜସଜ୍ଜା ପ୍ରତି ଧ୍ୟାନଦିଅନ୍ତି। ବିଶେଷଭାବରେ ଘରର ଇଣ୍ଟେରିୟର ଡିଜାଇନ୍‌କୁ ସେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ପରିବର୍ତ୍ତନ କରିଥାଆନ୍ତି। ୟାମିଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର'। ପାଠ ପଢ଼ି ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ଓକିଲ ହେବାକୁ ଚାହିଁଥିଲେ। କିନ୍ତୁ ଅଭିନୟକୁ ଆପଣେଇ ନେବା ପରେ ନିଜ କ୍ୟାରିୟରକୁ ନେଇ ବେଶ୍ ସନ୍ତୁଷ୍ଟ ଅଛନ୍ତି ସେ। ଏ ସମ୍ପର୍କରେ ୟାମି କହନ୍ତି, 'ଇତି ମଧ୍ୟରେ ନଅ ବର୍ଷ ବିତିଗଲାଣି। ହିନ୍ଦୀ ସିନେମାରେ ଆଜି ମୁଁ ତିଷ୍ଠି ରହିଛି କେବଳ ଦର୍ଶକଙ୍କ ପାଇଁ। ସେମାନେ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲିପାରିବି ନାହିଁ।'

# ବିକିନି ପାଇଁ...

ଦିଶା ପଟାନି ଏବେ ମାଲେସିଆରେ ଡେରା ପକାଇଛନ୍ତି। ହେଲେ ସେଠାରେ ତାଙ୍କୁ ଟେନ୍‌ସନ ଛାଡିବାକୁ ନାରାଜ। କାରଣ କ'ଣ ଜାଣନ୍ତି ? ନିକଟରେ ଦିଶାଙ୍କର ବିକିନି ପିନ୍ଧା ଫଟୋ ବେଶ୍ ଭାଇରାଲ ହୋଇଛି। ଏ ନେଇ ଦିଶା କହନ୍ତି, 'ଯେହେତୁ ଏବେ ମୋତେ ଶୁଟିଂରୁ କିଛିଦିନ ବ୍ରେକ୍ ମିଳିଛି ତେଣୁ ମୁଁ ମାଇଣ୍ଡ ଫ୍ରେଶ୍ କରିବାକୁ ମାଲେସିଆ ଆସିଛି। ଏଠାରେ ବିକିନି ପିନ୍ଧା ଫଟୋ କିଛି ପୋଷ୍ଟ କରିଥିଲି। ମୋ ମତରେ ଏହାକୁ ନେଇ ଏତେ ଆଲୋଚନା କାହିଁକି ହେଉଛି ତାହା ମୁଁ ଜାଣିପାରୁ ନାହିଁ।' ଅନ୍ୟପକ୍ଷରେ ଦିଶା ଅଭିନୟ କରିଥିବା 'ୟୋଦ୍ଧା' ଚଳିତ ବର୍ଷ ଜୁଲାଇ ୭ରେ ରିଲିଜ୍ ହେବ। ଏଥିରେ ତାଙ୍କର ନାୟକ ସାଜିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା।


ଦିଶା

ଅପେରା ହାଲ୍‌ଚାଲ୍

# ସଫଳତା ପଥେ ଜିନୁ


ଜିନୁ

ପ୍ରଥମେ ଥିଏଟର ତା'ପରେ ଧାରାବାହିକ। ବାସ୍, ସେଇଠୁ ହିଁ ସେ ଅଭିନୟକୁ ପେସା କରିବାକୁ ମନସ୍ଥ କରିନେଇଥିଲେ। ୨୦୦୮ରେ ସେ ପାଦ ଥାପିଥିଲେ ଜଲିଉଡ୍‌ରେ। ଏହି ଅଭିନେତା ଜଣକ ହେଉଛନ୍ତି ଜିନୁ। ବର୍ତ୍ତମାନ ଅପେରା ସ୍ୱର୍ଣ୍ଣମହଲରେ ନିଜ କ୍ୟାରିୟରକୁ ଆଗେଇ ନେଉଛନ୍ତି। ଆସନ୍ତା ଯାତ୍ରା ସିଜନ୍‌ରେ ତାଙ୍କୁ ଶିବାନୀ ଗଣନାଟ୍ୟରେ ଦେଖିବାକୁ ମିଳିବ। ଯାତ୍ରା ତ୍ରିରଙ୍ଗା ପରିବେଷିତ ନାଟକ 'ତୁ ମୋଦି ମୁଁ ଗାନ୍ଧୀ'ରେ ଗାନ୍ଧୀ ଭୂମିକା ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ନିଜ ଅପେରା ଜୀବନ ବିଷୟରେ ସେ କହନ୍ତି, 'ଥିଏଟର, ଧାରାବାହିକ ଆଉ ତା'ପରେ ଓପନ ପେଣ୍ଡାଲ–ଏହି ତିନୋଟି ଫର୍ମାଟ୍‌ରେ ଅଭିନୟ କରିବା ପରେ ମୁଁ ଅନେକ କିଛି ଶିଖିପାରିଛି। ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ଡିଗ୍ରୀ ହାସଲ କରିବା ପରେ ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେଇଥିଲି। ମୋ ମତରେ ଜଣେ ଅଭିନୟକୁ ଭଲ ପାଇଲେ ହିଁ ସେ ସେଥିରେ ସଫଳ ହେବ। ମନ, ପ୍ରାଣ ଦେଇ ଆକ୍ଟିଂ କଲେ ତାହା ଦର୍ଶକଙ୍କ ମନକୁ ଛୁଇଁ ପାରିବ। କାରଣ ସେମାନଙ୍କ ପାଇଁ ଆଜି ମୁଁ ସଫଳତା ପରେ ସଫଳତା ହାସଲ କରିଚାଲିଛି।' ଜଗତ୍‌ସିଂହପୁର ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗାରୋଇ ଗ୍ରାମରେ ଜନ୍ମିତ ଜିନୁଙ୍କ ୧୫ବର୍ଷର ଅପେରା କ୍ୟାରିୟରର ସଫଳ ନାଟକ ମଧ୍ୟରେ ରହିଛି 'ତୁ ମୋଦି ମୁଁ ଗାନ୍ଧୀ', 'ବାଃ ବାଃରେ ଉପରବାଲା', 'ଅସତୀ ତୁଳସୀ ସତୀ ଚଉରା', 'ଆମ ଗାଁ ଜଗନ୍ନାଥ ତୁମ ଗାଁ ଆଲ୍ଲା', 'ହାଟ ବସେଇଛି ହଟ ନାଗରୀ', 'ସିନ୍ଦୂର ହାତରେ ନାହିଁ ସିନ୍ଦୂର', 'ମୁଁ ରାତିର ରାଣୀ, 'କହି ହେଉନି କି ସହି ହେଉନି' ଏବଂ 'ବଣ ମଣିଷ' ପରି ଅନେକ ନାଟକ।

# ଯୋଗ ପ୍ରଶିକ୍ଷିକାରୁ ଅଭିନେତ୍ରୀ


ଅନୁଷ୍କା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତ ଅଭିନେତ୍ରୀ ହେଉଛନ୍ତି ଅନୁଷ୍କା ସେଟ୍ଟୀ। ବ୍ଲକ୍ ବଷ୍ଟର 'ବାହୁବଳୀ' ସିନେମାରେ ଦେବସେନା ଚରିତ୍ରରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବିଶେଷଭାବରେ ଏହି ଫିଲ୍ମଟି ତାଙ୍କ ଆକ୍ଟିଂ କ୍ୟାରିୟରରେ ଅନ୍ୟତମ ସ୍ମରଣୀୟ ଚିତ୍ର ହୋଇ ରହିବ। ତେବେ ଅଭିନୟ ଜଗତକୁ ପ୍ରବେଶ କରିବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ପାଠ ପଢ଼ା ଶେଷ ହେବା ପରେ ସେ କିଛିଦିନ ଭରତ ଠାକୁରଙ୍କ ମେଡିଟେସନ ସେଣ୍ଟର 'ତପସ୍ୟା'ରେ ଯୋଗ ଶିଖିଥିଲେ। ଶେଷରେ ସେ ଏହାର ମାୟାରେ ଏପରି ପଡିଗଲେ ଯେ ପରବର୍ତ୍ତୀ ସମୟରେ ନିଜେ ଯୋଗ ଶିଖାଇବା ଆରମ୍ଭ କଲେ। ଏପରି କି ଏହାକୁ ନିଜ ଜୀବନର ଏକ ଅଙ୍ଗ ଭାବରେ ସେ ଗ୍ରହଣ କରିନେଇଥିଲେ। ଏକଦା ନିର୍ଦ୍ଦେଶକ ମେହେର ରମେଶ ତାଙ୍କୁ ଦେଖିବା ପରେ ଆକ୍ଟିଂ କରିବାକୁ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ ନାମୀ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ସିନେମା 'ସୁପର' (୨୦୦୫) ପାଇଁ ହେଉଥିବା ଅଡିଶନ୍‌ରେ ଯୋଗ ଦେବାକୁ ମଧ୍ୟ କହିଥିଲେ। ଆଉ ତା'ପରେ ଯାହା ଘଟିଲା ତାହା ପ୍ରାୟ ଅନେକେ ଜାଣନ୍ତି। ଅଡିଶନରେ ପାସ୍ କରିବା ପରେ ଅନୁଷ୍କା ଅଭିନୟକୁ ଆପଣେଇ ନେଇଥିଲେ।

ରିଲିଜ ଅପେକ୍ଷାରେ...

# ପ୍ରିୟେ ତୁ ମୋ ସିଏ


'ପ୍ରିୟେ ତୁ ମୋ ସିଏ' ଫିଲ୍ମରେ (ବାମରୁ) ଅମ୍ଳାନ–ଏଲିନା–ବବି

ଓଡ଼ିଆ ସିନେମା 'ପ୍ରିୟେ ତୁ ମୋ ସିଏ' ଆସନ୍ତା ମାସରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଲିଡ୍ ରୋଲ୍‌ରେ ଅମ୍ଳାନ ଅଭିନୟ କରିଥିବା ବେଳେ ତାଙ୍କ ସହ ପ୍ରଥମ ଥର ପାଇଁ ଦେଖାଦେବେ ଏଲିନା ସାମନ୍ତରାୟ। ଏଥିରେ ବବି ମିଶ୍ରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ବେଳେବେଳେ ହଠାତ୍ ପ୍ରେମ ହେଇଯାଏ। ଝିଅଟିର ଜନ୍ମ ଜମିଦାର ପରିବାରରେ। ହେଲେ ଯେତେବେଳେ ସେ ପ୍ରେମ ରାସ୍ତାର ଯାତ୍ରୀ ହୋଇଛି ସେତେବେଳେ ଜଣେ ଗରିବ ତଥା ରାସ୍ତା କଡ଼ରେ ଜୀବନ ବିତାଉଥିବା ଜଣେ ଯୁବକକୁ ପ୍ରେମିକ ଭାବରେ ଗ୍ରହଣ କରିଛି। ତେବେ ଏହି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଶେଷ ପର୍ଯ୍ୟନ୍ତ ଦେଖିଲେ ହିଁ ଜାଣିପାରିବେ। ଝିଲିକ୍ ମୋସନ ପିକ୍‌ଚର ବ୍ୟାନରରେ ଏହି ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଝିଲିକ୍ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମୋହନ ସାହୁ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ।

# ସମ୍ବିତ କୁମାରଙ୍କ ଆକଳନ


ସମ୍ବିତ କୁମାର

ସମ୍ବିତ କୁମାର ନିଜ ଅଭିନୀତ ତଥା ନିକଟରେ ରିଲିଜ୍ ହୋଇ ସଫଳତା ହାସଲ କରିଥିବା ଓଡ଼ିଆ ଫିଲ୍ମ 'ନାରୀ ନୁହେଁ ତୁ ଅର୍ଦ୍ଧନାରୀ'କୁ ନେଇ ଯାହା ଆକଳନ କରିଥିଲେ ତାହା ସତ ହୋଇଛି। ଏ ନେଇ ସମ୍ବିତ କହନ୍ତି, 'ଏହି ସିନେମାର କାହାଣୀଟିକୁ ଯେତେବେଳେ ମୁଁ ସିଲେକ୍ଟ କଲି, ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଏହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ। ଏବେ ରିଲିଜ୍ ପରେ ଫିଲ୍ମଟିକୁ ମିଳିଥିବା ସଫଳତା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଛି। ନିକଟରେ ମୁଁ ଦୁଇଟି ନୂଆ ସିନେମା ସାଇନ୍ କରିଛି।' ଚନ୍ଦ୍ରାବତୀ ଭିଜନ ବ୍ୟାନରରେ ନିଜ କାହାଣୀକୁ ନେଇ ଏହାର ପ୍ରଯୋଜନା କରିବା ସହ ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି ସମ୍ବିତ କୁମାର। ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ସଞ୍ଜୟ କୁମାର ସାହୁ। ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଲକ୍ଷ୍ମୀପ୍ରିୟା।

ଛୋଟ ପରଦା

# 'ଦିଦି ନଂ-୧'ରେ ସ୍ୱାମୀ-ସ୍ତ୍ରୀର ପରିଭାଷା

ଜୀ–ସାର୍ଥକର ବିବାହ ମହୋତ୍ସବ ଧାରାରେ ସାମିଲ ହୋଇଛି ଅନ୍ୟତମ ଲୋକପ୍ରିୟ ରିଆଲିଟି ଶୋ' 'ଦିଦି ନଂ–୧' । ଏହି ସପ୍ତାହ ଦିଦି ନଂ–୧ରେ ଦିଦିମାନେ ସେମାନଙ୍କର ବୈବାହିକ ଜୀବନର ତିକ୍ତ–ମଧୁର ସମ୍ପର୍କ ବିଷୟରେ ଆଲୋଚନା କରୁଛନ୍ତି। ନିଜର ସ୍ୱତନ୍ତ୍ର ଦିନର ସ୍ମୃତି ଚାରଣ କରୁଛନ୍ତି । ଏହି ଶୋ'ରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀ ସେମାନଙ୍କ ସ୍ୱାମୀମାନଙ୍କ ସହ ଶିଖାଇବେ ସ୍ୱାମୀ–ସ୍ତ୍ରୀ ସମ୍ପର୍କର ଠିକ୍ ପରିଭାଷା। ସମ୍ପୂର୍ଣ୍ଣ ମନୋରଞ୍ଜନଭିତ୍ତିକ ଏବଂ ଲୋକପ୍ରିୟ ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନା କରୁଛନ୍ତି ଅଭିନେତ୍ରୀ ଲିପି ମହାପାତ୍ର। ଲୋକପ୍ରିୟ ଓଡ଼ିଆ ଚାନେଲ ଜୀ–ସାର୍ଥକରେ ସୋମବାରରୁ ରବିବାର ସନ୍ଧ୍ୟା ୫ ଟାରେ ପ୍ରସାରିତ 'ଦିଦି ନଂ –୧ର ସିଜନ୍ – ୨' କାର୍ଯ୍ୟକ୍ରମଟି ବେଶ୍ ଦର୍ଶକାଦୃତ ହେଉଛି।


'ଦିଦି ନଂ–୧ ସିଜନ–୨'ର ଏକ ଦୃଶ୍ୟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୩୦/୨୦୨୩ Bhubaneswar, Thursday, March 30/ 2023



ବୁଧବାର ଟେନିସ ସେଣ୍ଟର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅନ୍ୟ ଅତିଥିମାନେ।

# କଳିଙ୍ଗରେ ଟେନିସ ସେଣ୍ଟର ଉଦ୍‌ଘାଟିତ

## ଆଇଟିଏଫ୍ ଏସିଆନ ଜୁନିୟର ଟେନିସ୍ ଲୋଗୋ ଓ ଜର୍ସି ଉନ୍ମୋଚିତ

## ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କୃତୀ ଖେଳାଳି ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୯।୩
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ିହୋଇଛି ଆଉ ଏକ ନୂଆପର୍ବ। କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୁଧବାର ଟେନିସ ସେଣ୍ଟର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଇଟିଏଫ୍(ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ)ଏସିଆନ ଟେନିସ୍ ଚାମ୍ପିୟନଶିପ୍ (୧୪ ବର୍ଷରୁ କମ୍) ଏପ୍ରିଲ ୪ରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାର ଲୋଗୋ ଏବଂ ଜର୍ସିକୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ଏହା ବ୍ୟତୀତ ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ‘‘କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏକ ହବ୍ ଭାବେ ସବୁଆଡ଼େ ପ୍ରଶଂସିତ ଏବଂ ଏହା ଭବିଷ୍ୟତର ଉଦୀୟମାନ ପ୍ରତିଭାଙ୍କ ଲାଗି ପ୍ରିମିୟର ଟେନିସ୍ ଗ୍ରାଉଣ୍ଡରେ ପରିଣତ ହୋଇଛି। ଆମ ଇକୋ ସିଷ୍ଟମରେ ଟେନିସ ସେଣ୍ଟରର ଉନ୍ନତୀକରଣ କରାଯାଇଛି। ଆମ ଟେନିସ ଖେଳାଳିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏହା ସାହାଯ୍ୟ କରିବ। ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ଏଠାରେ ଟ୍ରେନିଂ ଦିଆଯାଇ ପଦକ ଦାବିଦାର ବନାଯାଇ ପାରିବ’’ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି)ଭି.କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବସେବା ସଚିବ ଆର. ଭିନିଲ କ୍ରିଷ୍ଣା, ଓଡ଼ିଶା ଟେନିସ ଆସୋସିଏଶନ ସଭାପତି ଅସିତ୍ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ୍ ମହାନ୍ତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

କଳିଙ୍ଗରେ ଉଦ୍‌ଘାଟିତ ଟେନିସ୍ ସେଣ୍ଟର ଅନ୍ତର୍ଜାତୀୟ ଟେନିସ ଫେଡେରେଶନ ଦ୍ୱାରା ମାନ୍ୟତାପ୍ରାପ୍ତ। ଏଥିରେ ଏକ ସିନ୍ଥେଟିକ୍ ସେଣ୍ଟର କୋର୍ଟ ରହିଛି। ଗ୍ୟାଲେରିରେ ୧୪୦୦ ଦର୍ଶକ ବସି ଖେଳ ଦେଖିପାରିବେ। ଏହାବ୍ୟତୀତ ଜିମ୍ନାସିୟମ, ଖେଳାଳିଙ୍କ ଚେଞ୍ଜିଂ ରୁମ୍, ଅଡିଟୋରିୟମ, ଅଧିକାରୀଙ୍କ ପାଇଁ ରୁମ୍, ମିଡିଆ ରୁମ୍, ବ୍ରଡ୍‌କାଷ୍ଟ ପାଇଁ ରୁମ୍ ପ୍ରଭୃତି ରହିଛି। ୨୫ କୋଟି ଟଙ୍କା ବ୍ୟୟରେ ଏହି ସେଣ୍ଟରର ଉନ୍ନତୀକରଣ କରାଯାଇଛି। ଏହା ବ୍ୟତୀତ ୮ଟି ସିନ୍ଥେଟିକ୍ କୋର୍ଟବିଶିଷ୍ଟ କଳିଙ୍ଗ ଷ୍ଟାଡିୟମର ଟେନିସ କମ୍ପ୍ଲେକ୍ସ ଏବେ ଅନ୍ତର୍ଜାତୀୟ ଟେନିସ ଫେଡେରେଶନ ଏବଂ ଏସିଆନ ଟେନିସ ଫେଡେରେଶନ ସ୍ୱୀକୃତ ମ୍ୟାଚ୍ ଆୟୋଜନ ପାଇଁ ପ୍ରସ୍ତୁତ।

ପ୍ରକାଶଯୋଗ୍ୟ, କବିର ହଂସ, ଦେବାଶିଷ ସାହୁ, ସୋହିନୀ ସଞ୍ଜୟ ମହାନ୍ତି ଓ ଆରାଧ୍ୟା ବର୍ମାଙ୍କ ପରି ରାଜ୍ୟର ଟେନିସ୍ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ରାଜ୍ୟର ଟେନିସ୍ ଖେଳାଳିଙ୍କ ପ୍ରଦର୍ଶନ କିପରି ଅଧିକ ଉନ୍ନତ ହୋଇପାରିବ ସେଥିପାଇଁ ଓଡ଼ିଶା ଟେନିସ୍ ଆସୋସିଏଶନ(ଓଟିଏ) ଓ କ୍ରୀଡ଼ା ବିଭାଗ ରୋଡ୍‌ମ୍ୟାପ ପ୍ରସ୍ତୁତ ଉପରେ ଫୋକସ କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ରୀଡ଼ାକ୍ଷେତ୍ରରେ ସଫଳତା ପାଇଁ ଖୋ ଖୋ ଖେଳାଳି ଅର୍ଚ୍ଚନା ମାଝି, ଆଥଲେଟ୍ ସ୍ୱାଧୀନ ମାଝି, ଟେନିସ ଖେଳାଳି ଦେବାଶିଷ ସାହୁ ଓ ପାରା ଆଥଲେଟ୍ ଜୟନ୍ତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ସମାରୋହ ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ୪୫ ଆଥଲେଟ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ